


ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁନ୍ ୨୦୨୫

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ଫଟୋ : ପ୍ରୀତୀ ମହାପାତ୍ର

Vol-4 • Issue-4 • June 2025 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୪ • ଜୁନ୍ ୨୦୨୫ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

## ।। ସୂଚୀ ।।


| | |
|---|---|
| ପାଠକଙ୍କ ମତାମତ | ୦୨ |
| ନାମବାଚକ ବିଶେଷ୍ୟ (ସମ୍ପାଦକୀୟ) | ୦୩ |
| ସାହିତ୍ୟିକର ଗର୍ଭବେଦନା ଓ ସର୍ଜ୍ଜନଶୀଳତା (ପ୍ରବନ୍ଧ): ଫକୀର ମୋହନ ସାହୁ | ୦୫ |
| ଦେବୀ ଉବାଚ (କବିତା): ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ | ୧୧ |
| ସ୍ନାନ (ଗଳ୍ପ): ଦୁର୍ଯ୍ୟୋଧନ ଦାସ | ୧୨ |
| ହସନ୍ତର ହସନ୍ତୀରେ ମୌଖିକ ଓଡ଼ିଆ (ରମ୍ୟ ରଚନା): ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୬ |
| ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ': କେତୋଟି ବିସଂଗତି (ପ୍ରବନ୍ଧ): ସଦାନଂଦ ନାୟକ | ୧୯ |
| ସୂର୍ଯ୍ୟାସ୍ତ ପାହାଡ଼ର ଚିତ୍ର (ଗଳ୍ପ): ରବି ସ୍ୱାଇଁ | ୨୫ |
| ଗଣଔପନ୍ୟାସିକ ଭାଗୀରଥି ଦାସଙ୍କ ସହ ସାରସ୍ୱତ ବାର୍ତ୍ତାଳାପ (ସାକ୍ଷାତକାର) | ୨୮ |
| ଆତ୍ମୋପନ୍ୟାସର ସାଂପ୍ରତିକ ସ୍ଥିତି (ପ୍ରବନ୍ଧ): ନିଖିଳାନନ୍ଦ ପାଣିଗ୍ରାହୀ | ୩୨ |
| କଫନ୍-ଋେର (ଅନୁବାଦ ଗଳ୍ପ): କନକ ମଞ୍ଜରୀ ପଟ୍ଟନାୟକ | ୩୮ |
| ମୋ'ର ସଙ୍ଗୀତ ଚର୍ଚ୍ଚା (ଅନୁଭୂତି): ଦେବୀ ପ୍ରସନ୍ନ ପଟ୍ଟନାୟକ | ୪୧ |
| ଓଡିଆ ଭାଷାରେ ବିଜ୍ଞାନଭିତ୍ତିକ ସାହିତ୍ୟ (ପ୍ରବନ୍ଧ): ହିମାଦ୍ରି ତନୟା ମିଶ୍ର | ୪୪ |
| ସଂସ୍କୃତି ଓ ଶ୍ରୀମୟ (ଗଳ୍ପ): ଆନଂଦ ଚଂଦ୍ର ପହି | ୫୦ |
| ଜଉତିଷ ଗଣନା (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୫୪ |
| ଉତ୍ତର ଆଧୁନିକ ଓଡ଼ିଆ ନାଟକରେ ଲୋକଉପାଦାନ (ପ୍ରବନ୍ଧ): ଜ୍ୟୋସ୍ନାରାଣୀ କର | ୫୭ |
| କାମବାଲୀ (ଅଣୁନାଟକ): ଆରାଧନା ମିଶ୍ର | ୬୧ |
| ଧୂଳିଖେଳ (କବିତା): ପ୍ରଦୀପ କୁମାର ପଣ୍ଡା | ୬୨ |
| ଦୁଇଟି ମିନିଗପ (ଗଳ୍ପ): ଲୋପାମୁଦ୍ରା ପରିଡ଼ା | ୬୩ |
| ଦୁଷ୍ଟ ବାବୁର ବୁଦ୍ଧି (ଶିଶୁଗଳ୍ପ): ପ୍ରେମାନନ୍ଦ ନାୟକ | ୬୪ |
| କନିଆ କଣ୍ଢେଇ (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଋର | ୬୭ |
| ଅବସ୍ଥାଷଟ୍କ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୬୮ |


ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଢୁମୁଢୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

# ପାଠକଙ୍କ ମତାମତ

**ମୁଁ** 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ମଇ ସଂଖ୍ୟାଟି ପାଇ ଆମୂଳଚୂଳ ପଢ଼ିଲି । ସେଥିମଧ୍ୟରୁ ସମ୍ପାଦକୀୟ ଲେଖାରେ ଯାହା ଲେଖାଯାଇଛି, ତାହା ସ୍ୱାଗତଯୋଗ୍ୟ । କବିତା ଯଦି ବୋଧଗମ୍ୟ ନହେଲା ଏବଂ ପାଠକ ମନକୁ ନଛୁଇଁ ପାରିଲା ସେ କବିତା କିମ୍ବା କବି ଅଯୋଗ୍ୟ କିମ୍ବା ଆହତ ହେବେ ।

ଗଳ୍ପ 'ଆରିସି' ଓ ରମ୍ୟରଚନା 'ଉପାଧି' ଖୁବ୍ ଉଚ୍ଚକୋଟୀର । ପ୍ରବନ୍ଧରେ ଓଡ଼ିଆ ଏକପଦୀ ଅନୁଶୀଳନଟି ଖୁବ୍ ମନକୁ ପାଇଲା । ଗଳ୍ପ 'ଦୁଃଖ ଅସରନ୍ତି'ରେ ଥିବା ସତ୍ୟତା ମୁଁ ନିଜେ ଅନୁଭବ କରିଛି । ସମସ୍ତଙ୍କର ଦୁଃଖ ଅଛି, କିନ୍ତୁ ଭିନ୍ନ ଭିନ୍ନ ପ୍ରକାରର । ଗଳ୍ପ 'ଆକାଶର ଅନ୍ତରାଳେ' ଏ ଯୁଗ ପାଇଁ ଶିକ୍ଷା । କାରଣ ପରିବାରର ପ୍ରାୟ ସମସ୍ତ ଲୋକ ପିଲାଠାରୁ ବହୁତ୍ ଆଶା କରନ୍ତି । ତେଣୁ ତାଙ୍କର ମତ ଓ ଆଶା ପିଲାଙ୍କୁ ମୁଣ୍ଡେଇବାକୁ, ଯାହାକି ଚପଳମତି ପିଲାର ଭବିଷ୍ୟତ ଦୋହଲାଇଦିଏ ।

**ଆଦିତ୍ୟ ପ୍ରସାଦ ମହାପାତ୍ର**
tumman.2004@gmail.com

**ଆ**ପଣଙ୍କ ସମ୍ପାଦକୀୟ ଚମତ୍କାର ଭାବ ବହନ କରିଛି । ଦୁର୍ବୋଧ କବିତା ବା ଅବୋଧ କବିତା ଲେଖିବାର ଆବଶ୍ୟକତା କଣ ? ଯେଉଁ ପାଠକମାନଙ୍କ ପାଇଁ ଲେଖା ସେମାନେ ଯଦି ବୁଝି ନ ପାରିଲେ ତେବେ ସେ ଲେଖା କାହାପାଇଁ ? ତା'ଛଡ଼ା ଛନ୍ଦୋବଦ୍ଧ ଗୀତ ମନେ ରଖିବା ସହଜ । ସେଥିପାଇଁ ପଚାଶ /ଷାଠିଏ ବର୍ଷ ତଳର ବର୍ଣ୍ଣବୋଧ କବିତା ଏବେ ବି ଆମମାନଙ୍କର ମନେ ଅଛି । ପନ୍ଦରଶ' ଷୋଡ଼ଶ' ଶତାବ୍ଦୀର କବିମାନେ ବିଶେଷ କରି ଜଗନ୍ନାଥ ଦାସଙ୍କ ଭାଗବତ ଲୋକଙ୍କୁ ଏତେ ଆକର୍ଷିତ କରିଥିଲା ଯେ ଓଡିଶାର ସାକ୍ଷରତା ହାର ସର୍ବାଗ୍ରେ ରହିଥିଲା ।

**ବିଜୟଲକ୍ଷ୍ମୀ ପଟ୍ଟନାୟକ**
amrutam101@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

**ସା**ହିତ୍ୟ ଚର୍ଚ୍ଚା ମାସିକ ପତ୍ରିକାର ମୁଁ ଜଣେ ଗୁଣମୁଗ୍ଧ ପାଠିକା । ପ୍ରତିମାସର ପ୍ରଥମ ସପ୍ତାହରେ ନିୟମିତ ଭାବରେ ପତ୍ରିକାଟି ମୋ ଘରେ ଆସି ପହଞ୍ଚିଯାଇଥାଏ ଏବଂ ମୁଁ ପତ୍ରିକାଟିକୁ ପଢ଼ି ଶେଷ ନକରିବା ଯାଏ ମୋତେ ନିଦ ହୁଏନାହିଁ; କାରଣ ଅନ୍ୟ ପତ୍ରିକା ଅପେକ୍ଷା ସାହିତ୍ୟ ଚର୍ଚ୍ଚା ପତ୍ରିକାଟି ସବୁଦୃଷ୍ଟିରୁ ସ୍ୱତନ୍ତ୍ର ଅଟେ ।

ମେ' ମାସର ପତ୍ରିକାଟିର ସମ୍ପାଦକୀୟରୁ ଆରମ୍ଭ କରି ଶେଷ ପୃଷ୍ଠା ପର୍ଯ୍ୟନ୍ତ ପ୍ରତିଟି ବିଷୟ ଖୁବ୍ ମନଛୁଆଁ ହୋଇଛି । ସମ୍ପାଦକ ନିହାର ରଞ୍ଜନ ଶତପଥୀ ସମ୍ପାଦକୀୟ ପୃଷ୍ଠାରେ କବିତାରେ ଅବୋଧତା ବିଷୟରେ ଯେଉଁ ଆଲୋଚନା କରିଛନ୍ତି ପ୍ରକୃତରେ ସେସବୁ ଆଜିର କବିତାରେ ଦେଖାଯାଉଛି । ରମାକାନ୍ତ ମହାପାତ୍ରଙ୍କ 'ବାପା' କବିତା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । ରବି ପଣ୍ଡା ତାଙ୍କ ଗଳ୍ପ 'ଦୁଃଖ ଅସରନ୍ତି'ରେ ସାମ୍ପ୍ରତିକ ସମାଜରେ ଘଟୁଥିବା ବାସ୍ତବ କାହାଣୀର ଅବତାରଣା କରିଛନ୍ତି ଯାହା ଖୁବ୍ ମାର୍ମିକ । ସାକ୍ଷାତକାରରେ ପୀତବାସ ରାଉତରାୟ ସାର୍‌ଙ୍କଠାରୁ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ତାଙ୍କର କିପରି ପ୍ରଗାଢ଼ ଭକ୍ତି, ବାପାଙ୍କ ପାଖରୁ ସେ କିପରି ସେବାକରିବା ନିମନ୍ତେ ପ୍ରେରିତ ହୋଇଛନ୍ତି, ଜଗନ୍ନାଥ ସେବା ସହିତ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରିଛନ୍ତି, ଏପରି ଅନେକ ବ୍ୟକ୍ତିଗତ କଥା ସହିତ ମହାପ୍ରଭୁ ଜଗନ୍ନାଥଙ୍କ ବିଷୟରେ ଅନେକକଥା ଜାଣିବାକୁପାଇଲୁ ।

ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ କବିତା 'ଆମେ ଶକ୍ତି ସ୍ୱରୂପିଣୀ' ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । ପରିଶେଷରେ ସାହିତ୍ୟ ଚର୍ଚ୍ଚା ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମୋର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ତରୁଣ ବାଳା ମହାପାତ୍ର**
tmsrisairam56@gmail.com.

**ସମ୍ପାଦକୀୟ**

# ନାମବାଚକ ବିଶେଷ୍ୟ

ନାମବାଚକ ବିଶେଷ୍ୟ ଅନେକ ସମୟରେ କେବଳ ଯେ ଭାଷାବିତ୍‌ମାନଙ୍କୁ ହରଡ଼ଘଣାରେ ପକାଏ ତା' ନୁହେଁ, ଲେଖକ, ସମ୍ପାଦକ ଓ ପ୍ରୁଫ୍-ସଂଶୋଧକମାନେ ମଧ୍ୟ ଏହାଦ୍ୱାରା ଭ୍ରମିତ ହୁଅନ୍ତି । ବିଶେଷ୍ୟ ପଦର ଅନେକ ରୂପ ମଧ୍ୟରୁ ନାମବାଚକ ବିଶେଷ୍ୟ କହିଲେ ଆମେ ସେହି ଶବ୍ଦଗୁଡ଼ିକୁ ବୁଝୁ, ଯାହା ବ୍ୟକ୍ତିବିଶେଷଙ୍କର ନାମକୁ ସୂଚାଉଥାଏ; ଯଥା, ଅଭିରାମ, ଗୌତମ, ଉଇଲିଆମ୍ ଓ ଅବଦୁଲ୍ ଆଦି । ଏସବୁ ଯେତେବେଳେ ଅଭିଧାନରେ ସ୍ଥାନ ପାଇ କୌଣସି ଅର୍ଥକୁ ବୁଝାଉଥାଆନ୍ତି ତେବେ ତ ଭିନ୍ନ କଥା; କିନ୍ତୁ ଏଗୁଡ଼ିକ ଯେତେବେଳେ କେବଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ନାମକୁ ସୂଚାଇବା ପାଇଁ ହିଁ ବ୍ୟବହୃତ ହୋଇଥାଆନ୍ତି, ସେତେବେଳେ ଆମେ ତାହାକୁ ନିରୁତା 'ନାମବାଚକ' ବିଶେଷ୍ୟ ବୋଲି କହୁ ।




ତେବେ ଏଠାରେ ଆମର ଆଲୋଚନାର ବିଷୟ ହେଲା, ଏହି ନାମବାଚକ ବିଶେଷ୍ୟଗୁଡ଼ିକ ବ୍ୟାକରଣ ବା ବନାନଗତ ଦୃଷ୍ଟିରୁ ଶୁଦ୍ଧ ହେବାପାଇଁ କେତେଦୂର ବାଧ୍ୟ ? ଉଦାହରଣ ସ୍ୱରୂପ, ଆମେ କିଛି ଦିନ ତଳେ ଜଣେ ପାଠକଙ୍କଠାରୁ ଏକ ଫୋନ୍ ପାଇଲୁ ଯେ, 'ଆପଣ ଅମୁକ ଲେଖକଙ୍କ ନାମରେ ଥିବା ବନାନଗତ ତ୍ରୁଟିକୁ ସଂଶୋଧନ କରିନାହାନ୍ତି କାହିଁକି ?' କଥା ହେଲା, କୌଣସି ବ୍ୟକ୍ତିବିଶେଷଙ୍କ ନାମ ବା ନାମବାଚକ ବିଶେଷ୍ୟରେ ଥିବା ଏଭଳି କୌଣସି ତ୍ରୁଟିକୁ ସଂଶୋଧନ କରିବାର ଅଧିକାର ଆମର ଅଛି କି ? ଉଦାହରଣ ସ୍ୱରୂପ, ଆମେ ଯାହାଙ୍କୁ ଅଭିରାମ ବାବୁ ବୋଲି ଧରିନେଇଥିଲୁ, ସେ ଯଦି ନିଜର ନାମଟିକୁ 'ଅଭୀରାମ' ବୋଲି ଲେଖୁଥାଆନ୍ତି, କାରଣ ପିଲାଦିନରୁ ନେଇ ଆଜି ପର୍ଯ୍ୟନ୍ତ, ବିଦ୍ୟାଳୟରୁ ନେଇ ଚାକିରିକାଳ ପର୍ଯ୍ୟନ୍ତ, ସମସ୍ତ ରେକର୍ଡପତ୍ରରେ ଏହା ଏପରି ଭାବରେ ହିଁ ଦର୍ଜ ଅଛି, ତେବେ ତାହାକୁ ଗ୍ରହଣ ନ କରିବାକୁ ଆମେ ବା କିଏ ? ଅବଶ୍ୟ ଏହି ତ୍ରୁଟିପୂର୍ଣ୍ଣ 'ଅଭୀରାମ' ଶବ୍ଦଟି ଯଦି ଆହ୍ଲାଦପ୍ରଦ ଅର୍ଥରେ କୌଣସି ଗଳ୍ପ କିମ୍ବା କବିତାରେ ପ୍ରୟୋଗ ହୋଇଥାଏ ତେବେ ଆମର ପ୍ରୁଫ୍ ସଂଶୋଧକ ମହାଶୟ ବୋଧହୁଏ ସେଥିରେ ଗୋଟିଏ ନାଲି ଗାର ବସାଇଥାଆନ୍ତେ । ଆଜିକାଲି ତ କେତେକ ଇଂରାଜୀ ଅଭିଧାନରେ 'ଲିଷ୍ଟ ଅଫ୍ କମନ୍ ନେମ୍ସ୍' ଶୀର୍ଷକରେ ଏଭଳି ନାମସୂଚକ ଶବ୍ଦମାନଙ୍କର ଏକ ତାଲିକା ମଧ୍ୟ ଅନ୍ତର୍ଭୁକ୍ତ ହେଲାଣି, ଅର୍ଥାତ୍ ଏଭଳି ଶବ୍ଦମାନଙ୍କର ଏକ ମାନକ ବନାନ ମଧ୍ୟ ଅଭିଧାନର ସ୍ୱୀକୃତି ପାଇସାରିଲାଣି । ତଥାପି, 'ଉଇଲିଆମ୍' ନାମକ ବ୍ୟକ୍ତି ଜଣକ ଯଦି ନିଜ ନାମର ବନାନରେ ଦୁଇଟି 'ଏଲ୍' ପରିବର୍ତ୍ତେ ଗୋଟିଏ 'ଏଲ୍' ହିଁ ଲେଖୁଥାଆନ୍ତି, ତେବେ ସେଥିରେ କ'ଣ ଅବା ପ୍ରତିବନ୍ଧକ ଅଛି । ଆମେ ତ ପୁଣି 'କ୍ୱାଲିଟି' ନାମକ ଆଇସ୍‌କ୍ରିମ ଖାଉଛେ, ଏବଂ 'ୱେଲକମ୍' ନାମକ ହୋଟେଲ୍‌ରେ ମଧ୍ୟ ରହୁଛେ, ସେମାନଙ୍କ ନାମରେ ବନାନଗତ ତ୍ରୁଟି ଥିବା ସତ୍ତ୍ୱେ !

ଡର୍ବାନ୍-ୱେଷ୍ଟଭିଲେ ବିଶ୍ୱବିଦ୍ୟାଳୟର ଏ.କେ ଅଜିଜ୍ ନାମକ ଜଣେ ଗବେଷକ ଗୋଟିଏ ସନ୍ଦର୍ଭରେ କହିଛନ୍ତି ଯେ, 'ନାମବାଚକ ଶବ୍ଦଗୁଡ଼ିକ ଅଣ-ଅର୍ଥପୂର୍ଣ୍ଣ (ନନ୍-କନୋଟେଟିଭ୍) ହୋଇଥାଆନ୍ତି ।' ଏହି ମତ ଯଦି ଗ୍ରହଣୀୟ ହୁଏ, ତେବେ ନାମବାଚକ ବିଶେଷ୍ୟର ବନାନଗତ ବିସଙ୍ଗତିକୁ ଆମେ ଗୁରୁତ୍ୱ ବା ଦେବା କାହିଁକି ?

ଆଜିକାଲି ଆମ ଓଡ଼ିଆ ଘରମାନଙ୍କରେ ପିଲାଙ୍କର ନାମକରଣ ବେଳେ ଅର୍ଥହୀନ ଶବ୍ଦଗୁଡ଼ିକ ବ୍ୟବହୃତ ହେବାର ଏକ ଧାରା ଜୋର୍ ଧରିଛି; ଯେମିତିକି ପିଣ୍ଟୁ, ରୀନା ଓ ଜିନୁ ଇତ୍ୟାଦି । ଏଭଳି ଅର୍ଥହୀନ ନାମଗୁଡ଼ିକର ବହୁଳ ବ୍ୟବହାର ଆଉ ଏକ ସମସ୍ୟା ମଧ୍ୟ ସୃଷ୍ଟି କରିଛି, ଯାହା ଉପରେ ମତଦେଇ 'ନିଉରୋ-ସାଇନ୍ସ୍ ଏଣ୍ଡ ବିହେଭିଅରାଲ୍ ରିଭ୍ୟୁ' ନାମକ ପତ୍ରିକାରେ ପ୍ରକାଶିତ ଏକ ପ୍ରବନ୍ଧରେ କୁହାଯାଇଛି ଯେ, ଆଜିକାଲି ଜାତିବାଚକ ବିଶେଷ୍ୟ ଅପେକ୍ଷା ନାମବାଚକ ବିଶେଷ୍ୟଗୁଡ଼ିକୁ ମନେରଖିବା ଅଧିକ କଷ୍ଟକର ହୋଇପଡ଼ିଲାଣି । ଏ ଦୃଷ୍ଟିରୁ ଅଭିଭାବକମାନେ ନିଜର ସନ୍ତାନସନ୍ତତିଙ୍କ ନାମକରଣ ବେଳେ ଅର୍ଥପୂର୍ଣ୍ଣ ଓ ଭାବବ୍ୟଞ୍ଜକ ଶବ୍ଦମାନ ବାଛିଲେ ସମସ୍ୟାଟିର ଅଚିରେ ସମାଧାନ ହୋଇପାରନ୍ତା ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।


ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟର ନିମ୍ନୋକ୍ତ ଲିଙ୍କରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**


ପ୍ରବନ୍ଧ

# ସାହିତ୍ୟିକର ଗର୍ଭବେଦନା ଓ ସର୍ଜ୍ଜନଶୀଳତା



**ଫକୀର ମୋହନ ସାହୁ**

ଗର୍ଭବେଦନା ପରିଭାଷାଟି ସନ୍ତାନସମ୍ଭବା ନାରୀ କ୍ଷେତ୍ରରେ ବ୍ୟବହୃତ ହେଉଥିଲେ ମଧ୍ୟ ଏପରି ଅନୁଭବ କେବଳ ନାରୀ ମଧ୍ୟରେ ସୀମିତ ନୁହେଁ । ଏକ ବ୍ୟାପକ ଦୃଷ୍ଟିକୋଣରୁ ପ୍ରତିଟି ସର୍ଜ୍ଜନଶୀଳ ବ୍ୟକ୍ତି ଗର୍ଭବେଦନା ଅନୁଭବ କରନ୍ତି । ସେମାନେ ମାନସିକ ସ୍ତରରେ ଗର୍ଭଧାରଣ କରନ୍ତି, ଗର୍ଭାବସ୍ଥା ସମୟରେ ଆଲୋଡ଼ନ ଅନୁଭବ କରନ୍ତି, ସମ୍ଭାବ୍ୟ ମାନସ-ସନ୍ତାନ ସଂପର୍କରେ ଆଶାର ଜାଲ ବୁଣନ୍ତି, ପ୍ରକାଶ-ରୂପୀ ପ୍ରସବ ବେଦନାର କଷ୍ଟ ସହ୍ୟ କରନ୍ତି ଏବଂ ପରିଶେଷରେ ଜନ୍ମଦେବା ସମୟରେ ପ୍ରାପ୍ତି ଓ ତୃପ୍ତିର ଅନୁଭୂତି ଲାଭକରନ୍ତି । ଅବଶ୍ୟ ନବଜନ୍ମିତ ଶିଶୁଟି ରକ୍ତମାଂସର ଶିଶୁ ନୁହେଁ, ଏହା ଏକ ମାନସ ସନ୍ତାନ । ଶିଳ୍ପୀ, କଳାକାର, ସାହିତ୍ୟିକ ଏବଂ ବୈଜ୍ଞାନିକ ପରି ପ୍ରତିଟି ସୃଜନଧର୍ମୀ ବ୍ୟକ୍ତି ଏପରି ଅନୁଭବର ଅଧିକାରୀ । ତେବେ ସର୍ଜନପ୍ରକ୍ରିୟାରେ କେବଳ ସାହିତ୍ୟିକମାନଙ୍କୁ ଦୃଷ୍ଟିରେ ରଖି ଏଠାରେ ଆଲୋଚନା କରାଯାଇପାରେ । ଏ କ୍ଷେତ୍ରରେ ସାହିତ୍ୟିକର ବେଦନା ଓ ସର୍ଜ୍ଜନଶୀଳତା ମଧ୍ୟରେ ସମାନ୍ତରତା ସୃଷ୍ଟି ହୋଇଉଠିବ ।




**ସର୍ଜ୍ଜନଶୀଳତାର ସୂଚକ**

ଆରମ୍ଭରେ ସର୍ଜ୍ଜନଶୀଳତା ସଂପର୍କରେ ସଂକ୍ଷିପ୍ତ ସୂଚନା ଦିଆଯାଇପାରେ । ମୌଳିକତା ହେଉଛି ସର୍ଜ୍ଜନଶୀଳତାର ପ୍ରାଣକେନ୍ଦ୍ର । କିନ୍ତୁ ଏହାବ୍ୟତୀତ ଆଉ ଦୁଇଟି ବୈଶିଷ୍ଟ୍ୟ ରହିଛି । ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ପ୍ରାଞ୍ଜଳ କରାଯାଇପାରେ । ମନେକରାଯାଉ ପିଲାମାନଙ୍କୁ ପଚରାଗଲା: ଇଟାକୁ କି କି ଉପାୟରେ ବ୍ୟବହାର କରାଯାଇପାରିବ ? ଏ କ୍ଷେତ୍ରରେ ଗୋଟିଏ ପିଲା କହିପାରେ ଯେ, ଇଟା ବ୍ୟବହାର କରି ଗୃହନିର୍ମାଣ, ସ୍କୁଲନିର୍ମାଣ, ଅଶ୍ୱଶାଳାନିର୍ମାଣ, ଅଫିସ୍‌ନିର୍ମାଣ ଓ ଗୋଦାମନିର୍ମାଣ କରାଯାଇପାରେ । ହୁଏତ ଅନ୍ୟଗୋଟିଏ ପିଲା କହିବ ଯେ, ଇଟା ବ୍ୟବହାର କରି ଗୁହାଳ ନିର୍ମାଣ ହୋଇପାରିବ, ଟେବୁଲ୍ ଉପରୁ କାଗଜ ଉଡ଼ିନଯିବା ପାଇଁ ଚାପ ଦିଆଯାଇପାରିବ, ଇଟା ଦ୍ୱାରା କାନ୍ଥରେ କିଛି ଲେଖିବା ସମ୍ଭବପର, ଇଟାକୁ ଫୋପାଡ଼ି କୁକୁର ଘଉଡ଼ାଇବା ସମ୍ଭବ ଓ ଇଟା ଉପରେ ଠିଆହୋଇ ଉଚ୍ଚସ୍ଥାନରୁ ଆଚାର କାଢ଼ିବା ସମ୍ଭବପର । ଏହି ଦୁଇଟି ପିଲାଙ୍କର ଉତ୍ତର ଲକ୍ଷ୍ୟକଲେ ସର୍ଜ୍ଜନଶୀଳତାର ସୂଚକ ସ୍ପଷ୍ଟ ହେବ । ପ୍ରଥମ ପିଲାଟିର ଉତ୍ତରରେ ପରିମାଣ ଦୃଷ୍ଟିରୁ ପାଞ୍ଚଟି ଧାରଣା ରହିଛି; ଦ୍ୱିତୀୟ ପିଲାଟି ମଧ୍ୟ ପାଞ୍ଚଟି ଧାରଣା ଦେଇଛି । ଏହାକୁ ଭାବନାର କ୍ଷୀପ୍ରତା କୁହାଯାଇପାରେ । ଏକ ନିର୍ଦ୍ଦିଷ୍ଟ ସମୟସୀମାରେ (ଧରାଯାଉ ପାଞ୍ଚ ମିନିଟ୍ ମଧ୍ୟରେ) ଜଣେ କେତେସଂଖ୍ୟକ ଧାରଣାର ସୂଚନା ଦେଇଛି, ତାହା କ୍ଷୀପ୍ରତାର ପରିମାପକ । ମାର୍କ ଦେବାକୁ ହେଲେ 'କ୍ଷୀପ୍ରତା' ପାଇଁ ପ୍ରଥମ ଓ ଦ୍ୱିତୀୟ ପିଲାକୁ ୫ ନମ୍ବର ଲେଖାଏଁ ଦିଆଯିବ ।

ସର୍ଜ୍ଜନଶୀଳତାର ଦ୍ୱିତୀୟ ସୂଚକ ବା ଉପାଦାନଟି ହେଉଛି, ଭାବନାର ସଚଳତା । ଲକ୍ଷ୍ୟ କରିବାର କଥା ଯେ, ପ୍ରଥମ ପିଲାଟି ପାଞ୍ଚଟି ଧାରଣା ଦେଲେ ମଧ୍ୟ ଏଗୁଡ଼ିକ ଗୋଟିଏ ଧରଣର ଭାବନା: କିଛି ନିର୍ମାଣ କରିବା । ଚିନ୍ତନର ବର୍ଗୀକରଣ କେବଳ ଗୋଟିଏ ହୋଇଥିବାରୁ ସଚଳତା ପାଇଁ ଏ ପିଲାକୁ ୧ ମାର୍କ ଦିଆଯିବ । କିନ୍ତୁ ଦ୍ୱିତୀୟ ପିଲାଟିର ପ୍ରତିଟି ଧାରଣା ଅନ୍ୟଠାରୁ ଭିନ୍ନ । ପାଞ୍ଚଟି ଧାରଣା ପାଞ୍ଚଟି ଶ୍ରେଣୀର ଅନ୍ତର୍ଭୁକ୍ତ । ସୁତରାଂ ସଚଳତା ପାଇଁ ଦ୍ୱିତୀୟ ପିଲାକୁ ୫ ମାର୍କ ଦିଆଯିବ ।

ସର୍ଜ୍ଜନଶୀଳତାର ତୃତୀୟ ଉପାଦାନଟି ହେଉଛି ମୌଳିକତା । ଏହା ନିର୍ଦ୍ଧାରଣ କରାଯିବ କିପରି ? ଏଠାରେ

କେବଳ ଦୁଇଟି ପିଲାଙ୍କର ଉଦାହରଣ ଦିଆଗଲେ ମଧ୍ୟ ଆଲୋଚିତ ପ୍ରଶ୍ନଟି (ଇଟାକୁ ବ୍ୟବହାର କରାଯିବ କିପରି ?) ବହୁ ସଂଖ୍ୟକ ପିଲାଙ୍କୁ ପଚରାଯାଇପାରେ । ସୁତରାଂ ଏକ ନିର୍ଦ୍ଦିଷ୍ଟ ପିଲାର ଉତ୍ତରକୁ ମୂଲ୍ୟାୟନ କରିବା ସମୟରେ ଗୋଟିଏ ଉତ୍ତର (ଧରାଯାଉ ଗୃହନିର୍ମାଣ) କେତେସଂଖ୍ୟକ ପିଲା ଦେଇଛନ୍ତି, ଦେଖିବାକୁ ହେବ । ଉତ୍ତରଟି ଗତାନୁଗତିକ ଓ ବହୁସଂଖ୍ୟକ ହୋଇଥିଲେ ମୌଳିକତା ପାଇଁ କମ୍ ମାର୍କ ଦିଆଯିବ । ଉତ୍ତରଟି ବିରଳ ବା ଅନନ୍ୟ ହୋଇଥିଲେ ମୌଳିକତା ପାଇଁ ଅଧିକ ମାର୍କ ଦିଆଯିବ ।

ଅବଶ୍ୟ ମୌଳିକତା ପରିପ୍ରେକ୍ଷୀରେ ଗୋଟିଏ ଦିଗ ସଂପର୍କରେ ସତର୍କତା ଆବଶ୍ୟକ । ଅନନ୍ୟତା ବା ମୌଳିକତା ବିଚାର କରିବା ସମୟରେ ଧାରଣା ବା ପରିକଳ୍ପନାଟିର ସାମାଜିକ ଉପଯୋଗିତା ଦେଖିବାକୁ ହେବ । ହୁଏତ ଜଣେ ଲୋକର ଅଶ୍ଲୀଳ ଶବ୍ଦ ବା ବାକ୍ୟଟି ସଂଖ୍ୟା ଦୃଷ୍ଟିରୁ ଅଳ୍ପ ହେଲେ ମଧ୍ୟ ଏହାକୁ ମୌଳିକ ବିଚାର କରାଯିବନାହିଁ । ଏହାର କାରଣ ହେଉଛି ଯେ, ବ୍ୟକ୍ତିଗତ ବା ଗୋଷ୍ଠୀଗତ ଜୀବନର ଶ୍ରୀବୃଦ୍ଧି ପାଇଁ ଏହାର କୌଣସି ଭୂମିକା ନାହିଁ । ମୋଟ ଉପରେ ଧାରଣାର କ୍ଷୀପ୍ରତା, ସଚଳତା ଓ ମୌଳିକତାକୁ ମୂଲ୍ୟାୟନ କରି ସର୍ଜନଶୀଳତାର ସାମଗ୍ରିକ ସ୍ତର ନିରୂପଣ କରାଯାଏ । ମନୋବୈଜ୍ଞାନିକ ଗବେଷଣାରେ ଏ ତିନୋଟିର ଉପାଦାନକୁ ସ୍ୱୀକୃତି ଦିଆଯାଇଛି ।

**ସର୍ଜନଶୀଳତାର ସୋପାନ ଓ ଗର୍ଭଧାରଣର ସ୍ତର ମଧ୍ୟସ୍ଥ ସମାନ୍ତରତାକୁ ଅନୁଧ୍ୟାନ କଲେ ସାହିତ୍ୟିକର ବେଦନା ସହଜରେ ବୁଝିହେବ ।**

ବର୍ତ୍ତମାନ ସର୍ଜନଶୀଳତାର ସୋପାନ ଓ ଗର୍ଭଧାରଣର ସ୍ତର ମଧ୍ୟରେ ଥିବା ସମାନ୍ତରତାକୁ ଅନୁଧ୍ୟାନ କଲେ ସାହିତ୍ୟିକର ବେଦନା ସହଜରେ ବୁଝିହେବ । ନିମ୍ନସୂଚିତ ସାରଣୀଟିଏ ସାମଞ୍ଜସ୍ୟକୁ ପ୍ରାଞ୍ଜଳ କରିବ । ଗୋଟିଏ ହେଉଛି ଜୀବଭିତ୍ତିକ ପ୍ରକ୍ରିୟା ଏବଂ ଅନ୍ୟଟି ହେଉଛି ମନସ୍ତାତ୍ତ୍ୱିକ ପ୍ରକ୍ରିୟା ।

୧. ସଂପର୍କଶୀଳତାର ଅନ୍ୱେଷଣ ଓ ସଂଯୋଗ ନିର୍ବାଚନ
୨. ଯୌନମିଳନ ଓ ଗର୍ଭଧାରଣ
୩. ଅନ୍ତଃସତ୍ତ୍ୱାବସ୍ଥା
୪. ପ୍ରସବ ବେଦନା ଓ ଜନ୍ମଦେବା ପ୍ରକ୍ରିୟା
୫. ସୃଜନ ଅଭିପ୍ରେରଣା ଓ ପ୍ରାରମ୍ଭିକ ଅନ୍ୱେଷଣ
୬. ମୁଖ୍ୟ ସର୍ଜନପ୍ରକ୍ରିୟା
୭. ଅଧିଶୟଙ୍କ
୮. ପ୍ରକାଶନ ବେଦନା ଓ ଲୋକାର୍ପଣ

ପ୍ରଦତ୍ତ ସାରଣୀରୁ ଶାରୀରିକ ଓ ମନସ୍ତାତ୍ତ୍ୱିକ ପ୍ରକ୍ରିୟା ମଧ୍ୟରେ ସମାନ୍ତରତା ସ୍ପଷ୍ଟ ହେଲେ ମଧ୍ୟ ପ୍ରତିଟି ସୋପାନ ସଂପର୍କରେ ସଂକ୍ଷିପ୍ତ ବର୍ଣ୍ଣନା ସାମଞ୍ଜସ୍ୟକୁ ଅଧିକ ପ୍ରାଞ୍ଜଳ କରିବ ।


### ପ୍ରଥମ ସୋପାନ: ପ୍ରସ୍ତୁତିପର୍ବ

ସର୍ଜନଶୀଳତାର ଗବେଷକମାନେ ପ୍ରଥମ ସୋପାନକୁ ଅଭିପ୍ରେରଣା ଓ ପ୍ରାରମ୍ଭିକ ଅନ୍ୱେଷଣର ସ୍ତର ବୋଲି ଆଖ୍ୟା ଦେଇଛନ୍ତି । ଜୀବଭିତ୍ତିକ ପ୍ରକ୍ରିୟାରେ ଏହାହେଉଛି ସଂପର୍କଶୀଳତାର ଅନ୍ୱେଷଣ ବା ଜୀବନସଙ୍ଗୀ ଚୟନର ପ୍ରକ୍ରିୟା । ଏହା କିପରି ସଂଘଟିତ ହୁଏ, ତାହା ଅଳ୍ପବହୁତେ ସମସ୍ତେ ଜାଣନ୍ତି । ପ୍ରତି ସମାଜରେ ଓ ସଂସ୍କୃତିରେ କେତେକ ପରମ୍ପରା ରହିଥିଲେ ମଧ୍ୟ ଯୌନସଂପର୍କ ଗଠିତ ହୁଏ । ଏବେ ସଂପର୍କଶୀଳତା କ୍ଷେତ୍ରରେ କେତେକ ପରିବର୍ତ୍ତନ ଆସିଥିଲେ ମଧ୍ୟ ନାରୀ-ପୁରୁଷର ସଂପର୍କ ଏବଂ ପାରିବାରିକ ଜୀବନ ମୁଖ୍ୟସ୍ରୋତର ଅଂଶବିଶେଷ ହେବାର ସ୍ଥିତି ବଜାୟ ରଖିଛି । ନାରୀ ନିଜର ଯୌନସାଥୀ ଚୟନ କରିବା ସମୟରେ କିମ୍ବା ପୁରୁଷ ନିଜର ସାଥୀ ଚୟନ କରିବା ସମୟରେ କେଉଁ କେଉଁ ଉପାଦାନକୁ ଗୁରୁତ୍ୱ ଦିଅନ୍ତି, ବହୁ ସଂସ୍କୃତି ମନୋବିଜ୍ଞାନୀମାନେ ତାହାର ସର୍ବେକ୍ଷଣ କରିଛନ୍ତି । ତାହା ଏଠାରେ ଆଲୋଚନା କରାଯାଉନାହିଁ ।

ସର୍ଜନଶୀଳତା ପରିପ୍ରେକ୍ଷୀରେ ପ୍ରଥମ ସୋପାନଟି ଅପେକ୍ଷାକୃତ ଜଟିଳ । ଜଣେ ବ୍ୟକ୍ତି କେଉଁ ପରିସ୍ଥିତିର ସାରସ୍ୱତ ସାଧନା ଲାଗି ଅଭିପ୍ରେରିତ ହୁଏ ତାହା ଏଠି ପ୍ରଶ୍ନ । ସାରଳା ଦାସ ଓ ଜଗନ୍ନାଥ ଦାସଙ୍କ ପରି କାଳଜୟୀ ସ୍ରଷ୍ଟାମାନେ ଭଗବତ୍ କରୁଣାକୁ କାବ୍ୟ ଉନ୍ମେଷର ମୂଳପିଣ୍ଡ ବୋଲି ଅଭିହିତ କରିଥିଲେ ମଧ୍ୟ ଏହା ମୁଖ୍ୟତଃ ସେମାନଙ୍କ ବିନମ୍ରତାର ପ୍ରତିଫଳନ ବୋଲି ବୁଝିବାକୁ ହେବ । ଅଂକୁରଣର କାରଣ ଯାହାହେଉନା କାହିଁକି, ଆଦ୍ୟକାଳୀନ ବିକାଶ ମୂଳରେ ସଂଶ୍ଲିଷ୍ଟ

ରହିଛି ପ୍ରଗାଢ଼ ପ୍ରୟାସ ଓ ଅଧ୍ୟୟନଶୀଳତା । ଜଣେ ସର୍ଜନକାମୀ ବ୍ୟକ୍ତି ନିଜର ଲକ୍ଷ୍ୟଟିକୁ କେନ୍ଦ୍ରବିନ୍ଦୁରେ ରଖି ଅନେକଗୁଡ଼ିଏ ସମ୍ଭାବ୍ୟ ପରିକଳ୍ପନାର ସନ୍ଧାନ କରନ୍ତି । ନିଜର ପରିପାର୍ଶ୍ୱରେ କ'ଣ ସବୁ ସର୍ଜନଶୀଳ ବସ୍ତୁ ରହିଛି, ତାହାର ସର୍ବେକ୍ଷଣ କରନ୍ତି । ଜଣେ ଲେଖକ ବା ଲେଖିକା ନିଜର ସୃଜନକ୍ଷେତ୍ର (ପ୍ରବନ୍ଧ, ଗଳ୍ପ, କବିତା, ନାଟକ ଇତ୍ୟାଦି) ସ୍ଥିର କରିବା ପରେ ଅତୀତରେ ଓ ବର୍ତ୍ତମାନ କେଉଁସବୁ ରଚନାସାମଗ୍ରୀ ଜନାଦୃତି ଲାଭ କରିଛି, ତାହାର ଅନ୍ୱେଷଣ କରନ୍ତି ।

ଏହା ସତ୍ୟ ଯେ, ପ୍ରସ୍ତୁତିପର୍ବ ସମୟରେ ସ୍ରଷ୍ଟା ନିଜ ସୃଷ୍ଟିର ଆଭିମୁଖ୍ୟ ପ୍ରତି ସଚେତନ ଥାଆନ୍ତି । ଗଦ୍ୟ ସାହିତ୍ୟର ଅକ୍ଷୟଶିଳ୍ପୀ ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, ଲକ୍ଷ୍ୟହୀନ ଲୋକର ଅନେକ ଲକ୍ଷ୍ୟ । ନିଜର ପ୍ରବନ୍ଧ ସାହିତ୍ୟର ଲକ୍ଷ୍ୟ ସଂପର୍କରେ ସେ କୁହନ୍ତି: "ପ୍ରବନ୍ଧ ଗୋଟାସୁଦ୍ଧା ଜବର ହୋଇ ଏହି ବର୍ତ୍ତମାନ ଉପରେ ଛିଡ଼ା ରହିଥିଲେ ମଧ୍ୟ ତାକୁ ନିରନ୍ତର ସତେଅବା ଏକ ଅନ୍ୟ ଭବିଷ୍ୟ ବା ଅନ୍ୟ ସମ୍ଭାବନା ବନ୍ଧୁପରି ଡାକିବାରେ ଲାଗିଥାଏ । ସେହି ବନ୍ଧୁଟିକୁ ଘରକୁ ଡାକିଆଣି ବସାଇବାର ତପସ୍ୟା ହେଉଛି ପ୍ରବନ୍ଧର ତପସ୍ୟା । XXX ପ୍ରବନ୍ଧ ଅଛୁଆଁ ରହେନାହିଁ । ପ୍ରବନ୍ଧ ଖୁବ୍ ଲଢ଼େ । ଏଇ ପୃଥିବୀର ପୁରୁଣାଗୁଡ଼ିକ ସହିତ ଲଢ଼େ, ଜଡ଼ତା ସହିତ ଲଢ଼େ । ଆଉ କିଛି ବୃହତ୍ତରକୁ ଭଲପାଉଥାଏ ବୋଲି ସିଏ ଏଇସବୁ ନିତ୍ୟ ଲଢ଼େଇ ଲଢ଼ିବାରେ ଲାଗିଥାଏ । ଭାବର ନୂଆ ନୂଆ ଅସ୍ତ୍ରରେ ଯାବତୀୟ ଭାବପ୍ରବଣତା ସହିତ ଲଢ଼େ । କ୍ଷୁଦ୍ରତାଗୁଡ଼ିକୁ ଅତ୍ୟନ୍ତ ଛନ୍ଦରହିତ ଭାବରେ କ୍ଷୁଦ୍ରତା ବୋଲି ଘୋଷଣା କରେ ।" (ପ୍ରବନ୍ଧର ପୃଥିବୀ, ପୃଷ୍ଠା-୩୪)




ଅନୁରୂପ ଭାବରେ ମହାସମନ୍ୱୟର କବି ସଚ୍ଚି ରାଉତରାୟ ନିଜର ଐତିହାସିକ ଦାୟିତ୍ୱ ସଂପର୍କରେ ମୂଳରୁ ସ୍ପଷ୍ଟ କରିଛନ୍ତି: "ଆମ ଓଡ଼ିଆ ସାହିତ୍ୟର ସବୁ ଦିଗରୁ ଐତିହାସିକ ବସ୍ତୁବାଦୀ ଚେତନାର ପ୍ରବର୍ତ୍ତନ ଏବଂ ଆଧୁନିକ କାବ୍ୟ ଆନ୍ଦୋଳନ ଓ ବିଶ୍ୱସାହିତ୍ୟର ଅନ୍ୟାନ୍ୟ କ୍ଷେତ୍ରରେ ଘଟିଥିବା ବୈପ୍ଲବିକ ପରିବର୍ତ୍ତନ ସଂଗେ ଓଡ଼ିଆ ସାହିତ୍ୟକୁ ସମନ୍ୱିତ କରିବା ପାଇଁ ପ୍ରଚେଷ୍ଟା କରିବା ଐତିହାସିକ ଦାୟିତ୍ୱ ରୂପେ ମୋ' ଜୀବନରେ ଗୃହୀତ ହୋଇଛି ।" (ଉତ୍ତର କକ୍ଷ, ପ୍ରଥମାର୍ଦ୍ଧ, ପୃଷ୍ଠା-୭)

## ଦ୍ୱିତୀୟ ସୋପାନ: ପ୍ରକ୍ରିୟାନିଷ୍ଠତା

ଜୀବତାତ୍ତ୍ୱିକ ଦୃଷ୍ଟିକୋଣରୁ ଦ୍ୱିତୀୟ ସୋପାନଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଯୌନମିଳନ ଫଳରେ ଗର୍ଭଧାରଣ ସମ୍ଭବ ହୁଏ । ମନସ୍ତାତ୍ତ୍ୱିକ ଓ ଲେଖକୀୟ ଜୀବନରେ ମଧ୍ୟ ଏହି ସୋପାନଟି ତାତ୍ପର୍ଯ୍ୟପୂର୍ଣ୍ଣ । ସାହିତ୍ୟିକ ପ୍ରଥମ ସୋପାନରେ ଯେଉଁ ପ୍ରାରମ୍ଭିକ ପରିକଳ୍ପନା କରିଛନ୍ତି ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି, ତାହାର ବଳୟ ପ୍ରସାରିତ ହେବାକୁ ଲାଗେ । ଏହି ସୋପାନରେ ଯେଉଁ ଚିନ୍ତନ-ଶୈଳୀର ଉପଯୋଗ ହୁଏ, ତାହାକୁ ବହୁମୁଖୀ ଚିନ୍ତନଶୈଳୀ କୁହାଯାଇପାରେ । ଆଲୋଚନାର ଆରମ୍ଭରେ ଦିଆଯାଇଥିବା ଦୃଷ୍ଟାନ୍ତରେ ପ୍ରଥମ ପିଲାର ଉତ୍ତରଶୈଳୀ (ଗୃହନିର୍ମାଣ, ସ୍କୁଲନିର୍ମାଣ ଇତ୍ୟାଦି) ଏକମୁଖୀ ଚିନ୍ତନର ଉଦାହରଣ ଦେବା ସ୍ଥଳେ ଦ୍ୱିତୀୟ ପିଲାର ବକ୍ତବ୍ୟ (ଇଟା ଦ୍ୱାରା କାନ୍ଥରେ ଲେଖିବା, ବିରାଡ଼ି ଘଉଡ଼ାଇବା ଇତ୍ୟାଦି) ବହୁମୁଖୀ ଚିନ୍ତନର ସୂଚକ । କାବ୍ୟକବିତା ଜଗତରେ ନୂଆ ନୂଆ ରୂପକଳ୍ପର ପ୍ରୟୋଗ ଏପରି ବହୁମୁଖୀ ଚିନ୍ତନର ସ୍ୱାକ୍ଷର ବହନ କରେ । "ସମୁଦ୍ରଟା ଦିଶେ ମୋତେ ଫିକା ଏକ ଫଟୋଗ୍ରାଫ ପରି" - ଏଠାରେ ବ୍ୟବହାର କରାଯାଇଥିବା ରୂପକଳ୍ପଟିର ମୌଳିକତା ସହଜରେ ଅନୁମେୟ ।

ସର୍ଜନଶୀଳତାର ଦ୍ୱିତୀୟ ସୋପାନରେ କିପରି ପ୍ରକ୍ରିୟାନିଷ୍ଠ ମାନସିକ ମନ୍ଥନ ସଂଘଟିତ ହୁଏ, ତାହା ଯେକୌଣସି ଯଶସ୍ୱୀ ସାହିତ୍ୟିକଙ୍କ କୃତିରେ ପ୍ରତିଫଳିତ ହେଲେ ମଧ୍ୟ ପ୍ରବନ୍ଧର ସୀମିତ କଳେବର ମଧ୍ୟରେ କେବଳ କବି ସଚ୍ଚି ରାଉତରାୟ ଏବଂ ତାଙ୍କର ଅନବଦ୍ୟ ରଚନା "ପାଣ୍ଡୁଲିପି"ର ଦୃଷ୍ଟାନ୍ତ ନିଆଯାଇପାରେ । "ପାଣ୍ଡୁଲିପି" ଯଥାର୍ଥରେ ଓଡ଼ିଆ ଆଧୁନିକତାର ଏକ ମାଇଲଖୁଣ୍ଟ । ଏଥିରେ ଆମେ ବୋଦେଲରୀୟ ଆଧୁନିକତା, ଏଲିୟଟୀୟ ଆଧୁନିକ ଏବଂ ମାୟାକୋଭସ୍କୀୟ ଆଧୁନିକତାର ସମନ୍ୱୟ ଦେଖୁ । କହିବା ଅନାବଶ୍ୟକ ଯେ, ସଚ୍ଚିବାବୁ ଏ ସମସ୍ତ ଦିଗଦ୍ରଷ୍ଟାମାନଙ୍କର ଜୀବନଚର୍ଯ୍ୟା, ଜୀବନଦୃଷ୍ଟି ଓ ରଚନାସଂସ୍କାର ସହିତ ପରିଚିତ

ଥିଲେ । ସେଥିରେ ଗଭୀର ଅବଗାହନ କରିଥିଲେ ।

ସଂଶୟବାଦ ଆଧୁନିକ ଦୃଷ୍ଟିକୋଣର ଏକ ବଡ଼ ବିଲକ୍ଷଣ । ସପ୍ତଦଶ ଶତକରେ ଏହା ଆରମ୍ଭ ହୋଇଥିଲା ବିଜ୍ଞାନ ବିପ୍ଳବ ଫଳରେ । ଇଉରୋପରେ ଯେଉଁ ବିଜ୍ଞାନମନସ୍କତା ଦେଖାଗଲା ଊନବିଂଶ ଶତକର ପ୍ରଥମାର୍ଦ୍ଧରେ ତାହା ଏକ ଦିଗବାରେଣୀ ରୂପେ ପରିଦୃଷ୍ଟ ହେଲା । ଆଧୁନିକ ସମାଜବିଜ୍ଞାନର ପିତା କମ୍ତ୍ ଅନୁଭାବିକ ପଦ୍ଧତିରେ ମଣିଷ ସମାଜର ଅଧ୍ୟୟନକୁ ରୂପ ଦେବାକୁ ପ୍ରୟାସ କଲେ । ଅନୁରୂପ ଭାବରେ କଳା ଓ ସାହିତ୍ୟରେ ହେତୁବାଦ ଓ ସଂଶୟବାଦ ଜନ୍ମନେଲା । ପ୍ରତିଷ୍ଠିତ ସାମାଜିକ ପରମ୍ପରା, ଧର୍ମୀୟ ଭାବନା ଓ ମୂଲ୍ୟବୋଧଗୁଡ଼ିକୁ ସାହିତ୍ୟିକ ଓ କଳାକାର ସଂଶୟ ଚକ୍ଷୁରେ ଦେଖିଲେ । ମୂଲ୍ୟବୋଧହୀନତା, ନିଃସଙ୍ଗତା, ଶୂନ୍ୟତାବୋଧ ଓ ସଂଶୟବାଦ ଉତ୍ତର ଊନବିଂଶ ଶତକର ଇଉରୋପର ଆଧୁନିକତାର ସ୍ୱରହୋଇ ଉଠିଲା ।

କାବ୍ୟଜଗତରେ ଫରାସୀ ପ୍ରତୀକବାଦୀ କବି ବୋଦେଲେୟାର ଅସାମାନ୍ୟ ପ୍ରତିଭାର ଅଧିକାରୀ ଥିଲେ । ବାଲ୍ୟ ଓ କିଶୋର ଜୀବନର ବହୁ ଅବାଂଛିତ ଘଟଣା ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲେ, ତାହାର ଫଳସ୍ୱରୂପ ବିପର୍ଯ୍ୟସ୍ତ ଜୀବନଚର୍ଯ୍ୟାର ରୂପନେଲା କାବ୍ୟକବିତା ଫର୍ମରେ । ଯୌନ ସମ୍ଭୋଗ, ବେଶ୍ୟା ଓ ସଇତାନକୁ କେନ୍ଦ୍ରକରି କବିତା ଲେଖାଗଲା । ଶକ୍ତିଶାଳୀ ନୂତନ ଭାଷା ଓ ରୂପକଳ୍ପର ଆବିଷ୍କାର ତାଙ୍କ କାବ୍ୟଗୁଡ଼ିକୁ ଅନନ୍ୟତା ପ୍ରଦାନ କଲା । ସମୟର ଅବକ୍ଷୟକୁ ବୋଦେଲେୟାର ଏକ ଅପରିବର୍ତ୍ତନୀୟ ସ୍ଥିତି ବୋଲି ଧରିନେଇଥିଲେ ।

**ଏଲିୟଟୀୟ ସଂଶୟର ଶେଷକଥା ହତାଶା ନୁହେଁ । ଏ ହତାଶା ଏକ ଅର୍ଥପୂର୍ଣ୍ଣ ମହାଜୀବନର ଅନ୍ୱେଷଣର ଉତ୍ପ୍ରେରକ ।**

ବୋଦେଲେୟାରଙ୍କ ସାହିତ୍ୟ ଦ୍ୱାରା ଏଲିୟଟ୍ ଗଭୀର ଭାବେ ପ୍ରଭାବିତ ହୋଇଥିଲେ । କିନ୍ତୁ ଏଲିୟଟ୍ଙ୍କ ସଂଶୟବାଦ ଭିନ୍ନ ଧରଣର ଥିଲା । ଏଲିୟଟ୍ ଆମେରିକାର ଏକ ଛୋଟ ମଫସଲ ସହର ସେଣ୍ଟଲୁଇରେ ଜନ୍ମଗ୍ରହଣ କରିଥିଲେ । ରକ୍ଷଣଶୀଳ ପରିବାରର ଶୃଙ୍ଖଳାଧର୍ମୀ ଜୀବନଚର୍ଯ୍ୟା ତାଙ୍କୁ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଦେଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସେ ଭାରତୀୟ ଦର୍ଶନ ଓ ଧର୍ମଶାସ୍ତ୍ର ପଢ଼ିଛନ୍ତି । ବୌଦ୍ଧଧର୍ମ ଗ୍ରହଣ କରିବାର ଏକ ନିଷ୍ପତ୍ତି କଳାପରେ ଅବଶ୍ୟ କାଥିଲିକ୍ ସଂପ୍ରଦାୟରେ ଯୋଗ ଦେଇଛନ୍ତି । ଏପରି ପରିପ୍ରେକ୍ଷୀ ମଧ୍ୟରେ ଏଲିୟଟ୍ ସଂଶୟବୋଧର ଅଧିକାରୀ ହେଲେ ମଧ୍ୟ ତାଙ୍କର ସଂଶୟ ହେଉଛି ମୁଖ୍ୟତଃ ଦାର୍ଶନିକ ସଂଶୟ । ଏଲିୟଟୀୟ ସଂଶୟର ଶେଷକଥା ହତାଶା ନୁହେଁ । ଏ ହତାଶା ଏକ ଅର୍ଥପୂର୍ଣ୍ଣ ମହାଜୀବନର ଅନ୍ୱେଷଣର ଉତ୍ପ୍ରେରକ ।

ଏଲିୟଟଙ୍କ ପରି ସଚ୍ଚି ରାଉତରାୟ ମଧ୍ୟ ଅନ୍ୱେଷଣମୁଖୀ ହୋଇଛନ୍ତି: "ଜୀବନଟା କ'ଣ, ଏହାର ଉତ୍ପତ୍ତି ଓ ବିଲୟ କେଉଁଠି, ଏହାର ସ୍ରଷ୍ଟା କିଏ, ସେ ସ୍ୱୟଂଭୂ ବା କାରଣଗତ ନା ଆପେକ୍ଷିକ ଓ ଚିରର ପରିବର୍ତ୍ତମାନ ।" (ଉତ୍ତର କକ୍ଷ, ପ୍ରଥମାର୍ଦ୍ଧ, ପୃଷ୍ଠ-୬୬) । ଏ ଦ୍ୱନ୍ଦ୍ୱର ବିରତି ଘଟିନାହିଁ । ତାଙ୍କର କବିତା ସଂକଳନ 'କବିତା ୨୦୦୩'ରେ ଭୀମ ଭୋଇଙ୍କ ସ୍ୱରରେ ଗାଇଛନ୍ତି:

ଅବନା କୋଠରେ ସବନା ଅକ୍ଷର
ଲେଖୁଅଛି ଯା'ର ନାମ
ସେ ପୁଣି ଆଲେଖ ନାହିଁ
ରୂପରେଖ
ସେ ଅନାମ, ନିରଞ୍ଜନ
ସେ ବସ୍ତୁ, ନିର୍ବସ୍ତୁ ଯାହାକୁ ଅଜଣା
ଗୁରୁଜ୍ଞାନ ଅକାରଣ ।

(ଗୋତ୍ର ମୁଦ୍‌ଗର, କବିତା ୨୦୦୩) ।

ବୋଦେଲେରୀୟ ସଂଶୟ ଶୂନ୍ୟବର୍ତ୍ତି । ଏହାର ବାହାର ପରି ଭିତର ମଧ୍ୟ ନିରାଶ ଓ ହତାଶାରେ ଭରପୂର । ମାତ୍ର ଏଲିୟଟ୍ ଏବଂ ସଚ୍ଚି ରାଉତରାୟଙ୍କ ସଂଶୟ ଗର୍ଭରେ ରହିଛି ବିଶ୍ୱାସ ଓ ସମ୍ଭାବନା ।

ଆଧୁନିକତାର ବାର୍ତ୍ତାବହ ସଚ୍ଚି ରାଉତରାୟଙ୍କ ଭାବାଦର୍ଶର ଆଉ ଗୋଟିଏ ସ୍ୱର ହେଉଛି ମାୟାକୋଭସ୍କି । ମାୟାକୋଭସ୍କି ବୈପ୍ଳବିକ ବିଷୟବସ୍ତୁ ସହିତ ଆଧୁନିକ ପାଶ୍ଚାତ୍ୟ ଆଙ୍ଗିକର ସମନ୍ୱୟ କରିଛନ୍ତି । ମାୟାକୋଭସ୍କି ଶିଳ୍ପ ସଭ୍ୟତାର ଅବକ୍ଷୟମାଣ ଦିଗରୁ, ପ୍ରକଟନ ଦିଗରୁ ଉତ୍ସାହୀ ଥିଲେ ମଧ୍ୟ ସର୍ବହରା ଶ୍ରେଣୀର ମୁକ୍ତିସଂଗ୍ରାମ ଦିଗରେ ପ୍ରବଳ ଆଗ୍ରହୀ ଥିଲେ । ବିପ୍ଳବରୁ ଆରମ୍ଭକରି କଳକାରଖାନା ଓ ପଞ୍ଚବାର୍ଷିକ ଯୋଜନା ପରି ଗଦ୍ୟଧର୍ମୀ ସାମଗ୍ରୀକୁ କିପରି ରସୋତ୍ତୀର୍ଣ୍ଣ କରାଯାଇପାରେ ମାୟାକୋଭସ୍କି ସେ ଦିଗରେ ଥିଲେ


ମାର୍ଗଦର୍ଶକ । ସଚ୍ଚିବାବୁଙ୍କ କବିତା 'ପ୍ରତିମା ନାୟକ' କିମ୍ବା 'ଅଳକା ସାନ୍ୟାଲ୍'ରେ ଏପରି ସ୍ୱର ଶବ୍ଦାୟିତ ହେଲାପରି ମନେହୁଏ ।

ମୂଳତଃ ବୋଦେଲରୀୟ, ଏଲିୟଟୀୟ ଓ ମାୟାକୋଭସ୍କୀୟ ଆଧୁନିକତାର ତ୍ରିବେଣୀ ସଂଗମ ଘଟିଛି ସଚ୍ଚିବାବୁଙ୍କ କବିତାରେ । ବିଶେଷତଃ 'ପାଣ୍ଡୁଲିପି'ର 'ପଶୁ' କବିତାରେ ବୋଦେଲୀୟ ନେତିବାଦର ସ୍ୱର ଉଚ୍ଚାରିତ ।

ଶରୀର କାରାଗାରେ
ଜାଗେ ସଇତାନ ଧ୍ୱଂସର ରାସେ କ୍ଷୁଧିତ ହାହାକାର
ମାଂସର ଦେବାଳୟେ
ବହୁଦିନ ଧରି ବନ୍ଦି ସେ ପଶୁ ଜାଗେ ଆଜି ମହାଭୟେ ।
(ପଶୁ-ପାଣ୍ଡୁଲିପି)

ପୁନଶ୍ଚ ମାୟାକୋଭସ୍କିଙ୍କ ଆଧୁନିକତାର ଛାପ 'ପାଣ୍ଡୁଲିପି'ର 'କୋଣାର୍କ' କବିତାରେ ପ୍ରତିବିମ୍ବିତ ।

ଅମର ହୋଇବ କାଳର କବଳେ
ଯେଣୁ ଜଣଙ୍କର ନାମ
ଲକ୍ଷ ବେନାମୀ ଜୀବନରେ ତେଣୁ
ଗଢ଼ା ହେଲା ଶମଶାନ ।
(କୋଣାର୍କ-ପାଣ୍ଡୁଲିପି)




ପ୍ରକ୍ରିୟାନିଷ୍ଠ ସର୍ଜ୍ଜନଶୀଳତା ଓ ମାନସମନ୍ୱନର କାବ୍ୟତାର ଆଲୋଚନା ପରିପ୍ରେକ୍ଷୀରେ ସଚ୍ଚି ରାଉତରାୟଙ୍କ ଅନବଦ୍ୟ ସୃଷ୍ଟିକୁ ଉଦାହରଣ ରୂପେ ଗ୍ରହଣ କରାଯାଇଥିଲେ ମଧ୍ୟ ଏପରି ସ୍ୱରୂପ ପ୍ରତିଟି ଉଚ୍ଚତର ସାରସ୍ୱତ ସାଧନାରେ ପ୍ରତିଫଳିତ ।

### ତୃତୀୟ ସୋପାନ: ଅଧିଶୟନ

ଜୀବଭିତ୍ତିକ ସ୍ତରରେ ଗର୍ଭଧାରଣର ପରେ ପରେ ଅନ୍ତଃସତ୍ତ୍ୱାବସ୍ଥାରେ ଜନନୀର ବାହ୍ୟ ଭୌତିକ କାର୍ଯ୍ୟକଳାପ ହ୍ରାସପାଏ । ଜନନୀ ନିଜର ସମ୍ଭାବିତ ସନ୍ତାନ ସଂପର୍କରେ ଆଶାର ଜାଲ ବୁଣିଥାଏ । ସନ୍ତାନଟି କେଉଁ ପ୍ରକୃତିର ହେବ, ତାହାର ଜୀବନଚର୍ଯ୍ୟା କିପରି ରହିବ ଏବଂ ପିତାମାତା ତାକୁ କି ଦିଗ୍‌ଦର୍ଶନ ଦେବେ, ସେ ଦିଗରେ କଳ୍ପନାଜଳ୍ପନା ଆରମ୍ଭ ହୁଏ ।

ସର୍ଜ୍ଜନଶୀଳତା ପରିପ୍ରେକ୍ଷୀରେ ଅନ୍ତରୂପ ଭାବରେ ବାହ୍ୟ ପ୍ରକ୍ରିୟାର ସାମୟିକ ବିରତି ଘଟେ । ମନୋବିଜ୍ଞାନୀମାନେ ଏହାକୁ ଡିମ୍ବ ଉଷୁମାଇବାର ପର୍ଯ୍ୟାୟ ସହିତ ସମାନ କରିଛନ୍ତି । ସାହିତ୍ୟିକ ନିଜ ରଚନାଟି ସମାପ୍ତ କଲାପରେ କିଛି ସମୟ ପାଇଁ ଏହାକୁ ଛାଡ଼ି ଦିଅନ୍ତି । ହୁଏତ ସେ ତାଙ୍କ ଦୈନନ୍ଦିନ କ୍ରିୟାକର୍ମରେ ବ୍ୟସ୍ତ ରୁହନ୍ତି, ଅବଚେତନ ମନରେ ରଚନାଟି ରହିଥାଏ । କେଉଁ ଶବ୍ଦ ପ୍ରୟୋଗକୁ ଉନ୍ନତ କରାଯାଇପାରିବ ଏବଂ କେଉଁ ଏକ କ୍ଷୁଦ୍ର ସଂଶୋଧନ ଶ୍ରୀବୃଦ୍ଧିର ସହାୟକ ହେବ, ପ୍ରଚ୍ଛନ୍ନ ଭାବରେ ଏପରି ଚିନ୍ତନ ରହିଥାଏ ।

ବିଜ୍ଞାନ ରାଜ୍ୟରେ ସର୍ଜ୍ଜନଶୀଳତାର 'ଅଧିଶୟନ' ସୋପାନରେ ବହୁ ପ୍ରାମାଣିକ ଦୃଷ୍ଟାନ୍ତ ରହିଛି । ଏଠାରେ ଦୁଇଟିର ଉଦାହରଣ ଦିଆଯାଇପାରେ । ରସାୟନଶାସ୍ତ୍ରବିତ୍ କେକଲ୍ ବେନ୍‌ଜିନ୍ ଅଣୁର ଆଙ୍ଗିକ ରୂପରେଖ ସ୍ଥିର କରିପାରିଲେ ନାହିଁ । ସେ କାମଟି କିଛି ସମୟ ପାଇଁ ଛାଡ଼ିଦେଲେ । ସେ ନିଦ୍ରିତ ଥିବା ଅବସ୍ଥାରେ ସ୍ୱପ୍ନ ଦେଖିଲେ ଯେ ଗୋଟିଏ ସର୍ପ ତାହାର ଶରୀରର ଶେଷଅଂଶକୁ ପାଟିରେ ପୂରାଇଛି । ତାଙ୍କର ନିଦ ଭାଙ୍ଗିଗଲା । ସେ ଅନୁଭବ କଲେ ଯେ ସର୍ପର ଏହି ଭଙ୍ଗୀ ସହିତ ବେନ୍‌ଜିନ୍ ଅଣୁର ରୂପରେଖ ସମାନ ରହିବ । ସେହିପରି ବିଶ୍ୱବିଶ୍ରୁତ ଗଣିତଜ୍ଞ ପଏନ୍ କେୟାର ଗୋଟିଏ ଗାଣିତିକ ସମୀକରଣର ସମାଧାନ କରିବାରେ ସଫଳ ହେଲେନାହିଁ । ସେ ସାମୟିକ ଭାବରେ କାମ ଛାଡ଼ିଦେଇ ଇଉରୋପ ଭ୍ରମଣରେ ବାହାରିଗଲେ । ଇଉରୋପର ବିଭିନ୍ନ ଦେଶ ବୁଲୁଥିବା ସମୟରେ ଗୋଟିଏ ଦେଶର ବସ୍‌ରେ ଉପରକୁ ଉଠୁଥିବା ସମୟରେ ପ୍ରବେଶ ପଥର ପାହାଚର ଆକୃତି ଦେଖି ତାଙ୍କ ମନରେ ସମାଧାନର ସୂତ୍ର ଆସିଲା । ସେ କାର୍ଯ୍ୟସ୍ଥଳକୁ ଫେରିଆସି ସମସ୍ୟାର ସମାଧାନ କଲେ ।

ସାହିତ୍ୟ ଜଗତରେ କୋଲେରିଜ୍‌ଙ୍କ ବିଖ୍ୟାତ କବିତା 'କୁବ୍‌ଲା ଖାଁ' ଅଧିଶୟନର ପରିଣତି ବୋଲି କୁହାଯାଏ । କୋଲେରିଜ୍ କୁହନ୍ତି ଯେ, ପ୍ରାୟ ତିନିଶହ ଧାଡ଼ି ବିଶିଷ୍ଟ 'କୁବ୍‌ଲା ଖାଁ' କବିତାଟି ସେ ସ୍ୱପ୍ନାବସ୍ଥାରେ ହିଁ ଲେଖିଛନ୍ତି ।

ଅଧିଶୟନ ସୋପାନର ପରବର୍ତ୍ତୀ ଅବସ୍ଥାରେ ସ୍ରଷ୍ଟା

ନିଜର ପୂର୍ଣ୍ଣାଙ୍ଗ ସୃଷ୍ଟିଟିକୁ ଲୋକାର୍ପଣ କରିବା ପାଇଁ ବ୍ୟଗ୍ର ହୋଇଉଠିଛି, ରଚନାଟିର ପ୍ରକାଶନ ଓ ଲୋକାର୍ପଣ ଏକ ପରିପୂରକ ପ୍ରକ୍ରିୟା ।

> **ଜୟନ୍ତ ମହାପାତ୍ର ଲେଖିଛନ୍ତି: "କବିତାର କଥା ବୁଝିବାକୁ, ମୋ' ରକ୍ତରେ ନେବାକୁ ଅନେକ ଦିନ ଲାଗିଲା"**

### ଚତୁର୍ଥ ସୋପାନ: ପ୍ରକାଶନ


ଗର୍ଭଧାରଣର ଅନ୍ତିମ ପର୍ଯ୍ୟାୟ ହେଉଛି ପ୍ରସବ ବେଦନା ଓ ସନ୍ତାନକୁ ଜନ୍ମଦେବାର ପ୍ରକ୍ରିୟା । ସର୍ଜନଶୀଳତା ପରିପ୍ରେକ୍ଷୀରେ ମଧ୍ୟ ପ୍ରକାଶ ବେଦନା ସଂଶ୍ଳିଷ୍ଟ । ବିଶେଷତଃ ସାହିତ୍ୟିକ ଖ୍ୟାତିସଂପନ୍ନ ନ ହେବା ପର୍ଯ୍ୟନ୍ତ ନିଜର ରଚନାଟିକୁ ପ୍ରକାଶନ ସଂସ୍ଥାର ସାହାଯ୍ୟ ନେଇ ପ୍ରକାଶ କରାଇବାରେ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି । ଓଡ଼ିଶାର ଜଣେ ପ୍ରତିଷ୍ଠିତ ବିଜ୍ଞାନସାହିତ୍ୟର ଲେଖକ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତିକାର ଉତ୍ସର୍ଗ ପତ୍ରରେ ଲେଖିଥିଲେ, "ପ୍ରକାଶକ-ଉତ୍ପୀଡ଼ିତ ଲେଖକମାନଙ୍କ ହାତରେ" । ଏଥିରୁ ପ୍ରକାଶନ ପ୍ରକ୍ରିୟାର ପ୍ରସବବେଦନା ସହଜରେ ଅନୁମେୟ ।

ସୃଜନକାମୀ ସାହିତ୍ୟିକମାନେ ସାଧାରଣତଃ ପ୍ରକାଶନ ଓ ଲୋକାର୍ପଣ ପୂର୍ବରୁ ଅନୌପଚାରିକ ଭାବେ କେତେକ ପାଠକପାଠିକା ସମ୍ମୁଖରେ ରଚନାଟିର ଉପସ୍ଥାପନ କରନ୍ତି ଏବଂ ମତାମତ ଆହ୍ୱାନ କରନ୍ତି । ଅନେକ ସମୟରେ ଏପରି ପାଠକ/ପାଠିକା ନିଜର ପତି/ପତ୍ନୀ କିମ୍ବା ବନ୍ଧୁବାନ୍ଧବୀ ହୋଇପାରନ୍ତି । ଯଶସ୍ୱୀ କବି ଜୟନ୍ତ ମହାପାତ୍ର ଲେଖିଛନ୍ତି: "ଯାହା ପାରିଲି ତ ଲେଖିଲି । ଜ୍ୟୋତ୍ସ୍ନା ଶୁଣିଲା, ହେଲେ ବିଶେଷ ଖୁସି ହେଲାପରି ମୋର ମନେ ହେଲାନାହିଁ । ଏଲିଏଟ୍‌ର କବିତା ପଢ଼ି କ'ଣ ମୋର ସେ ପିଲାଳିଆ ଧାଡ଼ି ତାକୁ ତୃପ୍ତି ଦେଇଥାନ୍ତା ? ତଥାପି ଆହୁରି ଲେଖିବାକୁ ମୋର ଇଚ୍ଛା ହେଲା ।" (ଭୋର୍ ମୋତିର କାନଫୁଲ, ପୃ-୧୮୫) । ଅବଶ୍ୟ ସୃଜନଧର୍ମୀ ସାହିତ୍ୟିକ ସଦାସର୍ବଦା ପାଠକପାଠିକା ସହିତ ସାଲିସ୍ କରିନଥାନ୍ତି । ପୂର୍ଣ୍ଣ ସାଧନାର ନିରବଛିନ୍ନତା ଫଳରେ ପ୍ରତିକ୍ରିୟାର ଭାଷା ମଧ୍ୟ ପରିବର୍ତ୍ତିତ ହୁଏ । ଜୟନ୍ତ ମହାପାତ୍ର ଲେଖିଛନ୍ତି: "କବିତାର କଥା ବୁଝିବାକୁ, ମୋ' ରକ୍ତରେ ନେବାକୁ ଅନେକ ଦିନ ଲାଗିଲା" (ଭୋର ମୋତିର କାନଫୁଲ, ପୃ-୧୨୫) ।

ଶେଷ ବକ୍ତବ୍ୟ ରୂପେ କୁହାଯାଇପାରେ ଯେ, ନାରୀର ଗର୍ଭବେଦନା ଓ ସାହିତ୍ୟିକର ସୃଷ୍ଟି ମଧ୍ୟରେ ଏକ ସାମନ୍ତରିକତା ରହିଛି । ପ୍ରକାଶନର ଶେଷ ପର୍ଯ୍ୟାୟରେ କିଛିଟା ଅସ୍ଥିରତା ଥିଲେ ମଧ୍ୟ ସୃଷ୍ଟିର ଅନିର୍ବଚନୀୟ ଆନନ୍ଦର ଆଶା ପ୍ରକାଶ ବେଦନାକୁ ନିଷ୍ପ୍ରଭ କରିଦିଏ ।

□□

ଲେଖକଙ୍କ ଇ-ମେଲ ଠିକଣା:
fakirmohan@xub.ac.in




## ଏ ସଂଖ୍ୟାର ମଲାଟ ଚିତ୍ର

ଏ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳିତ କରିଛନ୍ତି ସୁବିଦିତ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର । ଏହି ଫଟୋଚିତ୍ରରେ ସେ କାଶ୍ମୀରରେ ଥିବା ଡାଲ୍ ହ୍ରଦର ଦୃଶ୍ୟଟିକୁ କ୍ୟାମେରାବଦ୍ଧ କରିଛନ୍ତି । ଏ ସଂପର୍କରେ ନିଜର ଅନୁଭୂତି ବର୍ଣ୍ଣନାକରି ସେ କହନ୍ତି ଯେ, କାଶ୍ମୀରର ମନଲୋଭା ସୌନ୍ଦର୍ଯ୍ୟ ତାଙ୍କୁ ବାରମ୍ବାର ସେଠାକୁ ଟାଣି ନେଇଛି ଏବଂ ଯେତେଥର ସେଠାକାର ଫଟୋ ଉତ୍ତୋଳନ କଲେବି ତାଙ୍କର ମନ ଭରେନି । ଫଟୋଚିତ୍ରଟିକୁ ସେ ନିଜର 'କ୍ୟାନନ୍ ୫-ଡ଼ି, ମାର୍କ-୪' କ୍ୟାମେରାରେ ଉଠାଇଥିଲେ ।



କବିତା

# ଦେବୀ ଉବାଚ



ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ବୋଉର ଓଦାକାନି ଧରି ଖେଳୁଖେଳୁ
କେବେ ସରିଗଲା ଝୁଣ୍ଟିବାର ବୟସ
ସେ ଜାଣେନା,
ହେଲେ ପାଦ ସଳଖିବା ବେଳକୁ ହିଁ
ହାତମୁଠାରୁ ଖସିଗଲାଣି
ବୁଢ଼ୀ ଅସୁରୁଣୀର ଗପ !


ଯେବେ ଖଡ଼ିକା ଠୁ ଓଜନିଆ ଲାଗିଲା କଲମ
ଦେହସଜ୍ଜା ଠୁ ଅଧିକ ନିଜର ଦିଶିଲା ବାସି ଦିନର ଭୋକ
ସେବେ କିଲୋ ଚାରିଶହରେ ହିଁ ବିକ୍ରୀ ହେଇଗଲା ତା'ର
ସତର ଫଗୁଣର ସ୍ୱପ୍ନ,
ସାହୁକାର ହାତରେ ଶାଗମାଛ ଦରରେ
ବନ୍ଧା ପଡ଼ିଗଲା
କୋଉ ଅମଳର ସ୍ୱେଦଲୁହ ବୋଳା ଗୁଣ୍ଡତକ,
ଭିନ୍ନ ଏକ ପରିଚୟ ଦାୟରେ !

ଖୁବ ଅଳ୍ପରେ
ତାକୁ ବୁଝେଇ ଦିଆଗଲା
ସେ ଝିଅଟିଏ ନ ହେଇ ବରଂ ପାଲଟିଯାଉ ଦେବୀ
ତାକୁ ସହିବାକୁ ହେବ ସବୁକିଛି
ଘରର ଛାତ ହେଇ ହଉ କି
ମାଟିଛଡ଼ା କାନ୍ଥ ହେଇ ।

ଫୁଲ, ଝୁଣା, ଭୋଗର ଆଳରେ
ମାନିନେବାକୁ ହେବ ତାକୁ
ନିମନ୍ତ୍ରଣରୁ ନିର୍ଯାତନା ଯାଏଁ, ନିର୍ବିକାରେ ।
ଅଭାବୀ ସଂସାରରେ ତାକୁ ହିଁ
ଦିନେ ଫୁଟିବାକୁ ହେବ ଭାତହାଣ୍ଡିରେ,
ମୁଠାଏ ଚାଉଳ ହେଇ ।

ଭୋକର ନିଆଁରେ
ପୋଡ଼ି ଯାଇପାରେ ପେଟ ଓ କେବେ କେବେ ବଳକା ନିଦ,
ଆଲୁଅରେ ଆସି ଅନ୍ଧାରରେ ନିଜକୁ ବିସର୍ଜି ଦେବା ତ ଦେବୀର ଭାଗ୍ୟ !

ଜୀବନ କ'ଣ ବୁଝିବା ବେଳକୁ
ସମୟ କୁଅଁରୁ ଖସିଯାଏ ଆଗଚଲା ବୟସ,
କାନ ପାଖୁ ଲୁହ ହେଇ ଲେଉଟି ଆସେ
ଅଣଚାଶ ପବନ
ଆହାଃ ଦେବୀ ହେବାକୁ
ଏବେ ତାର ଭାରି ଭୟ,
ଆଖି ଆଗରେ
ପଡ଼ିଛି ତା' ଦରଜଳା ଦେହ,
ମୁକୁଳିବା ଅପେକ୍ଷା ବରଂ ପୂରା ଜଳିଯାଉ,
ଦରଜର ନଈ ଡେଇଁ
ନଇଁଗଲେ ସିନା
ଚକଚକ ଦିଶେ ଜୀବନ !
ଜଞ୍ଜାଳକୁ କାନିରେ ଗଣ୍ଠି କରିଲେ
କୁଇରେ ଜଳିଯିବା ତ ସାର



ଅବସୋସ
ଏତକ ପରା ଶିଖେଇ ଗଲାନି ବୋଉ !

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com


ଗଳ୍ପ



# ସ୍ନାନ

ଦୁର୍ଯ୍ୟୋଧନ ଦାସ

ଗାଧୋଇବା ପାଇଁ ସ୍କୁଲ ପୋଖରୀ ପାଖକୁ ଯାଇ ଦେଖେ ତ ସେଠାରେ ଚାଲିଛି ଜଳକ୍ରୀଡ଼ା । ପୁରୁଷମାନେ ପହଁରୁଛନ୍ତି । ସ୍ତ୍ରୀ ଲୋକମାନେ ଅନ୍ୟଗୋଟେ ତୁଠରେ ଲୁଗା କାଚୁଛନ୍ତି ଏବଂ କିଏ କିଏ ବି ଗାଧଉଛନ୍ତି । ଆଉ ଏକ ତୁଠରେ ମୁକ୍ତ ଶୈଶବ ବିତାଉଥିବା ପିଲାମାନେ ହୁଡ଼ାରେ ମଳତ୍ୟାଗ ପରେ ସିଧାସଳଖ ପାଣିକୁ ଡେଇଁ ବୁଡ଼ିବୁଡ଼ି ସଫାସୁତୁରା ହେଉଛନ୍ତି । ଏପରି ମଇଳା ପାଣିରେ ଗୋଡ଼ ପୁରାଇବାକୁ ଘୃଣା ଲାଗୁଛି । ସେଠାରେ ଦେହ ବୁଡ଼ାଇବି କେମିତି ? ସ୍ନାନ ତ କେବେ ସୌଖୀନ କାର୍ଯ୍ୟ ନୁହେଁ, ଏହା ଏକ ଶୁଦ୍ଧକ୍ରିୟା ଉଭୟ ଶରୀର ଓ ମନର ! କର୍ମକ୍ଳାନ୍ତ ଶରୀରରୁ ଝାଳ, ଜଳ, ଫେଟିଏସିଡ୍‌ସ, ଏମୋନିଆ, ୟୁରିଆ, ୟୁରିକ ଏସିଡ୍ ଏବଂ ଇଲେକ୍ଟ୍ରୋଲାଇଟର ମିଶ୍ରଣ ରୂପେ ବର୍ଜ୍ୟ ଉପାଦାନ ଏବଂ ତାର ଗନ୍ଧକୁ ଧୋଇଧାଇ ସେ କରେ ଶରୀରକୁ କଳୁଷହୀନ - କର୍ମଠ । ଅଗାଧୁଆ ମନ୍ଦିର ପ୍ରବେଶ କି ପୂଜାଉପାସନା ମାନସିକ ଶାନ୍ତି ଦିଏନାହିଁ । ନିର୍ମଳ ଶରୀର ଓ ବିଶୁଦ୍ଧମନ ଲାଭ ଲାଗି ମୁଁ ବାହାରିଥିଲି ପ୍ରଭାତ ସ୍ନାନରେ ।



ସେଠୁ ବଢ଼ିଲି ଆଗକୁ - ଗାଁ ପାଖରେ ନାଚିନାଚି ବହି ଯାଉଥିବା ନଈକୂଳକୁ । ପିଲାଦିନେ ସାଥୀଙ୍କ ସହିତ ଏହି ନଈର ଅନେକ ଜାଗାରେ ପହଁରିଛି - କେଉଁଠି ନଇଁ ପଡ଼ିଥିବା ବେତକୋଳି ଗଛରୁ କୋଳିକାନ୍ଦି କାଟିଛି ତ ଅନ୍ୟ କେଉଁଠି କିଆକନ୍ଦା ଖାଇଛି । ତା' ବାଲି ପେଟରେ ଲୁଚି ଯାଉଥିବା ବାଲିକିରି ଓ ଖଣ୍ଡିତୁଡ଼ିକୁ ଟାଣିଓଟାରି ପିନ୍ଧା ଗାମୁଛାର ଓଦା ତଳ ଅଂଶରେ ଗଣ୍ଠିପକାଇ ଘରକୁ ଫେରିଛି । ଏବେ କନ୍ଦା ଖାଇବା କି ମାଛ ଧରିବାର ସଉକ ନ ଥିଲେ ବି ନଷ୍ଟାଲଜିଆର ନିର୍ଦ୍ଦେଶରେ ମୁଁ ଟ୍ରାଉଜର ପଞ୍ଜାବୀ ଉତାରି ଏକ ପରିତ୍ୟକ୍ତ ତୁଠରେ ଥୋଇ ଟାୱେଲ ପିନ୍ଧି ନଈକୁ ପଶିଲି । ମୁଁ ଭାବୁଥିଲି ନଈର କୁଳୁକୁଳୁ ଢେଉରେ କେତକୀର ବାସ୍ନାବାହୀ ପବନ ମୋ' ସତ୍କାର ପାଇଁ ତିଆରି କରିବ ଏକ କମନୀୟ ପରିବେଶ । ମାତ୍ର ତାହା ବଦଳରେ ଡ୍ରେନ୍ ମୁଖ ନିର୍ଗତ ବିଣ୍ଡିବିଣ୍ଡି ବିଷ୍ଠା ଓ ବାନ୍ତିର ଏକ ବହଳ ବଳୟ ମୋ' ଆଣ୍ଠୁ ବେଷ୍ଟନପୂର୍ବକ ଦୁର୍ଗନ୍ଧ ଛାଟରେ ସ୍ଥାନ ପରିତ୍ୟାଗର ଚେତାବନୀ ଦେଉଛି । ନିଜକୁ ପ୍ରଶ୍ନ କଲି - ସ୍ଥଳ ଭାଗରେ ଥିବା ଜଳ ଉତ୍ସଗୁଡ଼ିକ ଯେତେବେଳେ ସ୍ନାନ ପାଇଁ ଅନୁପଯୁକ୍ତ ସେମାନେ କିପରି ନିଖିଳ ତୃଷା ନିବାରଣ କରୁଛନ୍ତି ? ବୋଧହୁଏ ପ୍ରଦୂଷଣ ସହିତ ବଂଚିବାର କଳା ଜୀବନ ଶିଖିଯାଇଛି ! କିନ୍ତୁ ପବିତ୍ରତା ସହିତ ପାଣିର ଏ ପ୍ରଦୂଷଣକୁ ମୁଁ କାହିଁକି ନାକ ଟେକୁଛି ? ପଞ୍ଚଭୂତ ନିର୍ମିତ ଜୀବନର ଏକ ଉପାଦାନ ହେଉଛି, ଜଳ ଏବଂ ତାହା ପୁଣି ବଂଚିବା ପାଇଁ ଅପରିହାର୍ଯ୍ୟ - ସେଥିପାଇଁ ଯେକୌଣସି ପ୍ରକୃତିର ଜଳକୁ ମଣିଷ ଗ୍ରହଣ କରିବାକୁ ବାଧ ହେଉଛି । ମାତ୍ର ପୁଣ୍ୟ କ'ଣ ଜୀବନର ଅବିଭକ୍ତ ଅଙ୍ଗ ନୁହେଁ? ଏହାର ଉତ୍ତର ମୁନିଋଷିମାନେ ଦେଇପାରନ୍ତି । ମାତ୍ର ପୂତିଗନ୍ଧମୟ ଜଳସ୍ନାନ ମୋତେ ଅଧିକ ଅପବିତ୍ର କରିଦେବ ବୋଲି ମୁଁ ବିଚାର କରୁଛି ।

ଏଥର କଡ଼ା ପୋଷାକକୁ ପିନ୍ଧିଦେଇ ଘରୁ ସ୍କୁଟର ବାହାରକରି ଚାଲିଲି ସମୁଦ୍ରକୂଳକୁ । ମୁଁ ଶୁଣିଛି ସେଠାରେ ବୁଡ଼ ପକାଇଲେ ଧୋଇଯାଏ ପାପ ଶରୀରରୁ ଓ ମନହୁଏ ପରିଚ୍ଛନ୍ନ । କିନ୍ତୁ ଜାଣେନା କେଉଁ ପ୍ରଣାଳୀରେ ସମୁଦ୍ରଜଳ ପୋଛିନିଏ ମ୍ଳାନ ମନସ୍କତା । ଲୁଣିପାଣି ସ୍ପର୍ଶରେ ସତରେ କ'ଣ ଈର୍ଷା ଓ ଘୃଣାର ଘା-ଘଉଡ଼ରେ ବିକଳାଙ୍ଗ ହୋଇଥିବା ମନରେ କଅଁଳେ କରୁଣାର କିଶଳୟ ? ଲୋଭର ଲହଲହ ଫଣାରୁ ଝରୁଥିବା ଧନ ଅର୍ଜନର ନୀଳ ବିଷକୁ ସମୁଦ୍ର କ'ଣ ମିଶେଇ ଦେବ ନିଜ ନୀଳ ତରଙ୍ଗରେ ? ଭୟରେ କୁଙ୍କୁରି

କାଙ୍କୁରି ହେଉଥିବା ମନରେ କ'ଣ ନିର୍ଭୟତାର ଉଷ୍ଣତା ଆଣିପାରିବ ସମୁଦ୍ର? ହତାଶାରେ ହୁଲି ଡଙ୍ଗାପରି ହଲଚଲ ଆଶାମାନଙ୍କୁ କିପରି ସ୍ଥିର କରିପାରିବ ଜୁଆର ଭଟ୍ଟାରେ ଟଳମଳ ସାଗର? ତଥାପି ପ୍ରଥା ଓ ପରମ୍ପରାର ପ୍ରଶସ୍ତ ପଥର ପଥିକ ମୁଁ ମହୋଦଧିକୁ ମହାତୀର୍ଥ ମଣି ତାର ସ୍ୱଚ୍ଛ ବାରିରେ ଢେଉ ଭାଙ୍ଗିବାକୁ ଆସିଛି ।

ଗୋଟିଏ ସ୍ଥାନରେ ଦେଖିଲି ନୋଳିଆମାନେ ରାତିରୁ ଧରିଥିବା ମାଛକୁ ବଡ଼ବଡ଼ ଖାଳୋଇରେ ଢାଳୁଛନ୍ତି । କାତି ପୋଷାକରେ ମାଛମାନେ ଚକ୍‌ଚକ୍ କଳାପରି ମଛୁଆରୀଙ୍କ କଳା ଶରୀରରେ ଲୁଣି ପାଣିର ଥାକଥାକ ଶୁଖାଦାଗ ଝଲସୁଛି। ମୃତମାଛଙ୍କ ପରିମାଣକୁ ନେଇ ସେମାନଙ୍କ ଖୁସିଦାନ୍ତ ମଧ୍ୟ ପାଟି ଫିଟାଇ ବାହାରକୁ ଦିଶୁଛି । ଫିଙ୍ଗା ଯାଉଥିବା ଅଜାତିଆ ମାଛ, କଙ୍କଡ଼ା, ଗେଣ୍ଡାର ଆହାର ପାଇଁ କୁଆ କୁକୁରଙ୍କ ଭିଡ଼ ବଢୁଛି। ନିଲାମରେ ମାଛ କିଣାବିକାର ସକାଳୁଆ ବଜାର ବଢ଼ିବା ସହିତ ଗନ୍ଧରେ ଫାଟିପଡୁଛି ପରିବେଶ ।

ନା- ଏ ପାଣିରେ ପାଦ ବୁଡ଼େଇ ହେବନାହିଁ, ଗାଧୋଇବି କେମିତି ? କାରଣ ଏ ପାଣି ହେଉଛି ଲୋଭ ଓ ଲାଭରେ ପରିପୃକ୍ତ ଦ୍ରବଣ। ଏ ପବନ ହେଉଛି ଆଇଁଷିଆ ସ୍ୱଭାବରେ ସିକ୍ତ । ବିଜ୍ଞାନ କହେ ଲୋଭ ଓ ଲାଭ ପାଇଁ ମନକୁ ପ୍ରଲୋଭିତ କରେ ଫିଲ୍‌ଗୁଡ୍ ହରମୋନ୍ 'ଡୋପାମିନ'(୧) । କୌଣସି ବିଷୟ-ବସ୍ତୁ-ବ୍ୟବସାୟରୁ ଈପ୍‌ସିତ ଲାଭ ପାଇବା ଯାଏଁ ଏହା ବ୍ୟକ୍ତିକୁ ବ୍ୟସ୍ତବିବ୍ରତ କରୁଥାଏ । ଖାଲି ସେତିକି ନୁହେଁ, ସଂପର୍କ ସ୍ଥାପନ, ଶ୍ରଦ୍ଧାବର୍ଦ୍ଧନ ସହ ସଂଭୋଗ ଲାଳସାକୁ ପୂର୍ଣ୍ଣାଙ୍ଗ କରେ ଡୋପାମିନ । ଏଥିପାଇଁ ମସ୍ତିଷ୍କର 'ଭେଣ୍ଟ୍ରାଲ ଟେଗ୍‌ମେଣ୍ଟାଲ ଏରିଆ'(୨) ଏବଂ 'ହାଇପୋଥାଲମସ୍'ରେ ପ୍ରଚୁର ପରିମାଣରେ ଏହି ହର୍‌ମୋନ କ୍ଷରିତ ହୁଏ ।

**"ଆଗକୁ ଆସନି, ତମ ପାଦଚିହ୍ନ ଆଗରୁ ପଡ଼ିଥିବା ପାଦଚିହ୍ନକୁ ଅସ୍ପଷ୍ଟ କରିଦେବ ।"**

ଆଗକୁ ଯାଇ ଦେଖେ ତ ଓଦା ବାଲିରେ ପଡ଼ିଥିବା ପାଦଚିହ୍ନକୁ ଦେଖି ଜଣେବ୍ୟକ୍ତି ସେଥିରେ କ'ଣ ଖୋଜୁଛି । ମୋ' ପାଦ ପଡୁ ପଡୁ ସେ ଚିତ୍କାର କରି କହୁଛି "ଆଗକୁ ଆସନି, ତମ ପାଦଚିହ୍ନ ଆଗରୁ ପଡ଼ିଥିବା ପାଦଚିହ୍ନକୁ ଅସ୍ପଷ୍ଟ କରିଦେବ । ଏହାଦ୍ୱାରା ମୁଁ ସତ୍ୟ କ'ଣ ଜାଣି ନ ପାରି ଗୁରୁଙ୍କୁ ନିନ୍ଦାକରି ନର୍କଯିବି ।" କିଛି ବୁଝି ନ ପାରି ମୁଁ କହିଲି, "ବୁଝାଇ କୁହନ୍ତୁ କି, ସତ୍ୟ ଆପଣ ପାଦଚିହ୍ନମାନଙ୍କରେ ଖୋଜୁଛନ୍ତି ଏବଂ ଏହା ସହିତ ଗୁରୁନିନ୍ଦାର ସଂପର୍କ କେଉଁଠି?" ବ୍ୟକ୍ତି ଜଣକ ଧରିଥିବା ପିଚ୍‌ବୋର୍ଡରେ ଅଙ୍କିତ ପାଦଚିହ୍ନ ଦେଖାଇ କହିଲା, "ଏ ହେଉଛି ମୋ' ଗୁରୁଙ୍କ ପାଦଚିହ୍ନ । ଏହା ସହିତ ଓଦାବାଲି ପରେ ଥିବା ପାଦଚିହ୍ନ ଯଦି ମିଶିଯାଏ, ତାହା ହେବ ମୋ' ଗୁରୁଙ୍କ ପାଦଚିହ୍ନ । ଏହା ନ ହେଲେ ତାଙ୍କୁ ମୁଁ କହିବି ମିଥ୍ୟାବାଦୀ ।" ତଥାପି ଏହାଥିଲା ଅବୋଧ ଏବଂ ଅନୁରୋଧ କ୍ରମେ ସେ ଖୋଲିଲେ ତାଙ୍କର କାହାଣୀ ପେଡ଼ି ।

"ଏହି ବେଳା ଭୂମିରେ ଗତ ସନ୍ଧ୍ୟାରେ ଗୁରୁ ମୋତେ ବେଦଜ୍ଞାନ ଦେଇ ଦେଇ ଚାଲିଥାନ୍ତି ଆଗେ ଆଗେ ଏବଂ ମୁଁ ଚାଲିଥାଏ ପଛେ ପଛେ । ଆଶ୍ରମରେ ପହଞ୍ଚି ଆମେ ରାତ୍ରିଯାପନ କଲୁଁ । ପରଦିନ ସକାଳେ କେବଳ ଜଣକର ପାଦ ଚିହ୍ନ ଦେଖି ମୁଁ ଗୁରୁଙ୍କୁ ପ୍ରଶ୍ନ କଲି "ମୋତେ ଛାଡ଼ି ଦେଇ ଆପଣ କୁଆଡ଼େ ପଳାଇଲେ? ମୋର ଏହି ପାଦଚିହ୍ନ କହୁଛି ମୁଁ ଏକା ଏକା ଏଠାକୁ ଆସିଛି ।" ମାତ୍ର ଗୁରୁ କହିଲେ "ତମେ ମଝିବାଟରେ ଶୋଇ ପଡ଼ିବାରୁ ମୁଁ ତୁମକୁ କାନ୍ଧରେ ବୋହିବୋହି ଆଶ୍ରମ ଆଣିଲି ଏବଂ ବେଳାଭୂମିରେ ପଡ଼ିଥିବା ପଦଚିହ୍ନ ମୋର - ଏହି କଥାରେ ସତ୍ୟାସତ୍ୟ ପରୀକ୍ଷା କରୁଥିଲି ।"


"ଏପର୍ଯ୍ୟନ୍ତ କ'ଣ ଦେଖିଲ?"

"ଆଗରୁ ମୋ' ପାଦ ଓ ଗୁରୁଙ୍କ ପାଦଚିହ୍ନ ଦେଖୁଥିଲି। ପ୍ରାୟ ଶହେ ଫୁଟ ହେଲା ଦେଖୁଛି କେବଳ ଗୁରୁଙ୍କ ପାଦଚିହ୍ନ। ତଥାପି ଅବଶିଷ୍ଟ ପାଦଚିହ୍ନ ଯେ ଗୁରୁଙ୍କର ଧରି ନେଇପାରିବି କି? କୁହାଯାଇଛି ଯାହା ନ ଦେଖିବ ଦୁଇ ନୟନେ / ପରତେ ନ ଯିବ ଗୁରୁ ବଚନେ ।"

ପ୍ରେମ ଓ ବିଶ୍ୱାସର ନ୍ୟୁରୋଟ୍ରାନ୍ସମିଟର 'ଅକ୍ସିଟୋସିନ୍' (୩) କିପରି ପରିବେଶ ପ୍ରଭାବରେ ସନ୍ଦେହ ଓ ଈର୍ଷା ସୃଷ୍ଟି କରିପାରେ, ତାର ବାସ୍ତବତା ଏଠାରେ ମୁଁ ଲକ୍ଷ୍ୟକଲି । ସମୁଦ୍ର ସ୍ନାନରେ କ'ଣ ମସ୍ତିଷ୍କରେ ଚାଲିଥିବା ଏ ରାସାୟନିକ ଉତ୍ତେଜକ ଶାନ୍ତ ପଡ଼ିଯିବ, ଭାବିଲି । 'ଏମିଗ୍‌ଡାଲା'(୪) ଏବଂ 'ପାରାହିପୋକ୍ୟାମ୍ପାଲ ଜାଇରସ୍'(୫)ରେ ଲାଗିଥିବା ନିଆଁ କ'ଣ ଏତେଶୀଘ୍ର ଲିଭିଯିବ? ଅବିଶ୍ୱାସର ଏ ଅନ୍ଧ

ବେଳାରେ ବେଶୀ ସମୟ ନଷ୍ଟ ନ କରି ତୀବ୍ର ବେଗରେ ଚାଲିଗଲି ଦୂରକୁ ।

ନିଛାଟିଆ ବାଲିସ୍ତୂପ ସନ୍ନିକଟ ଜଳଧାରରେ ସ୍ନାନ କରିବାକୁ ମନସ୍ଥ କରି ତଳକୁ ଓହ୍ଲାଉଛି, ଜଣେଲୋକ ମୋତେ ଦୂରକୁ ଟାଣି ନେଇ କହୁଛନ୍ତି "ମୋ' ମାଲିକ ଢେଉଗଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେ ଜଣେ ବୈଜ୍ଞାନିକ । ଢେଉର ସଂଖ୍ୟା, ଉଚ୍ଚତା ଏବଂ ଲବଣତାର ଆଧାରରେ ସେ ଅଟକଳ କରିପାରିବେ ନିକଟ ଭବିଷ୍ୟତରେ ସୁନାମି ଆସିବ କି ନାହିଁ । ସଙ୍ଗଠିତ ଝଡ଼ବାତ୍ୟାର ଦିଗ ଓ ବିପ୍ଲାତର ପରିଣାମ ଉପରେ ସେ ପ୍ରାକ୍ ସୂଚନା ଦେଇପାରିବେ। ଖାଲି ସେତିକି ନୁହେଁ, ସେଠାକାର ପବନର ତୀବ୍ରତାରୁ ପଙ୍ଖାଚାଳିତ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୋଇପାରିବ କି ନାହିଁ ତାର ସିଦ୍ଧାନ୍ତ ମଧ୍ୟ ଦେଇପାରିବେ । ଆପଣ ତାଙ୍କ ଆଗକୁ ଗଲେ ଲହଡ଼ି ଗଣାରେ ଭୁଲ ହୋଇଯିବ ଏବଂ ପୂର୍ବାନୁମାନ ବିଗିଡ଼ିଯିବ । ଏମିତି ହେଲେ ସରକାର ତାଙ୍କୁ କାର୍ଯ୍ୟରୁ ବାହାର କରିଦେବେ।" ଦଣ୍ଡେ ତଟସ୍ଥ ହୋଇ ଭାବିଲି ଯେଉଁଠି ସରକାର ଲହଡ଼ିଗଣାରେ ପଇସା ଗଣନ୍ତି, ଶୂନ୍ୟକୁ ପାମ୍ପଡ଼ା ଫିଙ୍ଗି ଘିଅମହୁ ବର୍ଷାନ୍ତି, ସେଠାରେ ସ୍ନାନକଲେ ଶୁଦ୍ଧତା ମିଳିବ କି ନାହିଁ ଅନୁମାନ ଉପରେ ଛାଡ଼ିଦେବାକୁ ମୋର ଇଚ୍ଛା ହେଲାନାହିଁ । ତେଣୁ ଆଗକୁ ବଢ଼ିବାର ସିଦ୍ଧାନ୍ତ ନେଲି।




କିଛି ପଥ ଅତିକ୍ରାନ୍ତ କରିବା ପରେ ବେଳାଭୂମିରେ ଦେଖିଲି ଚିଲିକାର ଚିଙ୍ଗୁଡ଼ି ଘେରି ପରି ଅନେକ ଶ୍ରଦ୍ଧାଳୁଙ୍କ ଘେରି । ପ୍ରତି ଘେରିର ଉପର ମୁଣ୍ଡରେ ଦାଉଦାଉ ହେଉଛି ଯଜ୍ଞଧୁନି । ପୂଜକ ମନ୍ତ୍ରୋଚ୍ଚାରଣ ପୂର୍ବକ ଶ୍ରୁବ ଓ ଶ୍ରୁଚରେ ଦେଉଛନ୍ତି ଘୃତାହୁତି । ପାଖରେ ଥୁଆଯାଇଛି ଫଳ-ପୁଷ୍ପ-ଧୂପ-ଦୀପର ଡାଲା। ମାଛରଙ୍କା ପରି ବୁଡୁକିମାରି ଶ୍ରଦ୍ଧାଳୁମାନେ ଶୁଖିଲା ଧୋତି ଓ ଚୁପୁଡ଼ା ଗାମୁଛା କାନ୍ଧରେ ପକାଇ ବସୁଛନ୍ତି ପୂଜକଙ୍କ ଆଗରେ, ମୁରୁଜରେ କଟା ଯାଇଥିବା ଯନ୍ତ୍ର-ତନ୍ତ୍ର-ମଣ୍ଡଳ ନିକଟରେ । କଦଳୀପତ୍ରରେ ପିଣ୍ଡ ଅର୍ପଣ ପରେ ତାକୁ ନେଇ ଉଜେଇ ଦେଉଛନ୍ତି ନୀଳ ଦରିଆରେ । କିଏ କେଉଁ ଗୋଠରେ ସାମିଲ ହେବେ ଏଥିପାଇଁ ଦର୍ପଣ ଘେରି ସାମନାରେ ପରିଚୟ ପଞ୍ଜିକା ଧରି ବସିଛନ୍ତି ଚିତ୍ରଗୁପ୍ତମାନେ । କିଏ କେଉଁ ଗୋଠର ଗାଈ ବା କେଉଁ ଭାଡ଼ିର ପାରା ପରିଚୟପତ୍ର ନେଇ ଖାଉଡ଼ାରେ ପଶୁଛନ୍ତି ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାକୁ ଆସିଥିବା ବଂଶଧରମାନେ।

ଶ୍ରାଦ୍ଧ ପାଇଁ ସମୁଦ୍ରକୁ ଭାଗ ଭାଗ କରିବା ପ୍ରକ୍ରିୟାର ମୁଁ ଥିଲି ଘୋର ବିରୋଧୀ । ଗେଟ୍‌ରେ ଯେତେବେଳେ ମୋର ଜାତି-ଗୋତ୍ର-ନାମ-ଧାମର ପରିଚୟ ମାଗିଲେ ସେତେବେଳେ ମୁଁ ଅନୁଭବ କଲି, ମଣିଷଙ୍କୁ ଏପରି ସଙ୍କୁଚିତ ପିଞ୍ଜରାରେ କାହିଁକି ବନ୍ଦି କରାଯାଇଛି ? ଜନୈକ ତଥାକଥିତ ସେବାକାରୀ ମୋର ବିଳମ୍ବ ଦେଖି ହଲେଇ ଦେଇ କହିଲେ, "ହଇହୋ ବାବୁ! ତମେ କାଲ ନା ଜଡ଼ା – ଉତ୍ତର ଦେଉନ – କୁହ ତୁମର ଠିକଣା ?"

"ନାମ – ସନାତନ, ପିତା – ଅନାଦି, ଗାଁ-ମହୀମଣ୍ଡଳ, ଦେଶ-ବ୍ରହ୍ମାଣ୍ଡ, ଜାତି-ମଣିଷ ।"

ଏ ଉତ୍ତର ଶୁଣି ସେବାୟତମାନେ ନିଆଁବାଣ ହେଲେ କି ନୈରାଶ୍ୟ ନିଆଁରେ ଜଳିଲେ ମୁଁ ଜାଣେନା । କିନ୍ତୁ ସେମାନେ ମୋତେ ଠେଲି ଠେଲି ସମୁଦ୍ରକୂଳରୁ ବିଦା କରିଦେଲା ବେଳେ କେତେକ ମୋତେ 'ପାଗଳ' ଓ 'ପାପୀ'ର ଉପାଧିରେ ଭୂଷିତ କରୁଥିଲେ । ଏଥିରେ ଦୁଃଖ ଅପେକ୍ଷା ଅଧିକ ଥିଲା ରାଗର ଅନୁଭବ । କାହା ଉପରେ ରାଗିବି ? ଶୌଚର ସୌଦାକରି ପ୍ରତାରିତ ହେଉଥିବା ସରଳ ବିଶ୍ୱାସୀ ମଣିଷଙ୍କ ଉପରେ ନା ପରମ୍ପରାରୁ ପ୍ରଣବଦ୍ୱର ସର ବାହାରକରି ନେଇ ତାକୁ ପ୍ରହସନରେ ପାଣିଚିଆ କରିଥିବା ପ୍ରପଞ୍ଚକମାନଙ୍କ ଉପରେ ? ମୋ' ଶରୀରରେ ସେତେବେଳେ ନିଶ୍ଚୟ 'ଏପିନେଫ୍ରିନ୍'(୬) ଓ 'ନରଏପିନେଫ୍ରିନ୍' ସବାର ହେଉଥିବେ 'ଏମିଗଡ଼ାଲା'ର ପ୍ରରୋଚନାରେ । କାରଣ ସେତେବେଳେ ମୋର ହୃଦ୍‌ସ୍ପନ୍ଦ ବଢ଼ି ଯାଇଥିଲା ଏବଂ ଖରଶ୍ୱାସ ବହି ମୋତେ ମୋ' ଭିତରେ ବିବର୍ତ୍ତନ କ୍ରିୟାରେ ସଂଚିତ ଥିବା 'ଯୁଦ୍ଧ ବା ପଳାୟନ' କ୍ରିୟାକୁ ତ୍ୱରାନ୍ୱିତ କରୁଥିଲା। ମାତ୍ର ମୁଁ କ'ଣ କରିବି ନ କରିବି ଭାବୁ ଭାବୁ

**ମୁଁ ଅନୁଭବ କରୁଥିଲି ଦିବ୍ୟସ୍ନାନ କରି ମୁଁ ହୋଇଯାଉଛି ଯୋଗକ୍ଷେମର ଅଧିକାରୀ ।**

କେତେବେଳେ ଯେ ଘରେ ପହଞ୍ଚିଗଲି ଜାଣେନା ।


ବଗିଚାରେ ଅନ୍ୟମନସ୍କ ଭାବରେ ଟ୍ୟୁବ୍‌ୱେଲ୍‌ରେ ହାବିସ ମାରିଲି ଏବଂ ଭଲ୍‌ବ କଟି ଯାଇଥିବା ପେଖନା କାଢ଼ି ନିଜକୁ ଅଚଳ କରିଦେଇଥିବା ଟ୍ୟୁବ୍‌ୱେଲ ହଠାତ୍ ଭସ୍‌ଭସ୍ ପାଣି ଦେଇ ମୋତେ ଆଶ୍ଚର୍ଯ୍ୟ ଚକିତ କରିଦେଇଛି । ଏ କ'ଣ ଅତିଶୟ ଆଗ୍ରହର ଦୈବୀ ସହାୟତା ନା ସ୍ୱୟଂକ୍ରିୟ ବିଶ୍ୱାସର ବିଡ଼ମ୍ବନା? ସେ ଯାହାହେଉନା କାହିଁକି, ପ୍ରଚୁର ପାଣିରେ ଗାଧୋଇବା ଯୋଗୁ ଦେହରୁ ଛାଡ଼ିଗଲା ଧୂଳି-ମଳି-ଦୁର୍ଗନ୍ଧ । ଓଦା ଗାମୁଛାରେ ଘରକୁ ପଶିଗଲା ବେଳେ ଜେଜେମା' ଡାକିଲା, "ଆ ଏ ଠାକୁର ଘରକୁ, ମୁଁ ତୋ ମନକୁ ଶୁଦ୍ଧ କରିଦେବି ।" ସେ କେରେ ଦୁବକୁ ତା' କମଣ୍ଡଳୁ ଜଳରେ ବୁଡ଼େଇ ମୋ' ମୁଣ୍ଡରେ ସିଞ୍ଚିଲା ଏବଂ ସ୍ୱର ଧରି ଉଚ୍ଚାରଣ କଲା "ଗଙ୍ଗେଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଦ୍ଧିଂ କୁରୁ।" ଆଉ ମୁଁ ଅନୁଭବ କରୁଥିଲି ଦିବ୍ୟସ୍ନାନ କରି ମୁଁ ହୋଇଯାଉଛି ଯୋଗକ୍ଷେମର ଅଧିକାରୀ । ଠିକ୍ ସେତିକି ବେଳେ ଡ୍ରଇଂ ରୁମ୍‌ରୁ ବାପା ଡାକିଲେ 'ଶୀଘ୍ର ଆ, ଆଶ୍ରମକୁ ଯିବା। ସେଠାରେ ଯୋଗ-ସ୍ନାନ ନ କଲାଯାଏ ମିଳିବ ନାହିଁ ଶୌଚର ସୌରଭ।

**ଶବ୍ଦାର୍ଥ:**

୧. ଡୋପାମିନ: ସୁଖ, ଆନନ୍ଦ ଓ ସନ୍ତୋଗ ଦାୟକ ହରମୋନ। ଏହା ସୃଷ୍ଟି ନହେଲେ କୌଣସି ପଦାର୍ଥ, ସମ୍ପର୍କ ଓ ପରିବେଶରୁ ମଜା ମିଳେନାହିଁ।
୨. ଭେଣ୍ଟ୍ରାଲ ଟେଗମେଣ୍ଟାଲ୍ ଏରିଆ / ହାଇପୋଥାଲାମସ: ଏ ଦୁଇଟି ମସ୍ତିଷ୍କର ମୁଖ୍ୟ ସ୍ନାୟୁକେନ୍ଦ୍ର ଯେଉଁଠାରେ ଡୋପାମିନ ସୃଷ୍ଟି ହୁଏ।
୩. ଅକ୍ସିଟୋସିନ: ସମ୍ପର୍କ ସ୍ଥାପନ ଓ ସମୃଦ୍ଧ କରିବାର ହରମୋନ।
୪. ଏମିଗଡ଼ାଲା: ମସ୍ତିଷ୍କର ଏକ ଅଂଶ ଯେଉଁଠାରେ ଆବେଗାତ୍ମକ ଅନୁଭବ ସଂଚିତ ହୁଏ।
୫. ପାରାହିପୋକ୍ୟାମ୍ପାଲ ଜାଇରସ: ମସ୍ତିଷ୍କର ଏ ଅଂଶ ଯେଉଁଠାରେ ଆବେଗାତ୍ମାକ ଅନୁଭବ ସଞ୍ଚିତହୁଏ।
୬. ଏପିନେଫ୍ରିନ୍ / ନରଏପିନେଫ୍ରିନ୍: ଅନ୍ୟାୟ ମୁକାବିଲା କରିବା ଲାଗି ମନ ଓ ଶରୀରକୁ ଦୃଢ଼ କରୁଥିବା ହରମୋନ।

□□

ଲେଖକଙ୍କ ଇ-ମେଲ ଠିକଣା:
drdasorissa@yahoo.com




ପ୍ରକାଶ ପାଇଲା !

# ଗ୍ରନ୍ଥ ମନ୍ଥନ

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲ୍ଲଭ ଗ୍ରନ୍ଥର ଆଲୋଚନା*

**ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୨୭୯

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**



ରମ୍ୟରଚନା

# ହସନ୍ତର ହସନ୍ତୀରେ ମୌଖିକ ଓଡ଼ିଆ

**ଗୋପାଳକୃଷ୍ଣ ଆଚାର୍ଯ୍ୟ**

ଆଜ୍ଞାମାନେ ! ଶୀର୍ଷକକୁ ଦେଖି ଆପଣ ମୁହଁ ବୁଲେଇ ନେବେନି । ଏମିତି କିଛି କରିବାକୁ ହୁଦାସ ମନ କହିଲା । ସଂପାଦକ ଆଜ୍ଞା ବଦଳାଇବାକୁ କହିଥିଲେ ପହିଲେ । ଏ ଅଧମ କିନ୍ତୁ ଏମିତି ରହସ୍ୟରେ ରଖିଦେଲା । ଏ 'ହସନ୍ତ' ବିଷୟରେ କହିବାକୁ କେବଳ ଅଭିଧାନ ଛଡ଼ା ମୋ' ପାଖରେ କିଛି ବିଧାନ ନାହିଁ । ଏମିତି ଶବ୍ଦର ବିଭୂତିଯୋଗ ଆଉ ଏକ ଶବ୍ଦର ପ୍ରୟୋଗରେ ହୁଏନି କି? ଦେଖନ୍ତୁ, ମୁଁ ଯଦି କହିବି 'ଘା'ଟି ବାତିଗଲା', ଆପଣ ନାକ ଟେକିବେ । ଯଦି କହିବି 'କ୍ଷତଟି ବିସର୍ପିଗଲା', ତେବେ ଆପଣ କୃଷ୍ଣ କୃଷ୍ଣ କହି ବ୍ୟାଧିକୁ ଆଦର କରିବେ । ମୁଁ ଯଦି କହିବି, 'ସେ ହଗି ମୂତି ମଲେ', ଆପଣ 'ଛ୍ୟାଃ' କହି ପଳେଇବେ କକରଛନିଆ । ଯଦି କହେ, 'ମୂତ୍ର ପୁରୀଷୋତ୍ସର୍ଗ କରି ଇହଧାମ ପରିତ୍ୟାଗ କଲେ', ସେତେବେଳେ 'ଆତ୍ମାର ଶାନ୍ତି ପାଇଁ କାମନା କରିବେ' ନା ନାଇଁ? ଏଣୁ, 'ହସନ୍ତ' ଭଳି ଶବ୍ଦଟିଏ ଦେବାର ଅଭିପ୍ରାୟ ଏହିକି ଯେ, 'ହଳନ୍ତ' ଶବ୍ଦ ଶୁଣି ଶୁଣି ଆପଣଙ୍କୁ ବିଜାରିଆ ଲାଗିବଣି । 'ହସନ୍ତ' ଓ 'ହଳନ୍ତ' - ଦୁଇଟି ଶବ୍ଦର ଅର୍ଥ ଏକ । ଏ ପରା 'ସାହିତ୍ୟ ଚର୍ଚ୍ଚା' । ଅତଏବ ନୂଆଟେ ନ ହେଲେ ବି ଅପ୍ରଚଳିତଟିକୁ ଉଖରାଯାଉ । ଭଣ୍ଡାର ଉଛୁଳୁ । ନାଁ କ'ଣ କହୁଛନ୍ତି କହୁନାହାନ୍ତି ?




'ହଳନ୍ତ' ଏକ ଚିହ୍ନ ବା ପ୍ରତୀକ । ଏହାର ମଞ୍ଜ (ଧାତୁ) ହେଉଛି 'ହଲ୍' । 'ହଲ୍'ର ଅର୍ଥ ଆପଣମାନେ ଜାଣିଥିବେ । ମାଟିକୁ ଆକର୍ଷଣ କରିବା ବା ମାଟିରେ ଗାର ପକାଇବା ହେଉଛି 'ହଲ୍' । ଏଣୁ ଓଡ଼ିଆବର୍ଣ୍ଣ କଥା ବିଚାରିଲେ 'ସ୍ୱରହୀନ ବ୍ୟଞ୍ଜନବର୍ଣ୍ଣ' ବା 'ଶୁଦ୍ଧ ବ୍ୟଞ୍ଜନବର୍ଣ୍ଣ'କୁ ଚିହ୍ନେଇବା ପାଇଁ ବ୍ୟଞ୍ଜନବର୍ଣ୍ଣ ତଳେ ( ୍ ) ହଳନ୍ତ ଚିହ୍ନ ଦିଆଯାଏ । କଥାଟା ଟିକେ ଫରଚା କରିଦେଉଚି । ଥୟ ଧରନ୍ତୁ ।

**ଅକ୍ଷର ବ୍ରହ୍ମ**

'କ' ଏକ ବ୍ୟଞ୍ଜନବର୍ଣ୍ଣ । ଏହା ଗୋଟିଏ ଶୁଦ୍ଧ ବ୍ୟଞ୍ଜନବର୍ଣ୍ଣ ଓ ଗୋଟିଏ ସ୍ୱରବର୍ଣ୍ଣର ସମଷ୍ଟି । ଯେମିତି (କ୍+ଅ), 'କ୍' ହେଉଛି 'କ'ର ମୌଳରୂପ । ବୁଝିଲେ ନା ? ଆମେ କେଡ଼େ ଭାଗ୍ୟବାନ କହୁନାହାନ୍ତି ! ଆମର ବର୍ଣ୍ଣ ୪୯, ୫୦, ୫୨, ୫୪ ବା ଆହୁରି ମଧ୍ୟ ବଢ଼ିପାରେ । ଆମ ଜଗାଠାକୁର ଯେମିତି ଅସୀମ (ଇନ୍‌ଫିନାଇଟ୍), ସେମିତି ଆମର ବର୍ଣ୍ଣ ଅସୀମ ହୋଇଥାଇପାରେ । ଲୋକେ ଯେତେ ହସନ୍ତୁ, ଆମେ ଗର୍ବକରିବା ଯେ, ଆମର 'ଅକ୍ଷର ହେଉଛି ବ୍ରହ୍ମ', ଆମର 'ଶବ୍ଦ' ହେଉଛି ବ୍ରହ୍ମ । ଅକ୍ଷରବ୍ରହ୍ମର ଗ୍ରନ୍ଥ ହେଉଛି 'ଓଡ଼ିଆ ଭାଗବତ', ଶବ୍ଦବ୍ରହ୍ମର ଗ୍ରନ୍ଥ ହେଉଛି 'ଏକାକ୍ଷର', 'ଅଣାକ୍ଷର', 'ଓଁ' ଓ 'ଆଁ' । ଛାଡ଼ନ୍ତୁ, ଏତେ ଗହୀରକୁ ହଳ ମଡ଼ାଇବା ନାହିଁ । ପାଠକୁ ଆସିବା ।

ଭାଇମାନେ ! ରାଗିବେନି । ଆଉ ଗୋଟିଏ କଥା ମୁଁ ଆପଣମାନଙ୍କୁ ଖାଲି ମନେ ପକାଇଦେବି ବା ଆପଣଙ୍କୁ ପୁଣିଥରେ ଜଣାଇ ବିରକ୍ତ କରିବି । ଦୟାକରି ଆପଣମାନେ ମୋତେ କିଛିକ୍ଷଣ ସହିବେ । କେତେ ସହିଛନ୍ତି - ସହନ୍ତୁ ଆଉଥରେ । ଇଂରାଜୀରେ ଯେଉଁ ୨୬ଟି ଅକ୍ଷର ଅଛି - ଏଥିମଧ୍ୟରୁ ସବୁ ବ୍ୟଞ୍ଜନବର୍ଣ୍ଣ ବା କନ୍‌ସୋନାଣ୍ଟ ହେଉଛନ୍ତି 'ଧ୍ୱନି' । ଆମେ ଯେମିତି 'କ' ଲେଖିଲେ 'କ୍' (ବ୍ୟଞ୍ଜନ ଧ୍ୱନି) ସହ 'ଅ' ସ୍ୱରବର୍ଣ୍ଣକୁ ଯୋଡୁଛେ, ସେମିତି ଇଂରାଜୀରେ 'କେ' ଲେଖିବାବେଳେ ଯୋଡୁନାହୁଁ । ଏଣୁ ଏହା ଏକ ଧ୍ୱନି 'କ୍' । ଯଦି ଇଂରାଜୀରେ 'କ' କହିବାବେଳେ 'କେ' ସହ 'ଏ' ଯୋଡ଼ିବାକୁ ବାଧ, ଏଣୁ ଆମର ବଡା ହୋଇଅଛି ତହିଁରେ

ଯୋଡ଼ିବା କଷ୍ଟର ଦ୍ୱିରୁକ୍ତି ନାହିଁ । ଉଚ୍ଚାରଣ ମଧ୍ୟ ଆରାମରେ ଆମେ ବସାଇ ବସାଇ କରିପାରିବା, 'ବ'କୁ 'ବ୍' କହିବା ନାହିଁ । ଏତିକିମାତ୍ର ସୂଚେଇ ଆପଣମାନଙ୍କୁ ମୁଁ ପିଣ୍ଡି ଉପରକୁ ନେଇଯାଉଛି ।

ଅଙ୍ଗେନିଭା କଥା:

ଗୋଟିଏ ସଭାକୁ ଯାଇଥାଏ । ମୁଖ୍ୟ ଅତିଥି ଜଣେ ନେତୃସ୍ଥାନୀୟ ବ୍ୟକ୍ତି । ସେ ସବୁକଥାକୁ ସୁଶ୍ରାବ୍ୟ କରିବାକୁ 'ହଳନ୍ତିଆ' କରିଦେଉଥାଆନ୍ତି । ଯେମିତି: ଆପଣମାନେ ସ୍ୱୀକାର୍ କରିବେ ଯେ, ଭାରତବର୍ଷ୍ ଏବେ ଆର୍ଥନୀତିକ୍ ଉନ୍ନତି ଆଡ଼କୁ ଅଗ୍ରସର୍ ହେଉଛି ।

ସମସ୍ତେ ତାଳି ଠୋକିଦେଇଗଲେ । ମୁଁ ବିଚରା ପାଠ ଭୁଲିଗଲି । ଆଉ ଗୋଟିଏ ବିଦ୍ୟାଳୟରେ ଅତିଥି ଶିଶୁମାନଙ୍କୁ କହୁଥାଆନ୍ତି – 'ପିଲାମାନେ! ଲଘୁଶଙ୍କା ପରେ ସାମୂହିକ୍ ଜଳ୍‌ପାନ୍ ଅଛି ।' ଅତିଥି ଜଳପାନ ଉପରେ ଏତେ ଗୁରୁତ୍ୱ ଦେଲେ ଯେ, ଗୋଟିଏ ଘଟଣା ତତ୍‌କ୍ଷଣାତ ଆଖିଆଗରେ ଘଟିଗଲା । ସେ ଜଣେ ପରିଚାରିକାକୁ ପଚାରୁଥାନ୍ତି, 'ଜଲ୍‌ପାନ୍ ଆଣିବେ ତ?' ତତ୍‌କ୍ଷଣାତ ପରିଚାରିକାଟି 'ଦର୍ପଣ'ଟିଏ ଆଣି ଅତିଥିଙ୍କୁ ଧରାଇଦେଲେ । ଅତିଥି ରାଗି ଖୁମାର୍ । ବିଚାରୀ ଅଯଥାରେ ସାମୂହିକ ଗାଳି ଖାଇଲା ।

ଅଭିଭାବକ ଜଣେ ଠିଆହୋଇ ପଚାରିଲେ: ପିଲାମାନେ ଦଶମରେ ପଢ଼ିଲେଣି । ତାଙ୍କ ମଥାରେ 'ଚୁମ୍ବନ୍' ଦେବାର କ'ଣ ଆବଶ୍ୟକତା ଅଛି ?

**ମଥାରେ ଚନ୍ଦନ**

ଅତିଥି ପୁଣି କହୁଥାନ୍ତି: ଅଭିଭାବକ୍‌ମାନେ! ପରୀକ୍ଷାକୁ ଆସିବା ବେଳକୁ ପିଲାମାନଙ୍କ ମଥାରେ 'ଚନ୍ଦନ୍' ଦେଉଛନ୍ତି ତ?

ଅଭିଭାବକ ଜଣେ ଠିଆହୋଇ ପଚାରିଲେ: ଆଜ୍ଞା! ପିଲାମାନେ ଦଶମରେ ପଢ଼ିଲେଣି । ତାଙ୍କ ମଥାରେ 'ଚୁମ୍ବନ୍' ଦେବାର କ'ଣ ଆବଶ୍ୟକତା ଅଛି ? ସଭାରେ ହାସ୍ୟରୋଳ ହେଲା । ବିଚରା ଅଭିଭାବକଟି କି ଭୁଲ୍ କରିଛି ବୋଲି ମୁଣ୍ଡ କୁଣ୍ଡେଇ ହେଉଥିଲା । କି କଥା କହିଲେ? ଭୁଲକୁ ଭୁଲ୍ କହିଲେ ଚଳିବ । ଠିକକୁ ଠିକ୍ କହିଲେ ଚଳିବ । ଚଳେଇତ ଦେଲୁଣି – ଛାଡ଼ନ୍ତୁ । 'ଜଳପାନ' ଭଳି ଶବ୍ଦକୁ 'ଜଲ୍‌ପାନ୍' କହିଦେଲେ 'ଦର୍ପଣ' ମିଳିବାରେ ତ୍ରୁଟି କ'ଣ ଅଛି । 'ଚନ୍ଦନ' ଭଳି ଶବ୍ଦକୁ 'ଚନ୍ଦନ୍' କରିଦେଲେ ସେଥିରୁ ବାସ ବାହାରିବ ତ?

ଏଣେ ତ ଆମ ଓଡ଼ିଆ ଆଉ ଅକ୍ଷତ ହୋଇନାହିଁ । 'ବର୍ଣ୍ଣ'ମାନ କ୍ଷର ହୁଏ ନାହିଁ ବୋଲି 'ଅକ୍ଷର' । ତାକୁ କ୍ଷତାକ୍ତ କରି ଆମେ 'ଢେର୍ ସାରା', 'ଫିର୍‌ସେ', 'ଥୋଡ଼ିନା', 'ବହୁତ୍‌ସାରା' ଚଳେଇ ଦେଲୁଣି । ପୁଣି ଆମ ଓଡ଼ିଆକୁ ଖୋଦ୍ ଦାମୀନାମୀମାନେ ଯଦି ଏମିତି ଦେଢ଼ଗୋଡ଼ିଆ କରିବେ, ତା'ହେଲେ କ'ଣ କରିବା କୁହନ୍ତୁ ତ?

ଆମେ ଭାଗ୍ୟବାନ ଯେ, ଆମର 'ଳ' ଅଛି 'ଲ' ଅଛି । 'ଣ' ଅଛି 'ନ' ଅଛି । ଏଠି 'ଚାଳ' ଚାଲ ନୁହେଁ । 'କାଳ' 'କାଲ୍' ନୁହେଁ । 'ଶୁଣ' 'ଶୁନ' ନୁହେଁ । ଆମେ ବହୁ କାମିକା – ବହୁ ଦାମିକା । ଇଂରାଜୀ ବର୍ଣ୍ଣର 'ଆଲଫାବେଟ୍' ଆମର ପରିପୂର୍ଣ୍ଣ ବର୍ଣ୍ଣ । ତାଙ୍କର 'ସିଲାବଲ୍' ହେବା ପାଇଁ ଆଣ୍ଠେଇବାକୁ ପଡ଼ିବ । ନହେଲେ 'ଖ୍' 'ଖ' ହେବନାହିଁ କି 'ଗ୍' 'ଗ' ହେବନାହିଁ । ପୁଣି ବିଚିତ୍ର ଯେ, ଯୋଗ ପ୍ରଣାଳୀ । କେତେବେଳେ ଇଂରାଜୀରେ 'ୟୁ' 'ଉ' ପରି ଉଚ୍ଚାରିତ ତ କେତେବେଳେ 'ଅ' ପରି, କେତେବେଳେ 'ଏ' 'ଆ' ପରି ଉଚ୍ଚାରିତ ତ କେତେବେଳେ 'ଅ' ପରି । ଅତି କଦର୍ଯ୍ୟ ଏ ସନ୍ଧି । ବିଷମ ସନ୍ଧି, ଆମର ତ ତୋଫାଜହ୍ନ ପରି ସଫା । ଝରଣାର ସଫାଜଳ ନଈପାଣି ଗୋଳିଆ । ଆମର ଝରଣା ତାଙ୍କର ନଈ । ତା'ହେଲେ 'ହଳନ୍ତ'କୁ ଧରି ହଳ ବୁଲାଇବା କାହିଁକି? ହଳ ବୁଲିବା କାହିଁକି?

ଏପରି ଭାଷଣରେ 'ଭାଷା' କାହିଁ? ଭାଷାଯୋଗ୍ୟ ହେବାକୁ ହେଲେ ନିରର୍ଥକ ଧ୍ୱନି ବା ବର୍ଣ୍ଣଗୁଡ଼ିକୁ ପଦ୍ଧତିବଦ୍ଧ କରି ମିଶାଇବାକୁ ପଡ଼େ । ଖାଣ୍ଟି ସୁନାରେ ଗହଣା ଗଢ଼ାଯାଇପାରେ । ବର୍ଣ୍ଣ ବା ଧ୍ୱନିର ଅର୍ଥ ପ୍ରକାଶଧର୍ମୀ ଶୃଙ୍ଖଳିତ ସଜାସଜିରେ ସାର୍ଥକ ମିଶ୍ରଣ ହୁଏ । ତା'ହେଲେ ଏହା ଭାଷା ବୋଲାଇବ । ନଚେତ୍ ନିରର୍ଥକ ପ୍ରୟାସରେ ବର୍ଣ୍ଣ ତା'ର ଯୋଗ୍ୟତା ହରାଇ ଶ୍ରୋତାକୁ ବିଭ୍ରାନ୍ତ କରାଇବ । ଜଲ୍‌ପାନ ସ୍ଥାନରେ 'ଦର୍ପଣ' ପହଞ୍ଚିବ । 'ଚନ୍ଦନ' ସ୍ଥାନରେ 'ଚୁମ୍ବନ' ଦିଆଯିବ । ଭାଷାଯୋଗ୍ୟ ସାର୍ଥକ ଧ୍ୱନିର ସମାହାର ହେଉ ବା

**କେତେକ ଭାଷାର ମୌଖିକ ଓ ଲିଖିତ ରୂପ ମଧ୍ୟରେ ଆକାଶ-ପାତାଳ ଫରକ ।**

ବର୍ଣ୍ଣର ସମଷ୍ଟି ହେଉ, ତହିଁରୁ 'ଶବ୍ଦ' ଉତୁରିବ । 'ଫ' ସହିତ 'ଳ' ମିଶିଲେ 'ଫଳ' ହେବ, ଫଲ୍ ନୁହେଁ । 'ଗ' ସହିତ 'ଛ' ମିଶିଲେ 'ଗଛ' ହେବ, ଗଛ୍ ନୁହେଁ । ଏ ଦୁଇଟି ମିଶିଲେ ଯାଇ 'ଫଳଗଛ' ହେବ । ନ ହେଲେ ଚଷୁ କୁଟୁଆ ।

'ଶବ୍ଦ' ହେଉଛି ବ୍ରହ୍ମ । ଏଣୁ ରଥର ଚିତ୍ର ନକରି 'ରଥ କହିଦେଲେ ଆମ ଆଖିଆଗରେ ଚିତ୍ରଟି ଭାସିଉଠେ । ଉଚ୍ଚାରଣ ହେଉଛି ବସ୍ତୁର ପ୍ରତୀକ । ମୌଖିକ ଧ୍ୱନିର ପ୍ରତିନିଧିତ୍ୱ କରୁଥିବା ଦୃଶ୍ୟମାନ ସଂକେତ ହେଉଛି ଲିପି ।

**ଲିପି ସମ୍ଭାର**

ଆପଣମାନେ ଜାଣନ୍ତି ଯେ, ପୃଥିବୀର ସମସ୍ତ ଭାଷାର ଲିପି ନାହିଁ । ବିକଶିତ ଓ ସମୃଦ୍ଧ ଭାଷାମାନଙ୍କର ଅବବୋଧ ଓ ଅସ୍ମିତାକୁ 'ଲିପି' ମାଧ୍ୟମରେ ସାଇତାଯାଏ । ପୁଣି କେତେକ ଭାଷାର ମୌଖିକ ଓ ଲିଖିତ ରୂପ ମଧ୍ୟରେ ଆକାଶ-ପାତାଳ ଫରକ । ଆମର ଭାଗ୍ୟ ଯେ, ଆମ ଭାଷାର ସ୍ୱତନ୍ତ୍ର ଲିପି ରହିଛି । ବଙ୍ଗଳା ଓ ଅହମିୟାର ଗୋଟିଏ ଲିପି । ଆମେରିକାରେ 'ଇଂରାଜୀ' ପ୍ରଚଳିତ ହେଲେ ବି ମନ ବୁଝେଇବାକୁ ଟିକିଏ ବଙ୍କାଟଙ୍କା କରି ସେମାନେ ଏହାକୁ 'ଆମେରିକାନ୍' ଭାଷା କହନ୍ତି । ଦେବନାଗରୀ ଲିପି ଭାରତର ବିଭିନ୍ନ ପ୍ରାନ୍ତରେ ରେଖାହୀନ ରେଖାଯୁକ୍ତ ହୋଇ ସେମାନଙ୍କର ଭାଷାକୁ ଚିହ୍ନାଏ । ଚୀନାମାନଙ୍କର ତ ଚିତ୍ରରେ ଶବ୍ଦ ଅଙ୍କା ହୋଇଥାଏ ।

ଏ ପାଠ କି ପାଠ ଯେ, ମୁଁ ଆପଣଙ୍କୁ ବତେଇବି । କେବଳ ନିଜକୁ ବିଜ୍ଞପିତ ଓ ଆଧୁନିକ କରିବା ପାଇଁ ଆମେ ହିନ୍ଦୀ ବା ଇଂରାଜୀର ଅନୁକରଣରେ ଆମ ମୌଖିକ ଓଡ଼ିଆକୁ 'ହସନ୍ତୀ' ବା ଶୀତଦିନର ଲୁହାକଡ଼େଇରେ ଦାଉଦାଉ ଜଳୁଥିବା ଅଙ୍ଗାରନିଆଁକୁ ସ୍ୱାହା କରିଦେବା ଠିକ୍ ହେଉଛି କି ଆଜ୍ଞା । ଯଦି ହଁ, ତା'ହେଲେ ବ୍ୟାକରଣକୁ ବି ଉହ୍ଲେଇ ଭିତରକୁ ଫିଙ୍ଗିଦେବା । ଏମିତି 'ହସନ୍ତ' ବା 'ହଳନ୍ତ'ର ଯାଦୃଚ୍ଛିକ ଦୁରୁପଯୋଗରେ ଆମେ ଚନ୍ଦାଚିକ୍କଣ ହୋଇ ଅନ୍ୟମାନଙ୍କ ଆଗରେ ଦେଖାଇହେବା ଆଗରୁ ମାତୃଭାଷା ପ୍ରତି ଅପମାନ ପ୍ରଦାନକରି 'ମାତୃଦ୍ରୋହୀ'ର ଘୃଣିତ ଶିରିକପଡ଼ା ପିନ୍ଧିବା କେତେଦୂର ସମୀଚୀନ ହେବ, ତାହା ଆପଣମାନେ ବିଚାରିବେ ।

ଆପନ୍‌ମାନେ ଯାହା ଭାବୁଛନ୍ତି ଭାବନ୍ତୁ – ମୋର୍ ଆଉ ଅଧିକ୍ କିଛି କହିବାର୍ ଆବଶ୍ୟକତା ନାହିଁ ।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com

Greetings from:

DAWS
Design Advertisement Web Solution
Print Media Consultation

**Design & Advertisement**

**We Deal in :** Vinyl, Flex, Inkjet, Oneway, Translite & Offset Printing

**Contact us :**
C 2/140, Vibhuti Khand, Gomti Nagar, Lucknow - 226 010 (India)
Mobile : 9919001828, E-mail : vikas.daws@gmail.com, Website : www.dawsindia.com

ପ୍ରବନ୍ଧ

# ପ୍ରତିଭା ରାୟଙ୍କ ଯାଜ୍ଞସେନୀ: କେତୋଟି ବିସଂଗତି



**ସଦାନଂଦ ନାୟକ**

**କେ**ବଳ ଓଡ଼ିଆ କାହିଁକି, ଭାରତୀୟ ଉପନ୍ୟାସ ସାହିତ୍ୟ ଜଗତରେ ଡକ୍ଟର ପ୍ରତିଭା ରାୟ ଏକ ସ୍ପର୍ଦ୍ଧାପୂର୍ଣ୍ଣ, ଶ୍ରଦ୍ଧାଶୀଳ, ସୁଖ୍ୟାତ ଉଚ୍ଚାରଣ। ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସାହିତ୍ୟ ଅକାଦେମୀ, ଶାରଳା ପୁରସ୍କାର, ବିଷୁବ ପୁରସ୍କାର, ମୂର୍ତ୍ତିଦେବୀ ପୁରସ୍କାର ଆଦି ବହୁ ପୁରସ୍କାର ଓ ସାରସ୍ୱତ ସମ୍ମାନରେ ଭୂଷିତା, ସମ୍ମାନିତା ସେ। ବହୁ ଯଶାଧିକାରିଣୀ ଡକ୍ଟର ରାୟ ଭାରତ ସରକାରଂକ ପଦ୍ମ ସମ୍ମାନରେ ମଧ୍ୟ ଗୌରବାନ୍ୱିତା । ତାଂକ ରଚିତ ଅନେକ ଉପନ୍ୟାସ, ଗଳ୍ପ, ଭ୍ରମଣ ସାହିତ୍ୟ, ଶିଶୁ ସାହିତ୍ୟ ଓ ପ୍ରବଂଧ ଓଡ଼ିଆ ବାଣୀ ଭଂଡାରକୁ କେବଳ ସମୃଦ୍ଧ କରିନି, ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ପ୍ରସାରି ହେବାରେ ବି ସହାୟକ ହୋଇଛି। ବିଶେଷତଃ ସଂସ୍କୃତ, ଇଂଗଲିସ୍, ହିଂଦି ଆଦି ଭାଷାରେ ଅନୁବାଦିତ ଏବଂ ଓଡ଼ିଆ ଭାଷାରେ ସମ୍ମାନଜନକ ସତୁରିରୁ ଉର୍ଦ୍ଧ୍ୱ ସଂସ୍କରଣର ଗୌରବ ଲାଭ କରିଥିବା "ଯାଜ୍ଞସେନୀ ଉପନ୍ୟାସ" ତାଂକୁ ଅପୂର୍ବ, ଅମ୍ଳାନ ସମ୍ମାନ ଓ ଖ୍ୟାତି ଆଣିଦେଇଛି। ଅବଶ୍ୟ ଏ କଥା ସତ୍ୟ ଯେ, ଏହି ଉପନ୍ୟାସଟି ତାଂକ ସର୍ବାଧିକ ପାଠକାଦୃତ କୃତି; କିନ୍ତୁ ଉପନ୍ୟାସର କେତେକ ସ୍ଥଳରେ ଯଥୋଚିତ ବର୍ଣ୍ଣନା, ଭାଷା ପ୍ରୟୋଗ, ବ୍ୟାକରଣିକ ଶୁଦ୍ଧତା ପରିଲକ୍ଷିତ ହୁଏ ନାହିଁ। ଏହି ଦିଗଗୁଡ଼ିକ ଉପରେ ଆଲୋକପାତ କରିବା ଓ ଭବିଷ୍ୟତର ସ୍ରଷ୍ଟାଂକୁ ଏ ସଂପର୍କରେ ସଚେତନ କରାଇବା ଏହି ପ୍ରବଂଧର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।




**ସୁସଂଗତ ଦିଗ**

ଯାଜ୍ଞସେନୀ ଉପନ୍ୟାସର ସର୍ବାଧିକ ଆକର୍ଷଣୀୟ ଦିଗ ହେଉଛି ତା'ର ମନୋଜ୍ଞ ବର୍ଣ୍ଣନା ବିଳାସ, ସୁମଧୁର ଭାଷା ପ୍ରୟୋଗ ଓ ନାରୀର ମାନସିକ ଦ୍ୱଂଦ୍ୱର ମନ୍ଥନ। ଔପନ୍ୟାସିକା ମାୟା, ନିତଂବିନୀ, ନୀଳାଂଜନା ପରି ଚରିତ୍ର ସୃଷ୍ଟିକରି ଭାବ, ଭାବନ ଓ ଭାରତୀକୁ ଯେପରି ପ୍ରକାଶ କରିଛନ୍ତି, ତାହା ତାଂକ ଅପୂର୍ବ କଳା-କୌଶଳର ପରିଚୟ ବହନକରେ। ପୌରାଣିକ ପୃଷ୍ଠଭୂମିରେ ରଚିତ ଉକ୍ତ ଉପନ୍ୟାସର ବର୍ଣ୍ଣନା ଯେପରି ମନୋରମ ଭାଷା, ସେହିପରି ପାତ୍ରମୁଖୀ ଓ କାଳୋଚିତ। ପ୍ରସଂଗକ୍ରମେ ପ୍ରକୃତି ଓ ବିବିଧ ବର୍ଣ୍ଣନା ଅବସରରେ ସେ ଉପନ୍ୟାସରେ କାବ୍ୟର ଆଭା ସୃଷ୍ଟି କରିପାରିଛନ୍ତି। କଳ୍ପିତ ଉପାଖ୍ୟାନ ମାଧ୍ୟମରେ ଚରିତ୍ରମାନଂକ ମାନସିକ ଦ୍ୱଂଦ୍ୱର ଚମତ୍କାର ବିଶ୍ଳେଷଣ କରିପାରିଛନ୍ତି। ଉପନ୍ୟାସର ଭାଷା ଓ ଉପସ୍ଥାପନ କଳା ଏତେ ମନାକର୍ଷକ, ହୃଦୟରଂଜକ, ଚିତ୍ତ ଉଦ୍‌ବେଳକ ଯେ, ପାଠକ ପଠନ ସ୍ପୃହାର ଉତ୍ତାଳ ତରଂଗରେ ଭାସି ଉପନ୍ୟାସ ପଠନସମାପ୍ତିରେ ଭାବୋଚ୍ଛ୍ୱାସର କୂଳ ଶୀଘ୍ର ସ୍ପର୍ଶ ନ କରି ରହିପାରେ ନାହିଁ ଜମା। ଉପନ୍ୟାସରେ ସ୍ଥାନିତ ଅନେକ ପଙ୍କ୍ତି କେବଳ ପାଠକର ହୃଦୟରେ ଲିପିବଦ୍ଧ ହୋଇଯାଏ ନାହିଁ, କାଳାତୀତ ହୋଇ ଓଡ଼ିଆ ସାହିତ୍ୟ-ସଂପଦ ହୋଇ ରହିଯାଏ ଚିରକାଳ ପାଇଁ, ଯେପରି "ଜୋରକରି କାହାଠାରୁ ରାଜସିଂହାସନ ଆଦାୟ କରାଯାଇପାରେ, କିନ୍ତୁ ହୃଦୟ ସିଂହାସନ ବାଧ୍ୟବାଧକତାରେ ମିଳେନାହିଁ।" (ପୃଷ୍ଠା.୨୨୫-୨୨୬), "ପୂର୍ଣ୍ଣମୀ ଏବଂ ଅମାବାସ୍ୟା ଭିତରେ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ଥାଏ, ମାତ୍ର ସୁଖ ପରେ ଦୁଃଖ କେଉଁ ମୁହୂର୍ତ୍ତରେ ଆସିବ ସେକଥା କେହି ଜାଣେନାହିଁ।" (ପୃଷ୍ଠା.୨୪୧), "ପୋଥିର ପୃଷ୍ଠା ଲେଉଟାଇବାକୁ ହୁଏ, ମାତ୍ର ଭାଗ୍ୟର ପୃଷ୍ଠା ଆପେ ଆପେ ଓଲଟି ଯାଏ।"(ପୃଷ୍ଠା.୨୪୪),

"ଦୋଷ ତାଂକର। ଯିଏ ନାରୀଠାରେ ସୌଂଦର୍ଯ୍ୟ ଭରିଦେଲେ ଆଉ ପୁରୁଷ ଆଖିରେ ଦେଲେ ସୌଂଦର୍ଯ୍ୟ ପିପାସା।" (ପୃଷ୍ଠା.୨୪୮), (ରାୟ ପ୍ରତିଭା, ଯାଜ୍ଞସେନୀ, ୨୦୧୫, ଆଦ୍ୟା ପ୍ରକାଶନୀ, କଟକ)। ପାଠକଙ୍କୁ ମୁଗ୍ଧ କରିଦିଏ ଏ ଉପନ୍ୟାସ।

## କେତେକ ବିସଂଗତି

ଯାଜ୍ଞସେନୀ ଉପନ୍ୟାସର ଅନେକ ଉଜ୍ଜ୍ୱଳ ଦିଗ ରହିଥିଲେ ମଧ୍ୟ ଏହି ଉପନ୍ୟାସରେ କେତେକ ଅଯଥାର୍ହ ଦିଗ ଦୃଷ୍ଟିଗୋଚର ହୋଇଥାଏ, ଯାହା ଏଠାରେ ବିଚାର୍ଯ୍ୟ। ବିଶେଷତଃ ବିଷୟଗତ ଅଯଥାର୍ହ ଦିଗ ଏବଂ ଭାଷାଗତ ଅଯଥାର୍ହ ଦିଗ ଉପରେ ଏଠାରେ ଆଲୋକପାତ କରାଯିବ।

ଯାଜ୍ଞସେନୀ ଉପନ୍ୟାସର ଅନେକ ସ୍ଥଳରେ ବିଷୟଗତ ଅଯଥାର୍ହ ଦିଗ ପରିଲକ୍ଷିତ ହୋଇଥାଏ। ଉପନ୍ୟାସଟି ପୁରାଣ କଥାବସ୍ତୁ ଆଧାରିତ ହୋଇଥିବା ହେତୁ ଅନେକ ସମୟରେ ତହିଁରେ ଆଧୁନିକ ଚିନ୍ତା ଚେତନାର ଅନୁପ୍ରବେଶ ଘଟିବା ଫଳରେ ଏପରି ଅଯଥାର୍ହ ଦିଗ ଦୃଷ୍ଟିଗୋଚର ହୋଇଥାଏ। ଏହାର କେତୋଟି ଦୃଷ୍ଟାନ୍ତ ଏଠାରେ ପ୍ରଣିଧାନ ଯୋଗ୍ୟ।

**ଉପନ୍ୟାସଟିର କେତେକ ସ୍ଥଳରେ ଯଥୋଚିତ ବର୍ଣ୍ଣନା, ଭାଷା ପ୍ରୟୋଗ ଓ ବ୍ୟାକରଣିକ ଶୁଦ୍ଧତା ପରିଲକ୍ଷିତ ହୁଏ ନାହିଁ।**

ନିତଂବିନୀଠାରୁ କୃଷ୍ଣଂକ ରୂପଶୋଭା ଶ୍ରବଣ କରି ତାଂକପ୍ରତି ସମର୍ପିତ ଓ ସମ୍ମୋହିତ ହୋଇଛନ୍ତି କୃଷ୍ଣା। ସେ କୃଷ୍ଣପ୍ରେମର ମାଦକତା ଅନୁଭବ କରିଛନ୍ତି, ତତ୍‌ଜନିତ ଶାରୀରିକ ଓ ମାନସିକ ବିକାର ଅନୁଭୂତ ହୋଇଛି ତାଂକଠାରେ; ଶରୀର କଂପିଛି, ହୃଦୟରେ ସ୍ପଂଦନ ଜାତ ହୋଇଛି, ଅବଶହୋଇ ଲତାକୁଂଜରେ ଶୟନ କରିଛନ୍ତି, ଚେତନା ଯାଇନି, କିନ୍ତୁ ସଂପୂର୍ଣ୍ଣ ସଚେତନ ନ ଥାନ୍ତି। ସଖୀ ନିତଂବିନୀ ଜଳ ସିଂଚି ସାନ୍ତ୍ୱନା କରିବା ପାଇଁ ନିକଟସ୍ଥ ପୁଷ୍କରିଣୀକୁ ଯାଇଛି। ଏ ଅବସ୍ଥା ଦେଖି ସଖୀ ନୀଳାଂଜନା ଯାଇ ରାଜା ଦ୍ରୁପଦଂକୁ ଏ ସଂବାଦ ଦେବାରୁ, ରାଜା ଓ ରାଜବୈଦ୍ୟ ସେଠାରେ ଉପସ୍ଥିତ ହୋଇଛନ୍ତି। ଏହା ଦେଖି ଦ୍ରୌପଦୀଂକ ମନର ପ୍ରତିକ୍ରିୟା ଔପନ୍ୟାସିକା ଆଂକି କହିଛନ୍ତି- "ମୁଁ ବିରକ୍ତ ହେଲି ମନେ ମନେ। ଔଷଧ ପ୍ରତି ମୋର ଘୋର ବିତୃଷ୍ଣା, ତା' ସଂଗେ ସଂଗେ ରାଜବୈଦ୍ୟଂକ ପ୍ରତି ମଧ୍ୟ। ତେଣୁ ରୋଗଶଯ୍ୟାରେ ରାଜବୈଦ୍ୟଂକୁ ଦେଖିବା ମାତ୍ରେ ମୁଁ ଚିଡ଼ିଉଠେ। ବହୁ କଷ୍ଟରେ ମତେ ଔଷଧ ଖୁଆଇବା ପାଇଁ ହୁଏ।" (ପୂର୍ବଉକ୍ତ, ପୃଷ୍ଠା.୧୪) ଭାରତର ପ୍ରାଚୀନ ଚିକିତ୍ସା ବିଜ୍ଞାନ ତଥା ଚିକିତ୍ସା ବ୍ୟବସ୍ଥା ପ୍ରତି ଏହା କଟୂକ୍ତି, ତାଚ୍ଛଲ୍ୟୋକ୍ତି ନିଶ୍ଚୟ। କିନ୍ତୁ ଦ୍ରୌପଦୀଂକ ଜ୍ଞାନାର୍ଜନର ସ୍ପୃହା ତଥା ଶାସ୍ତ୍ରୋକ୍ତଶ୍ରୁତା ସଂପର୍କରେ ଔପନ୍ୟାସିକା ଲେଖିଛନ୍ତି- "ମୁଁ ଯେ ବିଦୁଷୀ ଏବଂ ଜ୍ଞାନପିପାସୁ ଏକଥା ମୋର ଶିକ୍ଷାଗୁରୁମାନେ ପିତାଂକୁ କହନ୍ତି। ଗଣିତ ଶାସ୍ତ୍ର, ଗୃହ ବିଜ୍ଞାନ, ଚିତ୍ରାଂକନ, ରଂଧନ, ପୁଷ୍ପସଜ୍ଜା, ଅତିଥି ସତ୍କାର ଇତ୍ୟାଦି ସମସ୍ତ ବିଦ୍ୟାରେ ମୁଁ ନିପୁଣା ଥିଲି। ...ଅନନ୍ତ ମୋର ଜ୍ଞାନପିପାସା। ...ସାରା ସୃଷ୍ଟିର ଯେତେ ଯାହା ଶାସ୍ତ୍ର ଗ୍ରନ୍ଥ ଏବଂ ଜ୍ଞାନ ଅଛି, ତାକୁ ଆୟତ୍ତ କରିବା ପାଇଁ ମୋର ସମଗ୍ର ଜୀବନ ଯଦି ଯଥେଷ୍ଟ ନହୁଏ ତେବେ ମୁଁ କି ଉପାୟ କରିବି ?" (ପୂର୍ବଉକ୍ତ, ପୃଷ୍ଠା.୧୬) ଦ୍ରୌପଦୀଂକ ପରି ଏପରି ବିଦୁଷୀ ଓ ଜ୍ଞାନପିପାସୁଂକ ମୁଖରେ ଅତ୍ୟନ୍ତ ସମ୍ମାନାସ୍ପଦ ରାଜବୈଦ୍ୟ ଓ ଔଷଧପ୍ରତି ଏପରି ବିତୃଷ୍ଣାଭାବ ପ୍ରକାଶ କରିବା ଆଦୌ ଶୋଭନୀୟ ହୋଇନାହିଁ, ଅଯଥାର୍ହ ନିଶ୍ଚୟ। ଏଠାରେ ବୋଧହୁଏ ବ୍ୟକ୍ତିଗତ ରୁଚିର ପରିପ୍ରକାଶ ଘଟିଅଛି।

ଦ୍ରୌପଦୀଂକର ଯେତେବେଳେ ହସ୍ତିନାପୁରକୁ ଆଗମନ ଘଟିଛି, ତାଂକୁ ସ୍ୱାଗତ କରିବାର ବ୍ୟାପକ ବ୍ୟବସ୍ଥା କରାଯାଇଛି, ସମସ୍ତେ ସ୍ୱାଗତ କରିଛନ୍ତି। ଏହି କ୍ରମରେ ଔପନ୍ୟାସିକା ଲେଖିଛନ୍ତି- "କର୍ଣ୍ଣଂକ ହାତରେ ନୀଳ ଗୋଲାପର ଗୁଚ୍ଛ। ପତ୍ର ଡେଙ୍ଗ ଏବଂ କଅଁଳ ଡାଳସହ ସଦ୍ୟଫୁଟନ୍ତ ନୀଳ ଗୋଲାପର ଗୁଚ୍ଛ ଉପରେ ମୋର ଲୋଭାତୁର ଦୃଷ୍ଟି ନିବଦ୍ଧ। ମାୟା ମୋର କାନ ପାଖରେ କହିଲା- ସଖି, କର୍ଣ୍ଣ କେମିତି ଜାଣିଲେ ନୀଳ ଗୋଲାପ ତମର ଅତ୍ୟନ୍ତ ପ୍ରିୟ ବୋଲି ? ଦେଖ, ତମକୁ ଉପହାର ଦେବାପାଇଁ ସେ କେତେ ଯତ୍ନ ସହକାରେ ସଂଗ୍ରହ କରିଛନ୍ତି ଏଇ ଦୁର୍ଲଭ ନୀଳ ଗୋଲାପର ଗୁଚ୍ଛ।" (ପୂର୍ବଉକ୍ତ, ପୃଷ୍ଠା.୧୧୭) ଏହି ବର୍ଣ୍ଣନା ଅବାସ୍ତବ ତଥା ଅତିକଳ୍ପନା ନିଶ୍ଚୟ। ଗୋଲାପର ତ ନିଶ୍ଚୟ ସ୍ୱତନ୍ତ୍ର ରଂଗ ରହିଛି, ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଉପାୟରେ ବିବିଧ ରଂଗର ଗୋଲାପ ସୃଷ୍ଟି କରାଯାଇଛି, କିନ୍ତୁ ପୁରାଣ ଯୁଗରେ

ଯେ ନୀଳ ଗୋଲାପର ପ୍ରଚଳନ ଥିଲା, ଏପରି ବର୍ଣ୍ଣନା ଅସ୍ୱାଭାବିକ ମନେହୁଏ। କେବଳ ସେତିକି ନୁହେଁ, ଏକ ପୌରାଣିକ ପୃଷ୍ଠପଟ୍ଟରେ, ମହାଭାରତର ବିଷୟବସ୍ତୁ ଉପରେ ଅଧାରିତ ଉକ୍ତ ଉପନ୍ୟାସରେ କାଳ ଐକ୍ୟକୁ ଏଠାରେ ରକ୍ଷା କରାଯାଇ ନ ଥିବା ଜଣାଯାଏ। ମହାଭାରତ ଇତିହାସ ଅଥବା କଳ୍ପନା ତାହା ଭିନ୍ନ ପ୍ରସଂଗ, କିନ୍ତୁ ମହାଭାରତର ରଚନା କାଳ ଦୃଷ୍ଟିରୁ ଦେଖିଲେ, ତତ୍ ସମୟରେ ଭାରତରେ ଗୋଲାପ ଫୁଲର ପ୍ରଚଳନ ନ ଥିଲା, ମୋଗଲମାନଂକ ଆସିବାପରେ ହିଁ ଭାରତରେ ଗୋଲାପର ପ୍ରଚଳନ ଘଟିଛି; ଗୋଲାପ ଯେ ପ୍ରେମ ସହିତ ସଂପର୍କିତ, ଫୁଲଗୁଚ୍ଛ ଉପହାର ଦିଆଯାଏ ଏବଂ ଗୋଲାପଗୁଚ୍ଛ ମାଧ୍ୟମରେ ପ୍ରେମଭାବ ବ୍ୟକ୍ତ କରାଯାଏ, ଏହା ହେଉଛି ଆଧୁନିକ କାଳର ଚଳଣି। ଏହିସବୁ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣ ନୀଳ ଗୋଲାପର ଫୁଲଗୁଚ୍ଛଦେଇ ଦ୍ରୌପଦୀଂକୁ ସ୍ୱାଗତ ଜଣାଇବା ଏକ ପୌରାଣିକ ଉପନ୍ୟାସ କ୍ଷେତ୍ରରେ ଅପ୍ରାସଂଗିକ ମନେ ହୋଇଥାଏ।



ଯାଜ୍ଞସେନୀର ବର୍ଣ୍ଣନା ଅନୁସାରେ ଏକଦା ମୟୂର ଚଂଦ୍ରିକାଟିଏ କେଉଁଠାରୁ ଉଡ଼ିଆସି ଦ୍ରୌପଦୀଂକ କୋଳରେ ପଡ଼ିଛି, ତାଂକର ସାରା ଶରୀର ରୋମାଂଚିତ ହୋଇଯାଇଛି, ମୂର୍ଚ୍ଛା ଯିବା ଭୟରେ ସେ ଚଂଦ୍ରିକାକୁ ସ୍ପର୍ଶ କରିନାହାନ୍ତି, ନିତଂବିନୀ ତାଂକ ମନକଥା ବୁଝିପାରି ତାହାକୁ ତୋଳିନେଇ କହିଛି- "ତମ କବିତା ବହି ଭିତରେ ରଖିଦେବି।" (ପୂର୍ବଉକ୍ତ, ପୃଷ୍ଠା.୧୫) ଅନ୍ୟତ୍ର ବର୍ଣ୍ଣନା କରାଯାଇଛି ଯେ, କୃଷ୍ଣଂକ ପ୍ରତି ସମର୍ପିତ କୃଷ୍ଣାଂକ ଅନେକ କବିତା କୃଷ୍ଣଂକ ଉଦ୍ଦେଶ୍ୟରେ ରଚିତ। ଏହି କବିତାଗୁଡ଼ିକୁ ଅର୍ଜୁନ ପଠନ କରିଦେଇଥିବାରୁ ଲଜ୍ଜିତା ହୋଇଛନ୍ତି ଦ୍ରୌପଦୀ, ଆଉ ଭାବିଛନ୍ତି- "ନିଶ୍ଚେ ଏହା ନିତଂବିନୀର କାଣ୍ଡ। ମୋର କବିତା ଖାତା କେତେଦିନ ଧରି ତା'ରି ପାଖରେ ହିଁ ଥିଲା। ପଢ଼ିବ ବୋଲି କବିତା ଖାତାକୁ ଧରି ବୁଲୁଥିଲା। ଦିନେ ଉଦ୍ୟାନରେ କବିତା ଖାତାକୁ ସେ ଛାଡ଼ି ଆସିଥିଲା। ତା' ପରଦିନ ଶ୍ରୀକୃଷ୍ଣ ଉଦ୍ୟାନ ଭ୍ରମଣରେ ଯାଇ କବିତା ଖାତାଟି ପାଇଥିଲେ ଏବଂ ଫେରାଇ ଦେଇଥିଲେ।" (ପୂର୍ବଉକ୍ତ, ପୃଷ୍ଠା.୯୦)। ଉଭୟ କାଗଜ ଓ ମୁଦ୍ରଣ ଯନ୍ତ୍ରର ପ୍ରଚଳନ ପରେ 'ଖାତା' ଓ 'ବହି' ଶବ୍ଦ ଦୁଇଟି ପ୍ରଚଳିତ। ତେଣୁ ପୁରାଣ ଯୁଗର ଦ୍ରୌପଦୀ 'ଖାତା' ଏବଂ 'ବହି' ବ୍ୟବହାର କରିବା ଅପ୍ରାସଂଗିକ ନିଶ୍ଚୟ; ବରଂ 'ଖାତା' ଓ 'ବହି' ପରିବର୍ତ୍ତେ ପୋଥି ଶବ୍ଦ ବ୍ୟବହାର କରିଥିଲେ ବାସ୍ତବବୋଧ ହୋଇଥାନ୍ତା।

ଅନ୍ୟ ଏକ ପ୍ରସଂଗ ହେଲା, ଯାଜ୍ଞସେନୀରେ ଦ୍ରୌପଦୀଂକ ସ୍ୱୟଂବର ସଭାର ବର୍ଣ୍ଣନା। ଇଂଦ୍ରପୁରୀ ସଦୃଶ ଏହାର ସାଜସଜ୍ଜା; ଏ ଶୋଭାକୁ ରୂପ ଦେବାକୁ ଔପନ୍ୟାସିକା ଲେଖିଛନ୍ତି- "ସୁବାସିତ ପୁଷ୍ପକୁଣ୍ଡ ସଭା ମଣ୍ଡପ, ସ୍ୱୟଂବର ମଣ୍ଡପ ଓ ଅତିଥିମାନଂକ ପ୍ରବେଶ ପଥଠାରୁ ବସିବା ସ୍ଥାନ ପର୍ଯ୍ୟନ୍ତ ଥୁଆ ହୋଇଥାଏ। ସଭାସ୍ଥଳରେ ସୁବାସିତ ଅତର ସିଂଚନ କରାଯାଉଥାଏ।" (ପୂର୍ବଉକ୍ତ, ପୃଷ୍ଠା.୩୨) 'ଅତର' ଏକ ବୈଦେଶିକ ଶବ୍ଦ, ବିଶେଷତଃ ଏକ ଯାବନିକ ଶବ୍ଦ; ଯବନମାନେ ଭାରତ ଆଗମନର ବହୁ ପୂର୍ବରୁ ରଚିତ ମହାଭାରତର ଉପାଖ୍ୟାନ ଉପସ୍ଥାପନାରେ ଏହି ଶବ୍ଦଟି ବ୍ୟବହୃତ ହେବା ଅଯଥାର୍ଥ କଳ୍ପନା ପାଠକ ମନରେ ଆଂକିଥାଏ। ଏଠାରେ ସମୟୋଚିତ ଭାଷାଗତ ଐକ୍ୟ ରକ୍ଷା କରାଯାଇନଥିବା ମନେହେବା ଅତ୍ୟନ୍ତ ସ୍ୱାଭାବିକ ।

ପାଂଡବମାନେ ମହର୍ଷି ତୃଣବିଂଦୁଂକ ଆଶ୍ରମରେ ଅବସ୍ଥାନ କରିଥାନ୍ତି। ପଂଚପାଂଡବ ଶିକାର ଉଦ୍ଦେଶ୍ୟରେ କାମ୍ୟକ ବନକୁ ଯାଇଥାନ୍ତି, ଉଦ୍ୟାନର ଅପୂର୍ବ ଶୋଭାକୁ ବିହ୍ୱଳିତ ହୋଇ ସଂଦର୍ଶନ କରୁଥାନ୍ତି ଦ୍ରୌପଦୀ, ଏଣେ ଜୟଦ୍ରଥ ଶାଲ୍ୱଦେଶର ରାଜକନ୍ୟାଂକୁ ବିବାହ କରିବାକୁ ଯାଉଥାନ୍ତି। ଏହାର ଏମିତି ବର୍ଣ୍ଣନା କରିଛନ୍ତି ଔପନ୍ୟାସିକା- "ଉଦ୍ୟାନଶୋଭାରେ ବିମୁଗ୍ଧା ହୋଇ ମୁଁ କାବ୍ୟମୟୀ ହୋଇଗଲି ଏବଂ ପାଖରେ ତୂଳୀ ଏବଂ ପତ୍ର ନଥିବାରୁ କବିତା ସବୁ ମଧୁର ସଂଗୀତ ହୋଇ ମୋ ସ୍ୱରରେ ଝରିଗଲା। ପ୍ରଜାପତି ଭଳି ଏ ଫୁଲରୁ ସେ ଫୁଲକୁ ଉଡ଼ି ଉଡ଼ି ମୁଁ ଗୁଣୁ ଗୁଣୁ ଗୀତ ଗାଉଥିଲି। ଉଦ୍ୟାନ ସେପଟେ ଅରଣ୍ୟ ପଥଟିଏ ସଳଖ ପଡ଼ିଛି। ସେଇ ପଥଦେଇ ବରଯାତ୍ରୀ ଦଳଟିଏ ମହା ଆଡ଼ଂବର

ସହକାରେ ଛଅହଜାର ରଥ ସହ ବାଦ୍ୟ ବଜାଇ ବିବାହ କରିବାକୁ ଯାଉଥାନ୍ତି। ବରବେଶରେ ସଜ୍ଜିତ ସୁନ୍ଦର ଯୁବକ ନିଶ୍ଚୟ ଜଣେ ରାଜା ହେବେ। ତାଂକ ସଂଗେ ଅନେକ ରାଜପୁତ୍ର ମଧ୍ୟ ବରଯାତ୍ରୀ ଭାବରେ ଯାଉଥାନ୍ତି। ଦୂରରୁ ମୋର ସଂଗୀତ ଶୁଣି ସେମାନେ ମୁଗ୍ଧ ହୋଇ ଉଦ୍ୟାନ ଦିଗକୁ ଚାହିଁଲେ ଏବଂ ମୋର ଅପରୂପ ବନଚାରିଣୀ ଶୋଭା ଦର୍ଶନ କରି ସ୍ତମ୍ଭୀଭୂତ ହୋଇଗଲେ।" (ପୂର୍ବଉକ୍ତ, ପୃଷ୍ଠା. ୩୪୧) ପ୍ରଥମତଃ ଛଅ ହଜାର ରଥକୁ କଳନା କରିବା ତ ଏତେ ସହଜ ନ ଥିବ, ଦ୍ୱିତୀୟତଃ ଛଅ ହଜାର ରଥର ଘର୍ଘର ନାଦ, ଅନେକ ରାଜପୁତ୍ରଂକ ସହ ବରଯାତ୍ରୀଂକ କୋଳାହଳ ଏବଂ ବାଦ୍ୟର ନିନାଦକୁ ଅତିକ୍ରମ କରି ଦ୍ରୌପଦୀଂକ ଗୁଣୁଗୁଣୁ ଗୀତ ଶୁଣି ଜୟଦ୍ରଥ ଓ ଅନ୍ୟମାନେ ମୁଗ୍ଧ ହେବାର ବର୍ଣ୍ଣନା ଅସ୍ୱାଭାବିକ, ଅଯଥାର୍ଥ ମନେହୁଏ। ଏଠାରେ ସ୍ପଷ୍ଟ କରିଦିଆଯାଇପାରେ ଯେ, ଦ୍ରୌପଦୀଂକୁ ଉଦ୍ୟାନ ମଧ୍ୟରେ ସଂଦର୍ଶନ କରି ନୁହେଁ, କଣ୍ଠର ଝଂକାରରେ ଆକର୍ଷିତ ହୋଇଛନ୍ତି ଜୟଦ୍ରଥ।

**ଦ୍ରୌପଦୀଂକୁ ଉଦ୍ୟାନ ମଧ୍ୟରେ ସଂଦର୍ଶନ କରି ନୁହେଁ, କଣ୍ଠର ଝଂକାରରେ ଆକର୍ଷିତ ହୋଇଛନ୍ତି ଜୟଦ୍ରଥ।**

ରାଜପୁତ୍ରମାନଂକର ଅସ୍ତ୍ରଶିକ୍ଷାର ପରିସମାପ୍ତି ପରେ ବିଦ୍ୟା ପ୍ରଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଛି। ଦୁର୍ଯ୍ୟୋଧନ, ଭୀମଂକ ପ୍ରତିଯୋଗିତା ପରେ ଆସିଛନ୍ତି ଅର୍ଜୁନ; ଉପନ୍ୟାସରେ ଏହାର ବର୍ଣ୍ଣନା ଏପରି ହୋଇଛି- "ସଭାସ୍ଥଳ କରତାଳି ଓ ଆନନ୍ଦର ଜୟଧ୍ୱନିରେ ପ୍ରକମ୍ପିତ ହେଲା। ପ୍ରକୃତରେ ଅର୍ଜୁନଂକ ଅସ୍ତ୍ର କୌଶଳ ଦେଖିବା ପାଇଁ ବିଦେଶରୁ ବହୁ ଅତିଥି ଆସିଥିଲେ। ଛାତ୍ରାବସ୍ଥାରୁ ହିଁ ଅର୍ଜୁନଂକର ଅଲୌକିକ ପ୍ରତିଭାର ପରିଚୟ ମିଳିଥିଲା ଏବଂ ତାଂକର ଅଦ୍ଭୁତ ଅସ୍ତ୍ରକୌଶଳର କାହାଣୀ ସାରା ପୃଥିବୀରେ ପ୍ରଚାରିତ ହୋଇଥିଲା।" (ପୂର୍ବଉକ୍ତ, ପୃଷ୍ଠା.୧୨୭) ଉପନ୍ୟାସରେ ଏହି ଅଂଶର ବର୍ଣ୍ଣନା କୌଣସି ପୌରାଣିକ କାହାଣୀ ଆଧାରିତ ଉପନ୍ୟାସର ବୋଲି ମନେ ହୋଇନଥାଏ; 'ବିଦେଶ', 'ପୃଥିବୀ' ଓ 'ଛାତ୍ରାବସ୍ଥା' ପରି ଶବ୍ଦ ବ୍ୟବହୃତ ହୋଇ ଏପରି ଧାରଣା ଜନ୍ମାଇଥାଏ। ବିଦେଶ ଓ ପୃଥିବୀ କହିଲେ ସାଧାରଣତଃ ଯେଉଁ ଅର୍ଥ ବ୍ୟକ୍ତ ହୋଇଥାଏ, ତାହା ଏଠାରେ ପ୍ରକାଶ ପାଏନାହିଁ; କାରଣ ରାଜସୂୟ ଯଜ୍ଞ ପ୍ରସଂଗରେ ଔପନ୍ୟାସିକା ଲେଖିଛନ୍ତି- "ରାଜସୂୟ ଯଜ୍ଞ ଅହିଂସା ଓ ଶାନ୍ତିମୈତ୍ରୀକୁ ବିରୋଧ କରେନାହିଁ, ବରଂ ରାଜସୂୟ ଯଜ୍ଞ ପ୍ରକୃତ ଧର୍ମରକ୍ଷାକାରୀ ରାଜାଂକୁ ସ୍ୱୀକୃତି ଦିଏ, ପ୍ରତିଷ୍ଠା ଦିଏ, ପୃଥିବୀରେ ଧର୍ମର ଧ୍ୱଜା ଉଡ଼ାଏ। ପୁନଶ୍ଚ କହନ୍ତି-ଭୀମ, ଅର୍ଜୁନ, ନକୁଳ, ସହଦେବ ଚାରିଭାଇ ଦିଗ୍‌ବିଜୟ ସାରି ଫେରିଛନ୍ତି। ସମଗ୍ର ଆର୍ଯ୍ୟାବର୍ତ୍ତ ଭୀମ, ଅର୍ଜୁନ, ନକୁଳ, ସହଦେବଂକ ବୀରତ୍ୱ ଏବଂ ଯୁଧିଷ୍ଠିରଂକ ଧର୍ମପ୍ରଚାର ପାଖରେ ବଶ୍ୟତା ସ୍ୱୀକାର କରିଛି।" (ପୂର୍ବଉକ୍ତ, ପୃଷ୍ଠା.୨୩୫) ତେବେ ଦିଗ୍‌ବିଜୟ ଯଦି ଆର୍ଯ୍ୟାବର୍ତ୍ତ ଭିତରେ ସୀମିତ ହୁଏ, ତେବେ ଦେଶ-ବିଦେଶ ପ୍ରସଂଗ ଏଠାରେ ଅପ୍ରାସଂଗିକ ମନେହୁଏ ନାହିଁ କି ?

ଔପନ୍ୟାସିକା କେବଳ ଏଠାରେ 'ଛାତ୍ରାବସ୍ଥା' ଶବ୍ଦ ବ୍ୟବହାର କରିଛନ୍ତି ତାହା ନୁହେଁ, ଉପନ୍ୟାସର ଅନେକ ସ୍ଥାନରେ 'ଛାତ୍ର' ଶବ୍ଦ ବ୍ୟବହାର କରିଛନ୍ତି; ଛାତ୍ର ଶବ୍ଦ ଅପେକ୍ଷା 'ଶିଷ୍ୟ' ଶବ୍ଦ ଏ ଉପନ୍ୟାସ ନିମନ୍ତେ ଅଧିକ ପ୍ରଯୁଜ୍ୟ ହୋଇଥାନ୍ତା ବୋଲି ସ୍ୱତଃ ମନକୁ ଆସିଥାଏ, ତେବେ ଶବ୍ଦ ବ୍ୟବହାର ଉପରେ ସ୍ରଷ୍ଟାଂକ ଅଧିକାର ଅବଶ୍ୟ ସ୍ୱୀକାର୍ଯ୍ୟ, କିନ୍ତୁ 'ଛାତ୍ର' ଶବ୍ଦର ଆଭିଧାନିକ ଅର୍ଥ ହେଉଛି- "ସଂ.ବି.ପୁଂ. ଛତ୍ର=ଆବରଣ ଅର୍ଥାତ ଗୁରୁଂକ ଦୋଷାବରଣ + ଶୀଳାର୍ଥେ. ଅ; ଯେ ଗୁରୁଂକ ଦୋଷାବରଣ କରେ।" (ଗୋପାଳଚଂଦ୍ର ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ,୨୦୦୮, ଲାର୍କ ବୁକ୍‌ସ, ଭୁବନେଶ୍ୱର, ପୃଷ୍ଠା.୨୮୦୪) ଏତଦ୍‌ଭିନ୍ନ ସମାର୍ଥବାଚକ ଶବ୍ଦ ରହିଥିଲେ ମଧ୍ୟ ପରିବେଶ ପରିସ୍ଥିତି ନେଇ ପ୍ରତ୍ୟେକ ଶବ୍ଦର ଗୋଟେ ପ୍ରୟୋଗସୀମା ରହିଥାଏ, ଯାହାର ଏଠାରେ ବ୍ୟତିକ୍ରମ ଘଟିଅଛି।

ଦ୍ରୌପଦୀ ଶ୍ରୀକୃଷ୍ଣଂକ ଉଦ୍ଦେଶ୍ୟରେ ରଚନା କରିଥିବା ସମସ୍ତ ପ୍ରେମ କବିତାକୁ କେବଳ ଅର୍ଜୁନ ପାଠ କରିନାହାନ୍ତି, ସ୍ୱୟଂ ଶ୍ରୀକୃଷ୍ଣ ତାଂକ କବିତାର କେତେକ ପଙ୍‌କ୍ତିକୁ କେବେକେବେ ଉଦ୍ଧାର କରନ୍ତି ବୋଲି ତାଂକୁ ଅବଗତ କରାଇଛନ୍ତି ଅର୍ଜୁନ। ଗୋଟିଏ କବିତାର କେତୋଟି ପଙ୍‌କ୍ତି ଅର୍ଜୁନ ଶୁଣାଇଛନ୍ତି ପ୍ରାଣପ୍ରିୟା ଦ୍ରୌପଦୀଂକୁ। ଲାଜରେ ଝାଉଁଳି ଯାଇଥିବା ଦ୍ରୌପଦୀଂକ ମୁଖରେ ଔପନ୍ୟାସିକା କହିଛନ୍ତି-

"ଲଜ୍ଜାରେ ମୋର ମୁଖମଣ୍ଡଳ ରଂଗିନ ହୋଇଗଲା।" (ରାୟ ପ୍ରତିଭା, ୨୦୧୫, ଯାଜ୍ଞସେନୀ. ପୃଷ୍ଠା.୯୦) ଏଭଳି ସ୍ଥିତିରେ ଲାଜରେ ଝାଉଁଳି ଯାଇଥିବା ମୁଖମଂଡଳ ରଂଗିନ ହୁଏ ନାହିଁ, ହଁ ରଂଗା ପଡ଼ିଯାଇପାରେ; ରଂଗିନ ହେଉଛି ନାନା ବର୍ଣ୍ଣରେ ଶୋଭିତ ହେବା।

ଏହିପରି ଆଉ କେତେକ ଉଦାହରଣ ମଧ ଦିଆଯାଇପାରେ।

**ଭାଷାଗତ ବିସଂଗତି**

ଯାଜ୍ଞସେନୀ ଉପନ୍ୟାସରେ ଅନେକ ସ୍ଥାନରେ ଭାଷାଗତ ଅଯଥାର୍ହ ଦିଗ ପରିଲକ୍ଷିତ ହୋଇଥାଏ। ଏହା ବନାନଗତ, ଶବ୍ଦ ପ୍ରୟୋଗଜନିତ ଓ ବ୍ୟାକରଣିକ। ଜଣେ ସାହିତ୍ୟ ସର୍ଜକ ବନାନରେ ଦକ୍ଷ ନ ହୋଇପାରନ୍ତି, ହେବା ମଧ୍ୟ ସର୍ବଦା ସଂଭବ ନୁହେଁ, ତେଣୁ ଯାଜ୍ଞସେନୀରେ ଅନେକ ବନାନଗତ ତ୍ରୁଟି ରହିଥିଲେ ବି ଏଠାରେ ତାହାକୁ ଉପେକ୍ଷା କରାଯିବା ଉଚିତ ହେବ। କେବଳ ଉକ୍ତ ଉପନ୍ୟାସରେ ବ୍ୟବହୃତ ଶବ୍ଦ ଓ ପରିଦୃଷ୍ଟ ବ୍ୟାକରଣିକ ବିଚ୍ୟୁତି ସଂପର୍କରେ କିଂଚିତ ଆଲୋଚନା କରାଯିବ।

**କୌଣସି ପୌରାଣିକ ଅଥବା ଐତିହାସିକ ଗଳ୍ପ ବା ଉପନ୍ୟାସର ଏକ ବଳିଷ୍ଠ ଦିଗ ହେଉଛି ଭାଷା ବା ଶବ୍ଦ ପ୍ରୟୋଗ।**

ବୈଦେଶିକ ଶବ୍ଦ ପ୍ରୟୋଗ : କୌଣସି ପୌରାଣିକ ଅଥବା ଐତିହାସିକ ଗଳ୍ପ ବା ଉପନ୍ୟାସର ଏକ ବଳିଷ୍ଠ ଦିଗ ହେଉଛି ଭାଷା ବା ଶବ୍ଦ ପ୍ରୟୋଗ। ପ୍ରତ୍ୟେକ ଭାଷାର ଗୋଟିଏ ଐତିହାସିକ, ଭୌଗୋଳିକ ତଥା ସାଂସ୍କୃତିକ ସୀମା ରହିଛି। ପୌରାଣିକ ଅଥବା ଐତିହାସିକ ଉପନ୍ୟାସରେ ବର୍ଣ୍ଣିତ ଘଟଣାର ପରବର୍ତ୍ତୀ ସମୟରେ ସଂପୃକ୍ତ ଭାଷାକୁ ଆସିଥିବା ବୈଦେଶିକ ଶବ୍ଦ ବ୍ୟବହାର କଲେ ତାହା ଅଶୋଭନୀୟ ହୋଇଥାଏ। ପୁରାଣର ପୃଷ୍ଠପଟରେ ରଚିତ ଏହି ଉପନ୍ୟାସରେ ଲେଖିକା ଅନେକ ସ୍ଥଳରେ କାଳ, ସଂସ୍କୃତି, ଭୂଗୋଳକୁ ଉପେକ୍ଷା କରି କେତେକ ବୈଦେଶିକ ଶବ୍ଦର ପ୍ରୟୋଗ କରିଛନ୍ତି; ଚରିତ୍ର, ଘଟଣା ଅଥବା ଆଖ୍ୟାନ ବିଚାରରେ ଏହା ଅସ୍ୱାଭାବିକତା ସୃଷ୍ଟି କରିଥାଏ। ଉପନ୍ୟାସର ଭାଷା ସୌକୁମାର୍ଯ୍ୟ, ପ୍ରସଂଗ-ଭାବସାବଲୀଳତାରେ ଏହା ବାଧକ ହୁଏ ଅନେକ ସ୍ଥଳରେ। ଯଥା-

ଓସ୍ତାଦ: "ସେ ହୋଇଛନ୍ତି ପଶାଖେଳର ଓସ୍ତାଦ। ଦିନରାତି ପଶାଖେଳି ରାଜାଂକ ମନୋରଂଜନ କରିବା ତାଂକର ଏକମାତ୍ର କାମ।" (ପୂର୍ବଉଦ୍ଧୃ, ପୃଷ୍ଠା. ୩୫୫)

କୈଫିୟତ: "ଜଣେ ନାରୀ ପୁଣି ଗୁରୁଜନମାନଂକୁ ଦୃଢ଼ତାର ସହ ଏପରି କୈଫିୟତ ମାଗିବାର ଆସ୍ପର୍ଦ୍ଧା କରିପାରେ, ଏକଥା କେହି ବିଶ୍ୱାସ ବି କରିନଥିଲେ ।" (ପୂର୍ବଉଦ୍ଧୃ, ପୃଷ୍ଠା.୨୫୪)

ଦରବାର: "ତମେ ଯଦି ଆମ ପକ୍ଷରେ ରହିବ ନାହିଁ, ତେବେ ଯୁଦ୍ଧର ପ୍ରଶ୍ନ ଉଠୁଛି କେଉଁଠୁ? ଶେଷକୁ ଆମେ ଜନତା ଦରବାରରେ ଲୋକହସା ହେବୁ।" (ପୂର୍ବଉଦ୍ଧୃ, ପୃଷ୍ଠା. ୩୯୦)

ପରବାୟ: "ସେ ଆସିବା ପରେ ଅନ୍ୟ ପାଚକ, ପାଚିକାମାନେ ସବୁକାମ ତାଂକରି ଉପରେ ପକାଇ ଦେଇଛନ୍ତି। ଭୀମସେନଂକର ସେଥିକି ପରବାୟ ନାହିଁ।" (ପୂର୍ବଉଦ୍ଧୃ, ପୃଷ୍ଠା. ୩୫୯)

ବରଦାସ୍ତ: "ମୋର ଜ୍ୟେଷ୍ଠସ୍ୱାମୀ ମଧ୍ୟ ପଶାଖେଳରେ ବ୍ୟାଘାତ ସୃଷ୍ଟି ହେବା ବରଦାସ୍ତ କରନ୍ତି ନାହିଁ।" (ପୂର୍ବଉଦ୍ଧୃ, ପୃଷ୍ଠା.୩୬୫)

ମାର୍ଫତ: "ସେଇ ଦୃଷ୍ଟିରୁ ଅର୍ଜୁନଂକ ଅନୁପସ୍ଥିତିରେ ମୁଁ ଆଉ ଏକବର୍ଷ ଭୀମଂକ ମାର୍ଫତରେ ରହିବି।" (ପୂର୍ବଉଦ୍ଧୃ, ପୃଷ୍ଠା.୧୮୪)

ସହର: "କୌରବ ଭାଇମାନଂକ ମୁହଁରୁ ବାରୁଣାବନ୍ତ ସହରର ପ୍ରଶଂସା ଶୁଣି ମନ ପରିବର୍ତ୍ତନ ପାଇଁ ଭାଇ ଏବଂ ମାତା କୁନ୍ତୀଂକ ସହ ବାରୁଣାବନ୍ତ ଗମନ କଲେ।" (ପୂର୍ବଉଦ୍ଧୃ, ପୃଷ୍ଠା.୩୫)

ହାୱା: "ମୁଁ ପ୍ରାଣ ପାଇଗଲି, କିନ୍ତୁ ଭୟ ଏବଂ ଭୀମଂକ ଗଦା ଉତ୍ତୋଳନ ହାୱାରେ ଭୂପତିତା ହୋଇ ଚେତନା ହରାଇ ଦେଲି।" (ପୂର୍ବଉଦ୍ଧୃ, ପୃଷ୍ଠା.୨୮୫)

ଏହିପରି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ।

**ବ୍ୟାକରଣିକ ତ୍ରୁଟି**

ଏଠାରେ ଓଡ଼ିଆ ଭାଷା ପରିପ୍ରେକ୍ଷାରେ କେବଳ ଦ୍ୱିତ୍ୱ ଦୋଷ ଏବଂ ବ୍ୟାକରଣିକ ଲିଂଗକୁ ବିଚାର କରାଯିବ। ଦୃଷ୍ଟାନ୍ତ ସ୍ୱରୂପ- "ହୃଦୟ ଥରଥର ଥରିଲା" (ପୃଷ୍ଠା.୩୩), ଥରଥର ହେବା ହିଁ ଥରିବା "ମୁଁ ଲଜ୍ଜିତା ହେଲି" (ପୃଷ୍ଠା.୧୬୯),

"ଫାଲ୍‌ଗୁନି ଶତପତ୍ନୀ ଗ୍ରହଣ କଲେ ମଧ୍ୟ ତମେ ହେଉଛ ତାଂକର ପ୍ରଥମା ପତ୍ନୀ" (ପୃଷ୍ଠା.୧୮୬), "ସେଦିନର ଘଟଣା ପାଇଁ ମୁଁ ଦୁଃଖିତା" (ପୃଷ୍ଠା.୨୦୦), "ଦ୍ରୋଣାଚାର୍ଯ୍ୟଂକର ଦ୍ୱିତୀୟା ପତ୍ନୀ" (ପୃଷ୍ଠା.୨୦୮), ମୁଁ ବିସ୍ମିତା ହୋଇ ଭାବିଲି (ପୃଷ୍ଠା.୨୨୮), "ସୁଭଦ୍ରା ଅସୁସ୍ଥା ଅଛି ଶୁଣିବା ପରେ ମୋର ତାଂକୁ ଜୋର୍‌କରି ଅଟକାଇ ରଖିବା ଉଚିତ ହୋଇନଥାନ୍ତା" (ପୃଷ୍ଠା.୨୨୯), "ମୁଁ ଚିନ୍ତିତା ହୋଇ ପଡ଼ିଲି" (ପୃଷ୍ଠା.୨୪୯), "ମୁଁ ଚମତ୍କୃତା ହେଲି" (ପୃଷ୍ଠା.୨୬୮), "ଭୀମଂକ ଗଦା ଉତ୍ତୋଳନ ହାତ୍ୱାରେ ଭୂପତିତା ହୋଇ ଚେତନା ହରାଇ ଦେଲି" (ପୃଷ୍ଠା.୨୮୫), "ମୁଁ ପୁଣି ଥରେ ଅର୍ଜୁନ ତଥା ପାଣ୍ଡବଂକ ପାଇଁ ଉଦ୍‌ବିଗ୍ନା ହେଲି" (ପୃଷ୍ଠା.୩୦୦), "ମୁଁ ନିଜକୁ ପ୍ରକୃତିସ୍ଥା କରେ" (ପୃଷ୍ଠା.୩୦୮), "ଉଦ୍ୟାନଶୋଭାରେ ବିମୁଗ୍‌ଧା ହୋଇ ମୁଁ କାବ୍ୟମୟୀ ହୋଇଗଲି" (ପୃଷ୍ଠା.୩୪୧)।

**ସାହିତ୍ୟ କୃତି ସଂପୂର୍ଣ୍ଣ ତ୍ରୁଟିରହିତ ହୋଇପାରେ ନାହିଁ ବୋଲି ପ୍ରାଚୀନ ସାହିତ୍ୟ ତତ୍ତ୍ୱରେ 'ଔଚିତ୍ୟ' ବୋଲି ଏକ ବିଚାର ରହିଥିଲା ।**

ଏହିପରି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ।

ସାହିତ୍ୟ କୃତି ସଂପୂର୍ଣ୍ଣ ତ୍ରୁଟିରହିତ ହୋଇପାରେ ନାହିଁ ବୋଲି ପ୍ରାଚୀନ ଭାରତୀୟ ସାହିତ୍ୟ ଆଲୋଚନା ତତ୍ତ୍ୱରେ 'ଔଚିତ୍ୟ' ବୋଲି ଏକ ବିଚାର ରହିଥିଲା, ଅଛି ବି । କେତେବେଳେ ତ୍ରୁଟି ଇଚ୍ଛାକୃତ ତ କେତେବେଳେ ଅନିଚ୍ଛାକୃତ। ଅନେକ ସମୟରେ କୃତିର ଉଜ୍ଜ୍ୱଳ ଆଭାର ସ୍ତୂପ ଭିତରେ ତ୍ରୁଟି ଚାପିହୋଇ ସାମାନ୍ୟ ଦୃଶ୍ୟହୋଇ ବି ଅଦୃଶ୍ୟ ହୋଇଥାଏ, ଛପିଯାଏ ଯୁଧିଷ୍ଠିରଂକ ମିଥ୍ୟା ବଚନ କେଉଁଠି ଦୃଷ୍ଟିପଥାରୂଢ଼ରୁ।

ଅନ୍ୟ ପକ୍ଷରେ ସାମାନ୍ୟ ତ୍ରୁଟି ବିରାଟ କୃତିକୁ ସମାଲୋଚନାର କଷଟି ପଥରରେ ଅନୁଜ୍ଜ୍ୱଳ ବୋଲି ପ୍ରମାଣି ଦିଏ। ଚିକ୍କଣ ସୁନାଗୋରୀର ହଳଦିମଖା ଗଂଡଦେଶ ସ୍ଥିତ ଅଲୋଡ଼ା କଳାଜାଇମଂଦା କି ପଦ୍ମଫୁଲିଆ ମୁଖମଂଡଳର ନାଲି ଟୁକୁଟୁକୁ ଓଷ୍ଠ ଆଚ୍ଛାଦିତ ସଂପୁଟ ସଦୃଶ କମନୀୟ ମୁଖଗୁହାର ଦନ୍ତପନ୍ତି ମଧ୍ୟରେ ଗୋପିତ ସାମାନ୍ୟ ବିକୃତ ମୁନିଆ ଦୁଇଦଶନ ପରି ତ୍ରୁଟି ସ୍ୱଷ୍ଟ ଭାବରେ ଉଦ୍ଭାସିତ ହୋଇଥାଏ, ଛପେଇବାକୁ ଚେଷ୍ଟା କଲେ ବି ଛପେନି। ମହାବାହୁ ସର୍ବନିୟନ୍ତା ଜଗତ୍‌ଈଶ୍ୱର ବିଷ୍ଣୁଂକ ପ୍ରାଣେଶ୍ୱରୀ-ରତ୍ନାଂକରଂକ ଅଲିଅଳ କନ୍ୟା-ଜଗତଯାକର ସର୍ବସଂପଦର ଅଧୀଶ୍ୱରୀ- ଲାବଣ୍ୟର ଆକର ହୋଇ ବି ମା' ଲକ୍ଷ୍ମୀଂକ ଟେରାପଣ ଲୁଚି ରହିପାରେନା; ଟେରୀ ଟାପରାରୁ ବର୍ତ୍ତି ପାରନ୍ତିନି ମା'।

ଓଡ଼ିଆ ପାଠକ ମହଲରେ ବହୁଳ ଭାବରେ ଆଦୃତ ଉପନ୍ୟାସ ମଧ୍ୟରେ ଅନ୍ୟତମ ହେଉଛି ଯାଜ୍ଞସେନୀ। ଓଡ଼ିଆ ଭାଷା ସାହିତ୍ୟକୁ ଅନେକ ଗୌରବ ଆଣିଥିବା ଏ ଉପନ୍ୟାସକୁ ନେଇ ବିପୁଳ ପୁରସ୍କାର ଓ ଖ୍ୟାତି ଅର୍ଜିଛନ୍ତି ଲେଖିକା, ତଥାପି ଏ ଉପନ୍ୟାସରେ କେତେକ ଅଯଥାର୍ହ ଦିଗ ପରିଦୃଷ୍ଟ ହୋଇଥାଏ, ଏ ପ୍ରବଂଧରେ ତାହାର କେତୋଟି ଦିଗ ଆଲୋଚିତ ହୋଇଛି ଯାହା।

(ଏହି ପ୍ରବନ୍ଧରେ ଥିବା ଶବ୍ଦଗୁଡ଼ିକରେ ଲେଖକଙ୍କ ବ୍ୟକ୍ତିଗତ ନୀତି ଅନୁସରଣ କରି ଅନୁସ୍ୱାର ଓ ହଳନ୍ତ ଚିହ୍ନର ପ୍ରୟୋଗ କରାଯାଇଛି ।)

□□

ଲେଖକଙ୍କ ଇ-ମେଲ ଠିକଣା:
sadanandanayak.odi@gmail.com





*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*

'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।
ବିଶେଷ ସୂଚନା ପାଇଁ ଦେଖନ୍ତୁ:
www.sahityacharcha.com/submit-articles

**ଗଳ୍ପ**

# ସୂର୍ଯ୍ୟାସ୍ତ ପାହାଡ଼ର ଚିତ୍ର



ରବି ସ୍ୱାଇଁ

ମୋର ଗୋଟିଏ ମାତ୍ର ପୁଅ । ସଫ୍ଟୱେୟାରରେ ଏମ୍‌ଟେକ୍ କରି ସେ ବିଦେଶ ଯାଇଥିଲା ଗବେଷଣା କରିବାକୁ । ସମସ୍ତଙ୍କ ପରି ଗବେଷଣା ସରୁ ସରୁ ସେଠି ଚାକିରିଟିଏ ପାଇଗଲା । ଭାଗ୍ୟର କଥା ଭାରତୀୟ ଝିଅ ସାଙ୍ଗଟିଏ ବି ମିଳିଗଲା । ପରସ୍ପରକୁ ଭଲପାଇ ସେମାନେ ସେଇଠି ସଂସାର ବସେଇଲେ । ଏଠାକୁ ଟୁରିଷ୍ଟପରି ଆସିବା ତାଙ୍କର ଖୁସି ଉପରେ ନିର୍ଭର କଲା ।

ମୁଁ ଏହାକୁ ଏକ ସାଧାରଣ ଘଟଣା ଭାବରେ ଗ୍ରହଣ କରିନେଇଥିଲି । ହେଲେ ତା' ବୋଉର ତା' ଉପରେ ଭୀଷଣ ଅଭିମାନ ଜମାହୋଇ ଯାଇଥିଲା । ଯେତେହେଲେ ମା' ମନ । ସବୁଦିନ ପାଇଁ ତା'ର ଦୂରେଇ ଯିବା କଥାଟାକୁ ସେ ସହିପାରୁନଥିଲା । ବେଳେ ବେଳେ ସେଇ ପରଝିଅର ମୁଣ୍ଡ ଉପରେ ଦୋଷତକ ଲଦି ଦେଉଥିଲା । ପୁଅକଥା ମନ ପକେଇ ଲୁହ ଝରେଇ ପକାଉଥିଲା । ପୁଣି କାଳେ ପୁଅର ଅମଙ୍ଗଳ ହେବ ଲୁଗାକାନିରେ ଲୁହକୁ ପୋଛି ପକାଉଥିଲା ।

> **ସେ ପୁଅକଥା ମନ ପକେଇ ଲୁହ ଝରେଇ ପକାଉଥିଲା । ପୁଣି କାଳେ ପୁଅର ଅମଙ୍ଗଳ ହେବ ଲୁଗାକାନିରେ ଲୁହକୁ ପୋଛି ପକାଉଥିଲା ।**

ମୋ' ଚାକିରି ସ୍ଥଳ ମୁମ୍ବାଇ ନଗରୀରେ ଆମେ ରହୁଥିଲୁ । ସେଠାରେ ରହୁଥିବା ଅଧିକାଂଶ ଓଡ଼ିଆ ଦମ୍ପତିଙ୍କର ଏହି ଅବସ୍ଥା ଦେଖି ନିଜକୁ ସାନ୍ତ୍ୱନା ଦେଉଥିଲୁ । ମୋ' ପୁଅ ଆମକୁ ତା' ପାଖକୁ ଯାଇ କିଛିଦିନ ରହିବା ପାଇଁ ବାରମ୍ବାର ଅନୁରୋଧ କରୁଥିଲା । ସୁବିଧା ଦେଖି ଯିବୁ ବୋଲି କହିବା ଛଡ଼ା ଆଉ କିଛି ଉପାୟ ନଥିଲା । ମୋର ବହୁତ କାମ ଥିଲା ଏବଂ ତା' ବୋଉର ଥିଲା ବହୁତ ଅଭିମାନ ।

ଆମେ ଦି'ଜଣ ସେଠାକୁ ଯିବାର ସୁଯୋଗ ଆଉ ଆସିଲା ନାହିଁ । କରୋନା କାଳରେ ତା' ବୋଉ ଆମକୁ ଛାଡ଼ି ଚାଲିଗଲା । ପୁଅ ତାର କ୍ରିୟାକର୍ମ କରିବାକୁ ବି ଆସିପାରିଲା ନାହିଁ । ମୁଁ ଅସହାୟ ଭାବରେ ଏକାକୀ ହୋଇଗଲି ।

ମୁମ୍ବାଇରେ ଏକୁଟିଆଟା ରହିବାକୁ ଆଉ ମନ ଡାକିଲା ନାହିଁ । କରୋନା ଥମିଯିବା ପରେ ପୁଅବୋହୂ ଦି'ଜଣ ଆସିଥିଲେ । ମତେ ତାଙ୍କ ସହ ଯିବା ପାଇଁ ବାଧ୍ୟ କଲେ । ମୁଁ ବାହାରକୁ ଯିବା ପାଇଁ ପ୍ରସ୍ତୁତ ନଥିଲି । ବରଂ ଓଡ଼ିଶାକୁ ଫେରିଯିବାକୁ ଚାହୁଁଥିଲି । ପୁଅ ସଙ୍ଗେ ସଙ୍ଗେ ତା'ର ସାଙ୍ଗ ସହ କଥାବାର୍ତ୍ତା କରି ଭୁବନେଶ୍ୱରରେ ଫ୍ଲାଟ୍‌ଟିଏ କିଣି ଦେବାର ବ୍ୟବସ୍ଥା କରିଦେଲା । ମୁଁ ସେଥିରେ ମଧ୍ୟ ରାଜି ହେଲିନି । ଗାଁକୁ ଫେରିଯିବା ପାଇଁ ଇଚ୍ଛାବ୍ୟକ୍ତ କଲି । ମୁମ୍ବାଇ ଫ୍ଲାଟ୍‌ର ସମସ୍ତ କାଗଜପତ୍ର ତାକୁ ଧରାଇଦେଲି । ତା'ର ସୁବିଧା ଅନୁସାରେ ସେ ଯାହା କରିବ କରୁ ।


ଅବସର ନେବାକୁ ମୋର ଆଉ ଚାରିବର୍ଷ ଥିଲା । ତଥାପି ମୁଁ ସ୍ୱଇଚ୍ଛାରେ ଇସ୍ତଫା ଦେଇଦେଲି । ଅବସର ସଂକ୍ରାନ୍ତୀୟ ସମସ୍ତ କାମସାରି ମୁଁ ଗାଁକୁ ଫେରିଆସିଲି ।

ଗାଁରେ ମୋର ବଡ଼ଭାଇ ଓ ଭାଉଜ ରହୁଥିଲେ । ତାଙ୍କର ପିଲାମାନେ ଚାକିରିବାକିରି କରି ଦୂରରେ ରହୁଥିଲେ । ମୁଁ ତାଙ୍କ ପାଖରେ ରହିବାକୁ ସ୍ଥିର କରିଛି ଜାଣି ସେମାନେ ଭାରି ଖୁସି ହୋଇଗଲେ । ମୁଁ ଆରାମରେ ନିଜ ପରିବାର ଓ ପଡ଼ାପଡ଼ୋଶୀଙ୍କ ସହିତ ରହିଲି । ଗାଁର ଅନ୍ୟମାନଙ୍କ ସହିତ ମିଶିଲି, ସୁଖଦୁଃଖ ହେଲି । ଆମ ବନ୍ଧୁବାନ୍ଧବଙ୍କ ଘରଆଡ଼େ ଆମେ ଦି'ଭାଇ ସାଙ୍ଗହୋଇ ଗଲୁ । ଗାଁରେ ଅବଶ୍ୟ ରାଜନୈତିକ ଓ ସାମାଜିକ ବିଶୃଙ୍ଖଳା ଥିଲା । ସେ ସବୁଥିରୁ ଦୂରରେ ରହି ମୁଁ ଖୁସିରେ ସମୟ କଟେଇବାକୁ ଲାଗିଲି ।

ଗାଁରେ ରହିବାର କିଛିଦିନ ପରେ ଆମ ଗାଁ ସ୍କୁଲର ବାର୍ଷିକ ଉତ୍ସବ ପାଇଁ ଆୟୋଜନ କରାଗଲା । ମୁଁ ଗାଁରେ

ଥିବାରୁ ମୋତେ ଅତିଥିକରି ଡାକିଲେ । ଆମ ସମୟରେ ଏହା ଏକ ନି:ପ୍ରା: ବିଦ୍ୟାଳୟ ଥିଲା । ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୁଁ ସେଇଠି ପଢ଼ିଥିଲି । ତା'ପରେ ସହରକୁ ଯାଇ ପଢ଼ିଲି । ଆମ ନି:ପ୍ରା: ବିଦ୍ୟାଳୟ ଏବେ ହାଇସ୍କୁଲ ହୋଇଯାଇଛି । ସ୍କୁଲ କଥା ପଢ଼ିବାରୁ ମୋର ସେଇ ଛୋଟ ଚାଳିଆ ଘରର ନି:ପ୍ରା:ସ୍କୁଲ କଥା ମନେପଡ଼ିଗଲା । ଆମେସବୁ କନାରେ ସିଆଁ ହୋଇଥିବା ବ୍ୟାଗକୁ କାନ୍ଧରେ ଗଳେଇ ଓ ସ୍ୟାହି ଘଡ଼ିକୁ ହାତରେ ଓହଳେଇ ସ୍କୁଲକୁ ଯାଉଥିଲୁ । ଦି'ଓଳି ପାଠପଢ଼ା ହେଉଥିଲା । ଆମ ମାଷ୍ଟ୍ରେ ସ୍କୁଲରେ ରହୁଥିଲେ । ଆମେ ତାଙ୍କ ପାଇଁ ପାଳି ନେଇ ଦେଉଥିଲୁ । ସ୍କୁଲ ଆଗରେ ସୁନ୍ଦର ବଗିଚାଟିଏ ଥିଲା । ସେଠି ଆମେ ମାଟି ହାଣୁଥିଲୁ । ଫୁଲଗଛ ଲଗାଉଥିଲୁ । ପରିବା ମଞ୍ଜି ପୋତୁଥିଲୁ । ପାଣି ଦେଉଥିଲୁ । ଘାସ ବାଛୁଥିଲୁ । ଭାରି ଭଲ ଲାଗୁଥିଲା । ହଜିଲା ପିଲାଦିନର ସେଇସବୁ ଚିତ୍ର ମନ ଭିତରେ ଫୁଲପରି ଫୁଟିଉଠିଲା ।

ସେହି ସମୟର ଗୋଟିଏ ଚିତ୍ର ମୋର ବେଶୀ ମନେପଡ଼ିଲା । ସେତେବେଳେ ସ୍କୁଲ ଆଗ ରାସ୍ତାରେ ଠିଆହୋଇ ପୂର୍ବ ଓ ପଶ୍ଚିମ ଦିଗକୁ ଅନେଇଲେ ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁଜ ସମୁଦ୍ର ଲମ୍ବି ଯାଇଥିବା ପରି ଦିଶେ । ପଶ୍ଚିମ ଦିଗ୍‌ବଳୟରେ ଦୁଇଟି ପାହାଡ଼ ଲଗାଲଗି ହୋଇ ରହିଥାନ୍ତି । ଆକାଶଠାରୁ ଅଧିକ ନୀଳ ରଙ୍ଗର ପାହାଡ଼ । ଆମେ ତାକୁ ସୂର୍ଯ୍ୟାସ୍ତ ପାହାଡ଼ ବୋଲି କହୁଥିଲୁ । ଦୁଇ ପାହାଡ଼ ସନ୍ଧିରେ ଅସ୍ତଯିବା ପୂର୍ବରୁ ସୂର୍ଯ୍ୟ କିଛି ସମୟ ଅଟକି ଯାଆନ୍ତି । ପାହାଡ଼ର ଚୂଳ ସମେତ ପଶ୍ଚିମାକାଶ ବିଚିତ୍ର ଲାଲ୍ ରଙ୍ଗରେ ଚିତ୍ରିତ ହୋଇଯାଏ । ବେଳେବେଳେ ସେଠାରେ ଭାସୁଥିବା ବାଦଲ ଖଣ୍ଡମାନ ଆହୁରି ସ୍ୱପ୍ନମୟ ପରିବେଶ ସୃଷ୍ଟିକରି ଦିଅନ୍ତି । କେବଳ ବର୍ଷାଦିନମାନଙ୍କୁ ଛାଡ଼ିଦେଲେ ପ୍ରାୟ ପ୍ରତିଦିନ ସେ ସୌନ୍ଦର୍ଯ୍ୟ ଦେଖି ମୁଁ ମୁଗ୍ଧହୋଇ ଯାଉଥିଲି । ମୋର ରଫ୍‌ଖାତା ଓ ଡ୍ରଇଂ ଖାତାରେ ଦୁଇ ପାହାଡ଼ ଭିତରେ ଅସ୍ତଗାମୀ ସୂର୍ଯ୍ୟର ଚିତ୍ର ଆଙ୍କିବା ମୋର ସଉକ ହୋଇଯାଇଥିଲା । ଅଧିକ ପଢ଼ିବାକୁ ସହରକୁ ଗଲାପରେ କାଗଜ ଉପରେ ସେହି ଚିତ୍ର ଆଙ୍କିବାର ସଉକ ହଜିଗଲା ।



ହେଲେ ମୋର ସେହି ପ୍ରିୟ ଚିତ୍ରଟି ହୃଦୟ ଭିତରେ ଆଙ୍କିହୋଇ ରହିଗଲା । ଏହାସହିତ ଏପରି ଇଚ୍ଛାଟିଏ ମଧ୍ୟ ମନ ଭିତରେ ଜନ୍ମ ନେଇଥିଲା – ସୁବିଧା ଦେଖି ମୁଁ ନିଶ୍ଚୟ ସେହି ପାହାଡ଼ ପାଖକୁ ଯିବି ଓ ମନବୋଧ କରି ସେହି ସୌନ୍ଦର୍ଯ୍ୟ ଉପଭୋଗ କରିବି । କେତେଥର ସେହି ପାହାଡ଼ କଥା ମୋ' ପତ୍ନୀଙ୍କୁ ବି କହିଛି । ସୁବିଧା ଦେଖି ତାଙ୍କୁ ସେଠିକି ବୁଲେଇ ନେବି ବୋଲି କଥା ବି ଦେଇଛି ।

ହେଲେ ତାହା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ । ପାଠପଢ଼ା ପରେ ଚାକିରି ପାଇଁ ପ୍ରସ୍ତୁତି – ଚାକିରି ମିଳିଗଲା ପରେ ଦୂର ନଗରୀରେ ରହଣି । ଚାକିରି କାମ ଓ ସଂସାର ଜଞ୍ଜାଳ ଭିତରେ ବୁଡ଼ିରହି ଏହି ସ୍ୱପ୍ନଟିକୁ ବାସ୍ତବାୟିତ କରିପାରିନାହିଁ । ତେଣୁ ମୁଁ ଠିକ୍‌କଲି, ସ୍କୁଲର ବାର୍ଷିକୋତ୍ସବ ପରେ ଦିନଧାର୍ଯ୍ୟ କରି ସେଠାକୁ ଯିବି । ଏବେ ତ ସବୁଆଡ଼େ ରାସ୍ତାଘାଟ ହୋଇଗଲାଣି । ଗାଡ଼ି ସହଜରେ ସେଠାକୁ ଯାଇପାରିବ ।

ଖୁବ୍ ଜାକଜମକରେ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥିମାନେ ମୋତେ ପ୍ରଶଂସାରେ ପୋତି ପକାଇଲେ । ମୁଁ ପିଲାମାନଙ୍କ ପାଇଁ ଆଦର୍ଶ ବୋଲି ଘୋଷଣା କଲେ । ସ୍କୁଲ ତରଫରୁ ମୋତେ ସମ୍ବର୍ଦ୍ଧିତ କରାଗଲା । ଉତ୍ସବଟି ମୋତେ ଭାରି ଭଲ ଲାଗିଲା । ମୋର ଅବସର ଜୀବନକୁ ଗାଁରେ କାଟିବାର ନିଷ୍ପତ୍ତିକୁ ମୁଁ ମନେ ମନେ ଠିକ୍ ବୋଲି ଭାବିଲି ।

ତା'ପରଦିନ ସଂଧ୍ୟା ସମୟରେ ଆମ ଛାତ ଉପରେ ଠିଆହୋଇ ପଶ୍ଚିମ ଦିଗକୁ ଅନେଇଲି । ସୂର୍ଯ୍ୟ ଖଣ୍ଡ ଖଣ୍ଡ ବଉଦ ଭିତରେ ଅସ୍ତ ଯାଉଥିଲେ । ମୁଁ ସେହି ପାହାଡ଼ର ରଙ୍ଗିନ୍ ଚିତ୍ର ଦେଖିପାରିଲି ନାହିଁ । ତାର ମୁଖ୍ୟ କାରଣ ହୁଏତ ହୋଇପାରେ ଦିଗ୍‌ବଳୟ ବହୁତ ପାଖକୁ ଘୁଞ୍ଚି ଆସିଥିଲା ଏବଂ ବହୁ ଗାଁଗଣ୍ଡା, ଘରଦ୍ୱାର, ଗଛଲତା ସେହି ସ୍ଥାନକୁ ଅଧିକାର କରିନେଇଥିଲେ । ସେ ଯାହାହେଉ, ମୁଁ ଖୁବ୍‌ଶୀଘ୍ର ସେଠାକୁ ଯାଇ ବୁଲି ଆସିବି ବୋଲି ମନ ଭିତରେ ଦୋହରେଇଲି ।

ଅନେକ ଦିନ ପରେ ପୁଅଠାରୁ ଚିଠିଟେ ପାଇ ଆଶ୍ଚର୍ଯ୍ୟ

ହେଲି । ସେ ତ ଚିଠି ଜମା ଦିଏନି । ଭିଡିଓ କଲ୍‌କରି ଦିନେ ଦି'ଦିନରେ କଥାହୁଏ । ମୁଁ ତା' ପାଖକୁ ନଯାଇ ଗାଁକୁ ପଳେଇ ଆସିଲା ପରେ ସେ ଅଭିମାନରେ ହୁଏତ ମୋ' ସହ କଥା ହୋଇନି । ମୁଁ ବି ତା' ସହ କାହିଁକି କଥା ହୋଇନି କହିପାରିବିନି । ସେ ହିଁ ତା'ଆଡୁ କଥାହେବା ଥିଲା ଏକ ସ୍ୱାଭାବିକ ଘଟଣା ।

> **ତା' ଚିଠିର ଲଫାପା ଚିରିଲା ବେଳେ କାହିଁକି କେଜାଣି ମୋ' ହାତ ଥରିବାକୁ ଲାଗିଲା ।**

ତା' ଚିଠିର ଲଫାପା ଚିରିଲା ବେଳେ କାହିଁକି କେଜାଣି ମୋ' ହାତ ଥରିବାକୁ ଲାଗିଲା । ହଠାତ୍ ତା' ବୋଉର ମୁହଁ ମୋ' ଆଖି ଆଗକୁ ଚାଲିଆସି କୁଆଡ଼େ ଉଭେଇଗଲା । ମୁଁ ଚିଠିକୁ ମୁଣ୍ଡରେ ମାରି ଚିରିଲି । ତା' ଭିତରେ ଥିବା ଚିଠିଟି ବାହାରକରି ପଢ଼ିଲା ବେଳକୁ ମୋ' ଛାତି ଥରିଉଠିଲା । ମୋ' ପୁଅ-ବୋହୂଙ୍କ ସଂସାର ଭାଙ୍ଗିଯାଇଛି । ବୋହୂ ଅନ୍ୟ ଯୁବକକୁ ଭଲପାଇ ତାକୁ ବିବାହ କରିବ ବୋଲି ସ୍ଥିର କରିଛି । ସେମାନଙ୍କର ସୁବିଧା ପାଇଁ ମୋ' ପୁଅ ତା' ଟିକି ଝିଅର ଦାୟିତ୍ୱ ନେଇଯାଇଛି । ବର୍ତ୍ତମାନ ଝିଅଟି ଗୋଟିଏ ଧାଈର ତତ୍ତ୍ୱାବଧାନରେ ଅଛି । ଆଇନଗତ କାର୍ଯ୍ୟ ସରିଗଲା ପରେ ସେ ତା' ଟିକିଝିଅକୁ ଧରି ଦେଶକୁ ପଳେଇ ଆସିବ । ସେହି ଏମଏନସିର ମୁମ୍ବାଇ ଶାଖାର ମୁଖ୍ୟ ଭାବରେ ଏଠାରେ କାର୍ଯ୍ୟ କରିବ । ମତେ ପୁଣି ମୁମ୍ବାଇ ଫେରି ଯିବାକୁ ଅନୁରୋଧ କରିଛି । ଏଠାରେ ଏହା ଏକ ସାଧାରଣ ଘଟଣା ବୋଲି ଲେଖି ସେ ଆଦୌ ଦୁଃଖୀ ନୁହେଁ ବୋଲି ଜଣାଇଛି ।

ମୁଁ ଭାଇ ଓ ଭାଉଜଙ୍କୁ ଏକଥା କହିଲାରୁ ସେମାନେ ଭାରି ମନଦୁଃଖ କଲେ । ମୋତେ ଆଶ୍ୱାସନା ଦେବାକୁ ଭାଉଜ କହିଲେ, ଆମେ ବି ତମ ସହିତ ମୁମ୍ବାଇ ଯାଇ କିଛିଦିନ ସେଠାରେ ରହିବୁ । ତାଙ୍କର ଏ କଥାରେ ମୁଁ ଖୁସି ହେବି କି ନାହିଁ ଭାବିପାରିଲିନି ।

ସେହି ସୂର୍ଯ୍ୟାସ୍ତ ପାହାଡ଼ର ସୌନ୍ଦର୍ଯ୍ୟ ଉପଭୋଗ କରିବାର ଇଚ୍ଛା ମଉଳିଗଲା । ଅନ୍ୟମାନଙ୍କଠାରୁ ଜାଣିଲି ସେ ପାହାଡ଼ ଆଉନାହିଁ । ଚୋରା ବେପାରୀମାନେ ସେ ପାହାଡ଼ ତାଡ଼ି ତାର ପଥର ସବୁ ବିକ୍ରି କରିଦେଇଛନ୍ତି । ସେଠି ଖାଲି ଖାତ ଆଉ ବଣୁଆ ଗଛବୃଛ ଭର୍ତ୍ତି ହୋଇଛି । ପାହାଡ଼ ଚୋରି ପାଇଁ ତଦନ୍ତ ବହୁଦିନରୁ ବସିଥିଲେ ବି କୋର୍ଟ କଚେରିକୁ ମାମଲା ଚାଲିଯାଇଥିବାରୁ ତାହା ଆରମ୍ଭ ହୋଇପାରୁନି ।

ମୁଁ ମନେ ମନେ ସେହି ପାହାଡ଼ ଦୁଇଟିର ଚିତ୍ରକୁ ପ୍ରଣାମ ଜଣେଇଲି ।

□□

ଲେଖକଙ୍କ ଇ-ମେଲ ଠିକଣା:
rswainpdp@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com

ସାକ୍ଷାତକାର

# ଗଣଔପନ୍ୟାସିକ ଭାଗୀରଥି ଦାସଙ୍କ ସହ ସାରସ୍ୱତ ବାର୍ତ୍ତାଳାପ

**ଓଡ଼ିଶାର ଗଣଔପନ୍ୟାସିକ ଭାବରେ ପରିଚିତ ଭାଗୀରଥି ଦାସ ପାଞ୍ଚ ଶହରୁ ଅଧିକ ଉପନ୍ୟାସର ସ୍ରଷ୍ଟା। ଏହି ଉପନ୍ୟାସଗୁଡ଼ିକ ବ୍ୟତୀତ ସେ ପ୍ରାୟ ୨୫ ଖଣ୍ଡ ନାଟକ ଓ ୧୮ ଖଣ୍ଡ ଗଳ୍ପ ସଂକଳନ ମଧ୍ୟ ରଚନା କରିଛନ୍ତି। ସାମାଜିକ ସଂସ୍କାର ଓ ବ୍ୟକ୍ତିଜୀବନର ବାର୍ତ୍ତା ବହନ କରୁଥିବା ତାଙ୍କର ଉପନ୍ୟାସଗୁଡ଼ିକ ଗୋଟିଏ ସମୟରେ ଓଡ଼ିଶାର ଘରେ ଘରେ ଆଦୃତ ହୋଇଥିଲେ, ତଥା ଓଡ଼ିଆ ପାଠକଙ୍କ ମଧ୍ୟରେ ପୁସ୍ତକ ପଠନର ନିଶା ଜଗାଇବାର ଭୂମିକା ତୁଲାଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୦ ମସିହାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୩୯ ମସିହାରେ ଜନ୍ମିତ ଏହି ବର୍ଷିୟାନ୍ ଉପନ୍ୟାସକାରଙ୍କର ଜଗତସିଂହପୁର ଉପକଣ୍ଠ ପାଟେଣୀଗାଁରେ ଥିବା ବାସଭବନକୁ ଯାଇ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜର ଆତ୍ମଜୀବନୀରେ ଲେଖିଛନ୍ତି, ସେତେବେଳେ କିଭଳି କଟକର ପ୍ରକାଶକମାନେ ଆସି ଆପଣଙ୍କ ପାଖରେ ବସି ରହୁଥିଲେ ଏବଂ ରାତି ବିତାଉଥିଲେ ଆପଣଙ୍କ ଘରେ, ଯେମିତିକି ଆପଣ ଉପନ୍ୟାସଟିଏ ଲେଖିବା ସାରିଲେ, ସେମାନେ ପ୍ରଥମେ ହିଁ ପାଇବେ ସେଇଟି। ସେଦିନର ଓଡ଼ିଆ ବହିର ସେହି ଚାହିଦା ଓ ଆଜିର ବିପରୀତ ଚିତ୍ର, ଏ ପରିବର୍ତ୍ତନଟା କେମିତି ଆସିଲା?

**ଭାଗୀରଥି ଦାସ:** ସେ ସମୟରେ, ଓଡ଼ିଆ ସାହିତ୍ୟ ବଞ୍ଚିରହୁ, ଉନ୍ନତି କରୁ, ଆହୁରି ଆଗକୁ ଚାଲୁ, ଏହା ଗୋଟିଏ ପ୍ରସଙ୍ଗ ନଥିଲା। ସମୟ ବିତାଇବା ପାଇଁ କେବଳ ଗାଆଁର ଭାଗବତ ଟୁଙ୍ଗି, ଗ୍ରାମୋଫୋନ୍ ରେକର୍ଡର ଗୀତ, ଦାସକାଠିଆ ଓ ପାଲା ଆଦି ଯାହା ମନୋରଞ୍ଜନର ମାଧ୍ୟମ ଭାବରେ ରହିଥିଲା।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଏ ସବୁ ପାଠକଙ୍କୁ ସେଭଳି ଭାବରେ ଅକ୍ତିଆର କରିନଥିଲା, ଯାହା ଆଜିକାଲି କରିଛି ମୋବାଇଲ୍ ଆଉ ଟି.ଭି।

**ଭାଗୀରଥି ଦାସ:** ସେମିତି ଅବଶ୍ୟ ହୋଇନଥିଲା।

**ସାହିତ୍ୟ ଚର୍ଚ୍ଚା:** ତେବେ ଏ ଦୃଷ୍ଟିରୁ, ସେବର ମଣିଷ ପାଇଁ ଜ୍ଞାନ ଅର୍ଜନ ଓ ମନୋରଞ୍ଜନର କ'ଣ ଗୋଟିଏ ମୁଖ୍ୟ ମାଧ୍ୟମ ଥିଲା ବହି?

**ଭାଗୀରଥି ଦାସ:** ବହି ଆଜ୍ଞା ଥିଲା ମୁଖ୍ୟ; ଭାଗବତ ହେଉ, ରାମାୟଣ ହେଉ ବା ମହାଭାରତ ହେଉ, ତା'ଛଡ଼ା ଉପନ୍ୟାସ ମଧ୍ୟ, ଏସବୁ ପାଠକମାନଙ୍କର ଅତି ପ୍ରିୟ ଥିଲା। ଏମିତିକି ଧାର କରଜ କରି ଲୋକେ ବହି କିଣୁଥିଲେ।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ ତ ପ୍ରକାଶକମାନେ ଆସି ଏଠି ବସୁଥିଲେ ଏବଂ ଆପଣ ଶହ ଶହ ସଂଖ୍ୟାରେ

ଉପନ୍ୟାସ ଲେଖି ସେମାନଙ୍କର ଚାହିଦା ପୂରଣ କରୁଥିଲେ। ତେବେ ଯାହା ଆପଣ ନିଜର ଆତ୍ମଜୀବନୀରେ ଲେଖିଛନ୍ତି, ଆପଣଙ୍କ ଜୀବନ ସଂଘର୍ଷମୟ ଥିଲା ଏବଂ ଆପଣଙ୍କୁ ଦାରିଦ୍ର୍ୟର କଷଣ ମଧ୍ୟ ସହିବାକୁ ପଡୁଥିଲା। ସେତେବେଳେ ଆପଣ ଚାଳଛପର ଘରେ ରହୁଥିଲେ। କିନ୍ତୁ ଆଜି ଏଠାରେ ଆମେ ଦେଖୁଛୁ ଯେ ତାହା ଏକ ସୁଦୃଶ୍ୟ କୋଠାରେ ପରିଣତ ହୋଇଯାଇଛି। ଚାଳଘରୁ କୋଠାଘର ପର୍ଯ୍ୟନ୍ତ ଏହି ଯାତ୍ରାରେ କ'ଣ ଓଡ଼ିଆ ଉପନ୍ୟାସର କିଛି ଅବଦାନ ଅଛି ?

**ଭାଗୀରଥି ଦାସ:** ଉପନ୍ୟାସର ଅବଦାନ ନାହିଁ କାହିଁକି ! ଅଛି। ଏ କ୍ଷେତ୍ରରୁ ମଧ୍ୟ ଦୁଇ ପଇସା ମିଳିଛି। କିନ୍ତୁ ମୁଁ ଅର୍ଥ ଉପାର୍ଜନ ପାଇଁ କେବେ ଲେଖିନାହିଁ। ନିଜର ଇଚ୍ଛାମତେ ପ୍ରକାଶକମାନେ ଯାହା ଦିଅନ୍ତି, ତାହା ସ୍ୱୀକାର କରିଛି। ଲେଖିବା ପଛରେ ମୋ'ର ମୂଳ ଉଦ୍ଦେଶ୍ୟ ଥିଲା, ସମାଜକୁ ସଦ୍‌ବାର୍ତ୍ତା ଦେବି; ଜୀବନରେ ସତ୍ୟ ଓ ନିଷ୍ଠା ବଳରେ ଲୋକଙ୍କୁ ଠିକ୍ ବାଟରେ ଯିବାର ରାହା ଦେଖାଇବି। ପରିବାରଟି ଭିତରେ ସ୍ନେହ ଓ ମମତାର ପରିବେଶ ପାଇଁ ଖୋରାକ ଯୋଗାଇବି।

**ମୁଁ ମାଆ ଶାରଳାଙ୍କର ଆଶୀର୍ବାଦ ପ୍ରାପ୍ତ। ତାଙ୍କରି ପ୍ରେରଣାରେ ମୁଁ ଲେଖୁଛି।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଉପନ୍ୟାସଗୁଡ଼ିକରେ ଥିବା ଏହି ସନ୍ଦେଶଗୁଡ଼ିକ ହିଁ ବେଶି ଗୁରୁତ୍ୱପୂର୍ଣ୍ଣ। କାରଣ ଆମେ ଜାଣୁ, ବ୍ୟାବସାୟିକ ମନୋରଞ୍ଜନକୁ ଦୃଷ୍ଟିରେ ରଖି ଆପଣ ଉପନ୍ୟାସ ଲେଖନ୍ତି ନାହଁ।

**ଭାଗୀରଥି ଦାସ:** ସେଭଳି କେବେ କରିନାହିଁ। ସରକାରଙ୍କ ଜଣେ ଗ୍ରାମ୍ୟ କୃଷି କର୍ମଚାରୀ ଭାବରେ ଗ୍ରାମାଞ୍ଚଳରେ ବୁଲିବାର ସୁଯୋଗ ପାଇଛି। ସହର ସହିତ ମୋ'ର ସମ୍ପର୍କ କିଛି ନ ଥିଲା। ବିଭିନ୍ନ ଗ୍ରାମ ବୁଲି ମୁଁ ଅନୁଭବ କରିଛି ଯେ ଏଠି ପ୍ରତ୍ୟେକ ପରିବାର ହେଉଛି ଗୋଟିଏ ଗୋଟିଏ କାହାଣୀ। ପ୍ରତ୍ୟେକ ଚାଷୀର ଜୀବନରେ ଲେଖିବାଯୋଗ୍ୟ କିଛି ନା କିଛି ଘଟୁଥାଏ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ନିଜର ବହି ପାଇଁ କଥାବସ୍ତୁ ଅମଳ କରୁଥିଲେ ଗାଁ'ଗହଳର ସେହି ଚାଷ ଜମିରୁ ! ଏଥିପାଇଁ ବୋଧହୁଏ ଆପଣଙ୍କ ଉପନ୍ୟାସ ଗାଆଁର ସାଧାରଣ ଲୋକଙ୍କୁ ଅଧିକ ସ୍ପର୍ଶ କରୁଥିଲା।

**ଭାଗୀରଥି ଦାସ:** ହଁ, ମୁଁ ଯେଉଁ ଲେଖାଟି ଲେଖେ, ତାହା ପଢ଼ି ପ୍ରତ୍ୟେକ ପାଠକ ଭାବେ ଯେ ଏଥିରେ ତାହାରି କଥା ହିଁ ଲେଖା ହୋଇଛି।

**ସାହିତ୍ୟ ଚର୍ଚ୍ଚା:** ଆମେ ଟିକିଏ ଆଗରୁ ଯାହା କହୁଥିଲୁ, ସାମାଜିକ ବା ବ୍ୟକ୍ତି ଜୀବନର ଉତ୍ଥାନ ପାଇଁ ଗୋଟିଏ ସନ୍ଦେଶ ଆପଣଙ୍କ ଉପନ୍ୟାସରେ ରହିଥାଏ। ଏହା କ'ଣ ଗୋଟିଏ କାରଣ, ଯେଉଁଥିପାଇଁ ସେକାଳରେ ଝିଅମାନେ ବାହା ହୋଇ ଶାଶୁଘରକୁ ଯିବାବେଳେ, ସେମାନଙ୍କ ପେଡ଼ିରେ ଆପଣଙ୍କର କେତୋଟି ଉପନ୍ୟାସ ରଖିଦିଆଯାଉଥିଲା ?

**ଭାଗୀରଥି ଦାସ:** ହଁ ଏହା ହେଉଥିଲା। ଏ ଦୃଷ୍ଟିରୁ ଯେଉଁ ବହିଗୁଡ଼ିକ ବିଶେଷ ଭାବରେ ଆଦୃତ ହେଉଥିଲା, ସେଥି ଭିତରେ ଥିଲା, 'ଝିଅଲୋ ମୋ'ର ବୋଲ କର', 'ପର ଝିଅ ଘର ଭାଙ୍ଗେନା', 'ଭାଇ ନୁହେଁ ଭଗବାନ', 'ଦୁହିତା ଦୁଇ କୁଳକୁ ହିତା' ପ୍ରଭୃତି। ଏଥିରେ ପରିବାରଟିକୁ ଉଚିତ ମାର୍ଗରେ ଗଢ଼ିବା ବିଷୟରେ ଦିଗ୍‌ଦର୍ଶନ ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ପାଞ୍ଚ ଶହରୁ ଅଧିକ ଉପନ୍ୟାସ ଲେଖିଛନ୍ତି ଯାହା ଗାଁ'ଗହଳର ପାଠକମାନଙ୍କୁ ପ୍ରଭାବିତ କରିଛି। ଏ ଦୃଷ୍ଟିରୁ ଆପଣ ଜଣେ ଗଣଔପନ୍ୟାସିକ ବୋଲି କୁହାଯାଇପାରିବ କି ?

**ଭାଗୀରଥି ଦାସ:** ମୁଁ ଗଣ ପାଇଁ ହିଁ ଲେଖେ।


**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ କାହିଁକି ଶ୍ରେଣୀ-ଔପନ୍ୟାସିକ ହୋଇପାରିଲେନି, ଅର୍ଥାତ୍ ସମ୍ଭ୍ରାନ୍ତ ଶ୍ରେଣୀର ଔପନ୍ୟାସିକ, ଯେଉଁମାନଙ୍କ ଭାଗରେ ପଡ଼ିଥାଏ ସାହିତ୍ୟ-ପୁରସ୍କାର ଓ ସ୍ୱୀକୃତି। ସେହି ଶ୍ରେଣୀରେ ପ୍ରବେଶ କରିବାପାଇଁ କ'ଣ ଆପଣ କେବେ ଆଶାୟୀ ହୋଇନାହାନ୍ତି ?

**ଭାଗୀରଥି ଦାସ:** ମୁଁ ଆଜ୍ଞା, ମାଆ ଶାରଳାଙ୍କର ଆଶୀର୍ବାଦ ପ୍ରାପ୍ତ। ତାଙ୍କରି ପ୍ରେରଣାରେ ମୁଁ ଲେଖୁଛି। ତେଣୁ କେବେ ଆଶା କରିନାହିଁ ଯେ ମୋତେ ପୁରସ୍କାର ମିଳୁ। କିନ୍ତୁ ଏ କଥା ଜାଣିଛି, ଯେ ସମୟ ଆସିଲେ ପରିଶ୍ରମର ମୂଲ୍ୟ ଈଶ୍ୱର ନିଶ୍ଚିତ ଭାବରେ ଦେବେ। ଏବେ ସୁଦ୍ଧା ବହିଗୁଡ଼ିକର ଯାହାବି ପ୍ରଚାର, ପ୍ରସାର ହୋଇଛି, ସେସବୁ ଘଟିଛି ଆକସ୍ମିକ ଭାବରେ। ମୁଁ ନିଜେ ଚାହିଁକରି ଏସବୁ ହୋଇନାହିଁ।

**ସାହିତ୍ୟ ଚର୍ଚ୍ଚା:** ତଥାପି ଆପଣଙ୍କ ମନରେ କ'ଣ କେବେ ଟିକିଏ ଅବସୋସ ଆସିନି, ଯେ ଆପଣ ସାମଗ୍ରିକ ଭାବରେ ଏତେ ସଂଖ୍ୟକ ଉପନ୍ୟାସ ଲେଖିଥିବା ସତ୍ତ୍ୱେ ଓଡ଼ିଆ ସାହିତ୍ୟର ମୁଖ୍ୟ ଧାରାରେ ନିଜର ପରିଚୟ ସୃଷ୍ଟି କରିବାରୁ ବଞ୍ଚିତ ହେଲେ ?

**ଭାଗୀରଥି ଦାସ:** ଦେଖନ୍ତୁ, ମୁଁ ଗୋପୀନାଥ ମହାନ୍ତିଙ୍କଠାରୁ ଆରମ୍ଭ କରି କାହ୍ନୁଚରଣ ମହାନ୍ତି, ମାୟାଧର ମାନସିଂହ, ଉଦୟନାଥ ଷଡ଼ଙ୍ଗୀ, ରବି ସିଂ - ଏସବୁ ବଡ଼ ବଡ଼ ଲେଖକଙ୍କ ଲେଖା ପ୍ରବଳ ଭାବରେ ପଢ଼ିଛି, ୫୭ - ୫୮ ମସିହାର କଥା କହୁଛି।

**ସାହିତ୍ୟ ଚର୍ଚ୍ଚା:** ଏହି ଯେଉଁମାନଙ୍କୁ ପଢ଼ିଛନ୍ତି, କେବେ ଇଚ୍ଛା ହୋଇନି, ଏମାନଙ୍କ ସମକକ୍ଷ ଟିକିଏ ସ୍ୱୀକୃତି ପାଇବା ପାଇଁ?




**ଭାଗୀରଥି ଦାସ:** ମୁଁ ସେତିକି ଯୋଗ୍ୟ ନୁହେଁ ଆଜ୍ଞା, ସେମାନଙ୍କ ପାଦ ଧୂଳି ପାଇଁ ମଧ୍ୟ। ଏମାନେ ସବୁ ଭଗବାନ ଥିଲେ। ତାଙ୍କର ସମକକ୍ଷ ହେବା ପାଇଁ ଭାବିବାଟା ମୋ' ପାଇଁ ପାପ ହେବ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଯେତେବେଳେ ନିଜ ଲେଖକୀୟ ଜୀବନର ଶୀର୍ଷରେ ଥିଲେ, ଆମେ ଶୁଣିଛୁ ଯେ ଥରେ କେଉଁଠି ଏକ ସଭାରେ ଦର୍ଶକ ମଣ୍ଡଳୀ ଭିତରେ ଆପଣ ବସିଥିଲେ; ସେତେବେଳେ ମଞ୍ଚ ଉପରେ କୁଆଡ଼େ ଜଣେ ବକ୍ତା କହିଲେ ଯେ ଭାଗୀରଥି ଦାସ ଆଉ ଜୀବିତ ନାହାନ୍ତି। ଏହା ସତ କି?

**ଭାଗୀରଥି ଦାସ:** ସେଇଟା ୨୦୦୯ ମସିହାର ଘଟଣା। କଥା ହେଲା, ମୋ'ର ପାଠକ ପାଠିକାମାନେ ତ ବୁଢ଼ାବୁଢ଼ୀ ହୋଇଗଲେଣି, ତେଣୁ ସେମାନେ ଭାବିବା ସ୍ୱାଭାବିକ ଯେ, ମୁଁ ହୁଏତ ମରିଗଲିଣି। ସେଦିନ ଟାଉନ୍ ହଲ୍‌ରେ ହେଉଥିବା ଏକ ସଭାରେ ଡକ୍ଟର ହୁସେନ୍ ରବି ଗାନ୍ଧୀ କହିଥିଲେ ଏକଥା। ସେ କହିଲେ, 'ଜଗତସିଂହପୁରର ମାଟି ହେଉଛି ବଡ଼ ପବିତ୍ର ମାଟି, ଏହା ଶାରଳା ଠାକୁରାଣୀଙ୍କ ମାଟି। ଏଠାରେ ଗୋପାଳ ଛୋଟରାୟ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ଭାଗୀରଥି ଦାସ - ଏମାନେ ସବୁ ଜନ୍ମ ହୋଇଛନ୍ତି। ଦୁଃଖର ବିଷୟ, ଭାଗୀରଥି ଦାସ ଆମ ଗହଣରେ ଆଉ ନାହାନ୍ତି।' ଏହା ଶୁଣି ମଞ୍ଚରେ ବସିଥିବା ସେତେବେଳର ବିଧାୟକ ବିଷ୍ଣୁ ଚରଣ ଦାସ କହିଲେ, 'ଭାଗୀରଥି ବାବୁ ତ, ହେଇ ଆମ ଆଗରେ ବସିଛନ୍ତି।'

**ସାହିତ୍ୟ ଚର୍ଚ୍ଚା:** ଏ ସବୁ ଦେଖିଲେ, ଆପଣଙ୍କର ମନରେ କ'ଣ କ୍ଷୋଭ ଆସେନାହିଁ କି ଯେ, 'ମୋର ସୁଦୀର୍ଘ ସାହିତ୍ୟ ଯାତ୍ରାରେ ମୁଁ ଅବହେଳିତ ହୋଇ ରହିଗଲି' ?

**ଭାଗୀରଥି ଦାସ:** ଆଜ୍ଞା, ମୁଁ ମୋଟେ ଅବହେଳିତ ହୋଇନାହିଁ। ଯଦି ମୁଁ ଆଜି ବଞ୍ଚିଥାଏ, ମୋ'ର ପାଠକମାନଙ୍କର ଶ୍ରଦ୍ଧା ପାଇଁ ବଞ୍ଚିଛି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆଜିକାଲି ଯେଉଁମାନେ ପୁରସ୍କୃତ ହୁଅନ୍ତି, ପାଠକମାନଙ୍କ ଭିତରେ ସେମାନଙ୍କ ପରିଚୟ ନ ଥାଏ। ଆପଣ ତ ଠିକ୍ ଓଲଟା; ପାଠକମାନେ ଆପଣଙ୍କୁ କୋଳେଇ ନେଇଛନ୍ତି, କିନ୍ତୁ ଆପଣ ମଞ୍ଚର ମଣିଷ ହୋଇନାହାନ୍ତି।

**ଭାଗୀରଥି ଦାସ:** ସେଇଟା ମୋ'ର ଦୁର୍ଭାଗ୍ୟ କି ସୌଭାଗ୍ୟ, କହିପାରିବିନି। କିନ୍ତୁ ଗୋଟିଏ କଥା ଦେଖନ୍ତୁ, ଆପଣ ସୁଦୂର ଭୁବନେଶ୍ୱରରୁ ଏ ପ୍ରଚଣ୍ଡ ଖରାରେ ଆସି ମୋ' ଦୁଆରେ ପହଞ୍ଚିଲେ; ଏଇଟା କ'ଣ ମୋ' ପାଇଁ କମ୍ କଥା ବୋଲି ଆପଣ ଭାବୁଛନ୍ତି ? ସେତିକି ଯଦି ଆପଣ ମୋତେ ଭଲ ପାଇନଥାଆନ୍ତେ, ତେବେ କେବେ ହେଲେ ଆସି ନ ଥାଆନ୍ତେ। ତେଣୁ ଅନ୍ୟମାନଙ୍କ ଆଖିରେ ମୁଁ ଯୋଗ୍ୟ ହୋଇସାରିଛି; ତଥାପି ନିଜକୁ ମୁଁ ଅଯୋଗ୍ୟ ମନେକରେ। ଓଡ଼ିଆ ସାହିତ୍ୟ ତ ଗୋଟିଏ ମହାସମୁଦ୍ର; ମୁଁ ତାହାର କୂଳରେ ଠିଆ ହୋଇଛି ମାତ୍ର।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଉପନ୍ୟାସ ସେଇ ସମୟରେ ଏତେ ଲୋକପ୍ରିୟ ଥିଲା ଯେ, ଶୁଣିଛୁ ଘରକୁ ଘର ଯେଉଁ ଯୋଗୀମାନେ ବୁଲୁଥିଲେ କେନ୍ଦରା ବଜାଇ,

ସେମାନଙ୍କର ଝୁଲାମୁଣିରେ ଆପଣଙ୍କର ଉପନ୍ୟାସ ରହୁଥିଲା। ଗାଁ'ର ଝିଅବୋହୂମାନେ ଘରୁ ଚାଉଳ ଦେଇ ସେହି ବହିଗୁଡ଼ିକ କିଣୁଥିଲେ।

**ଭାଗୀରଥି ଦାସ:** ସେତେବେଳେ ବିଭିନ୍ନ ଗାଆଁରେ ଯେଉଁ ଯାନିଯାତ୍ରା ହୁଏ, ସେଥିରେ ପ୍ରବଳ ବିକ୍ରି ହୁଏ ବହିଗୁଡ଼ିକ। ଆମରି ଜଗତସିଂହପୁରର ଜଣେ ବ୍ୟକ୍ତି ଅଟୋରିକ୍ସାରେ ବହିଗୁଡ଼ିକ ନେଇ କୋରାପୁଟ, କଳାହାଣ୍ଡି, ସମ୍ବଲପୁର, ଆଠଗଡ଼ ଓ ଢେଙ୍କାନାଳ ପ୍ରଭୃତି ଅଞ୍ଚଳରେ ତାହା ବୁଲିକରି ବିକୁଥିଲେ।

**ସାହିତ୍ୟ ଚର୍ଚ୍ଚା:** ଆପଣ କିଛି ମିନିଟ୍ ପାଇଁ ନିଜ ବହିର ଜଣେ ସମୀକ୍ଷକର ଭୂମିକାକୁ ଓହ୍ଲାଇ ଆସନ୍ତୁ; ଆଉ କୁହନ୍ତୁ ଭାଗୀରଥି ଦାସଙ୍କର ଏହି ଗଭୀର ପାଠକୀୟ ଆଦୃତିର ମୂଳ ହେତୁ କ'ଣ ଥିଲା ?

**ଭାଗୀରଥି ଦାସ:** ସେତେବେଳେ ଗୋଟିଏ ଅନ୍ଧବିଶ୍ୱାସ ଥିଲା; ଗୁଣିଆ ଯଦି କାହାକୁ ଝାଡ଼ିବାକୁ ଯାଏ ତେବେ ପ୍ରଥମେ ତା ଦେହକୁ କିଳିଦିଏ, ଯେମିତିକି ଭୂତ ତା' ଦେହ ଭିତରେ ପ୍ରବେଶ ନ କରନ୍ତି। ସେମିତି ପ୍ରତ୍ୟେକ ଲେଖକର ଲକ୍ଷ୍ୟ ହେଲା, ଯିଏ ମୋ'ର ବହିଟି ପଢ଼ିବ, ମୁଁ ସେହି ପାଠକକୁ ବାନ୍ଧିକରି ରଖିବି ବହିଟି ଶେଷ କରିବା ପର୍ଯ୍ୟନ୍ତ। ଜଣେ ଜଣେ ବହିଟି ଆରମ୍ଭ କରିବା ପରେ ତାହା ଶେଷ ହେବା ପରେ ହିଁ ଯାଇ ଖାଇବେ, ଯେତେ ଭୋକ ହେଉଥାଉ ପଛେ।

**ଏବେ ଲୋକଙ୍କ ପାଖରେ ସମୟ ଅଛି ଯେ, ସେମାନେ ସେହି ସମୟକୁ ଟି.ଭି ଆଉ ମୋବାଇଲ୍‌କୁ ଦେଉଛନ୍ତି।**

**ସାହିତ୍ୟ ଚର୍ଚ୍ଚା:** ତା' ମାନେ ପ୍ରଥମ ଧାଡ଼ିଟି ପଢ଼ିବା ଆରମ୍ଭ କଲେ ଶେଷ ପର୍ଯ୍ୟନ୍ତ ନ ଯାଇ ପାଠକଟିଏ ରହିପାରେନି !

**ଭାଗୀରଥି ଦାସ:** ସେଇଟି ଗୋଟିଏ କୌଶଳ। ଆଉ ଗୋଟିଏ କଥା ଆଜ୍ଞା, କାହାଣୀ ମୁଁ ଚିନ୍ତା କରିକି କେବେ ଲେଖେନି। ଏହା ରୂପ ନେଇଥାଏ କେବଳ ମାଆ ଶାରଳାଙ୍କ ଆଶୀର୍ବାଦରୁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଗୋଟିଏ ସମୟରେ ଉପନ୍ୟାସ ପଢ଼ିବାର ନିଶାକୁ ଶୀର୍ଷସ୍ତରକୁ ନେଇପାରିଥିଲେ। କିନ୍ତୁ ଆଜିକାଲି ଉପନ୍ୟାସ ପଢ଼ିବାକୁ ଆଉ କିଏ ଚାହୁଁନାହାନ୍ତି। ଉପନ୍ୟାସ ପ୍ରତି ପାଠକୀୟ ଆଗ୍ରହ ଏବେ ତଳକୁ ଖସି ଆସିଥିବାର କାରଣ କ'ଣ ହୋଇପାରେ ?

**ଭାଗୀରଥି ଦାସ:** କାରଣଟି ହେଲା, ଏବେ ସମାଜ ସମସ୍ୟାବହୁଳ ହୋଇଗଲାଣି; ସମସ୍ତଙ୍କର ସମସ୍ୟା କିଛି ନା କିଛି ବଢ଼ିଯାଇଛି। ଦ୍ୱିତୀୟ କଥା ହେଲା, ଏବେ ଘରେ ଘରେ ଟି.ଭି ଆଉ ମୋବାଇଲ୍।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ କ'ଣ କହିବାକୁ ଚାହାନ୍ତି ଯେ, ଏବର ମୋବାଇଲ୍ ଓ ଟି.ଭି ଯୁଗରେ ଉପନ୍ୟାସର ଦୀର୍ଘ କାହାଣୀ ପଢ଼ିବା ପାଇଁ ଲୋକଙ୍କ ପାଖରେ ସମୟର ଅଭାବ ?

**ଭାଗୀରଥି ଦାସ:** ସମୟ ଅଛି ଯେ, ସେମାନେ ସେହି ସମୟକୁ ଟି.ଭି ଆଉ ମୋବାଇଲ୍‌କୁ ଦେଉଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣ କେବଳ ଜଣେ ଔପନ୍ୟାସିକ ହିଁ ନୁହନ୍ତି, ଜଣେ ଲୋକପ୍ରିୟ ନାଟ୍ୟକାର ମଧ୍ୟ। ଆଗକାଳରେ ନାଟକଗୁଡ଼ିକ ମଞ୍ଚରେ ଯେମିତି ଅଭିନୀତ ହେଉଥିଲା, ଆଜିକାଲି ସେମିତି ପ୍ରାୟ ହେଉନାହିଁ; କେବଳ ପୁସ୍ତକ ଆକାରରେ ପଠିତ ହେବା ପାଇଁ କ'ଣ ନାଟକ ଲେଖାଯାଉଛି ?

**ଭାଗୀରଥି ଦାସ:** ନାଟକ ଏବେବି ମଞ୍ଚରେ ଅଭିନୀତ ହେଉଛି। 'ମାଗୁଣିର ଶଗଡ଼' ନାଟକ ଦେଖିବା ପାଇଁ ଦର୍ଶକଙ୍କୁ ସିଟ୍ ମିଳିଲା ନାହିଁ। ତେଣୁ ଦର୍ଶକ ଅଛନ୍ତି। କିନ୍ତୁ କଥା ହେଲା, ସେମାନେ ଦେଖିବା ଭଳି ନାଟକ ଲେଖା ହେଉନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ ଉପନ୍ୟାସ 'ପର ଝିଅ ଘର ଭାଙ୍ଗେନା' ଉପରେ ଏକ ସିନେମା ନିର୍ମିତ ହୋଇ ସୁପର ହିଟ୍ ହୋଇପାରିଛି। ଯେତେବେଳେ ଗୋଟିଏ ଉପନ୍ୟାସର ଆଧାରରେ ଚଳଚ୍ଚିତ୍ରଟିଏ ନିର୍ମିତ ହୁଏ, କୁହାଯାଏ ଯେ ସେହି ଉପନ୍ୟାସର ସରହଦ ବାହାରକୁ ଯିବାର ସ୍ୱାଧୀନତା ନିର୍ଦ୍ଦେଶକଙ୍କର ଥାଏ। ସେମିତି କିଛି ଏଥିରେ ଘଟିଥିଲା କି ?

**ଭାଗୀରଥି ଦାସ:** ହଁ, ହେଇଥିଲା। କିଛି କମେଡି ଇତ୍ୟାଦି ସେଥିରେ ଯୋଡ଼ାଯାଇଛି। ଏମିତି ହେବାଟା ସ୍ୱାଭାବିକ। ଉପନ୍ୟାସ ମୂଳ ସନ୍ଦେଶଟି କିନ୍ତୁ କଥାଚିତ୍ରରେ ଅକ୍ଷୁଣ୍ଣ ରହିଛି।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛୁ।




ପ୍ରବନ୍ଧ

# ଆତ୍ମୋପନ୍ୟାସର ସାଂପ୍ରତିକ ସ୍ଥିତି

ନିଖିଳାନନ୍ଦ ପାଣିଗ୍ରାହୀ

ଆତ୍ମଜୀବନମୂଳକ ଔପନ୍ୟାସିକ ଏମିତି ଲେଖିବା ଦରକାର ଯେ, କୌଣସି ପାଠକ ବାସ୍ତବତାକୁ ଚିହ୍ନଟ କରିପାରିବ ନାହିଁ । 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି' ପରି ସନ୍ଦେଶ ଯଦି ଜଣକ ନଜରରେ ପଡ଼େ, ତାହାହେଲେ ମହାଭାରତ-ଯୁଦ୍ଧର ସୂତ୍ରପାତ ହେବା ସମ୍ଭାବନା ରହିଛି । ଏମିତି ଘଟିଲେ, ଲେଖନର ମୂଳ ଉଦ୍ଦେଶ୍ୟ ବ୍ୟର୍ଥ ହୋଇଛି ବୋଲି ବୁଝିବାକୁ ପଡ଼ିବ ।

ଅନେକ ସମୟରେ ଲୋକେ ଆତ୍ମଜୀବନୀ ଲେଖୁନାହାନ୍ତି, ଯଦିଚ ଏଥିପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥାଏ । କାରଣ ଏହା ମନକୁ ଦୋଳାୟିତ କରେ । ଏହି ମର୍ମରେ କବି ତଥା ପ୍ରାବନ୍ଧିକ ଆବ୍ରାହମ କାଉଲି (୧୬୧୮-୧୬୬୭, ଜନ୍ମସ୍ଥାନ: ଲଣ୍ଡନ ସହର)ଙ୍କ ଗୋଟିଏ ଉଦ୍ଧୃତି ପ୍ରଣିଧାନଯୋଗ୍ୟ । 'ଯେକୌଣସି ବ୍ୟକ୍ତି କ୍ଷେତ୍ରରେ ନିଜ ବିଷୟରେ ଲେଖିବା ଦୁଃସାଧ୍ୟ, ପ୍ରୀତିକର ମଧ୍ୟ । ନିଜ ସଂପର୍କରେ କୌଣସି ମର୍ଯ୍ୟାଦାହାନିକର ବକ୍ତବ୍ୟ ରଖିଲେ, ଏହା ତା' ହୃଦୟକୁ କୋରିଦିଏ । ପ୍ରକାରାନ୍ତରେ ଯଦି ନିଜକୁ ପ୍ରଶଂସା କରେ, ଏହା ପାଠକ ବରଦାସ୍ତ କରିନଥାଏ ।




### ତୃତୀୟ ପୁରୁଷ

ନିଜକୁ ଏମିତି ଏକ ଅକଡ଼ିଆ ପରିସ୍ଥିତିରେ ନ ପକାଇବାକୁ ସେ ଆତ୍ମଜୀବନ ନ ଲେଖି ନିଜକୁ ଏକ ତୃତୀୟ ପୁରୁଷର ରୂପଦେଇ ଆତ୍ମୋପନ୍ୟାସ ବା ଆତ୍ମଜୀବନୀମୂଳକ ଉପନ୍ୟାସ ରଚନା କରେ । ତେଣୁ ଏହି ଧରଣର ପୁସ୍ତକରେ ସତକଥା କୁହାଯାଇଥାଏ; କିନ୍ତୁ ସଂପୂର୍ଣ୍ଣ ଭାବେ ନୁହେଁ । ଏଥିରେ ଲେଖକ ତା' ରଚନାକୁ ରୁଚିଶୀଳ କରିବାକୁ ସତ ସହ କଳ୍ପନାର ପୁଟ ଦେଇଥାଏ । ଏଥିରେ ସେ ଅନ୍ତର୍ଭୁକ୍ତ କରିପାରେ ସୁପରହିରୋ, ସିକ୍ରେଟ୍ ଏଜେଣ୍ଟ, ନିବିଡ଼ ଓ ବିହ୍ୱଳ ପ୍ରେମାସକ୍ତ ଚରିତ୍ର ଇତ୍ୟାଦି । ଏମିତି କୌଶଳ ଦ୍ୱାରା ସେ ସଯତ୍ନେ ଲୁଚାଇ ରଖିଥିବା ପାଦ ଦି'ଟା ଗହନ ଭାବେ ଆବୃତ ହେବ । ଏହା ଏକ ସୁଚିନ୍ତିତ ଚାତୁରୀ ।

ଏହି ଶ୍ରେଣୀର ଉପନ୍ୟାସ ସଂପୂର୍ଣ୍ଣ ଆତ୍ମଜୀବନୀମୂଳକ ନ ହୋଇ ଆଂଶିକ ହୋଇପାରେ । ତେବେ ଜୀବନରେ ଅନୁଭୂତ ଘଟଣା ଉପରେ ଏହା ପର୍ଯ୍ୟବସିତ ହୋଇଥିବାରୁ ଜୀବନ୍ତ, ବିଶ୍ୱସନୀୟ ଓ ବାସ୍ତବ ହୋଇଥାଏ । ଅବଶ୍ୟ ଆତ୍ମଜୀବନ ଦ୍ୱାରା ପରିପୁଷ୍ଟ ହୋଇଥିଲେ ସୁଦ୍ଧା ଏହା ଡାଏରୀ ପରି ମାନ୍ଦା, ବିରକ୍ତିକର ଓ ସାଧାରଣ ବିବରଣୀ ସଦୃଶ ହୋଇନଥାଏ ।

ଉଲ୍ଲେଖନୀୟ ଯେ, ଆତ୍ମଜୀବନୀମୂଳକ ଉପନ୍ୟାସକୁ ଇଂରେଜୀରେ ଅଟୋ-ଫିକ୍ସନ ବୋଲି କୁହାଯାଏ । ତେବେ ଏମିତି ବିରୋଧାତ୍ମକ ଦୁଇଟି ଶବ୍ଦକୁ ଯୋଡ଼ିବାରେ ଇଂରେଜୀ ଅଭିଧାନ-ପ୍ରଣେତାଙ୍କ ପାଇଁ କୌଣସି ସମସ୍ୟା ନଥାଏ । ଏହି ଶୈଳୀରେ ସେମାନେ ବହୁ ଶବ୍ଦ ଅଭିଧାନରେ ଅନ୍ତର୍ଭୁକ୍ତ କରିଥିବାରୁ ଏହା ସେମାନଙ୍କ ସକାଶେ ଏକ ସାଧାରଣ ପ୍ରକ୍ରିୟା ମାତ୍ର । ଯଥା: ଓରିଜିନାଲ୍ କପି, ଲିକ୍ୱିଡ଼ ଗ୍ୟାସ ଓ ପେନ୍ ସିକ୍ରେଟ୍, ଫାଉଣ୍ଡ ମିସିଂ, ସିରିଅସ୍‌ଲି ଫାନି, ପ୍ରେଟି ଆଗ୍ଲି, ଫୁଲି ଏମ୍ପ୍ଟି, ଟ୍ରାଜିକ କମେଡ଼ି, ସ୍ମଲ କ୍ରାଉଡ଼ ଇତ୍ୟାଦି । ଉପରଠାଉରିଆ ଭାବେ ବ୍ୟକ୍ତ କରାଯାଇପାରେ ଯେ, ଅଟୋ-ଫିକ୍ସନ । ଗୋଟିଏ ମିଶ୍ର ବା ସଙ୍କର ସୃଷ୍ଟି (ହାଇବ୍ରିଡ ଫର୍ମ), ଯାହାର ମୂଲ୍ୟାୟନ ତର୍କସାପେକ୍ଷ । ସେ ଯାହାହେଉ, ଏହା ସାହିତ୍ୟରେ ସଂପ୍ରତି ଏକ ସୁପ୍ରତିଷ୍ଠିତ ଧାରା

ଭାବେ ସୁଦୃଢ଼ ହେବା ପାଇଁ ଚେଷ୍ଟିତ ।

ସମୀକ୍ଷକମାନେ ଏହି ଶ୍ରେଣୀରେ ଯେଉଁ କେତେକ ଆଦୃତ ବହିର ଉଦାହରଣ ଦେଇଥାନ୍ତି, ସେଥିରେ ରହିଥାଏ: ନିଜ ବାଲ୍ୟକାଳ ଓ କୈଶୋର ବର୍ଣ୍ଣିତ ହୋଇଥିବା ଚାର୍ଲସ ଡିକେନସ୍‌ଙ୍କ (୧୮୧୨-୧୮୭୦, ଜନ୍ମସ୍ଥାନ: ପୋର୍ଟସମାଉଥ୍, ଇଂଲଣ୍ଡ), ଡେଭିଡ କପୁରଫିଲ୍ଡ ଆଫ୍ରିକାନ୍-ଆମେରିକୀୟ ଔପନ୍ୟାସିକ ଜେମ୍‌ସ ବାଲ୍ଡ୍ୱିନ (୧୯୨୪-୧୯୮୭, ଜନ୍ମସ୍ଥାନ: ନ୍ୟୁୟର୍କ ସିଟି)ଙ୍କ ଗୋ ଟେଲ୍ ଇଟ୍ ଆନ୍ ଦି ମାଉଣ୍ଟେନ୍ (୧୯୫୩), ଯେଉଁଥିରେ ଲେଖକ ବୁଦ୍ଧିମାନ, ଟିନ୍-ଏଜର ଭାବେ ନିଜେ ନିର୍ବାହ କରିଥିବା ଯୌନ ଓ ଧାର୍ମିକ ସଂଘର୍ଷ (ପ୍ରକାଶଥାଉକି, ଟାଇମ୍ ମାଗାଜିନ୍ ୧୯୨୩ରୁ ୨୦୦୫ ମଧ୍ୟରେ ପ୍ରକାଶିତ ବହି ମଧ୍ୟରୁ ଯେଉଁ ଶହେଟି ରଚନା ବାଛିଚି, ତନ୍ମଧ୍ୟରେ ଏହା ସ୍ଥାନିତ) ଇତ୍ୟାଦି ।

ଅଟୋ-ଫିକ୍‌ସନ ପ୍ରସଙ୍ଗରେ ଏକ ସାଂପ୍ରତିକ ଉଲ୍ଲେଖନୀୟ ସାରସ୍ୱତ କୃତି ହେଉଛି, ନରୱେର ଲେଖକ କାର୍ଲ ଓବେନୋଜ୍‌ଗାର୍ଡ (ଜନ୍ମ: ୬ ଡିସେମ୍ବର ୧୯୬୮, ଜନ୍ମସ୍ଥାନ: ଓସଲୋ)ଙ୍କ ଆତ୍ମକଥାତ୍ମକ ଉପନ୍ୟାସ-ଗୁଚ୍ଛ 'ମାଇଁ ଷ୍ଟ୍ରଗଲ' (ମିନ୍‌କାମ୍ପ) । ଛଅଖଣ୍ଡ ବିଶିଷ୍ଟ ଏକ ଧାରାବାହିକ ଉପନ୍ୟାସ ୨୦୦୯ରୁ ୨୦୧୧ ମଧ୍ୟରେ ରଚିତ ହୋଇଥିଲା । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଅନୁସାରେ 'ଏକବିଂଶ ଶତାବ୍ଦୀର ସର୍ବୋତ୍କୃଷ୍ଟ ସାହିତ୍ୟିକ ଚାଞ୍ଚଲ୍ୟ (ଲିଟେରାରୀ ସେନ୍‌ସେସନ) ମଧ୍ୟରେ ଏହା ଅନ୍ୟତମ ।

> **ଲେଖକ ନୋଜଗାର୍ଡ ନିଜ ବହିର ବିପୁଳ ସଫଳତା ପାଇଁ ପରିବାରର ସଦସ୍ୟ ଓ ସାଥୀମାନଙ୍କ ସହ ସଂପର୍କକୁ ଜଳାଞ୍ଜଳି ଦେଇଥିଲେ ।**

ଏହି ପରିପ୍ରେକ୍ଷୀରେ ନୋଜଗାର୍ଡଙ୍କ ବ୍ୟକ୍ତିଗତ ଜୀବନ ଆଲେଖ୍ୟ । ବର୍ତ୍ତମାନ ସେ ତୃତୀୟ ପତ୍ନୀଙ୍କ ସହ ଲଣ୍ଡନରେ ରହୁଛନ୍ତି । ତାଙ୍କର ପ୍ରଥମ ପତ୍ନୀ ହେଉଛନ୍ତି, ଟାଞ୍ଜୋ ଆର୍ସେଲାଣ୍ଡ । ସେମାନଙ୍କ ବିବାହ ୧୯୯୫ରେ ହୋଇଥିଲା । ୨୦୦୪ରେ ବିଚ୍ଛେଦ ଘଟିଲା ।

ପରବର୍ତ୍ତୀ କାଳରେ ନୋଜଗାର୍ଡ ପ୍ରଥମ ପତ୍ନୀ ଆର୍ସେଲାଣ୍ଡଙ୍କ ସହ ଗୋଟିଏ ରେଡ଼ିଓ-ସାକ୍ଷାତକାରରେ ଭାଗ ନେଇଥିଲେ । ସେଥିରେ ଲେଖକ ନୋଜଗାର୍ଡ ସ୍ୱୀକାର କରିଥିଲେ ଯେ, ଉକ୍ତ ବହିର ବିପୁଳ ସଫଳତା ପାଇଁ ସେ ପରିବାରର ସଦସ୍ୟ ଓ ସାଥୀମାନଙ୍କ ସହ ସଂପର୍କକୁ ଜଳାଞ୍ଜଳି ଦେଇଥିଲେ । ଏହି ଘଟଣାକୁ ସେ 'ଫାଷ୍ଟିଆନ ବାର୍ଗେନ' ବୋଲି ଅଭିହିତ କରିଥିଲେ । ଅର୍ଥାତ୍ ଧନ, କ୍ଷମତା, ଜ୍ଞାନ ଅର୍ଜିବା ସକାଶେ ନୈତିକତା ଓ ଆଧ୍ୟାତ୍ମିକତାକୁ ବଳି ଦେବା । ଲେଖକଙ୍କ ଏହି ସ୍ୱୀକୃତି ଅପରାଧବୋଧର ସୂଚକ । ୨୦୧୦ରେ ତାଙ୍କ ପ୍ରଥମ ପତ୍ନୀ ନିଜ ମତ ପ୍ରଦାନପୂର୍ବକ ଉଲ୍ଲେଖ କରିଥିଲେ ଯେ, ସେ ଅନିଚ୍ଛା ସତ୍ତ୍ୱେ ତାଙ୍କ ସ୍ୱାମୀଙ୍କ ଅଟୋ-ଫିକ୍‌ସନର ଗୋଟିଏ ମୂଳ ଚରିତ୍ର ହୋଇଯାଇଥିଲେ । (ଟ୍ରାଇଗଭ୍ ରିଜେରର ଗୁଣ୍ଡେରସନ, ନରୱେଜିଆନ୍ ବ୍ରଡକାଷ୍ଟିଂ କର୍ପୋରେସନ, ୪ ଅକ୍ଟୋବର ୨୦୧୦) । କେବଳ ପତ୍ନୀ ନୁହନ୍ତି, ଲେଖକ ତାଙ୍କ ମାମୁଙ୍କୁ ଗୁନ୍ନାର ନାମକ ଏକ ଛଦ୍ମନାମରେ ଉପସ୍ଥାପନ କରିଥିବା ଜଣାପଡ଼ି ଯାଇଥିବାରୁ ସେ ସୁଖୀ ନଥିଲେ । (ଏ ରିଣ୍ଡ୍ କ୍ରିଷ୍ଟେନସନ, ଆପ୍ଟେନପୋଷ୍ଟେନ୍, ୧୭ ନଭେମ୍ବର ୨୦୧୧) ।

**ନାମରେ ସାଦୃଶ୍ୟ**

ପ୍ରକାଶଥାଉକି, ନାଜି-ନାୟକ ହିଟଲର ୧୯୨୫ରେ 'ମୀନ କାମ୍ଫ' (ମାଇଁ ଷ୍ଟ୍ରଗଲ) ନାମକ ଏକ ଆତ୍ମଘୋଷଣାତ୍ମକ ପତ୍ର ଲେଖିଥିଲେ । ନୋଜଗାର୍ଡଙ୍କ ଅଟୋ-ଫିକ୍‌ସନର ନାମ ଥିଲା 'ମିନ କାମ୍ପ' । ଏହି ଗୋଟିଏ କୁଖ୍ୟାତ ବହି ସହ ନୋଜଗାର୍ଡଙ୍କ ବହିର ନାମରେ ସାଦୃଶ୍ୟ ଥିବାରୁ ସେ ସମାଲୋଚନାର ଶରବ୍ୟ ହୋଇଥିଲେ । କିନ୍ତୁ ଏହାଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସେ ଯେଉଁ ଅଟୋ-ଫିକ୍‌ସନ ଲେଖିଲେ, ତାହାର ଫଳାଫଳ ତାଙ୍କ ବ୍ୟକ୍ତିଗତ ଜୀବନକୁ ଅଶାନ୍ତ କଲା । ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ ଇତ୍ୟାଦିଙ୍କ ସହ ମନୋମାଳିନ୍ୟ ଦେଖାଦେଲା । ଏମିତି ପରିସ୍ଥିତିରେ ସେ ଅନୁଭବ କରିଥିବେ ଯେ, ସେ ନିଜେ ଗୋଟିଏ ଭସ୍ମାସୁର ସୃଷ୍ଟିକଲେ, ଯିଏ ତାଙ୍କୁ ଆକ୍ରମଣ କରିବାରେ ବିଚ୍ୟୁତ ହୋଇନଥିଲେ । ଏହି ପ୍ରକାରେ ଅଟୋ-ଫିକ୍‌ସନଟି ଲେଖକଙ୍କ କୌଶଳ ସତ୍ତ୍ୱେ ଅଟୋବାଇଓଗ୍ରାଫି ହୋଇଯାଇଥିଲା ।

ଅବଶ୍ୟ ଏମିତି ଦୁର୍ଘଟଣାମାନ ଘଟିବା ସମ୍ଭାବନା ଥିବାରୁ କିଛି ଅଟୋ-ଫିକ୍‌ସନ ଲେଖକ ସତର୍କତାମୂଳକ ପଦକ୍ଷେପ ନେଇଥାନ୍ତି । ଏହାର ସୂଚନା ଆମେରିକୀୟ

ସାହିତ୍ୟିକା ସିଲଭିଆ ପ୍ଲାଥ୍ (୧୯୩୨ରେ ଆମେରିକାର ବୋଷ୍ଟନରେ ଜନ୍ମ ଏବଂ ୧୯୬୩ରେ ଇଂଲଣ୍ଡର ଲଣ୍ଡନରେ ମୃତ୍ୟୁ)ଙ୍କ ଜୀବନରୁ ମିଳିଥାଏ । ସେ ସ୍ୱୀକୃତିମୂଳକ କବିତା (କନ୍‌ଫେସନାଲ୍ ପୋଏଟ୍ରି)ର ରଚୟିତା ଭାବେ ଲେଖକୀୟ ଜୀବନର ପ୍ରାରମ୍ଭରେ ପରିଚିତା ହୋଇଥିଲେ । ଏହା ଏକ ଉତ୍ତର-ଆଧୁନିକ ସାହିତ୍ୟିକ ଧାରା, ଯେଉଁଥିରେ ଚରମ ସମୟରେ ଲେଖକର ବ୍ୟକ୍ତିଗତ ଜୀବନରେ ଘଟିଥିବା ଘଟଣାମାନ ପ୍ରକାଶ ହୋଇଥାଏ । ଯଥା: ପ୍ରଗାଢ଼ ମାନସିକ ଧକ୍କା, ଯୌନ ଲିପ୍‌ସା, ଆତ୍ମହତ୍ୟା ଭାବନା ଇତ୍ୟାଦି ।

ପ୍ଲାଥ୍ ଆମେରିକାର ମାସାଚ୍ୟୁସେଟ୍ସ ସ୍ମିଥ୍ କଲେଜରେ ୧୯୫୦ରେ ଅଧ୍ୟୟନ କରିଥିଲେ । ୧୯୫୫ରେ ଇଂଲଣ୍ଡର କେମ୍ବ୍ରିଜ୍ ୟୁନିଭରସିଟିରେ ଦୁଇ-ବର୍ଷିଆ ଫୁଲବ୍ରାଇଟ୍ ସ୍କଲାରସିପ୍ ପାଇ ଉଚ୍ଚତର ଶିକ୍ଷା ଓ ଗବେଷଣାରେ ମନୋନିବେଶ କଲେ । ସେଠାରେ ସେ ଲେଖିଥିବା କବିତା ଓ ଗଳ୍ପମାନ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ 'ଉର୍ସ'ଟି ପତ୍ରିକାରେ ପ୍ରକାଶିତ ହେଲା । ଏଥିରେ ସାହିତ୍ୟିକ ଭାବେ ତାଙ୍କ ପ୍ରତିଭା ପରିଦୃଷ୍ଟ ହେଲା । ୧୯୫୬ରେ ସେ ବ୍ରିଟିଶ୍ କବି ଟେଡ୍ ହ୍ୟୁଜେସଙ୍କୁ କେମ୍ବ୍ରିଜ୍‌ରେ ଭେଟିଥିଲେ । ସେଠାରେ ସେମାନଙ୍କ ବିବାହ ହୋଇଥିଲା ।

**"ଯେତେବେଳେ ଜଣକ ଜୀବନରେ ସ୍ୱାସ୍ଥ୍ୟର ଅବନତି ଘଟେ, ସେ କେତେଦୂର ନିଃସଙ୍ଗ ହୋଇଯାଏ, ତାହା ମୁଁ ଲେଖିଛି ।"**

୧୯୬୩ ବେଳକୁ ପ୍ଲାଥ୍ କବିତା ପାଇଁ ସୁପରିଚିତ ହୋଇସାରିଥିଲେ । ଖ୍ୟାତିସଂପନ୍ନ ହୋଇସାରିଥିବା ଅବସ୍ଥାରେ ସେ ତାଙ୍କ ପ୍ରଥମ ଉପନ୍ୟାସ 'ଦି ବେଲ୍ ଜାର' ପ୍ରକାଶ କଲେ (୧୯୬୩) । ଏହା ହେଉଛି ଏକ ଅର୍ଦ୍ଧ ଆତ୍ମଚରିତାତ୍ମକ ଉପନ୍ୟାସ । ସେ ଏହାର ପରିଣାମ ପ୍ରତି ଆରମ୍ଭରୁ ସତର୍କ ହୋଇଗଲେ । ମୁକ୍ତିଲାଭ କରିବା ପରେ ଏହା ଯେମିତି କୌଣସି ବାଦାନୁବାଦର ସୂତ୍ରପାତ ନକରେ, ଏହି ବିଷୟରେ ସେ ଯଥେଷ୍ଟ ଅବଗତ ଥିଲେ । ଲେଖକ ହିସାବରେ ନିଜ ନାମ ବଦଳେ 'ଭିକ୍ଟୋରିଆ ଲୁକାସ୍' ବୋଲି ସେ ନାମକରଣ କଲେ । ଫଳରେ ତାଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣା ଓ ଚରିତ୍ର ଏଥିରେ ସ୍ଥାନିତ ହୋଇଥିଲେ ସୁଦ୍ଧା ପାତ୍ର ଓ ସ୍ଥାନମାନଙ୍କ ଅଲଗା ନାମ ଯୋଗୁଁ ବାସ୍ତବ ଚିତ୍ର ଲୁଚିଯିବ ବୋଲି ତାଙ୍କ ମନରେ ବଦ୍ଧମୂଳ ଧାରଣାଥିଲା । ଏଣୁ ସଂପୃକ୍ତ ଲୋକମାନଙ୍କୁ ଆଲୋଡ଼ିତ କରିବ ନାହିଁ । ଭବିଷ୍ୟତରେ କୌଣସି ପ୍ରକାର ଅପ୍ରୀତିକର ସଂପର୍କ ଦେଖାଦେବ ନାହିଁ କିମ୍ବା ଅଦାଲତକୁ ଦୌଡ଼ିବା ପ୍ରଶ୍ନ ଉଠିବ ନାହିଁ ।


ପ୍ଲାଥ୍ ଏହି ପରିପ୍ରେକ୍ଷୀରେ ନିଜ ମା'ଙ୍କୁ ଲେଖିଥିଲେ, "ମୋ ଜୀବନର ଘଟଣାମାନଙ୍କୁ ଏକତ୍ର କରି ଏକ କାଳ୍ପନିକ ପୁସ୍ତକ ରଚନା କରିଛି, ଯାହାକୁ ମନୋରମ କରିବାକୁ କିଛି ରଙ୍ଗ ଦେଇଛି । ଏହା ଗୋଟିଏ ପଟ୍-ବୟଲର, ଯାହାର ସାହିତ୍ୟିକ ଓ କଳାତ୍ମକ ମୂଲ୍ୟ ସଂଶୟପୂର୍ଣ୍ଣ । ଯେତେବେଳେ ଜଣକ ଜୀବନରେ (ସ୍ୱାସ୍ଥ୍ୟର) ଅବନତି ଘଟେ, ସେ କେତେଦୂର ନିଃସଙ୍ଗ ହୋଇଯାଏ, ତାହା ଲେଖିଛି । ଗୋଟିଏ ବେଲ ଜାର (କାଚ ଘୋଡ଼ଣି) ଭିତରେ ରହି ବାହାରର ଲୋକ ଓ ଦୃଶ୍ୟମାନଙ୍କୁ ଦେଖିଥିବା ପରେ ମୁଁ ଯେଉଁ ବିକୃତ ଚିତ୍ର ଦେଖିଛି, ତାହା ଉପରେ ଦୃଷ୍ଟିପାତ କରିଛି ।" (ପ୍ଲାଥ୍-ବାଇଓଗ୍ରାଫିକାଲ୍ ନୋଟ୍, ୨୯୪-୯୫, ୱେଗନର ମାର୍ଟିନ, ୧୯୮୮) । ପ୍ଲାଥ୍ ଏହି ବହିଟି ମାଧ୍ୟମରେ ଆତ୍ମ-କାହାଣୀ-ଉପନ୍ୟାସ କ୍ଷେତ୍ରରେ ଶିକ୍ଷାନବିସ ଭାବେ ସେ ତାଲିମ ପାଇଛନ୍ତି ବୋଲି ଅଭିହିତ କରିବା ସହ ଏହାର ଲିଖନ ତାଙ୍କୁ ଅତୀତରୁ ମୁକ୍ତ କରିବ ବୋଲି ଜଣାଇଛନ୍ତି । (ଦ୍ରଷ୍ଟବ୍ୟ: ପ୍ଲାଥ୍ ବାଇଓଗ୍ରାଫିକାଲ ନୋଟ୍, ୨୯୩) ।

### ଅଟୋଫିକ୍‌ସନ ଶବ୍ଦ

ଏକଦା ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ଫରାସୀ ସାହିତ୍ୟ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ସେର୍ଗି ଡୁବ୍ରୋଭିସ୍କି (୧୯୨୮-୨୦୧୭, ଜନ୍ମସ୍ଥାନ: ପ୍ୟାରିସ୍, ଫ୍ରାନ୍ସ) ୧୯୭୭ ମସିହାରେ ଅଟୋ-ଫିକ୍‌ସନ ଶବ୍ଦଟି ପ୍ରଥମେ ପ୍ରଣୟନ କଲେ । ସେ 'ଟ୍ରୁ କନଫେସନ ଅଫ୍ ଏନ୍ ଅଟୋ-ଫିକସନିଷ୍ଟ' ନାମକ ଯେଉଁ ପୁସ୍ତକଟି ରଚନାକଲେ, ଏଥିରେ ଆତ୍ମଜୀବନୀ ଓ ଉପନ୍ୟାସର ମିଶ୍ରଣ ଘଟିଥିଲା । ଏହି ମର୍ମରେ ସେ ଉଲ୍ଲେଖ କରିଥିଲେ ଯେ, ଆତ୍ମଜୀବନୀ ସାଧାରଣତଃ ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବଦ୍ଦଶାର ଶେଷ ଭାଗରେ ଲିଖିତ ହୋଇଥାଏ ଏବଂ ଏହା ଏକ ବିଶେଷ ଅଧିକାର ବୋଲି ମନେ କରାଯାଏ । ଏଥିରୁ ବିଚ୍ୟୁତ ହୋଇଥାଏ ଅଟୋ-ଫିକ୍‌ସନ, ଯାହାକି ସାହିତ୍ୟର ଏକ

ନୂତନ ପ୍ରାରୂପ (ଜନ୍‌ର) । ଫରାସୀ-ଅଭିଧାନରେ ଏହି ଶବ୍ଦଟି ସ୍ଥାନିତ ହୋଇ ପ୍ରସିଦ୍ଧିଲାଭ କଲା । ଏହି ରଚନା ଜଣେ ସାଧାରଣ ବ୍ୟକ୍ତି ମଧ୍ୟ ବିନା ସଂକୋଚରେ ପ୍ରସ୍ତୁତ କରିପାରେ ।

ସଂପ୍ରତି ଏହି ଧାରାର ବ୍ୟାପକ ପ୍ରସାର ହେଲାଣି । ୧୯୯୮ରେ ତାମିଲ୍ ଲେଖକ ଚାରୁ ନିବେଦିତା 'ଜିରୋ ଡିଗ୍ରୀ' ଶୀର୍ଷକ ଲେଖିଥିବା ତାମିଲ ଅଟୋ-ଫିକ୍‌ସନଟି ମାଲୟଲମ୍ ଓ ଇଂରାଜୀ ଭାଷାରେ ଅନୁବାଦିତ ହୋଇଛି । ହାର୍ପର କଲିନସ ଦ୍ୱାରା ବଛା ଯାଇଥିବା ମର୍ଯ୍ୟାଦାଜନକ '୫୦ ରାଇଟର୍ସ, ୫୦ ବୁକ୍ସ - ଦି ବେଷ୍ଟ ଅଫ୍ ଇଣ୍ଡିଆନ୍ ଫିକ୍‌ସନ'ର ୨୦୧୩ ତାଲିକାରେ ଏହା ଅନ୍ତର୍ଭୁକ୍ତ କରାଯାଇଥିଲା । ନିଜ ଲେଖକୀୟ ଅନୁଭୂତି ସଂପର୍କରେ ସେ କୁହନ୍ତି, "ଭାବପ୍ରବଣତା ନିଃସଙ୍ଗତା (ସ୍କିଜୋଏଡ) ଓ ଉଦାସୀନ ଚାଲିଚଳଣକୁ ମୁଁ କଳାରେ ପରିବର୍ତ୍ତନ କରିଥାଏ । xxx କୌଣସି ସମୟରେ ମୁଁ ଲେଖିବା ପାଇଁ ଯୋଜନା କରିନଥାଏ । ସ୍କିଜୋ ଏଡ୍ (ଏକପ୍ରକାର ବ୍ୟକ୍ତିତ୍ୱ ବିଭ୍ରାଟ) ଓ ସ୍ୱପ୍ନାବିଷ୍ଟ ହେବା ମଧ୍ୟରେ ତାହା ଲେଖା ହୋଇଯାଏ । ଏହି କାରଣରୁ ମୁଁ ମୋ ଲେଖା ଉପରେ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ । ମୁଁ ବାପା, ପୁଅ, ପ୍ରେମିକ, ସାଙ୍ଗଙ୍କ ଭୂମିକାକୁ ଯେମିତି ଗ୍ରହଣ କରିନଥାଏ, ଲେଖା ପାଇଁ ମଧ୍ୟ ତଦ୍ରୂପ ମତପୋଷଣ କରେ । ଅତି କଦର୍ଯ୍ୟ ଅବସ୍ଥା (ହେଲ୍)ରୁ ରକ୍ଷା ପାଇବା ପାଇଁ ମୋ ଲେଖା ହେଉଛି ଏକ ଉପସ୍ଥାପନା, ଯେଉଁଥିରେ ଟିକିନିଖି ବା ବିଶଦ ବର୍ଣ୍ଣନା ନଥାଏ ।"




ଏହି ପୃଷ୍ଠଭୂମି 'ଜିରୋ ଡିଗ୍ରୀ'ରେ ଦେଖିବାକୁ ମିଳେ, ଏକ ଖଣ୍ଡିତ ମନର ଚିତ୍ର, ବିଶୃଙ୍ଖଳିତ, ସ୍ୱପ୍ନପରି ଭେଳିକି ତଥା ଅସଙ୍ଗତି, ଯୌନତା, ମାନବିକସତ୍ତା ସଂପର୍କୀୟ ଉଦ୍‌ବେଗ, ବିଚଳିତ କରିବା ପରି ସୁସ୍ପଷ୍ଟ ସାହିତ୍ୟିକ ରୂପକଳ୍ପ । ସମୀକ୍ଷକଙ୍କ ମତରେ ଏହି ପୁସ୍ତକଟି ଆତ୍ମୋପନ୍ୟାସର ସମସ୍ତ ଲକ୍ଷଣ ବହନକରେ । (ଆତ୍ମୋପନ୍ୟାସର ସ୍ୱରୂପ ଓ ପ୍ରାରୂପ, ବିଜନ ନାୟକ, ସାହିତ୍ୟ ଚର୍ଚ୍ଚା, ଏପ୍ରିଲ୍ ୨୦୨୫) ।

ପ୍ରସଙ୍ଗକ୍ରମେ ୨୦୨୨ ମସିହାରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ବିଜୟିନୀ ଆନି ଏର୍ନୋ (ଜନ୍ମ: ୧୯୪୦, ଜନ୍ମସ୍ଥାନ: ଲିଲେବୋନ୍, ଫ୍ରାନ୍ସ)ଙ୍କ ସାରସ୍ୱତ କୃତିକୁ ଆଲୋଚନାର ପରିସରଭୁକ୍ତ କରାଯାଇପାରେ । ତାଙ୍କୁ ଅଟୋ-ଫିକ୍‌ସନର ଏକ ଅଗ୍ରଣୀ ସାହିତ୍ୟିକା ଭାବେ ସମାଲୋଚକମାନେ ମର୍ଯ୍ୟାଦା ଦେଇଛନ୍ତି । ଆତ୍ମଜୀବନ ଓ ଅନୁଭବ କରିଥିବା ଘଟଣାର ସ୍ମୃତିକୁ ଆଧାରକରି ସେ ଯାହା ଲେଖିଛନ୍ତି, ତାହା ଆତ୍ମଜୀବନୀମୂଳକ (ଅଟୋ ବାଇଓଗ୍ରାଫିକାଲ) ବିଭାଗ ପାଇଁ ଯୋଗ୍ୟ । ଏଥିରେ ସେ ନିଜ ଖାଦ୍ୟଜନିତ ଉଦର ଗୋଳମାଳ, ପିତା-ମାତାଙ୍କ ମୃତ୍ୟୁ, ଶ୍ରମିକ ଶ୍ରେଣୀର ଉଦ୍ଭବ ପରି ବିଷୟମାନଙ୍କ ଉପରେ କଲମ ଚାଳନା କରିଛନ୍ତି ।

ଏତଦ୍‌ବ୍ୟତୀତ ତାଙ୍କର ସାରସ୍ୱତ ଭଣ୍ଡାରର ଅଧିକ ଅଟୋ-ଫିକ୍‌ସନାଲ ଶ୍ରେଣୀର ଦୃଷ୍ଟାନ୍ତ ବୋଲି ଗ୍ରହଣ କରାଯାଏ । ଏଥିରେ ସୃଜନଶୀଳତା ପ୍ରୟୋଗକରି ସେ ଆତ୍ମଜୀବନୀକୁ କାଳ୍ପନିକ ରୂପ ଦେଇଛନ୍ତି । ଉଦାହରଣ ସ୍ୱରୂପ, ସେ ଜୀବନର ଏକ ନିର୍ଦ୍ଦିଷ୍ଟ ଘଟଣା ବାଛିପାରନ୍ତି ଏବଂ ଆବଶ୍ୟକସ୍ଥଳେ ନଥିପତ୍ର, ଡାଏରୀ, ଚିଠି ତଥା ଫଟୋ ସହ ଏହା ଉପସ୍ଥାପନ କରିପାରନ୍ତି । ଏହାକୁ ସେ ଅଟୋ-ଫିକ୍‌ସନ ନକରି 'ଲାଇଫ୍-ରାଇଟିଂ' (ଜୀବନ-ଲିଖନ) ଭାବେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏହା ଗୋଟିଏ ପଦ୍ଧତି (ଅର୍ଥାତ୍ ରୀତି ଅନୁଯାୟୀ ପ୍ରଣାଳୀ) ସ୍ୱରୂପ ବିବେଚନା କରାଯାଇଛି ।

ଅନି ଏର୍ନୋଙ୍କ ରଚନାବଳୀର ସାମାନ୍ୟ ପରିଚୟ ଏଠାରେ ପ୍ରଦତ୍ତ କରାଯାଇଛି, ଯାହା ତାଙ୍କର କେବଳ ସାହିତ୍ୟିକ ସାଧନା ସୂଚିତ କରିବ ନାହିଁ । ଅତିରିକ୍ତ ଭାବେ ତାଙ୍କ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଆଲୋକପାତ କରିବ ।

ତାଙ୍କ ଲେଖାର ମୂଳପିଣ୍ଡ ହେଉଛି, ଅନୁଭୂତି ସଂଭୂତ ପରିଦୃଷ୍ଟ ସତ୍ୟ । ଏହା କେମିତି କାଗଜକଲମରେ ରୂପ ନେବ, ତାହା ଗୁରୁତ୍ୱପୂର୍ଣ୍ଣ । ଲେଖକମାନେ ସାଧାରଣତଃ ଯେମିତି ନିଭୃତ ଭାବେ ରହି ସର୍ବଜନଙ୍କ ପାଇଁ ଲେଖିଥାନ୍ତି, ସେଥିରେ ସେ ବିଶ୍ୱାସ କରୁନଥିଲେ । ନିଜେ ଭୋଗିଥିବା ଘଟଣାର ବିଶ୍ଳେଷଣ ଦ୍ୱାରା ଲେଖନୀକୁ ପୁଷ୍ଟ କରୁଥିବାରୁ ତାହା ବିଶ୍ୱସନୀୟ ଓ

ଗ୍ରହଣୀୟ ହେବା ସ୍ୱାଭାବିକ ।

**ଭାଷାର କୃତି**

ନିଜ ଜୀବନ ସହ ସଂପୃକ୍ତ ଏତାଦୃଶ୍ୟ ପରିବେଷଣ ରଚନାବଳୀରେ ଥିବା ସତ୍ତ୍ୱେ ସେ 'ଅଟୋ-ଫିକ୍‌ସନ' (ଆତ୍ମଚରିତାତ୍ମକ ଉପନ୍ୟାସ)ର ଜଣେ ଲେଖିକା ବୋଲି ନିଜକୁ ସ୍ୱୀକାର କରୁନଥିଲେ । ତାଙ୍କର ଧାରଣା ହେଉଛି ଯେ, ଅଟୋ-ଫିକ୍‌ସନ କେବଳ 'ଭାଷାର କୃତି' (ୱାର୍କ ଅନ୍ ଲାଙ୍ଗୱେଜ୍) । ତାଙ୍କର ଅଭିଯୋଗ ହେଉଚି ଯେ, ଅଟୋ-ଫିକ୍‌ସନ ଏମିତି ଏକ ଉପାୟ, ଯାହା ଲେଖକଟିଏ କହିବାକୁ ଚାହୁଁଥିବା ବିଷୟକୁ ନ୍ୟୂନ କରିଦିଏ । ଏହି ଅପକର୍ଷଣ ସହ୍ୟ କରିବାକୁ ସେ ପ୍ରସ୍ତୁତ ନଥିଲେ । ସେ ନିରାପଦ ସ୍ଥାନରୁ ନିଜ ରଚନାକୁ ଦେଖୁଥିବାରୁ ତାଙ୍କ ରଚନାବଳୀ 'ଆତ୍ମ-ସାମାଜିକ-ଜୀବନୀ' (ଅଟୋ-ସୋସିଓବାଇଓଗ୍ରାଫି) ବୋଲି ବିବେଚିତ ହେବା ସମୀଚୀନ । (୫.ଆଇ. ମନ୍ତବ୍ୟ)

ଆନି ଏର୍ନୋଙ୍କ ସାହିତ୍ୟିକ ଜୀବନ ସଂପର୍କରେ ଆଲୋଚନା କରିବା ବେଳେ ଆପାତତଃ ତାଙ୍କ ଦେଶର ଅନ୍ୟ ଯେଉଁ ସ୍ୱନାମଧନ୍ୟ ସାହିତ୍ୟ-ସାଧକ ମନକୁ ଛୁଅନ୍ତି, ସେ ହେଉଛନ୍ତି ମାର୍ସେଲ ପ୍ରୁସ୍ତ (୧୮୭୧-୧୯୨୨, ଜନ୍ମସ୍ଥାନ: ଓଟେଇଲ, ଫ୍ରାନ୍ସ) । ଅଠତିରିଶ ବର୍ଷ ବୟସରେ ସେ ଫରାସୀ ଭାଷାରେ ସାତଖଣ୍ଡ ବିଶିଷ୍ଟ 'ଇନ୍ ସର୍ଚ୍ଚ ଅଫ୍ ଲଷ୍ଟ୍ ଟାଇମ୍' ଶୀର୍ଷକ ପୁସ୍ତକର ରଚନା ଆରମ୍ଭ କଲେ । ଏହାର ପୃଷ୍ଠାସଂଖ୍ୟା ହେଉଛି, ୩୨୦୦ ଏବଂ ଏଥିରେ ଦୁଇ ହଜାର ଚରିତ୍ର ଦର୍ଶାଯାଇଛି । ଗ୍ରାହାମ୍ ଗ୍ରୀନ୍‌ଙ୍କ ମତରେ ଉନବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ଔପନ୍ୟାସିକ ଯେମିତି ଲିଓ ଟଲଷ୍ଟୟ, ସେଇ ପ୍ରକାରେ ବିଂଶ ଶତାବ୍ଦୀ ପାଇଁ ଏହି ଗୌରବ ମାର୍ସେଲ ପ୍ରୁସ୍ତ ପାଇବା ଯଥାର୍ଥ । କିନ୍ତୁ ପ୍ରଥମ ପ୍ରକାଶକ ତାଙ୍କ ବହିଟି ପ୍ରକାଶନ-ଯୋଗ୍ୟ ନୁହେଁ ବୋଲି ସେଇ ପାଣ୍ଡୁଲିପି ଫେରସ୍ତ କରିଦେଇଥିଲେ । ଦୁର୍ଭାଗ୍ୟବଶତଃ ଏହାର ଶେଷ ତିନିଖଣ୍ଡର ପ୍ରୁଫ୍ ଦେଖିବା ପୂର୍ବରୁ ଲେଖକଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ମରଣୋତ୍ତର ଭାବେ ତାହା ମୁଦ୍ରିତ ହେଲା ।

ଆଲୋଚ୍ୟ ବିଷୟ ସକାଶେ ଏହା ଏଥିପାଇଁ ଉପାଦେୟ ଯେ, ଏହି ବୃହତ୍ ପୁସ୍ତକଟି ଏକ ଅର୍ଦ୍ଧ ଆତ୍ମଚରିତାତ୍ମକ ଉପନ୍ୟାସ । ଏହା ଲେଖିବା ସକାଶେ ଲେଖକଙ୍କ ଜୀବନାନୁଭୂତି, ତାଙ୍କ ସାଙ୍ଗ ଓ ଆତ୍ମୀୟସ୍ୱଜନଙ୍କ ଚରିତ୍ର ତାଙ୍କୁ ପ୍ରେରଣା ଯୋଗାଇଛି । ଏଥିରେ ରହିଛି ତାଙ୍କ ବାଲ୍ୟକାଳର ଆଜ୍‌ମା ରୋଗ ସମେତ ଅନ୍ୟ ବେମାରିର ପୀଡ଼ା, ପ୍ୟାରିସ୍‌ର ସମ୍ଭ୍ରାନ୍ତ ବଂଶୀୟ ସମାଜ ସହ ସଂପୃକ୍ତି, ପୂର୍ବପୁରୁଷଙ୍କ ଇହୁଦି ବଂଶ, ଗ୍ରାମୀଣ ଜୀବନର ଘଟଣାବଳୀ ଇତ୍ୟାଦି । ଏହାର ଶୈଳୀର ବିଶେଷତ୍ୱ ହେଉଛି 'ଷ୍ଟ୍ରିମ୍ ଅଫ୍ କନସିଅସ୍‌ନେସ୍' । ଚରିତ୍ରମାନଙ୍କର ମନକୁ ଯାହା ଛୁଇଁଲା, ତାହା କଲମରେ ଉତାରି ଦିଅନ୍ତି । ଏହା ପଛରେ କୌଣସି ଯୋଜନା ନଥାଏ । ତେଣୁ ଏକପ୍ରକାର ବିଶୃଙ୍ଖଳିତ ଉପସ୍ଥାପନ । ଚରିତ୍ରଟି ନିଜ ଚିନ୍ତାକୁ ଯାଞ୍ଚକରି ନଥାଏ । ଭଲ-ମନ୍ଦ ବିଚାରରୁ ଊର୍ଦ୍ଧ୍ୱରେ ରହେ । ଅନେକ ସମୟରେ ତାର ବିଚାରଧାରା ଖଣ୍ଡିତ ହୋଇଥାଏ, ବ୍ୟାକରଣକୁ ସେ ଭ୍ରୂକ୍ଷେପ କରେନାହିଁ । ଶବ୍ଦ-ବିନ୍ୟାସ ହୋଇଥାଏ ବିଚିତ୍ର । ଏହି ଶୈଳୀକୁ 'ଆଭ୍ୟନ୍ତରୀଣ ଗଭୀରତର ଏକାକୀ ସ୍ୱଗତ ବକ୍ତବ୍ୟ' (ଇନେର୍ ମୋନୋଲୋଗ) ବୋଲି କେହି କେହି ମତ ଦିଅନ୍ତି ।

**ଏହି ଶୈଳୀକୁ 'ଆଭ୍ୟନ୍ତରୀଣ ଗଭୀରତର ଏକାକୀ ସ୍ୱଗତ ବକ୍ତବ୍ୟ' (ଇନର୍ ମୋନୋଲୋଗ୍) ବୋଲି କେହି କେହି ମତ ଦିଅନ୍ତି ।**

ପ୍ରୁସ୍ତ ଓ ଆନି ଉଭୟଙ୍କ ମାତୃଭୂମି ଫ୍ରାନ୍ସ । ସମୀକ୍ଷକମାନେ ଉଭୟଙ୍କୁ ଅଟୋ-ଫିକ୍‌ସନ ପ୍ରାରୂପରେ ଅନ୍ତର୍ଭୁକ୍ତ କରିଛନ୍ତି । ବ୍ୟକ୍ତିଗତ ଜୀବନରେ ସେମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି । ଉଭୟଙ୍କ ମନକୁ ନିଜ ଜନନୀ ନିବିଷ୍ଟ କରିଥିଲେ । ମାତୃ ବିୟୋଗ ପରେ ଦୁହେଁ ଲେଖାଲେଖି ଆରମ୍ଭ କଲେ ।

ମୋଟାମୋଟି ଭାବେ ଆତ୍ମକଥାତ୍ମକ ଉପନ୍ୟାସ (ଅଟୋ-ଫିକ୍‌ସନ) ପ୍ରସଙ୍ଗରେ ଫ୍ରାନ୍ସର ଅବଦାନ ଶ୍ରେଷ୍ଠ । ସେଇ ଦେଶର ସାର୍ଗି ଡୁବ୍ରୋ ଭିସ୍କି ଏହାର ନାମକରଣରୁ ଆରମ୍ଭ କରିଥିଲେ । ତତ୍‌ସହ ଏଥିରେ ଯଶସ୍ୱୀ ହୋଇଥିବା ସଂପର୍କରେ କେତେକ ସମାଲୋଚକ ପ୍ରୁସ୍ତ ଓ ଆନିଙ୍କ ଦୃଷ୍ଟାନ୍ତ ଦେଇଥାନ୍ତି ।

କିନ୍ତୁ ଆନି ନିଜକୁ ଅଟୋ-ଫିକ୍‌ସନ ପ୍ରାରୂପରେ ଅନ୍ତର୍ଭୁକ୍ତ କରିବାକୁ ଅମଙ୍ଗ । ପ୍ରୁସ୍ତ ହୁଅନ୍ତୁ କିମ୍ବା ସିଲଭିଆ ପ୍ଲାଥ୍ ବା ଆନି ହୁଅନ୍ତୁ, ସେମାନେ ଆତ୍ମଚରିତାତ୍ମକ ଔପନ୍ୟାସିକ ନା ନୁହନ୍ତି ଏବଂ ସେମାନଙ୍କ ମଧ୍ୟରୁ କିଏ ଏହି ପ୍ରାରୂପକୁ ଗ୍ରହଣ କରିବ, ତାହା ଏକ ଅଲଗା ବିଷୟ । ତଥାପି ଯଦି

ଆମେ ପ୍ରୁସ୍ତ ଓ ଆନିଙ୍କ ଉପନ୍ୟାସକୁ ଅଟୋ-ଫିକ୍ସନ ବୋଲି ଧରିନେବା, ତେବେ ସ୍ପଷ୍ଟ ହେବ ଯେ, ଏହି ପ୍ରାରୂପରେ ସ୍ରଷ୍ଟାର ସ୍ୱକୀୟତା ପ୍ରକାଶ ପାଇଥାଏ । ନିଜ ଶୈଳୀରେ ସେ ଅଙ୍ଗେ ନିଭାଇଥିବା ଘଟଣା ବା ଭେଟିଥିବା ବ୍ୟକ୍ତିଙ୍କୁ ଉପନ୍ୟାସରେ ପୂରାଇବାରେ ସଂପୂର୍ଣ୍ଣ ସ୍ୱାଧୀନ । ତେଣୁ ତା'ର କୃତିର ସାହିତ୍ୟିକ ମୂଲ୍ୟାୟନ ଆହ୍ୱାନପୂର୍ଣ୍ଣ । ବାସ୍ତବିକ ତଥାକଥିତ, ଆତ୍ମୋପନ୍ୟାସର ସଂଜ୍ଞା ଯାହାହେଉନା କାହିଁକି, ଏହାକୁ ଅନ୍ତଃ ଏକ ସାଧାରଣ ସାରସ୍ୱତ ସର୍ଜନା ଭାବେ ସ୍ୱୀକାର କରି ତାକୁ ଯଥୋଚିତ ମର୍ଯ୍ୟାଦା ଦେବା ବିଧେୟ ।

ବେଳେ ବେଳେ ମତପ୍ରକାଶ ପାଇଥାଏ, 'ପାଶ୍ଚାତ୍ୟ ଜଗତର ମୁକ୍ତ ବ୍ୟକ୍ତିତ୍ୱ ଓ ସମାନ ବ୍ୟବସ୍ଥା ଉପନ୍ୟାସର ଏହି ନୂଆ ବିଭାଗ (ଅଟୋ-ଫିକ୍ସନ)ଟିକୁ ପରିପୁଷ୍ଟ କରିବାରେ ଅନୁକୂଳ ହୋଇଥିବାରୁ ସେଠାରେ ଏହି ଧାରାରେ ଗୋଟିକ ପରେ ଗୋଟିଏ ସୃଷ୍ଟି ପ୍ରକାଶ ପାଇବାରେ ଲାଗିଛି ।”


ସାହିତ୍ୟ ଚର୍ଚ୍ଚା ୩୬ ଏପ୍ରିଲ, ୨୦୨୫

ପ୍ରବନ୍ଧ

ଆତ୍ମୋପନ୍ୟାସର ସ୍ୱରୂପ ଓ ପ୍ରାରୂପ

ବିପିନ ନାୟକ

ତେବେ ଅଟୋ-ଫିକ୍ସନକୁ ଗୋଟିଏ 'ଜନ୍‌ର' ବା ନୂତନ ପ୍ରାରୂପ ଭାବେ ଗ୍ରହଣ କରିବାରେ ବାଦାନୁବାଦ ସୃଷ୍ଟି ହୋଇଛି ଖୋଦ୍ ପାଶ୍ଚାତ୍ୟ ଜଗତରେ । କେବଳ ସେତିକି ନୁହେଁ, ଏହା ଯଦି ଜନ୍‌ର ଭାବେ ଗୃହୀତ ହୁଏ, ତେବେ ଏହାର ଗୁଣ କେଉଁ ପ୍ରକାର ହେବ ?


ତେବେ ବହୁ ସଂଖ୍ୟାରେ ବିକ୍ରି ହୋଇଥିବା ଉପନ୍ୟାସ 'ଲାଇଫ୍ ଅଫ୍ ଡେଭିଡ ହେକନେ'ର ଲେଖିକା କାଥେରିନ୍ କୁସେଟ (ଜନ୍ମ: ୧୯୬୩, ଜନ୍ମସ୍ଥାନ: ପ୍ୟାରିସ୍)ଙ୍କ ମତ ହେଉଛି, “ଅଟୋ-ଫିକ୍ସନର ଏକମାତ୍ର ଫିକ୍ସନ ହେଉଛି ତାହାର ଭାଷା । ଏହାର ପରିକଳ୍ପନା ହେଉଛି, ସତ୍ୟ ନିକଟରେ ପହଞ୍ଚିବା ।” (ଆନି ଏର୍ନୋ: ଅଟୋ-ଫିକ୍ସନ ଏଣ୍ଡ୍ ଫାଇଣ୍ଡିଙ୍ଗ ଭଏସ, ଲରେନ ଏଲକିନ, ଦି ପ୍ୟାରିସ୍ ରିଭ୍ୟୁ, ୨୬ ଅକ୍ଟୋବର ୨୦୧୮) । ଭାଷା ପ୍ରାଧାନ୍ୟ ପ୍ରାପ୍ତ ହେବାରୁ ଏହାର ଗୁଣବତ୍ତା ସଂକୀର୍ଣ୍ଣ ।

ଅନ୍ୟ ଏକ ସୁଚିନ୍ତିତ ମତ ହେଉଛି, “ଆତ୍ମୋପନ୍ୟାସର ଶୈଳୀ ଯେହେତୁ ନୂତନ, ଅନିର୍ଦ୍ଦିଷ୍ଟ, ସମନ୍ୱିତ, ମୁକ୍ତ ଏବଂ ଅଣପାରମ୍ପରିକ ଏହା ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ବିଭାଜିତ ନୁହେଁ । ଏହା ହୋଇପାରେ ନା ଗଦ୍ୟ, ନା ପଦ୍ୟ, ନା ଉପନ୍ୟାସ ନା ଆତ୍ମଜୀବନୀ । ଏଇଥିପାଇଁ ଏହାକୁ ଗ୍ରନ୍ଥାଗାରର କୌଣସି ଥାକରେ ସୁନିର୍ଦ୍ଦିଷ୍ଟ କରି ରଖାଯାଇପାରେନି । ଏହା ସୂଚୀ (କାଟାଲଗ୍) ବହିର୍ଭୂତ ଏକ ପ୍ରାରୂପ ବୋଲି ଧରିନିଆଯାଏ ।” (ଆତ୍ମୋପନ୍ୟାସର ସ୍ୱରୂପ ଓ ପ୍ରାରୂପ, ବିପିନ ନାୟକ, ସାହିତ୍ୟ ଚର୍ଚ୍ଚା, ପୃ.୩୮, ଏପ୍ରିଲ ୨୦୨୫ ସଂଖ୍ୟା) । ବାସ୍ତବରେ ଅଦ୍ୟାବଧି ଆତ୍ମକଥାତ୍ମକ ଉପନ୍ୟାସର ପ୍ରାରୂପର ସଂଜ୍ଞା ପାଣିରେଗାର କାଟିବା ବା ପବନରେ ଫାଶ ପକାଇବା ପରି ଦୁରବସ୍ଥାରେ ଗୁଣ ଓ ଲକ୍ଷଣ ରହିଛି । ବିଭିନ୍ନ ମତାମତ ବିଶ୍ଳେଷଣ କଲେ ଏକ ଧାରଣା ଜନ୍ମେ ଯେ, ଉକ୍ତ ପ୍ରାରୂପର ସର୍ବସମ୍ମତ ନୁହେଁ । ଏହାର ସ୍ୱରୂପ ଓ ଗୁଣବତ୍ତା ବିତର୍କିତ । ଏମିତି ଅନିଶ୍ଚିତତା କ୍ଷେତ୍ରରେ ସର୍ବଶେଷ ଉପସଂହାରରେ ଉପନୀତ ହେବା ସମୀଚୀନ ନୁହେଁ । ଏହାର ଅର୍ଥ ନୁହେଁ ଯେ, ଆମେ ଏହାକୁ ସଂପୂର୍ଣ୍ଣ ଭାବେ ପରିତ୍ୟାଗ କରିବା । ଯାହାହେଲେ ମଧ୍ୟ ଏହା ଏକ ସାହିତ୍ୟିକ କୃତି ।

ବିଲେଇଟି କଳା ନା ଧଳା, ନା କାଞ୍ଚକାଉଁରିଆ, କଳାର ପରିମାଣ ଓ ଗାଢ଼ତା ଧଳାଠାରୁ ଅଧିକ ନା କମ୍, ଏମିତି ଭେଦ-ଭାବ ଆକଳନ ଉପରେ ବେଶୀ ମୁଣ୍ଡ ଖଟାଇବା ଅପେକ୍ଷା ଉତ୍ତମ ହେବ ଯଦି ଆମେ ବିଲେଇଟି ମୂଷା ଧରିବାରେ କେତେ ନିପୁଣ ସେଥିପ୍ରତି ଦୃଷ୍ଟିଦେବା । ସେମିତି ଆତ୍ମୋପନ୍ୟାସ କେଉଁ ପ୍ରାରୂପରେ ରହିବ, ସେଥିରେ ଅଧିକ ମନୋନିବେଶ କରିବା ଅପେକ୍ଷା ଏହାକୁ ଏକ ସାଧାରଣ ବର୍ଗର ସାହିତ୍ୟ ସର୍ଜନା ରୂପେ ସଂପ୍ରତି ଗ୍ରହଣ କରାଯାଇ, ଏହା ତାର କର୍ମ ସଂପାଦନ କରିପାରିଛି ନା ନାହିଁ, ସେଥିପ୍ରତି ଜୋର୍ ଦେବା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com



ଅନୁବାଦ

# କଫନ୍‌-ଚୋର



ମୂଳ ହିନ୍ଦୀ: ଧର୍ମବୀର ଭାରତୀ ଅନୁବାଦ: କନକ ମଂଜରୀ ପଟ୍ଟନାୟକ

ଜ୍ୱରରେ ଜଳୁଥିବା ସକୀନାର ଦୁଇ ପତା ଉପରେ ଲୁହ ବିନ୍ଦୁ ଖସି ପଡ଼ିଲା ।

'ଆବ୍‌ବା! କାନ୍ଦୁଛ ? ଛିଃ.....।' କରୀମର ନିରସ ହାତକୁ ସ୍ନେହରେ ଥପଦେଇ ସକୀନା ପଚାରିଲା ।

ବୃଦ୍ଧ କରୀମ ନିଜର ନିଷ୍ପ୍ରଭ ଆଖି ପୋଛି କହିଲା- 'ଝିଅ, ତତେ ଖଇଫୁଟା ଜର, ତୁ ଘୋଡ଼େଇ ହେବାପାଇଁ ଚଦରଟିଏ ବି ଆଣି ପାରିଲି ନାହିଁ.....।'

ସକୀନା ମଝିରୁ କଥା ଛଡ଼ାଇ କହିଲା- 'ଏଥିରେ କାନ୍ଦିବାର କ'ଣ ଅଛି ? ଶୁଣୁଛି, ସରକାର ବ୍ୟବସ୍ଥା କରୁଛନ୍ତି, ଗୁଡ଼ାଏ ଶସ୍ତା କପଡ଼ା ଆସିବାର ଅଛି । ସେତେବେଳେ କିଣି ଦେବ । ତା' ଛଡ଼ା ମତେ ଶୀତ ଲାଗୁନି ।' ସକୀନା ଅତି କଷ୍ଟରେ ତା'ର ଥରିଲା ଅବସ୍ଥାକୁ ସଂଭାଳି ନେଲା।



'ସରକାର !'.....କରୀମ ଗୋଟେ ଥଣ୍ଡା ଶ୍ୱାସଟାଣି ଅଟକି ଗଲା ।

ସକୀନା ଲକ୍ଷ୍ୟକଲା କରୀମ ଦୁଃଖୀ ଅଛି । ତୁରନ୍ତ ଧ୍ୟାନଭଙ୍ଗ କରିବାକୁ କହିଲା- 'ନିଦ ଆସୁନି ଆବ୍‌ବା! ଗୋଟେ କାହାଣୀ ଶୁଣାଅ ।'

'ପାଗଲୀଟା! ଏଇ ସମୟରେ ତୋ'ର କାହାଣୀ ଶୁଣିବାକୁ ମନ ହେଉଛି ? ଆଲୋ ଝିଅ, ଆମଭଳି ଲୋକଙ୍କ ଅବସ୍ଥା କୌଣସି ଖବର କାଗଜରେ ଛପା ହେଲେ ବଡ଼ କରୁଣ କାହାଣୀ ବନିଯିବ ।'

'ନାହିଁ, ନାହିଁ! କାହାଣୀ ଶୁଣାଅ' । ସକୀନା ଛୋଟ ଛୁଆଭଳି ଅଝଟ କରିକହିଲା । 'ଠିକ୍ ଅଛି, ଶୁଣ! ଏହି ଲକ୍ଷ୍ନୌର କଥା । ନବାବଙ୍କ ଅମଳ ଥିଲା । ଛତର ମଂଜିଲରେ ନବାବ ସାହେବଙ୍କ ପ୍ରମୋଦ-ବିଳାସ ଥିଲା । ସାରାଦିନ ବନ୍ଧୁମାନଙ୍କ ସହ ଅଏସ୍ କରିବା ପରେ ନବାବ ସାହେବ ଯେତେବେଳେ ବିଶ୍ରାମକକ୍ଷକୁ ଯାଉଥିଲେ, ତାଙ୍କ ଆଖି ପତାରେ ଗୋଲାପୀ ନିଶା ସ୍ୱଷ୍ଟ ବାରିହେଉଥିଲା । ତାଙ୍କ ଚାଲିରେ ସୁରାର ମାଦକତା । ତାଙ୍କୁ ଧରି ନେବାପାଇଁ ସିଡ଼ିର ପ୍ରତି ପାବଚ୍ଛର ଉଭୟ ପାର୍ଶ୍ୱରେ ନବଯୌବନୀ ଯୁବତୀମାନେ ଉପସ୍ଥିତ ରହୁଥିଲେ । ସେମାନଙ୍କ କାନ୍ଧ ଉପରେ ହାତ ରଖି ନବାବ ଧୀରେ ଧୀରେ ଉପରକୁ ଯାଉଥିଲେ । ଶୁଣୁଛୁ ନା.... ?'

'ହୁଁ-'

'ଆଚ୍ଛା' ତ ଦିନକର ସମସ୍ତ ବନ୍ଦୀ ମୁର୍ଶିଦାବାଦୀ ରେଶମର ପୋଷାକ ପରିଧାନ କରି ଛିଡ଼ା ହୋଇଥାନ୍ତି । ନବାବ ସାହେବ ପ୍ରଥମ ଯୁବତୀର କାନ୍ଧ ଉପରେ ହାତ ରଖିବା ସମୟରେ ରେଶମର ମସୃଣତା କାରଣରୁ ଦୁପଟ୍ଟା ଖସିଗଲା ଏବଂ ସେ ଧରାଶାୟୀ ହେଉ ହେଉ ବର୍ତ୍ତି ଗଲେ। ତଳୁ ଉପର ଯାଏଁ ଯୁବତୀମାନଙ୍କ ଭିତରେ ଭୟ ଖେଳିଗଲା । ନବାବ ସାହେବ ନିଜକୁ ସଂଭାଳି ନେଇ ଗର୍ଜି ଉଠିଲେ । 'ନିଚ୍ଚଜାତି ! କାଲିଠାରୁ ତୁମମାନଙ୍କ କାନ୍ଧ ନଗ୍ନ ରହିବ' ଏବଂ ତା' ପରଦିନଠାରୁ ସେମାନଙ୍କ କାନ୍ଧ ନଗ୍ନ ରହିଲା ।

'ବୁଝିପାରିଲୁ ଝିଅ! ସେତେବେଳେ କପଡ଼ାର ଅଭାବ ନଥିଲା, ନା ଏବେ ଅଛି । କିନ୍ତୁ ଆମ ଭଳି ଗୋଲାମ ଓ ଗରିବ ସେତେବେଳେ ନଗ୍ନ ଥିଲେ, ଏବେ ବି ନଗ୍ନ ରହୁଛେ । ଜାଣିଛୁ କ'ଣ ପାଇଁ ? କାରଣ ଧନୀ ଲୋକମାନେ ଆମର ନଗ୍ନ କାନ୍ଧ ଉପରେ ହାତ ରଖି ସୁନା-ରୁପାର ପାହାଚମାନ ଚଢ଼ିପାରିବେ.... ଶୋଇ ପଡ଼ିଲୁ, ସକୀନା.... ?'

ସକୀନା ଶୋଇ ଯାଇଥିଲା ।

କରୀମ ଉଠିଲା । ଗୋଟେ ଚିରାପଟି ଉପରେ ବାହୁ

ଉପରେ ମଥା ରଖି ଗଡ଼ି ପଡ଼ିଲା । ସେ ଦି'ପହରରୁ କିଛି ବି ଖାଇନଥିଲା । ଭୋକ ଲାଗୁଥିଲା । ପରନ୍ତୁ ସେ ଧୀରେ ଧୀରେ ଶୋଇବାକୁ ଚେଷ୍ଟା କଲା । ହିନ୍ଦୁସ୍ଥାନୀମାନଙ୍କର ଅଭ୍ୟାସ, ସେମାନେ ଭୋକିଲା ହେଲେ ଶୋଇପଡ଼ନ୍ତି ଓ ସ୍ୱପ୍ନ ଦେଖିବାର ଲାଗନ୍ତି । କରୀମ ବି ଗୋଟେ ସ୍ୱପ୍ନ ଦେଖିଲା...... ଏବଂ ହିନ୍ଦୁସ୍ଥାନୀମାନଙ୍କ ପରି ଏହି ଦୁନିଆ ପ୍ରତି ନିସ୍ପୃହ ହୋଇ ସ୍ୱର୍ଗକୁ ଚାଲିଗଲା । ଆଗେ ଆଗେ କଂପୁଥିବା କରୀମ ଏବଂ ପଛରେ ନିଜର ଚିରାଫଟା କୁର୍ତ୍ତାକୁ ସଂଭାଳି ନେଲା ନିରୀହ ସକୀନା ।

ସମ୍ମୁଖରେ ସିଂହାସନ ଉପରେ ଖୁଦା ଆସୀନ ଥିଲେ । କରୀମ ମଥାନତ କରି କହିଲା-

'ହେ ଖୁଦା, ଆମେ ନଗ୍ନ ଅଛୁ । କ୍ଷୁଧାର୍ତ୍ତ ଅଛୁ ।'

ଖୁଦା ଚକ୍ଷୁ ଉନ୍ମୀଳିତ କଲେ । ସକୀନା ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେ ପାଖରେ ଆସୀନ ଥିବା ଜନୈକ ଦେବଦୂତଙ୍କୁ କହିଲେ- 'ହଜରତ ! ମୁଁ ଦେଖୁଛି, କ୍ଷୁଧାର୍ତ୍ତ ଅବସ୍ଥାରେ ବି ମନୁଷ୍ୟର ସୌନ୍ଦର୍ଯ୍ୟ ନିର୍ମଳ ଦେଖାଯାଉଛି ।'

ଦେବଦୂତ ଜଣକ କାଇଦା ଅନୁସାରେ ମଥା ନୁଆଁଇ ସମ୍ମତି ଜଣାଇଲେ ।

ଖୁଦା ଖୁସି ହୋଇ କହିଲେ- 'ଆଚ୍ଛା, ତେବେ ଏଇ ସୁନ୍ଦରୀର ନାମ 'ହୁରୋଁ' ମୁସଲମାନମାନଙ୍କ ସ୍ୱର୍ଗର ଅପ୍‌ସରାରେ ଲେଖିଦିଅ ।'

ଦେବଦୂତମାନେ ସକୀନା ଆଡ଼କୁ ଦୌଡ଼ିଲେ ।

'ଖବରଦାର !' କରୀମର ଭୋକିଲା ମାଂସପେଶୀ ଗର୍ଜି ଉଠିଲା ।

ଖୁଦା ତା' ଆଡ଼କୁ ଚାହିଁଲେ । 'କିଏ ଇଏ । ବାହାରକର ତାକୁ ।' 'ତୁ କି ନ୍ୟାୟର ଠିକା ନେଇଛୁ' । କରୀମ ଚିତ୍କାରକରି ଉଠିଲା । 'ତୋ ଭିତରେ ଈଶ୍ୱରତ୍ୱ ଅଛି ସିନା ଏବେଯାଏ ତୁ ମଣିଷପଣ ଶିଖି ପାରିଲୁ ନାହିଁ । ଓ, ବିଶ୍ୱାସଘାତକ ଖୁଦା ।'

ସକୀନା ଦେବଦୂତମାନଙ୍କ ହାତରେ ପଡ଼ି ଛଟପଟ ହେଉଥିଲା - 'ଆବ୍‌ବା !'

କରୀମର ଆଖି ଖୋଲିଗଲା । ସକୀନା ଛଟପଟ ହୋଇ ଚିତ୍କାର ଛାଡୁଥିଲା- 'ଆବ୍‌ବା' ! କରୀମ ଘାବରେଇଗଲା । 'ଆବ୍‌ବା ! ଶୀତକଂପ ଚଢିଗଲାଣି ।' ଥରି ଥରି ସକୀନା କହିଲା । ସେ ପାଣିରୁ ବାହାର କରିଥିବା ମାଛଭଳି ଛଟପଟ ହେଉଥିଲା । କରୀମ ଉପାୟଶୂନ୍ୟ ହୋଇ ତା' ଆଡ଼କୁ ଚାହିଁ ରହିଲା । ତା' ପାଖରେ ଧୋତିଖଣ୍ଡେ ବି ନଥିଲା, ପୁଷରାତିର ଜଡ଼ରେ କଂପୁଥିବା ରୋଗିଣା ଝିଅକୁ ଘୋଡ଼େଇବା ପାଇଁ ।

'ହାତ ବଙ୍କା ହେଇଗଲାଣି ଆବ୍‌ବା' କହି ସେ ହାତକୁ ଛାଟିଲା ଏବଂ ମାସେ ହେଲା ପିନ୍ଧିଥିବା ଜର୍ଜର କୁର୍ତ୍ତାର କାଖ ପାଖ ଚର୍‌ର କରି ଫାଟିଗଲା । ସକୀନା କହୁଣୀ ତାଙ୍କି ଲାଜ ଲୁଚେଇବାକୁ ଚେଷ୍ଟା କଲା । କିନ୍ତୁ ତା' ହାତର ସ୍ନାୟୁସବୁ ଦୁର୍ବଳ ହୋଇଯାଉଥିଲା । ସେ ଲାଜରେ ସାଙ୍କୁଡ଼ି ଗଲା ।

ଏସବୁ ନେଇ କରୀମ ସହିପାରିଲା ନାହିଁ । ତା' ଆଖିରୁ ରକ୍ତ ବାହାରି ଆସିଲା । ପ୍ରତିଟି ଲୋମକୂପ ତାତି ଉଠିଲା । ସେ ପାଦଛାଟି କହିଲା, 'ସକୀ ! ସକୀ ! ମୁଁ କୋଉଁଠୁ ହେଲେ ତୋ' ପାଇଁ କପଡ଼ା ଆଣିବି ଝିଅ ! କେଉଁଠି ବି !' ଏତିକି କହି ପବନ ଭଳି ସେ ବାହାରକୁ ବାହାରିଗଲା ।

**ସକୀନା କହୁଣୀ ତାଙ୍କି ଲାଜ ଲୁଚେଇବାକୁ ଚେଷ୍ଟା କଲା । କିନ୍ତୁ ତା' ହାତର ସ୍ନାୟୁସବୁ ଦୁର୍ବଳ ହୋଇଯାଉଥିଲା ।**

କବରସ୍ଥାନରେ ଲଗାଯାଇଥିବା ଅଶ୍ୱତ୍‌ଥ ଗଛ ତଳେ ମୁସଲମାନ ଭିକାରିଟିଏ ବସିଥିଲା । ସମ୍ମୁଖରେ ଅଳ୍ପ ନିଆଁ ଜଳୁଥିଲା । ସେ ଖଣ୍ଡେ କାଠରେ ନିଆଁକୁ ଉଖାରି କହିଉଠିଲା- 'ହେ ଖୁଦା ! ହାତଭଙ୍ଗା ଜାଡ଼ । ଶୁଣିଥିଲି ଚଉଦ ଶତାବ୍ଦୀରେ ପ୍ରଳୟ ହେବ, ନ୍ୟାୟ ମିଳିବ । ପ୍ରଳୟ ମୁଣ୍ଡ ଉଠେଇଲାଣି । କିନ୍ତୁ ନ୍ୟାୟର ଠିକଣା ହିଁ ନାହିଁ ।'

ଅଚାନକ ତୃତୀୟ କବର ପାଖରେ ଜଣେ ମନୁଷ୍ୟର ଛାୟା ଦିଶିଲା । ଆଜି ହିଁ ଉକ୍ତ କବର ଖୋଳା ଯାଇଥିଲା ଏବଂ ପୋତାପୋତି କରିବା ଶ୍ରମିକମାନେ ଫାଉଡ଼ା ଓ କୋଡ଼ି ସେଠାରେ ଛାଡ଼ି ଚାଲିଯାଇଥିଲେ । ଉକ୍ତ ଛାୟା ଫାଉଡ଼ା ଉଠାଇଲା ଏବଂ ଖୋଳିବା ଆରମ୍ଭ କଲା । ଭିକାରି ଜଣକ ଭୟରେ କଂପି ଉଠିଲା । କିଏ ଇଏ ? କୌଣସି ଜିନ୍ କି ? ଜିନ୍ ନୁହେଁ ଦେବଦୂତ ହେଇଥିବ । କବର ଖୋଳି ଅପରାଧିର ହିସାବ କରିବାକୁ ଆସିଛି । ତା' ମନରେ ଗୋଟେ ଖିଆଲ ଆସିଲା । ସେ ତା' ଆଗରେ ଗୁହାରି କଲେ ସାଂସାରିକ ଦୁଃଖ କଷ୍ଟରୁ ମୁକ୍ତି ପାଇଯିବ । ସେ ଥରିଉଠିଲା ଏବଂ ତା'ର

ନିକଟତର ହେଲା । ଦେବଦୂତ ଜଣକ ଫାଉଡ଼ା ଉଠାଇବା ବନ୍ଦ କରିଦେଲା ।

'ହୁଜୁର! ଆପଣ ପୟଗମ୍ବର କି? ଖୁଦାଙ୍କର ଦେବଦୂତ ନା! ମୁଁ....।'

**'ଚୁପ୍ ରହ । ବେଜିତ୍ କରନା । ମୁଁ ଦେବଦୂତ ନୁହେଁ, ମଣିଷ ।' ଦେବଦୂତ ଜଣକ ବଡ଼ପାଟିରେ କହିଲା ।**

'ଚୁପ୍ ରହ । ବେଜିତ୍ କରନା । ମୁଁ ଦେବଦୂତ ନୁହେଁ, ମଣିଷ' । ଦେବଦୂତ ଜଣକ ବଡ଼ପାଟିରେ କହିଲା ।

'ନାହିଁ ହଜୁର! ଦେବଦୂତ ଦେବଦୂତ! ଦେବଦୂତ!!'

'ଆରେ ବୁଢା, ମୁଁ ଚୋର । କଫନ୍ ଚୋରାଇବାକୁ ଆସିଛି । ମୋ ଝିଅ ବିନା ଲୁଗା ଖଣ୍ଡକରେ ମରିବାକୁ ଯାଉଛି । ତୁ ବି ଲଙ୍ଗଳା। ଆଚ୍ଛା ଅଧା କଫନ୍ ତୁ ବି ନେଇ ଯା' ।

ଭିକାରି ଜଣକ ଡରିଯାଇ ପଛକୁ ହଟିଗଲା । ଭୟରେ ତା'ର ମୁହଁ ବାନ୍ଧି ହୋଇଗଲା । ତା' ପରେ ସେ ବଡ଼ ପାଟିରେ ଚିତ୍କାର କଲା- 'ଚୋର....।'

ଜଗୁଆଳି କୁଡ଼ିଆ ଭିତରୁ ଗୁଡ଼େ ଲୋକ ବାହାରି ଦୌଡ଼ି ଆସିଲେ ।

ତା'ପର ଦିନ ଲକ୍ଷ୍ନୌରେ ଏହି ଅଦ୍‌ଭୂତ ଚୋରର ଖବର ବିଜୁଳି ବେଗରେ ଖେଳିଗଲା ।

ସକାଳୁ କ୍ଲଥ କଣ୍ଟ୍ରୋଲ ଅଫିସର୍ ଚା' ପିଇ ବସିଥିବା ବେଳେ, ପତ୍ନୀ ଚା ଢାଳୁ ଢାଳୁ କହିଲେ- 'ତମେ ଶୁଣିଲଣି, କାଲି କଫନ୍ ଚୋରାଉ ଥିବାବେଳେ ଗୋଟେ ଲୋକ ଧରାପଡ଼ିଛି ।'


'ପାଗଳ ହେଇ ଗଲକି? ଓଭର କୋଟ ମଫଲରରେ କାନ ଓ ଛାତିକୁ ଢାଙ୍କୁ ଢାଙ୍କୁ ସେ କହିଲେ- 'କପଡ଼ାର ଏମିତି କି ଅଭାବ ଯେ! ତା' ଛଡ଼ା ମଣିଷ ମରିଯିବ ପଛେ କବର ଖୋଳି କଫନ୍ ଚୋରାଇବାକୁ ଯିବ ନାହିଁ ....।'

ଫର୍‌ର ହାତମୋଜା ଢଙ୍କା ଅଙ୍ଗୁଳିମାନଙ୍କ ଦ୍ୱାରା ଚା' ପିଆଲା ଉଠାଇ ସେ ଉତ୍ତର ଦେଲେ ।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com


## ପ୍ରକାଶ ପାଇଲା




**ଏଥିରେ ଅଛି**

- ପୁସ୍ତକ ପ୍ରକାଶନ ଓ ସଂପାଦନାର କେତେକ ଦିଗ
- ପ୍ରକାଶକ ଓ ପ୍ରକାଶନର ସୋପାନ
- ପୁସ୍ତକ ପ୍ରକାଶନର ସ୍ୱକୀୟ ଶୈଳୀ
- ଅନୁବାଦ ପୁସ୍ତକର ସମ୍ପାଦନା
- କମ୍ପୋଜିଂଠାରୁ ମୁଦ୍ରଣ ପର୍ଯ୍ୟନ୍ତ
- ଓଡ଼ିଆ ବହିର ବିତରଣ ଓ ବିପଣନ
- ଚିତ୍ର ସମ୍ପାଦନା ଓ ଚିତ୍ରଭାଷା
- ମୁଖବନ୍ଧଠାରୁ ପୃଷ୍ଠବନ୍ଧ ପର୍ଯ୍ୟନ୍ତ
- ବହି ବିଚାର: ପୁସ୍ତକ ସମୀକ୍ଷା
- ବହିର ଭବିଷ୍ୟତ


ମୂଲ୍ୟ ଟ. ୧୨୦ ମାତ୍ର

Available at all leading Book Stores.
Also available at amazon
It may also be downloaded as an e-book from Google PlayBooks.

ପ୍ରକାଶକ: ସାହିତ୍ୟ ଚର୍ଚ୍ଚା
Mobile: 9368772506
Email: info@sahityacharcha.com

ଅନୁଭୂତି

# ମୋ'ର ସଙ୍ଗୀତ ଚର୍ଚ୍ଚା




**ଦେବୀ ପ୍ରସନ୍ନ ପଟ୍ଟନାୟକ**

ମୋ ପିଲାଦିନେ ମାଇନର ସ୍କୁଲରେ ଥିଲା ଯାଏ ଲକ୍ଷ୍ମଣ ଦାସ ଓ ଘନଶ୍ୟାମ ପଣ୍ଡା (ଘନିଆ)ଙ୍କ ସାଙ୍ଗରେ ଆମ ଉପର ଘରେ ଦାସକାଠିଆ ବଜେଇ ଗୀତ ଗାଇବା ଓ ବେଳେବେଳେ ଅଭିନୟ କରିବା ଅଭ୍ୟାସ ହୋଇଯାଇଥିଲା।

ଆମ ଦାଣ୍ଡରେ ଯାତ୍ରା ପାର୍ଟିର ଗୀତ, ନାଟ, ବାଜା ରାତି ଅନିଦ୍ରା ହୋଇ ଉପଭୋଗ କରିବା ମଧ୍ୟ ଅଭ୍ୟାସ ହୋଇଥିଲା।

ବୁଧେଇଓଷାର ବହି, ଲକ୍ଷ୍ମୀ ପୁରାଣ କିମ୍ବା ତଅପୋଇ ଗୀତ ବୋଲିବା ମୋର ଦାୟିତ୍ୱ ହୋଇଯାଇଥିଲା।



ଭଉଣୀ ପିଇସୀଙ୍କ ସାଙ୍ଗରେ ରଜଦୋଳି ଗୀତ ଗାଇବା କିମ୍ବା ବାହାଘର ଗୀତ ଗାଇବା ଭାରି ମଉଜିଆ ଥିଲା ।

ଆମ ଘରକୁ କବିଚନ୍ଦ୍ର କାଳିଚରଣ ଆସୁଥିଲେ, ମୋ ବାପାଙ୍କୁ ସିଏ ନନା ଡାକୁଥିବାରୁ ମୁଁ ତାଙ୍କୁ ଦଦା ଡାକୁଥିଲି, ମୁଁ କଲେଜକୁ ଗଲାବେଳେ ତାଙ୍କ ଘରକୁ ଯିବା ନିୟମିତ ଅଭ୍ୟାସ ହୋଇଯାଇଥିଲା। ତାଙ୍କରି ଘରେ ବାଳକୃଷ୍ଣ ଦାସ, ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ, ହରିପ୍ରସାଦ ଚଉରାଶିଆ, କେଳୁଚରଣ ମହାପାତ୍ର ଆଦିଙ୍କ ସାଙ୍ଗରେ ପରିଚୟ। ତାଙ୍କ ଝିଆରୀ ଶ୍ୟାମାମଣି(ଟିଲା)କୁ ମଧ୍ୟ ଚିହ୍ନିଲି। ସେମାନେ ଆପଣା ଆପଣା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚିଲେ।

### କାଳୀଦାଦାଙ୍କ ଭଜନ

ମୁଁ କାଳୀଦାଦାଙ୍କ ଘରକୁ ଗଲାବେଳେ ସିଏ ଯେତେ ନୂଆ ଗୀତ ଲେଖିଥାନ୍ତି, ସେସବୁ ମତେ ବୋଲି ଶୁଣାନ୍ତି। ଦିନେ ମତେ କହିଲେ, ମୁଁ ଗୋଟିଏ ନୂଆ ଭଜନ ଲେଖିଚି, ଶୁଣ। ହାରମୋନିଅମ ଟାଣି ଆଣି ଗାଇଲେ,

ଜଗବନ୍ଧୁ ହେ ବନ୍ଧୁ ଯଦୁ ନନ୍ଦନ
ପ୍ରଭୁପଣେ ବଡ଼ ପତାକା ବାନ୍ଧିଛ ବୋଲାଉଛ ପରା ଜଗବନ୍ଦନ।
ରସେ ମଜ୍ଜାଇଲ ଗୋପଗୁଆଳିଙ୍କି ଦଳିଥିଲ ପରା କାଳୀ ବଳିକି।
ମିଠା ଚାଖିସାରି ସିଠା ଫିଙ୍ଗିଦେଲ ରାଧାମଲା ଝୁରି ବିଶ୍ୱବନ୍ଦନ।

ମତେ ପଚାରିଲେ ବୁଝିଲୁ? ମୁଁ କହିଲି, ସିଠା କ'ଣ ମୁଁ ବୁଝିପାରିଲି ନାହିଁ। ସିଏ ପାଟିକରି ଡାକିଲେ, କିଏ ଅଛରେ ପିକଦାନିଟା ଆଣିଲ। ଜଣେ ପିକଦାନି ଆଣିବାରୁ ସିଏ ଚୋବାଉଥିବା ପାନର ଆବଶିଷ୍ଟାଂଶ ପକେଇ ଦେଇ ପଚାରିଲେ ବୁଝିଲୁ? ମୁଁ ମୁଣ୍ଡ ହଲେଇଲି।

କଲେଜରେ ପଢ଼ିଲାବେଳେ ଓଡ଼ିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା ଥିଏଟର୍ସକୁ ଯାଉଥିଲି। ସେଠାରେ କଳାକାରମାନଙ୍କର ପରିଚୟ ହେଉଥିଲା। ଥରେ ମୋର ସହପାଠୀ ସାବିତ୍ରୀ ନନ୍ଦଙ୍କ ସାନଭଉଣୀ ମିନାକ୍ଷୀ ପାଇଁ ନାଚମାଷ୍ଟ୍ର ଖୋଜା ପଡ଼ିଥିଲା। ମୁଁ ଜାଣିଥିଲି, କେଳୁଚରଣ ଅନ୍ନପୂର୍ଣ୍ଣାରେ ଚାକିରି ହରେଇ ରାସ୍ତାରେ ବୁଲୁଥିଲେ। ମୁଁ ତାଙ୍କୁ ନାଚମାଷ୍ଟର ଭାବରେ ନିଯୁକ୍ତ କରେଇଦେଲି। ଉଭୟ ଛାତ୍ରୀ ଓ ଶିକ୍ଷକ ପ୍ରସିଦ୍ଧିର ସିଢ଼ି ଚଢ଼ି ଉପରକୁ ଉଠିଲେ।

କଲେଜରେ ଛାତ୍ର ରାଜନୀତିରୁ ଆସି ସମାଜବାଦୀ ରାଜନୀତିରେ ଯୋଗ ଦେଲି। ସେତିକିବେଳେ ବାବୁଲାଲ ଦୋଶୀଙ୍କ ସାଙ୍ଗରେ ପରିଚୟ। ଓଡିଶୀ ନାଚକୁ ଶାସ୍ତ୍ରୀୟ ମାନ୍ୟତାର ପରିଚୟ ଦେବାର ପ୍ରମୁଖ ବିନ୍ଧାଣି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ବାବୁଲାଲ ଦୋଶୀ। ତାଙ୍କ ସାଙ୍ଗରେ କଥା ହେଉ ହେଉ କଳାବିକାଶ କେନ୍ଦ୍ର ପ୍ରତିଷ୍ଠାର କଥା ଉଠିଲା। ତାଙ୍କ ଅନୁରୋଧ କ୍ରମେ ମୁଁ ଏହାର ପ୍ରଥମ ମାନିଫେଷ୍ଟୋ

ଲେଖିଲି। କଳାବିକାଶ କେନ୍ଦ୍ର ରେଜିଷ୍ଟ୍ରିକୃତ ଅନୁଷ୍ଠାନ ହେଲା।

## ନୃତ୍ୟାଙ୍ଗନାଙ୍କୁ ପ୍ରଶ୍ନ

କଟକ, ଭୁବନେଶ୍ୱରରେ ଥିଲାବେଳେ କୁଙ୍କୁମ ମହାନ୍ତି, ଅରୁଣା ମହାନ୍ତି, ଇଲିଆନା ଚିଟାରିଷ୍ଟିଙ୍କ ସହ ପରିଚୟ ଓ ଘନିଷ୍ଠତା। କଲେଜରେ ମୋ' ସହପାଠୀ ଥିଲେ ମିନତୀ ଦାସ। ସିଏ ପରେ ନୃତ୍ୟଶିଳ୍ପୀ ମିନତୀ ମିଶ୍ର ଭାବରେ ଜଣାଶୁଣା। କୁଙ୍କୁମ ସହିତ ପାରିବାରିକ ସମ୍ପର୍କ। ଦିନେ ମୁଁ ତାଙ୍କ ଘରକୁ ଯାଇଥିଲି। ତାଙ୍କୁ ଏକୁଟିଆ ଦେଖି ପଚାରିଲି, କୁଙ୍କୁମ, ତୁମେ ଯେଉଁ ଗୀତଗାଇ ନାଚ, ତାର ଅର୍ଥ ବୁଝି ନାଚ? ସିଏ କହିଲା ଅର୍ଥ ନ ବୁଝି ନାଚିବ କେମିତି? ମୁଁ ପଚାରିଲି, 'ତୋ ଲାଗି ଗୋପଦାଣ୍ଡ ମନାରେ କାଳିଆ ସୁନା। ତୋ ଲାଗି ନ ଯିବି ଯମୁନା।' ଏଥିରେ କାଳିଆ ସୁନାର ଅର୍ଥ କଅଣ? ସିଏ କହିଲା ବଜାରୀ। ମୁଁ କହିଲି, କୃଷ୍ଣଙ୍କର ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ହେତୁ ଇଂରାଜୀ *ବ୍ଲାକ୍ ଗୋଲ୍ଡ* ଅର୍ଥରେ ତାଙ୍କୁ କାଳିଆ ସୁନା କୁହାଯାଇଛି। ଏଥର କହ ବଜାରୀ କିଏ- ମୁଁ ନାଁ ତୁ? ସେପଟେ ତା' ବୋଉଥିଲେ ବୋଲି ମୁଁ ଜାଣିନଥିଲି। ସିଏ କହିଲେ, ଆଜିପର୍ଯ୍ୟନ୍ତ କୁଙ୍କୁମକୁ କେହି ପାରିନଥିଲେ। ଦେବୀ ଭଲ ଚାପୁଡ଼ାଏ ଦେଲା। ମୁଁ ଚୁପ୍‌କରି ଖସି ପଳେଇ ଆସିଲି। ଏ ପ୍ରସଙ୍ଗରେ ଆଉ ଗୋଟିଏ କଥା ମନେ ପଡୁଛି। ବୁଦ୍ଧମନ୍ଦିରର ଗୋଟିଏ କାର୍ଯ୍ୟକ୍ରମରେ ଜଣେ 'ଲୀଳାନିଧି ହେ ଲାଜେ ମୁଁ ଗଳିଟି ସଢ଼ି। ଲୁଚାଇଛ କାହିଁ ଶ୍ୟାମ ହେ ଦିଅ ମୋ' ଲାଗି ଶାଢ଼ି' ଗାଇ ନାଚୁଥିଲେ। ସିଏ ମୋ' ଲାଗି ଶାଢ଼ି, ମୋ' ପାଇଁ ଶାଢ଼ି ଗାଇ ନାଚିଲେ। ନାଚ ଶେଷରେ ମୁଁ ତାଙ୍କୁ କହିଲି, ତମେ ଭୁଲ ଗାଇଲ। ସିଏ କହିଲେ ମୁଁ କବିସୂର୍ଯ୍ୟଙ୍କର ଚତୁର୍ଥ ପିଢ଼ିର ଲୋକ। ମୋ' ଗୀତ ଭୁଲ ବୋଲି ଆଜିଯାଏଁ କେହି କହିନାହାନ୍ତି। ମୁଁ କହିଲି 'ମୋ ଲାଗି ଶାଢ଼ି', 'ମୋ ପାଇଁ ଶାଢ଼ି' ଭୁଲ୍। ଏହା ହେଉଛି 'ମୋ ଲାଗିଶାଢ଼ି'। ତମେ ଯଦି 'ମୋ ଲାଗିଶାଢ଼ି', 'ପିନ୍ଧା ଶାଢ଼ି' ଗାଇଥାନ୍ତ ଠିକ୍ ହୋଇଥାନ୍ତା। 'ମୋ ପାଇଁ ଶାଢ଼ି' କହିବା ଠିକ ନୁହେଁ। ସିଏ ମାନିଲେ।

> **ନାଚ ଶେଷରେ ମୁଁ ତାଙ୍କୁ କହିଲି, ତମେ ଭୁଲ ଗାଇଲ।**

୧୯୫୩ରେ ମୁଁ ଭକ୍ତମଧୁ ସ୍ୱର୍ଣ୍ଣପଦକ ଲାଭକରି ଓଡ଼ିଆ ଏମ୍‌ଏ ପାସ୍‌କଲି। ସେଇବର୍ଷ ମୋ' ବାହାଘର। ସେଇବର୍ଷ ଶାନ୍ତିନିକେତନ ଚାକିରି। ମୋ' ସ୍ତ୍ରୀ ସୁଲକ୍ଷଣା ମହାନ୍ତି କଟକ ଅଲଇଣ୍ଡିଆ ରେଡିଓର ପ୍ରଥମ ଦିନର କଳାକାର। ତାଙ୍କ ସାନ ଭାଇ ଓଡ଼ିଆ ସଙ୍ଗୀତର ମୁକୁଟ ବିହୀନ ସମ୍ରାଟ ଅକ୍ଷୟ ମହାନ୍ତି। ମୋ' ସ୍ତ୍ରୀ ଭେଙ୍କଟ ନାରାୟଣ ଏବଂ ବାଳକୃଷ୍ଣ ଦାସଙ୍କ ଛାତ୍ରୀ।

ଶାନ୍ତିନିକେତନର ସଙ୍ଗୀତ ଭବନରେ ସେ ରବୀନ୍ଦ୍ର ସଙ୍ଗୀତ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ଡିଗ୍ରୀ କଲେ। ରବୀନ୍ଦ୍ର ସଙ୍ଗୀତରେ ତାଙ୍କର ଗୁରୁଥିଲେ ଶାନ୍ତିଦେବ ଘୋଷ, କନିକା ବନ୍ଦୋପାଧ୍ୟାୟ ଓ ବିରେନ ପାଲିତ। ଶାସ୍ତ୍ରୀୟ ସଙ୍ଗୀତରେ ଉସ୍ତାଦ ଜୀ।

ଶାନ୍ତିନିକେତନରେ ଥିଲାବେଳେ ଲଣ୍ଡନର ଆନ୍ତର୍ଜାତିକ ଲୋକସଙ୍ଗୀତ ସଂସଦ (ଇଣ୍ଟରନ୍ୟାସନାଲ ଫୋକ୍ ମ୍ୟୁଜିକ୍ ଆସୋସିଏସନ)ର ଜଣେ କର୍ମକର୍ତ୍ତା ଅନ୍ନଦାଶଙ୍କର ରାୟଙ୍କଠାରୁ ଚିଠି ନେଇ ମୋ' ପାଖକୁ ଆସିଲେ। ତାଙ୍କ ଅନୁରୋଧରେ ମୁଁ ଛ'ଟି ଗୀତ ବାଛିଦେଲି ଓ ମୋ' ସ୍ତ୍ରୀ ସେଗୁଡ଼ିକ ଗାଇଲେ। ସେଗୁଡ଼ିକ ସେ ତାଙ୍କ ସଂଗ୍ରହାଳୟ *(ଆର୍ଚିଭ୍)*ରେ ରଖିବା ପାଇଁ ନେଇ ଯାଇଥିଲେ। ତାହାର କିଛିବର୍ଷ ପରେ ମୁଁ ଆମେରିକାରେ ପିଏଚ୍‌ଡି ସାରି ଫେରୁଥିବା ବେଳେ ଲଣ୍ଡନରେ ସେଗୁଡ଼ିକ ମତେ ଶୁଣେଇଥିଲେ।

## ଇନ୍ଦ୍ରାଣୀ ରହମାନ

ମୁଁ ଆମେରିକାରେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଥିଲି। ସେତେବେଳେ କର୍ଣ୍ଣେଲ ଇଣ୍ଡିଆ ଆସୋସିଏସନର ସଭାପତି ଓ ରାଜ୍ୟସ୍ତରୀୟ ରବୀନ୍ଦ୍ର ଶତବାର୍ଷିକୀ କମିଟିର ସଭ୍ୟ ଥିଲି। ସେହି ସମୟରେ ଇନ୍ଦ୍ରାଣୀ ରହମାନଙ୍କୁ ନେଇ ଗୁରୁ ଦେବପ୍ରସାଦ ଦାସ ଆମେରିକା ଯାଇଥିଲେ। ତାଙ୍କ ପାଇଁ କର୍ଣ୍ଣେଲ ପ୍ରେକ୍ଷାଳୟରେ ଗୋଟିଏ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥିଲି। କାର୍ଯ୍ୟକ୍ରମ ଶେଷରେ ଇନ୍ଦ୍ରାଣୀ ପଚାରିଲେ, ନାଚ କେମିତି ଲାଗିଲା? ମୁଁ କହିଲି, ତମପରି କଳାକାରଙ୍କର କାର୍ଯ୍ୟକ୍ରମ ଖାଲି ଭଲ ଲାଗିଲା କହିଲେ ଯଥେଷ୍ଟ ହେବ ନାହିଁ। ସିଏ ପଚାରିଲେ, ତେବେ ବି ଆପଣ କିଛି କୁହନ୍ତୁ। ମୁଁ କହିଲି, ମୁଁ ନୃତ୍ୟବିତ୍ ନୁହେ। ତେବେ ଏତିକି କହିବି ଯେ, ତମର ଚଉକ ଠିକ୍ ଲାଗିଲାନାହିଁ। ସିଏ ଭୂଇଁରେ ସାଷ୍ଟାଙ୍ଗ ପ୍ରଣାମକରି କହିଲେ, ମୋ' ଗୁରୁଙ୍କ ପରେ ଆପଣ ହେଉଛନ୍ତି ପ୍ରଥମ ଲୋକ ଯିଏ ମତେ ଏକଥା କହିଲେ।

ଶାନ୍ତିନିକେତନରେ ୧୧ ବର୍ଷ ରହିଲା ପରେ ପୁନାରେ ଛ'ବର୍ଷ। ସେଠାରେ ଭୀମସେନ ଯୋଷୀ, ବିନାୟକ ରାଓ ପଟବର୍ଦ୍ଧନଙ୍କ ସାଙ୍ଗରେ ପରିଚୟ। ବିନାୟକ ରାଓଙ୍କ ଛାତ୍ରୀ କାଳିଦାଦାଙ୍କ ଝିଆରୀ ଶ୍ୟାମାମଣି କିଛି ଦିନ ଆମ ଘରେ

ରହୁଥିଲା। ମୁଁ ଡେକାନ କଲେଜରେ ରହୁଥିଲି। ସେଠାରେ ଗୋଟିଏ କାର୍ଯ୍ୟକ୍ରମ କରିବା ପାଇଁ ମୁଁ ବିନାୟକ ରାଓଙ୍କୁ କହିଲି। ସିଏ କହିଲେ, ମତେ ଓଡ଼ିଆ ଖାନାଦେଲେ ମୁଁ ଯିବି। ସିଏ ଗୀତ ଗାଇବା ଆଗରୁ ତରାନା ବିଷୟରେ କହିଲେ। ସିଏ କହିଲେ, ଥରେ ସେ ରୁଷିଆ ଯାଇଥିଲେ। ଗୋଟିଏ କାର୍ଯ୍ୟକ୍ରମରେ କିଛି ସମୟ ତରାନା ଗାଇଲା ପରେ ଜଣେ ଲୋକ ଆସି କହିଲା, ପାଟି ଆଁ କରନ୍ତୁ। ମୁଁ ଆଁ କଲି। ସିଏ ପଚାରିଲେ ଯନ୍ତ୍ର କାହିଁ ? ମୁଁ ପଚାରିଲି କୋଉ ଯନ୍ତ୍ର ? ଖାଲି ପାଟିରେ ତରାନା ସୃଷ୍ଟି ହେଉଥିବା ଦେଖି ସିଏ ଆଶ୍ଚର୍ଯ୍ୟ ହୋଇଗଲା।

ପୁନା ପରେ ମହୀଶୂର। ମହୀଶୂର ଦଶହରା ଭାରତ ପ୍ରସିଦ୍ଧ। ମହୀଶୂର ବିଶ୍ୱବିଦ୍ୟାଳୟ କୁଳସଚିବ ଡିଭି ଅର୍ସଙ୍କ ବନ୍ଧୁତା ହେତୁ ରାଜବାଟିକୁ ଆମର ସ୍ୱତନ୍ତ୍ର ନିମନ୍ତ୍ରଣ। ଦଶହରାରେ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଗଲାବେଳେ ଉସ୍ତାଦ ରବିଶଙ୍କରଙ୍କ ସହ ଭେଟ। କାର୍ଯ୍ୟକ୍ରମ ଶେଷରେ ମୁଁ ତାଙ୍କୁ ଘରକୁ ଆସିବାକୁ କହିଲି। ସିଏ ଆସିଲେ।

ମହୀଶୂରରେ ରାଜନର୍ତ୍ତକୀ ଭେଙ୍କଟ ଲକ୍ଷ୍ମାମ୍ମାଙ୍କ ପାଖରୁ ମୋ' ବଡଝିଅ ସଂଘମିତ୍ରା(ପେପି)ର ଭରତନାଟ୍ୟମ ଶିକ୍ଷା। ଅଭିନୟ ପାରଙ୍ଗମ ଭେଙ୍କଟ ଲକ୍ଷ୍ମାମ୍ମାଙ୍କର ଅଭିନୟ ଶିକ୍ଷା ଏକ ବିରଳ ଅଭିଜ୍ଞତା।

ମହୀଶୂର ବିଶ୍ୱବିଦ୍ୟାଳୟକୁ ଆସାମରୁ ଧୀରେନ ବେଜବରୁଆ ଆସି ଇଂରାଜୀ ଅଧ୍ୟାପକ ରୂପେ ଯୋଗ ଦେଲେ। ତାଙ୍କ ସ୍ତ୍ରୀ କଳ୍ପନା ମୋ' ସ୍ତ୍ରୀଙ୍କ ସାଙ୍ଗରେ ମିଶି ରବୀନ୍ଦ୍ରନାଟକ ଚିତ୍ରାଙ୍ଗଦା ମଞ୍ଚସ୍ଥ କଲେ। କନ୍ନଡ ଛାତ୍ରଛାତ୍ରୀଙ୍କୁ ବଙ୍ଗଳା ଗୀତ ନାଚ ଶିଖାଇ ବଙ୍ଗଳା ନାଟକ ଉତାରିବା ସହଜ ନଥିଲା। ମୋ' ଝିଅ ସଂଘମିତ୍ରା ଏଥିରେ ନାଚିଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
pattanayakdp@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।
୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।
୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।
୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।
୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।
୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।
୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।
୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।
୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।
୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।
୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।
୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



# ଓଡ଼ିଆ ଭାଷାରେ ବିଜ୍ଞାନଭିତ୍ତିକ ସାହିତ୍ୟର ରୂପରେଖ

ପ୍ରବନ୍ଧ

ହିମାଦ୍ରି ତନୟା ମିଶ୍ର

ସାଧାରଣ ମଣିଷଟି ବିଜ୍ଞାନର ଯଥାର୍ଥ ମୂଲ୍ୟକୁ ବୁଝିବାର ସାମର୍ଥ୍ୟ ଆଣିବା ଉଦ୍ଦେଶ୍ୟରେ ବିଜ୍ଞାନଭିତ୍ତିକ ସାହିତ୍ୟର ସୃଷ୍ଟି ହେଲା। ସାରା ବିଶ୍ୱରେ ବିଜ୍ଞାନର ଜୟଯାତ୍ରା କେବଳ ବୈଜ୍ଞାନିକ, ବିଜ୍ଞାନର ଗବେଷକ ତଥା ବିଜ୍ଞାନ ସହିତ ଜଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କ ନିକଟରେ ସୀମିତ ନ ରଖି ଶିଶୁଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ଏହାର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ରଖି ବିଜ୍ଞାନ ସମ୍ବନ୍ଧୀୟ ସରଳ ଭାଷାରେ ଏହିପରି ସାହିତ୍ୟର ସୃଷ୍ଟି ନିଶ୍ଚିତ ପକ୍ଷେ ଉପାଦେୟ ହୋଇପାରିଛି। ଏବେ ବିଜ୍ଞାନର ଯେକୌଣସି ନୂତନ ଉଦ୍ଭାବନର କ୍ଲିଷ୍ଟତା ଆଜି ଗବେଷଣାଗାରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ ବରଂ ଏହି ଜଟିଳ ତଥ୍ୟ ସହଜ ହୋଇ ସାହିତ୍ୟ ଧାରାରେ ସମସ୍ତ ଜନମାନସକୁ ସ୍ପର୍ଶ କରିପାରିଛି। ବର୍ତ୍ତମାନ ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱ ସାହିତ୍ୟର ବିଭିନ୍ନ ବିଭାଗ ରହିଛି। ଯଥା - ପ୍ରବନ୍ଧ, ଗଳ୍ପ, କବିତା, ଉପନ୍ୟାସ, ନାଟକ, ଜୀବନୀ ଓ ଅନୁବାଦର କଳେବରରେ ଶୋଭା ପାଇ ସାଧାରଣ ବ୍ୟକ୍ତିଙ୍କ ନିକଟତର ହୋଇପାରିଛି। ବିଜ୍ଞାନଭିତ୍ତିକ ସାହିତ୍ୟ ମଣିଷକୁ ବର୍ତ୍ତମାନ ଓ ଭବିଷ୍ୟତ ଗଢ଼ିବାର ପ୍ରେରଣା ଦେଇଥାଏ। ଏହାକୁ ସାଧାରଣ ପାଠକ ପାଖରେ ପହଞ୍ଚାଇବା ପାଇଁ ତୀକ୍ଷ୍ଣ ଦୃଷ୍ଟି ଦେଇଥାନ୍ତି। ଯେପରି ଡକ୍ଟର ଦେବକାନ୍ତ ମିଶ୍ରଙ୍କ 'ବିଚିତ୍ର ଏ ବିଶ୍ୱ' ଲୋକପ୍ରିୟ ବିଜ୍ଞାନ ପୁସ୍ତକରେ ବିଶ୍ୱର ସୃଷ୍ଟି ସମ୍ପର୍କିତ ବହୁ ବୈଜ୍ଞାନିକ ତଥ୍ୟ ଓ ତତ୍ତ୍ୱର ଇଂରାଜୀ ଶବ୍ଦଗୁଡ଼ିକୁ ଓଡ଼ିଆରେ ପ୍ରକାଶ ସହ ଏହାର ସଂଜ୍ଞା ଓ ସ୍ୱରୂପକୁ ସରଳ ଭାବେ ବିଶ୍ଳେଷଣ କରିଛନ୍ତି।

**ବିଜ୍ଞାନଧର୍ମୀ କବିତା**

ବିଷୟବସ୍ତୁଗୁଡ଼ିକରେ କଳ୍ପନା ଅପେକ୍ଷା ଅଧିକ ବାସ୍ତବଧର୍ମୀ। ଆଧୁନିକ କବିତା ପରି ଏହା କୌଣସି ପ୍ରୟୋଗ ଓ ପରୀକ୍ଷାକୁ ଗ୍ରହଣ ନ କରି ବିଜ୍ଞାନର ତଥ୍ୟକୁ ସରଳ ଭାବରେ ପ୍ରକାଶ କରିଥାଏ। ସମୟେ ସମୟେ ଏହା ଗୀତିଧର୍ମୀ ହୁଏ, ମାତ୍ର ତାହା କୌଣସି ପଦ୍ୟଛନ୍ଦର ସଂଜ୍ଞା ବହନ କରି ନ ଥାଏ। କେବଳ ଶେଷ ଅକ୍ଷରର ମିଳନ ହୁଏ। ଏହା ଉପରେ ଅନେକ କବିତା ରହିଛି। ଡାକ୍ତର ବାସନ୍ତୀ ବହିଦାରଙ୍କ ରଚିତ 'ଉପକାରୀ ବନ୍ଧୁ ବୃକ୍ଷ', ଡକ୍ଟର ସଚ୍ଚିଦାନନ୍ଦ ଶତପଥୀଙ୍କ ରଚିତ 'ନାଁଚି ତା'ର ପତର', ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ରଚିତ 'ପେନସିଲିନ୍', 'ଇଉରେନିୟମ', 'ଉଦ୍‌ଜାନ ବୋମା', 'ମିଥାଇଲ ଆଲକୋହଲ', 'ପରମାଣୁ ତଥ୍ୟ' ଆଦି ଉଚ୍ଚକୋଟିର କବିତା। ବିଜ୍ଞାନର ଜୟଯାତ୍ରାକୁ ନେଇ ବିଭୂତିଭୂଷଣ ପଟ୍ଟନାୟକଙ୍କ ରଚିତ 'ଜୟ ବିଜ୍ଞାନ', ଡକ୍ଟର ଯୋଗମାୟା ପଟ୍ଟନାୟକଙ୍କ ରଚିତ 'ମଶାର ଆତ୍ମକଥା', 'ସ୍ୱପ୍ନିଳ ମାତୃତ୍ୱ', ବୈଷ୍ଣବ ଚରଣ ସିଂହଙ୍କ 'ବିଜ୍ଞାନର ଅଗ୍ରଗତି', ନିରଞ୍ଜନ ପାତ୍ରଙ୍କ 'ଭାରତୀୟ ବୈଜ୍ଞାନିକଙ୍କ ବୈଜ୍ଞାନିକ କୃତି', ଡକ୍ଟର ସୁଲୋଚନା ଦାଶଙ୍କ 'ଆମେ ନ ଥିବା ଗଛ ତ ଥିବ', କିଶୋର ଚନ୍ଦ୍ର ମହାନ୍ତିଙ୍କ 'କୋଷ ବିଭାଜନ', କୁଳମଣି ସାମଲଙ୍କ 'ବିଜ୍ଞାନ ବାର୍ତ୍ତା' ଖୁବ୍ ଉଚ୍ଚକୋଟୀର ଉପାଦେୟ କବିତା ରଚନା।

**ଆଧୁନିକ କବିତା ପରି ଏହା କୌଣସି ପ୍ରୟୋଗ ଓ ପରୀକ୍ଷାକୁ ଗ୍ରହଣ ନ କରି ବିଜ୍ଞାନର ତଥ୍ୟକୁ ସରଳ ଭାବରେ ପ୍ରକାଶ କରିଥାଏ।**


କୁନି କୁନି ପିଲାମାନେ ଚିହ୍ନିରଖ ଭଲ ଭାବେ ମୋତେ
ଶୁଣୁଥିବ ମେଲେରିଆ ବ୍ୟାପିଲାଣି ଗାଁ ଗଣ୍ଡା ଯେତେ
ଗାଁରେ କହୁଛ ତୁମେ ପାଳି ଜ୍ୱର ପ୍ଲୀହାଜ୍ୱର ଅବା ମେଲେରିଆ
ହୁ ହୁ କମ୍ପ ଜ୍ୱର, ଶୀତ ବାନ୍ତି ଥରାଇଣ ହିଆ
(ମଶାର ଆତ୍ମକଥା, ଡକ୍ଟର ଯୋଗମାୟା ପଟ୍ଟନାୟକ)
ଅକ୍ଷର ଚାରିପଟେ ଘୂରୁଛି ପୃଥିବୀ
କରୁଥାଇ ଦିନରାତି
ଆର୍ଯ୍ୟଭଟ୍ଟଙ୍କର ଆର୍ଯ୍ୟ ସିଦ୍ଧାନ୍ତରେ

ପ୍ରମାଣ ଅଛି ଏମିତି ।

(ଭାରତୀୟ ବୈଜ୍ଞାନିକଙ୍କ ବୈଜ୍ଞାନିକ କୃତି, ନିରଞ୍ଜନ ପାତ୍ର)

**ବିଜ୍ଞାନଧର୍ମୀ ପ୍ରବନ୍ଧ**

ଓଡ଼ିଆ ଭାଷାରେ ରଚିତ ବିଜ୍ଞାନଧର୍ମୀ ପ୍ରବନ୍ଧ ପଦାର୍ଥ ବିଜ୍ଞାନଭିତ୍ତିକ ପ୍ରବନ୍ଧ ହେଉଛି ବିଜ୍ଞାନକୁ ନେଇ ଗବେଷଣାରତ ବୈଜ୍ଞାନିକ ହୁଅନ୍ତୁ କିମ୍ବା ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନରେ ଯେଉଁ ଲେଖକ ଖୁବ୍ ଜଡ଼ିତ ତାଙ୍କର ଲେଖନୀକୁ ବୁଝାଯାଏ । ଶରତ କୁମାର ମହାନ୍ତିଙ୍କ 'ଆଟମ୍‌ରୁ କ୍ୱାଣ୍ଟମ୍' ପ୍ରବନ୍ଧ ସଙ୍କଳନରେ କ୍ୱାଣ୍ଟମ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ତଥ୍ୟ ରହିଛି । ୨୧ଟି ପ୍ରବନ୍ଧକୁ ନେଇ ରଚିତ । ନୂତନ ବିଜ୍ଞାନ ଯୁଗର ଆବିର୍ଭାବ କ୍ଷେତ୍ରରେ ବୈଜ୍ଞାନିକ ନିଉଟନଙ୍କୁ ଗୁରୁତ୍ୱ ଦେଇଛନ୍ତି । ବିଜ୍ଞାନ ଯୁଗ କହିଲେ ବିଜ୍ଞାନର ପ୍ରତିଟି ବିଭାଗକୁ ଉପଭୋଗ କରିବା । ଶେଷରେ ବିଜ୍ଞାନର ସବୁଠାରୁ ଶକ୍ତିଶାଳୀ ଶାଖାରୂପେ କ୍ୱାଣ୍ଟମ୍‌ର ଆବିଷ୍କାରକ ମାକ୍ସ ପ୍ଲାଙ୍କ କ୍ୱାଣ୍ଟମ୍ ବିଜ୍ଞାନ ପ୍ରତି ମନ ନିବେଶର କାରଣ ଉଲ୍ଲେଖ ରହିଛି । 'ପରମାଣୁ ବୁଝିବାର ସର୍ତ୍ତ କାଣ୍ଡଜ୍ଞାନ ହରାଇବା', 'ଗୋଟିଏ ବିଜ୍ଞାନ ଯୁଗର ଅବସାନ', 'ଏକ ନୂତନ କଣିକା ନିଉଟିନୋ' ଆଦି ପ୍ରବନ୍ଧଗୁଡ଼ିକ ଖୁବ୍ ଚର୍ଚ୍ଚିତ ପ୍ରବନ୍ଧ ।





ଓଡ଼ିଆ ଭାଷାରେ ରଚିତ ରସାୟନ ବିଜ୍ଞାନଧର୍ମୀ ପ୍ରବନ୍ଧ କ୍ଷେତ୍ରରେ ଦୀର୍ଘଦିନ ଧରି ଅଧ୍ୟାପନା ବୃତ୍ତିରେ ଜଡ଼ିତ ଥିବା ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ ଅତୁଳନୀୟ 'ଉଦ୍‌ଯାନ ଚାଳିତ ମଟରଗାଡ଼ି', 'ଅତି ମାରାତ୍ମକ ଗାମାରଶ୍ମି ବି ଆମର ଉପକାର କରେ' ଉଭୟ ରସାୟନ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ । ସୁରେନ୍ଦ୍ର ଚନ୍ଦ୍ର ନାଥଙ୍କ 'ପୃଥିବୀର ରକ୍ଷା କବଚ ଓଜୋନ ସ୍ତରର ସୁରକ୍ଷା' ପ୍ରବନ୍ଧରେ ଓଜୋନ ସ୍ତରର ଚିହ୍ନଟ ପ୍ରକ୍ରିୟା ଓ ଏହାର ପ୍ରତିକାର ସହିତ ଓଜୋନ ସ୍ତର ନଷ୍ଟ ହେଲେ ପୃଥିବୀର ବାୟୁମଣ୍ଡଳରେ ତାହାର ପ୍ରଭାବ କିପରି ପରିଲକ୍ଷିତ ହେବ ତା'ର ସୂକ୍ଷ୍ମାତିସୂକ୍ଷ୍ମ ଭାବେ ଉଲ୍ଲେଖ କରିଛନ୍ତି ।

ଜୀବବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ କ୍ଷେତ୍ରରେ ଗଦାଧର ମିଶ୍ରଙ୍କ ଅବଦାନ ଅତୁଳନୀୟ । 'ବଡ଼ ବିଚିତ୍ର ଆମ ଶରୀର'ରେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସମ୍ପର୍କରେ ସୂଚନା ଦେବା ସହିତ ଶରୀର କେଉଁ କେଉଁ ମୌଳିକ ବସ୍ତୁରେ ଗଠିତ, ଶରୀରର କିପରି ବୃଦ୍ଧି ଘଟିଥାଏ, ଚର୍ମର କାମ କ'ଣ ଏପରି ଅନେକ ତଥ୍ୟର ଅବଧାରଣା ରହିଛି । ଏଥିରେ ଶରୀରର ବିଭିନ୍ନ କଥାବସ୍ତୁକୁ ନେଇ ୮୩ଟି ପ୍ରବନ୍ଧ ରହିଛି । ବିଜ୍ଞାନ ରହସ୍ୟ ପ୍ରବନ୍ଧରେ ସୃଷ୍ଟିର ଆଦ୍ୟକାଳରୁ ଜୀବ ସୃଷ୍ଟିର ବୈଜ୍ଞାନିକ କାରଣ ସହିତ ପରିବର୍ତ୍ତନର ଧାରା ଉଲ୍ଲେଖ ରହିଛି । ଏହି ସଙ୍କଳନରେ ସନ୍ନିବେଶିତ ଥିବା 'ଗଛପତ୍ର ସହିତ ମଣିଷର ସମ୍ପର୍କ କ'ଣ ?, 'ସମୁଦ୍ର ତାରା', 'ଦକ୍ଷିଣ ଆଫ୍ରିକାରେ ଉଡ଼ିପାରୁ ନ ଥିବା ପକ୍ଷୀର ବୈଶିଷ୍ଟ୍ୟ କ'ଣ', 'ଉଇ ଏକ ଅନିଷ୍ଟକାରୀ ପ୍ରାଣୀ' – 'ବାଦୁଡ଼ି', 'ଗେଣ୍ଡା' ଆମର ଉପକାରୀ ନା ଅପକାରୀ ପ୍ରଭୃତି ଉଲ୍ଲେଖନୀୟ ଜୀବବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ । ସେହିପରି ମୃତ୍ୟୁଞ୍ଜୟୀ ପ୍ରଧାନଙ୍କ 'ପାଣି କଖାରୁ', 'ନନ୍ଦ ନନ୍ଦନ ମହାପାତ୍ର'ଙ୍କ 'ଗାଈଠାରୁ ଦୁଧ ଦୁହିଁବା ଯନ୍ତ୍ର', 'ଖରାଦିନିଆ ସୁସ୍ୱାଦୁ ଫଳ ଆମ୍ବ', କୁମୁଦିନୀ ଜୀଙ୍କ 'ସବୁଜ ଡାଳ', କମଳାକାନ୍ତ ଜେନାଙ୍କ 'ଅନ୍ଧାରରେ ବିଲେଇ ଆଖି ଜଳେ କାହିଁକି ?'ପ୍ରଭୃତି ଚମତ୍କାର କୃତି ।

**ବିଜ୍ଞାନଧର୍ମୀ ଗଳ୍ପ**

ଜୀବନକୁ ବହୁ ଦିଗରୁ ବିଶ୍ଳେଷଣ କରି ତା'ର ଅର୍ଥବୋଧ ବା ମୂଲ୍ୟ କଳନା କରିବା, ମାନ ନିରୂପଣ କରିବା ଓ ମନୁଷ୍ୟକୁ ଜୀବନ ପଥରେ କିଛି ନିର୍ଦ୍ଦେଶ ଦେବା ହେଲା ଆଧୁନିକ କ୍ଷୁଦ୍ରଗଳ୍ପ ସାହିତ୍ୟର ଆଭିମୁଖ୍ୟ । ବିଜ୍ଞାନଭିତ୍ତିକ ଗଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ନିଆରା । ଏଥିରେ ବିଜ୍ଞାନର ଗୂଢ଼ ତଥ୍ୟ ଓ ତତ୍ତ୍ୱକୁ ଗଳ୍ପ ଶୈଳୀରେ ଉପସ୍ଥାପନା କରିବା ସହ ବିଜ୍ଞାନର ବିଭିନ୍ନ ଦିଗକୁ ନେଇ ଏହାର କାହାଣୀ ପରିକଳ୍ପିତ । ଚରିତ୍ରଗୁଡ଼ିକ କେବଳ ବିଜ୍ଞାନଭିତ୍ତିକ ବିଷୟକୁ ଉପସ୍ଥାପନା କରିବାର ମାଧ୍ୟମ । ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ 'ଉଡନ୍ତା ଥାଳିଆ' ଗଳ୍ପ ସଙ୍କଳନ ବହୁ ଚର୍ଚ୍ଚିତ । ଏଥିରେ ଥିବା 'ଉଡନ୍ତା ଥାଳିଆ', 'ଗବେଷଣାର ମୂଲ୍ୟ', 'ବିଜ୍ଞାନୀର ଅଶ୍ରୁ', 'ବିଜ୍ଞାନ୍ କା ସଚ୍ଚା ପ୍ରୟୋଗ', 'ପେଟେଣ୍ଟ ବୋନସ୍' ଆଦି ଗଳ୍ପ ରହିଛି । ବିଜ୍ଞାନର ପ୍ରସାର ପାଇଁ ଗବେଷକଙ୍କ ନିଷ୍ଠା ଓ ଧୈର୍ଯ୍ୟର କଥା ତାଙ୍କ ଗଳ୍ପର କାହାଣୀକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇପାରିଛି । ଶାନ୍ତନୁ

କୁମାର ଆଚାର୍ଯ୍ୟଙ୍କ ରଚିତ ଗଳ୍ପ ସଙ୍କଳନ, 'ଆକାଶକୁ ସାତୋଟି ପାହାଚ' ୧୯୬୩ ମସିହାରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ନବମ ଶିଶୁ ସାହିତ୍ୟ ପ୍ରତିଯୋଗିତାରେ ଜାତୀୟ ପୁରସ୍କାର ପାଇଅଛି। ଏଥିରେ ସାତୋଟି ଭିନ୍ନ ଭିନ୍ନ ବିଷୟ ଓ ବିଶ୍ୱାସକୁ ବୈଜ୍ଞାନିକ ଦୃଷ୍ଟିରୁ ଲେଖକ ରମଣୀୟ କଥା ଶୈଳୀରେ ରୂପ ଦେଇଛନ୍ତି। 'ବୋତଲ ଡାକ ଘେନି ଆସିଲ', 'ହଳଧରର ବଙ୍ଗଲୋ', 'ବହିକୁ ବଞ୍ଚାଅ ଓ ବହି ଦାଉରୁ ବଞ୍ଚ' ପ୍ରଭୃତି ଗଳ୍ପଗୁଡ଼ିକ ଏହି ଗଳ୍ପ ସଂକଳନରେ ସ୍ଥାନ ପାଇଛି। ଗାଳ୍ପିକା ଗୀତାପତିଙ୍କ ଦ୍ୱାରା ରଚିତ 'ଚନ୍ଦ୍ର ବିଜୟୀ' ଏକ ବିଜ୍ଞାନଭିତ୍ତିକ ଗଳ୍ପ ଗ୍ରନ୍ଥ। ଏଥିରେ ତିନିଜଣ ଅଜ୍ଞ ପଶୁପକ୍ଷୀ (ଠେକୁଆ, କାଉ ଓ ମାଛ)ର କଥାମାନ ରହିଛି। ଏମାନଙ୍କ ପରାମର୍ଶଦାତା ଭାବରେ ପେଚାଟିଏ ରହିଛି। ସମସ୍ତେ ଚନ୍ଦ୍ରପୃଷ୍ଠକୁ ଯାତ୍ରା କରିଛନ୍ତି। ସେଠାରେ ପେଚାଟି ଚନ୍ଦ୍ରପୃଷ୍ଠର ବହୁ ତଥ୍ୟ ସମସ୍ତଙ୍କୁ କହିଛି। ମହାକାଶ ଯାତ୍ରା, ସୌରଜଗତ, ଅନ୍ୟାନ୍ୟ ଗ୍ରହଙ୍କ ସ୍ଥିତି ଓ ନକ୍ଷତ୍ରଙ୍କ ଗତି ବିଧି ସମ୍ପର୍କରେ ଅନେକ ତଥ୍ୟ ରହିଛି। ଡକ୍ଟର ଯୋଗମାୟା ପଟ୍ଟନାୟକଙ୍କ 'ବିଜ୍ଞାନ କୁହୁକ' ବିଜ୍ଞାନଭିତ୍ତିକ ଅନବଦ୍ୟ ଗଳ୍ପ ସଙ୍କଳନ।




**ବିଜ୍ଞାନଧର୍ମୀ ଉପନ୍ୟାସ**

ବୈଜ୍ଞାନିକ ଉପନ୍ୟାସର ମୂଳ ଉଦ୍ଦେଶ୍ୟ ହେଉଛି ବିଜ୍ଞାନଭିତ୍ତିକ ତଥ୍ୟ ଯାହା ସାଧାରଣ ଲୋକଙ୍କ ପକ୍ଷେ ଅଗୋଚର ଓ ଅଜ୍ଞାତ ସେ ସମ୍ପର୍କରେ ସ୍ୱଚ୍ଛ ଧାରଣା ସୃଷ୍ଟି କରିବା। ବୈଜ୍ଞାନିକ ଉପନ୍ୟାସ ମଣିଷକୁ ବର୍ତ୍ତମାନ ଓ ଭବିଷ୍ୟତ ଗଢ଼ିବାରେ ପ୍ରେରଣା ଦେଇଥାଏ। ଏହା ସ୍ୱପ୍ନ, କଳ୍ପନା ଓ ବାସ୍ତବତାର ମନୋଜ୍ଞ ସମନ୍ୱୟରେ ପ୍ରକାଶିତ ହୋଇଥାଏ। ବୈଜ୍ଞାନିକ ଉପନ୍ୟାସର ଭାବଧାରାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମତଃ ବିଜ୍ଞାନର ଭବିଷ୍ୟତ ପରିକଳ୍ପନା କଲାବେଳେ ତାହା ଭବିଷ୍ୟତରେ କି ରୂପ ନେବ ଓ ସାଧାରଣ ମଣିଷର ଜୀବନ ଶୈଳୀରେ କିପରି ବ୍ୟବହୃତ ହେବ। ଦ୍ୱିତୀୟତଃ ବିଜ୍ଞାନର ନୂଆ ଉଦ୍ଭାବନ ଓ ଆବିଷ୍କାରର ଜଟିଳତାକୁ ପାଠକ ନିକଟରେ ସରଳ ଭାବରେ ପହଞ୍ଚାଇବା। ଚରିତ୍ର ଏହାର ମୁଖ୍ୟ ଅଙ୍ଗ। ଚରିତ୍ରର ଅନୁଭବ ଓ ଅନୁଭୂତି ଛଳରେ ବିଜ୍ଞାନର କାର୍ଯ୍ୟକାରିତାକୁ ବିଭିନ୍ନ ପରିବେଶରେ ବର୍ଣ୍ଣନା କରାଯାଇଥାଏ। ପାଠକ ମନରେ ଉତ୍କଣ୍ଠା ଜାଗ୍ରତ କରାଯାଇଥାଏ ଯେପରି ପାଠକଟି ଶେଷ ପର୍ଯ୍ୟନ୍ତ ପଢ଼ିବା ଦ୍ୱାରା ବିଜ୍ଞାନର ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବ। ଓଡ଼ିଆ ଭାଷାରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଦ୍ୱାରା ରଚିତ 'ପୃଥିବୀ ବାହାରେ ମଣିଷ' ପ୍ରଥମ ବିଜ୍ଞାନଭିତ୍ତିକ ଉପନ୍ୟାସ। 'ଚନ୍ଦ୍ରର ମୃତ୍ୟୁ', 'କୃତ୍ରିମ ଉପଗ୍ରହ', 'ମୃତ୍ୟୁ ଏକ ମାତୃତ୍ୱର', 'ନିଶ୍ଚଳ ପୃଥିବୀ', 'ସ୍ଫୁଟନିକ', 'ନିସ୍ତବ୍ଧ ଗୋଧୂଳି', 'ମଧ୍ୟାହ୍ନର ଅନ୍ଧକାର' ପ୍ରଭୃତି ଉପାଦେୟ ପୁସ୍ତକ। 'ପୃଥିବୀ ବାହାରେ ମଣିଷ' ଉପନ୍ୟାସରେ ମଙ୍ଗଳ ଗ୍ରହର ବହୁ ସମ୍ଭାବ୍ୟ ବୈଜ୍ଞାନିକ ଯନ୍ତ୍ରପାତିର ଉପସ୍ଥାପନା କରାଯାଇଛି। ଉପନ୍ୟାସ ପ୍ରକାଶର ୫୦ ବର୍ଷ ପରେ ପୃଥିବୀରେ ସେହି ଯନ୍ତ୍ରପାତି ବ୍ୟବହାର ହେବାର ସମ୍ଭାବନାକୁ ଔପନ୍ୟାସିକ ଉପସ୍ଥାପିତ କରିଛନ୍ତି। ଏହା ସହିତ ବିଜ୍ଞାନ କିପରି ପୁଞ୍ଜିପତିମାନଙ୍କର କ୍ରୀଡ଼ାପୁତ୍ତଳିକା ହୋଇ ସମାଜରେ ଅନିଷ୍ଟ ସୃଷ୍ଟି କରୁଛି, ମୁଖ୍ୟନାୟକ ଡକ୍ଟର ରିଚାର୍ଡସନ ଓ ନାୟିକା ଲରାଓ୍ୱାକରଙ୍କ ମାଧ୍ୟମରେ ପ୍ରକାଶ କରିଛନ୍ତି। 'ଚନ୍ଦ୍ରର ମୃତ୍ୟୁ' ଉପନ୍ୟାସରେ ବୈଜ୍ଞାନିକ କଳ୍ପନା ହିଁ ମୁଖ୍ୟ ବିଷୟବସ୍ତୁ। ସବୁ ଯଦି ଗୋଟିଏ ଗୋଟିଏ ଗ୍ରହ ହୁଅନ୍ତି, ତେବେ ସାଧାରଣରେ ପ୍ରଶ୍ନଉଠେ କି ଯଦି ପୃଥିବୀରେ ଜଳ, ବାୟୁ, ଉଦ୍ଭିଦ ତଥା ପ୍ରାଣୀଜଗତ ଅପର୍ଯ୍ୟାପ୍ତ ପରିମାଣରେ ଥିଲାବେଳେ ଚନ୍ଦ୍ରରେ ଏସବୁ ନାହିଁ କାହିଁକି? ପୃଥିବୀ ଏକ ଗତିଶୀଳ ଜୀବନ୍ତ ଗ୍ରହ ଥିବା ସ୍ଥଳେ ଏଥିରୁ ସୃଷ୍ଟି ଚନ୍ଦ୍ର ଏକ ମୃତ ଉପଗ୍ରହ ହେଲା କେମିତି? ଏସବୁର ଉତ୍ତର ଏହି ସଙ୍କଳନର ବିଷୟବସ୍ତୁ ରହିଛି। 'ମୃତ୍ୟୁ ଏକ ମାତୃତ୍ୱର' ଉପନ୍ୟାସରେ ଲେଖକ ପ୍ରକାଶ କରିଛନ୍ତି କି ଏକ ସୁସ୍ଥ ସୁନ୍ଦର ନାରୀ ଅବସ୍ଥା ଚକ୍ରରେ ପଡ଼ି ଲିଙ୍ଗ ପରିବର୍ତ୍ତନ କରି ପୁରୁଷ ପାଲଟି ଯାଉଛି ଓ ବିଜ୍ଞାନ ଦ୍ୱାରା ଏହାର ସତ୍ୟତା ଯାଏ ଔପନ୍ୟାସିକ ପହଞ୍ଚିପାରିଛନ୍ତି। 'ନିଶ୍ଚଳ ପୃଥିବୀ' ଉପନ୍ୟାସରେ

ବିଜ୍ଞାନର ଭବିଷ୍ୟ କଳ୍ପନା ରହିଛି। ଭବିଷ୍ୟତରେ ଜଣେ ଔଷଧ ଅଭାବରୁ ମରିଗଲା ପରେ ତାହାର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦକ ନକରି ତାକୁ ଶୀତଳ ଭଣ୍ଡାରରେ ରଖି ପରବର୍ତ୍ତୀ ସମୟରେ ସେହି ରୋଗର ଔଷଧ ବାହାରିବା ପରେ ଲୋକଟିକୁ ଔଷଧ ଦେଇ ବଞ୍ଚାଇବା, ଧନୀକ ମହିଳାମାନେ ନିଜର ମାତୃତ୍ୱର ଅଧିକାରିଣୀ ହେବା ପସନ୍ଦ ନ କରି ସରୋଗେଟ ମା' ଦ୍ୱାରା ସନ୍ତାନ ସୃଷ୍ଟି କରିବା ଆଦି ଭବିଷ୍ୟ କଳ୍ପନା କରିଛନ୍ତି। ଔପନ୍ୟାସିକ ଜ୍ୟୋର୍ତିମୟୀ ମହାନ୍ତିଙ୍କ ରଚିତ 'ମୃତ୍ୟୁର ତ୍ରିଭୁଜ' ଉପନ୍ୟାସରେ ମଧ୍ୟ ବିଜ୍ଞାନ ସମ୍ବନ୍ଧୀୟ ରହସ୍ୟ ଓ ଉତ୍କଣ୍ଠା ଅଙ୍ଗାଙ୍ଗୀ ଭାବେ ଜଡିତହୋଇ ରହିଛି। ମହାକାଶ ସମ୍ପର୍କିତ ବହୁ ବୈଜ୍ଞାନିକ ତଥ୍ୟର ଅବତାରଣା କରାଯାଇଛି। ସେହିପରି ଔପନ୍ୟାସିକା ମହାନ୍ତିଙ୍କ ରଚିତ 'ପିରାମିଡ୍' ଉପନ୍ୟାସଟି ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ମିଶରର ରାଜଧାନୀ କାଏରୋ ସହରର ନୀଳନଦୀ ତଟସ୍ଥ ପିରାମିଡର ସୁବିସ୍ତୃତି ଇତିହାସକୁ ନେଇ ରଚିତ। ଏଥିରେ ରହିଛି ପିରାମିଡର ସୁବିଶାଳ ବୁକୁରେ ଖୋଦିତହୋଇ ରହିଛି ପାଞ୍ଚହଜାର ବର୍ଷ ତଳର ସୁଦୀର୍ଘ ଇତିହାସ, ଅତ୍ୟାଚାରୀ ଫାରୋମାନଙ୍କର ଶାସନର ଲୋମହର୍ଷଣକାରୀ କାହାଣୀର ଛବି। ନିଜକୁ ସମର୍ପିତ କରି, ପିରାମିଡ୍ ପଥର ଉଠାଇ ପଥର ପାଲଟିଥିବା ସେହି ଶ୍ରମିକମାନଙ୍କ ବୁକୁର ଦୀର୍ଘଶ୍ୱାସ ଚିତ୍ର ତୋଳିଛନ୍ତି ଔପନ୍ୟାସିକ। ଆହୁରି ଆଶ୍ଚର୍ଯ୍ୟ ସେହି କଫିନ୍ ଭିତରେ ଶସୟିତ ନାନା ଅଳଙ୍କାର ମଣ୍ଡିତ ଫାରୋ ତଥା ସେମାନଙ୍କ ରାଣୀମାନଙ୍କର ଶବମାନ, ଯାହାକୁ ମିଶରୀୟ ଭାଷାରେ 'ମମି' କୁହାଯାଏ। ଆଶ୍ଚର୍ଯ୍ୟ ଲାଗେ! କିପରି ଏସବୁ ଦୀର୍ଘଦିନ ଧରି ଅକ୍ଷତ ଅବସ୍ଥାରେ ରହିପାରିଛି, କି ଉପାଦାନ ଦେଇ, କେଉଁ ବୈଜ୍ଞାନିକ ପଦ୍ଧତିରେ ତାହାକୁ ସଂରକ୍ଷଣ କରାଯାଇଅଛି, ତାହାର ସ୍ପଷ୍ଟ ନମୁନା ଏହାର ବିଷୟବସ୍ତୁ ରହିଛି। ବିଜ୍ଞାନଭିତ୍ତିକ ଉପନ୍ୟାସ କ୍ଷେତ୍ରରେ ଚିନ୍ମୟୀ ମିଶ୍ରଙ୍କ ରଚିତ 'ଅଦ୍ଭୁତ ସେ ଅପରାଧ'ରେ ଉପନ୍ୟାସର ନାୟକ ବୈଜ୍ଞାନିକ ମିଶ୍ରଙ୍କ ରଚିତ ଉପନ୍ୟାସର ନାୟକ ବୈଜ୍ଞାନିକ ମିଶ୍ରଙ୍କ ଜୀବନ କାହାଣୀକୁ ନେଇ ଏହା ଗଢ଼ି ଉଠିଛି। ଡକ୍ଟର ମିଶ୍ର କିପରି ବିଜ୍ଞାନ ବଳରେ ଅଲୌକିକ ଭୂମିକାମାନ ଗ୍ରହଣ କରିଛନ୍ତି ତାହାର ରୋମାଞ୍ଚକରଚିତ୍ର ବର୍ଣ୍ଣନା କରାଯାଇଛି। ଡ. ପ୍ରମୋଦ କୁମାର ମହାପାତ୍ରଙ୍କ ରଚିତ 'କାମୋଡା ଦ୍ୱୀପର ଡ୍ରାଗନ୍' ଏକ ବହୁ ଚର୍ଚ୍ଚିତ ବିଜ୍ଞାନଭିତ୍ତିକ ଉପନ୍ୟାସ। ଦ୍ୱୀପଗୁଡ଼ିକ ଫିଲପାଇନସ୍ ଦେଶର କାମୋଡା ଦ୍ୱୀପକୁ କେନ୍ଦ୍ର କରି ଏହାର କାହାଣୀ ଗତିଶୀଳ। ୨୫ଟି କ୍ଷୁଦ୍ର କ୍ଷୁଦ୍ର ପରିଚ୍ଛେଦ ମଧ୍ୟରେ ଏହା ରଚିତ। ଯେଉଁ ଦ୍ୱୀପରେ ବଡ଼ ବଡ଼ ଜୀବ ଡାଇନୋସର, ଡ୍ରାଗନ୍ ରାକ୍ଷସ ଭଳି ଜୀବମାନେ ବାସ କରୁଥିଲେ, ବିଶେଷ କରି ଏହି ରାକ୍ଷସ ଜୀବ ଓ ବିଜ୍ଞାନ, ସାହସୀ, ବୁଦ୍ଧି ସମ୍ପନ୍ନ ମଣିଷଙ୍କ ଭିତରେ ଏକ ସଂଘର୍ଷର କାଳ୍ପନିକ ଚିତ୍ର ଆଲୋଚ୍ୟ ପୁସ୍ତକରେ ଉପସ୍ଥାପିତ ହୋଇଛି। ଏହି କ୍ଷେତ୍ରରେ ଜଗନ୍ନାଥ ମହାନ୍ତିଙ୍କ ଅନୁଦିତ ବିଜ୍ଞାନଭିତ୍ତିକ ପୁସ୍ତକ 'ମୋ ବନ୍ଧୁ ଶ୍ରୀ ଲକି' ଏକ ଚମତ୍କାର କୃତି।

**ନିଜକୁ ସମର୍ପିତ କରି, ପିରାମିଡ୍ ପଥର ଉଠାଇ, ପଥର ପାଲଟିଥିବା ସେହି ଶ୍ରମିକମାନଙ୍କ ବୁକୁର ଦୀର୍ଘଶ୍ୱାସ ଚିତ୍ର ତୋଳିଛନ୍ତି ଔପନ୍ୟାସିକ।**

### ବିଜ୍ଞାନଧର୍ମୀ ଜୀବନୀ ସାହିତ୍ୟ

ଶ୍ରେଷ୍ଠ ବୈଜ୍ଞାନିକମାନଙ୍କ ଜୀବନକୁ ନେଇ ଏହା ଗତିଶୀଳ। ବୈଜ୍ଞାନିକମାନଙ୍କର ବାଲ୍ୟ ଜୀବନଠାରୁ ଆରମ୍ଭକରି ବିଜ୍ଞାନ ଗବେଷଣାର ଜୀବନ ପର୍ଯ୍ୟନ୍ତ ସଂଘର୍ଷମୟ କାହାଣୀ ଏଥିରେ ରହିଥାଏ। ବିଜ୍ଞାନ ସମ୍ବନ୍ଧୀୟ ନୂତନ ଆବିଷ୍କାର ଓ ଉଦ୍ଭାବନର ଚମତ୍କାର ତଥ୍ୟ ସହ ବୈଜ୍ଞାନିକଙ୍କ ଆତ୍ମୀୟତାକୁ ମଧ୍ୟ ଉଲ୍ଲେଖ କରାଯାଇଥାଏ। ଏ କ୍ଷେତ୍ରରେ ଦେବକାନ୍ତ ମିଶ୍ରଙ୍କ ଅବଦାନ ସ୍ମରଣୀୟ। ସେ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକମାନଙ୍କର ସଂଘର୍ଷମୟ ଜୀବନୀକୁ ଅତ୍ୟନ୍ତ ସରଳ ଭାଷାରେ ଲେଖିଛନ୍ତି। ସ୍ରଷ୍ଟାଙ୍କ ସୃଷ୍ଟିମାନସ ଭିତରେ ରହିଛି, 'ବୈଜ୍ଞାନିକ ଜୀବନୀ', 'ଆମର ବୈଜ୍ଞାନିକ ଗ୍ରନ୍ଥମାଳା', 'ମାଇକେଲ ଫାରାଡେ', 'ଗାଲିଲିଓ', 'ୱାର୍ଟସନ', 'ଲର୍ଡ ରଦରଫୋର୍ଡ', 'ଆଲେକ୍‌ଜାଣ୍ଡାର', 'ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା' ପ୍ରଭୃତି ଉପାଦେୟ ପୁସ୍ତକ। ପ୍ରଫେସର ଶରତ କୁମାର ମହାନ୍ତିଙ୍କ ଦ୍ୱାରା ରଚିତ 'ମହାନ ଭାରତୀୟ ବିଜ୍ଞାନୀ' ଏକ ଉଚ୍ଚକୋଟୀର ଜୀବନୀ ସାହିତ୍ୟ। ଏଥିରେ ଭାରତର ପ୍ରସିଦ୍ଧ ବୈଜ୍ଞାନିକମାନଙ୍କର ଜୀବନୀ ଉଲ୍ଲେଖ ରହିଛି। ଜଗଦୀଶ ଚନ୍ଦ୍ର ବୋଷ, ମେଘନାଦ ଶାହା, ସତ୍ୟେନ୍ଦ୍ର ନାଥ ବୋଷ, ଶ୍ରୀନିବାସ ରାମାନୁଜନ, ହରିଗୋବିନ୍ଦ ଖୁରାନା, ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର

ଆଦିଙ୍କ କଥା ରହିଛି । ପ୍ରଫେସର କୁଳମଣି ସାମଲ ବିଶ୍ୱର ପ୍ରସିଦ୍ଧ ବୈଜ୍ଞାନିକ ଜୀବନୀ ଭାଗ -୧ ସଙ୍କଳନରେ ୫୨ ଜଣ ବିଶ୍ୱ ବିଖ୍ୟାତ ପଦାର୍ଥ ବିଜ୍ଞାନୀଙ୍କ ଉପସ୍ଥାପିତ ହୋଇଥିବାବେଳେ ଭାଗ-୨ରେ ୬୬ ଜଣ ବୈଜ୍ଞାନିକଙ୍କର ଜୀବନୀ ଉପସ୍ଥାପନା କରିଛନ୍ତି । ସେହିପରି ଯମେଶ୍ୱର ତ୍ରିପାଠୀଙ୍କ 'ବିଜ୍ଞାନ ପ୍ରତିଭା' ଶ୍ରେଷ୍ଠ ବୈଜ୍ଞାନିକମାନଙ୍କର ଜୀବନୀକୁ ନେଇ ସମୃଦ୍ଧ । 'ବିଜ୍ଞାନ ପ୍ରତିଭା'ରେ 'ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ 'ଜୀବନୀ', 'ସାର. ସି.ଭି. ରମଣ', 'ସାର ଜଗଦୀଶ ଚନ୍ଦ୍ର ବୋଷ', 'ଡକ୍ଟର ମେଘନାଦ ସାହାଙ୍କ ଜୀବନୀ', 'ସାର ଆଇଜାକ ନିଉଟନ', ଆଲଫ୍ରେଡ ନୋବେଲ, ଆଲବର୍ଟ ଆଇନଷ୍ଟାଇନ୍ ଓ ଆଲେକଜାଣ୍ଡର ଫ୍ଲେମିଂ ଆଦି ବିଶ୍ୱ ବିଖ୍ୟାତ ବୈଜ୍ଞାନିକମାନଙ୍କର ନିଷ୍ଠାପର ଉଦ୍ୟମର କାହାଣୀ ଓ ବିଜ୍ଞାନ କ୍ଷେତ୍ରକୁ ଏମାନଙ୍କ ଅବଦାନକୁ ବିଶ୍ଳେଷଣ କରାଯାଇଛି । ପ୍ରଫେସର ଶୈଳେଶ୍ୱର ନନ୍ଦଙ୍କ ସମ୍ପାଦନାରେ ବିଜ୍ଞାନ ପ୍ରଚାର ସମିତି, କଟକ ଦ୍ୱାରା 'ଭାରତୀୟ ବୈଜ୍ଞାନିକ' ନାମକ ଏକ ଜୀବନୀ ଗ୍ରନ୍ଥ ପ୍ରକାଶ ପାଇଛି । ଭାରତର ପ୍ରାଚୀନ ବିଜ୍ଞାନ ଯଥା- ଜ୍ୟୋତିର୍ବିଜ୍ଞାନ ଓ ଆୟୁର୍ବିଜ୍ଞାନରେ ନିଜକୁ ପ୍ରତିଷ୍ଠିତ କରିଥିବା ସାଧକ ଓ ଆଧୁନିକ ବିଜ୍ଞାନରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଗବେଷକମାନଙ୍କ ଜୀବନୀ ରହିଛି । ବିଜ୍ଞାନଭିତ୍ତିକ ଜୀବନୀ ସାହିତ୍ୟ ରଚନାକ୍ଷେତ୍ରରେ ଗୋରାଚାନ୍ଦ ମିଶ୍ରଙ୍କ ଅବଦାନ ଚିରସ୍ମରଣୀୟ । ଲର୍ଡ ଲିଷ୍ଟର, ବିକ୍ରମ ସରଭାଇ, ଆରିଷ୍ଟଟଲ, ଲୁଇବ୍ରେଲ, ପାଭାଲୋଭା ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି । ଜୟ ନାରାୟଣ ପଟ୍ଟନାୟକଙ୍କ 'ଗଣିତଜ୍ଞ ରାମାନୁଜସ୍' ଅମୂଲ୍ୟ କୃଷ୍ଣ ମିଶ୍ରଙ୍କ 'ମ୍ୟାଡାମ କ୍ୟୁରୀ', ସୁଭାଷ ଚନ୍ଦ୍ର ମିଶ୍ରଙ୍କ 'ଜର୍ଜ ଷ୍ଟିଫେନସନ୍', ହରିହର ପଟ୍ଟନାୟକଙ୍କ ମହାନ ବୈଜ୍ଞାନିକ ଲୁଇପାଶ୍ଚର, ସର୍ବେଶ୍ୱର ଦାସଙ୍କ 'ଜ୍ୟୋର୍ତିବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର' ପ୍ରଭୃତି ଏହି ଶ୍ରେଣୀୟ ରଚିତ ଜୀବନୀ ସାହିତ୍ୟ ।

**ବିଜ୍ଞାନଧର୍ମୀ ଶିଶୁ ସାହିତ୍ୟ**

ଶିଶୁମାନଙ୍କୁ ଅତି ସହଜରେ ଓ ଆକର୍ଷଣୀୟ ଢଙ୍ଗରେ ବିଜ୍ଞାନର ପ୍ରବାହିତ ସ୍ରୋତକୁ ପହଞ୍ଚାଇବାର ପ୍ରୟାସରେ ଏହି ବିଜ୍ଞାନଭିତ୍ତିକ ଶିଶୁ ସାହିତ୍ୟ ରଚିତ । ଏହାର ଶବ୍ଦ ସଂଯୋଜନା ଶିଶୁଟି ବୁଝିବା ଭଳି ହେବା ଉଚିତ । ବିଜ୍ଞାନଭିତ୍ତିକ ଶିଶୁଗଳ୍ପ ରଚନା କ୍ଷେତ୍ରରେ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଅବଦାନ ସ୍ମରଣୀୟ । ସେ ବିଜ୍ଞାନର ଜଟିଳ ତତ୍ତ୍ୱକୁ ସରଳ ଭାଷାରେ, ପ୍ରଶ୍ନୋତ୍ତର ଶୈଳୀ ଓ ଚିତ୍ର ମାଧ୍ୟମରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଗଳ୍ପାକାରରେ ପ୍ରକାଶ କରିଛନ୍ତି, ଯେମିତି 'ଅଜାଙ୍କ ମଜା କଥା', 'ତରଳ ବାୟୁ ଓ ତତଲା ବରଫ', 'ମହଣେ ତୁଳା ବେଶି ଭାରି ନା ମହଣେ ଲୁହା ବେଶି ଭାରି', 'ଦୂରବୀକ୍ଷଣ ଯନ୍ତ୍ର','ଗ୍ରହଣ ଅଶୁଭ ସଙ୍କେତ ନୁହେଁ', 'ଦୃଷ୍ଟିଭ୍ରମ', 'ସିନେମାରେ ଛବି କେମିତି ଚଲାବୁଲା କରେ' ଆଦି ସୁନ୍ଦର ଗଳ୍ପ ରଚନା । ଡକ୍ଟର ପସନ୍ନ କୁମାର ମିଶ୍ରଙ୍କ 'ନିଉଟନଙ୍କ ପ୍ରଶ୍ନ', ଡକ୍ଟର ସୂର୍ଯ୍ୟମଣି ବେହେରାଙ୍କ 'ଇନ୍ଦ୍ରଧନୁ', କୃଷ୍ଣ ଚରଣ ପଟ୍ଟନାୟକଙ୍କର 'ଯମପୁରରେ ଦିନେ' ଆଦି ନାଟକଗୁଡ଼ିକ ବୈଜ୍ଞାନିକ ତଥ୍ୟ ସହିତ ପୌରାଣିକ ତଥ୍ୟ କିମ୍ବା କାଳ୍ପନିକ ତଥ୍ୟର ଭାବଧାରାକୁ ମିଶ୍ରଣ କରି ନାଟକ ରଚନା ହୋଇଛି । ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ଦ୍ୱାରା ରଚିତ 'ମୁନା ଡାକ୍ତର' ଏକ ସାର୍ଥକ ବିଜ୍ଞାନଭିତ୍ତିକ ଶିଶୁ ଉପନ୍ୟାସ । ଶିଶୁଙ୍କ ମନରେ ପ୍ରାକୃତିକ ଚିକିତ୍ସା ପଦ୍ଧତି ସହିତ ଯୋଗ ପ୍ରତି ସମ୍ମାନବୋଧ ସୃଷ୍ଟି କରିବା ପାଇଁ ଶିଶୁ ତଥା କିଶୋରମାନଙ୍କ ପାଇଁ ଏହା ପ୍ରେରଣାଦାୟୀ । ମୁନା ଡାକ୍ତରଙ୍କ ମାଧ୍ୟମରେ ଯୋଗୀ ଯୋଗାନନ୍ଦ ଆଦିଙ୍କ ଦ୍ୱାରା ଶରୀର ପାଇଁ ପ୍ରାକୃତିକ ଚିକିତ୍ସାର ଉପଯୋଗିତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସମସାମୟିକ ବିଜ୍ଞାନଭିତ୍ତିକ ଶିଶୁ ଉପନ୍ୟାସଗୁଡ଼ିକ ହେଉଛି, ସୁରେନ୍ଦ୍ର ସାମନ୍ତରାୟଙ୍କ 'ରାଜାର ସ୍ୱପ୍ନ', ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ 'ଭୂଇଁ ତଳେ ତଳେ', ରବୀନ୍ଦ୍ର ନାଥ ମାଝିଙ୍କ 'ପ୍ରଜାପତିର ମାୟା', ବାବାଜୀ ଚରଣ ଦାସଙ୍କ 'ମଣିଷ କଲମୀ' ପ୍ରଭୃତି ଅତି ସୁନ୍ଦର ସୁନ୍ଦର ଉପନ୍ୟାସ । ଦେବକାନ୍ତ ମିଶ୍ର ବିଶ୍ୱ ବିଖ୍ୟାତ ବୈଜ୍ଞାନିକମାନଙ୍କ ଜୀବନୀକୁ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଛନ୍ତି । 'ହୋମି ଜାହାଙ୍ଗୀର ଭାଭା', 'ନିଲବୋର', 'ୱାଟସନଜ୍ଞ୍', 'ଗ୍ରାଣ୍ଟିଙ୍ଗ୍', 'ଗାଲିଲିଓ' ଆଦି ଉଲ୍ଲେଖନୀୟ । ଗୋରାଚାନ୍ଦ ମିଶ୍ରଙ୍କ ରଚିତ 'ପି.ସି. ରାୟ', 'ଲର୍ଡ ଲିଷ୍ଟର', 'ଆର୍କରାଇଟ୍', 'ବିଶେଶ୍ୱରାୟ' ପ୍ରଭୃତି ଉଲ୍ଲେଖନୀୟ । ଶିବନାରାୟଣ ମିଶ୍ରଙ୍କ 'ଏଡିସନ୍', 'ସି.ଭି

**ଶିଶୁମାନଙ୍କୁ ଅତି ସହଜରେ ବିଜ୍ଞାନର ପ୍ରବାହିତ ସ୍ରୋତକୁ ପହଞ୍ଚାଇବା ପାଇଁ ବିଜ୍ଞାନଭିତ୍ତିକ ଶିଶୁ ସାହିତ୍ୟ ରଚିତ ।**

ରମଣ’ ଆଦି ସାର୍ଥକ ଶିଶୁ ଜୀବନୀମୂଳକ ପୁସ୍ତକ। ବିଜ୍ଞାନଭିତ୍ତିକ ଶିଶୁ ପ୍ରବନ୍ଧ ସାହିତ୍ୟରେ ବିଜ୍ଞାନର ନୂତନ ଆବିଷ୍କାର ସମ୍ବନ୍ଧରେ ଲେଖକ ଜଣାଇଛନ୍ତି। ପ୍ରବନ୍ଧର ଜଟିଳତା ଏଥିରେ ପ୍ରକାଶ ପାଏ ନାହିଁ। ପାଶ୍ଚାତ୍ୟ ଦେଶରେ ବିଜ୍ଞାନଭିତ୍ତିକ ସାହିତ୍ୟର ଆବିର୍ଭାବ ହୋଇଥିବାରୁ ତା’ର ଶୈଳୀ ଓ ଭାବକୁ ଓଡ଼ିଆ ଲେଖକମାନେ ଗ୍ରହଣ କରିବା ସ୍ୱାଭାବିକ।

## ବିଜ୍ଞାନଧର୍ମୀ ସାହିତ୍ୟ ପତ୍ରିକା

ବିଜ୍ଞାନର ଜଣାଅଜଣା କଥାଗୁଡ଼ିକୁ ଜନସାଧାରଣରେ ପ୍ରଚାରପ୍ରସାର କରିବା ଓ ବିଶେଷଜ୍ଞଙ୍କ ଗବେଷଣାଧର୍ମୀ ତଥ୍ୟର ଉନ୍ମୋଚନ କରାଇବା ଏହି ପତ୍ରିକାଗୁଡ଼ିକର ଉଦ୍ଦେଶ୍ୟ। ଓଡ଼ିଆ ଭାଷାରେ ପତ୍ରପତ୍ରିକା ଆରମ୍ଭରୁ ସାଧାରଣ ଲୋକ ଜାଣିବା ପାଇଁ କିଛି ବିଜ୍ଞାନ ସମ୍ବନ୍ଧୀୟ ଲେଖା ପ୍ରକାଶ ପାଉଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଡଗର, ସହକାର, ନବଜୀବନ ଆଦି ସାହିତ୍ୟ ପତ୍ରିକା ବିଜ୍ଞାନ ରଚନା ପାଇଁ ବାହାରୁଥିଲା। ୧୮୮୦ ମସିହାରେ ବିଜ୍ଞାନଭିତ୍ତିକ ସ୍ୱତନ୍ତ୍ର ପତ୍ରିକା ‘ବିଜ୍ଞାନ ଦର୍ପଣ’ କିଛିବର୍ଷ ପାଇଁ ପ୍ରକାଶ ପାଇଥିଲା। ୧୯୪୦ ମସିହାରେ ଓଡ଼ିଆ ଭାଷାରେ ବହୁ ବିଜ୍ଞାନଭିତ୍ତିକ ରଚନା ହେବାରୁ ଏହାର ପରିସର ବୃଦ୍ଧି ହୋଇଥିଲା। ୧୯୪୯ ମସିହାରେ ଏହି କାରଣରୁ ବିଜ୍ଞାନ ପ୍ରଚାର ସମିତି ଜନ୍ମ ନେଲା। ୧୯୫୭ ମସିହାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକରୁ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ପତ୍ରିକା ‘ଆମର ସ୍ୱାସ୍ଥ୍ୟ’ ମଧ୍ୟ ପ୍ରକାଶ ପାଇଥିଲା। ଏହାର ସମ୍ପାଦକ ଥିଲେ ଡକ୍ଟର ବନବିହାରୀ ପଟ୍ଟନାୟକ। ୧୯୭୩ ମସିହାରେ ବିଜ୍ଞାନ ପ୍ରଚାର ସମିତି ‘ବିଜ୍ଞାନ ପ୍ରଭା’ ପ୍ରକାଶ କରିଥିଲା। ଏହାପରେ ୧୯୭୭ ମସିହାରେ ‘ବିଜ୍ଞାନ ଲୋକ’ ପ୍ରକାଶ ପାଇଥିଲା। ଏହା ଦ୍ୱିମାସିକ ପତ୍ରିକା ଭାବେ ପ୍ରକାଶିତ ହେଉଥିଲା। ଏକ ଲୋକପ୍ରିୟ ପତ୍ରିକା ଭାବେ ଖୁବ୍ ଜଣାଶୁଣା ହୋଇପାରିଥିଲା। ଏହି ପତ୍ରିକାର ସମ୍ପାଦକ ଥିଲେ ଗୋକୁଳାନନ୍ଦ ମହାପାତ୍ର। ୧୯୭୭ ମସିହାରେ ‘ବିଜ୍ଞାନ ମଧୁପ’ ବିଜ୍ଞାନ ସାହିତ୍ୟ ପରିଷଦ, ବଲାଙ୍ଗୀରରୁ ଏକ ମାସିକ ପତ୍ରିକା ଭାବେ ପ୍ରକାଶ ପାଇଥିଲା। ଏହାର ସମ୍ପାଦକ ଥିଲେ ଅଭିମନ୍ୟୁ ମିଶ୍ର। ୧୯୮୦ ମସିହାରେ ‘ଆଜିର ବିଜ୍ଞାନ’ ଦ୍ୱିମାସିକ ଭାବେ ପ୍ରକାଶ ପାଇଥିଲା। ପ୍ରଫେସର ଦେବକାନ୍ତ ମିଶ୍ର ଏହାର ସମ୍ପାଦକ ଥିଲେ। ୧୯୮୮ ମସିହାରେ ‘ବିଜ୍ଞାନ ତରଙ୍ଗ’ ସୃଜନିକା ଅନୁଷ୍ଠାନ ତରଫରୁ ପ୍ରକାଶ ପାଇଥିଲା। ଏଥିରେ ଶିକ୍ଷା ଓ ବିଜ୍ଞାନ ବିକାଶ ଆଧାରିତ ଦ୍ୱିମାସିକ ପତ୍ରିକା ଥିଲା। ୧୯୯୩ ମସିହାରେ ‘ବିଜ୍ଞାନ ଓ ପରିବେଶ ବାର୍ତ୍ତା’ ପ୍ରକାଶ ଲାଭ କରିଥିଲା। ୧୯୯୪ ମସିହାରେ ‘ଲୁବ୍ଧକ’ ଭାରତ ଜ୍ଞାନବିଜ୍ଞାନ ସମିତି ଦ୍ୱାରା ପ୍ରକାଶ ପାଇଥିଲା। ୧୯୯୫ ମସିହାରେ ‘ବିଜ୍ଞାନ ସୌରଭ’ ଏକ ତ୍ରୟମାସିକ ପତ୍ରିକା ଭାବେ ବୀରେନ୍ଦ୍ର କୁମାର ସାମନ୍ତରାୟ ଓ ରବୀନ୍ଦ୍ରକୁମାର ସ୍ୱାଇଁଙ୍କ ସମ୍ପାଦାନାରେ ପ୍ରକାଶ ପାଇଥିଲା। ୨୦୦୦ ମସିହାରେ ‘ପରଖ’ ଫୁଲବାଣୀର ମାନବିକ ଅନୁଷ୍ଠାନ ତରଫରୁ ଦ୍ୱିମାସିକ ପତ୍ରିକା ଭାବେ ପ୍ରକାଶ ପାଇଥିଲା। ଏହାର ସମ୍ପାଦକ ଥିଲେ ବିଜୟ କୃଷ୍ଣ ପଟ୍ଟନାୟକ। ୨୦୦୧ ମସିହାରେ ମଧ୍ୟ ‘ଆମ ବିଜ୍ଞାନ ଓ ବିଜ୍ଞାନ’ ଶିଶୁ ବିଜ୍ଞାନ ପତ୍ରିକା ଭାବରେ ଭୁବନେଶ୍ୱରରୁ ନିଗମାନନ୍ଦ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା। ଏହିପରି ଅନେକ ପତ୍ରିକା ରହିଛି, ଯାହାକି ବିଜ୍ଞାନଭିତ୍ତିକ ସାହିତ୍ୟ ପତ୍ରିକା ଭାବରେ ବିଜ୍ଞାନର ବ୍ୟାପକ କ୍ଷେତ୍ରକୁ ଆଲୋଚନାର ପରିସରକୁ ଆଣିପାରିଛି।




### ସହାୟକ ସୂଚୀ


୧. ସରଳ ପଦାର୍ଥ ବିଜ୍ଞାନ, ଯୋଗେଶ ଚନ୍ଦ୍ର ରାୟ, ୪ର୍ଥ ସଂସ୍କରଣ, ୧୮୧୯, କଟକ -୨।

୨. ସ୍ୱାସ୍ଥ୍ୟ ବିଜ୍ଞାନ, ଶ୍ରୀ ରାମକୃଷ୍ଣ ମହାପାତ୍ର, ୧୯୩୦, ବ୍ରହ୍ମପୁର, ଷ୍ଟୁଡେ□ ବୁକଷ୍ଟୋର କଟକ -୨।

୩. ଆମ ଦେହ, ବାନବିହାରୀ ପଟ୍ଟନାୟକ, ୧୯୪୦, ଉତ୍କଳ ସାହିତ୍ୟ ସମାଜ, କଟକ -୨।

୪. ସାଧାରଣ ବିଜ୍ଞାନ, ଶ୍ରୀ ରଘୁନାଥ ପାଢ଼ୀ, ୧୯୪୭, ଓଡିଶା ପବ୍ଲିଶିଙ୍ଗ ହାଉସ୍, ୧ମ ପ୍ରକାଶ,ବ୍ରହ୍ମପୁର, କଟକ -୨।

୫. ମାଟ୍ରିକ୍ ସ୍ୱାସ୍ଥ୍ୟରକ୍ଷା, ସରୋଜକାନ୍ତ କାନୁନଗୋ, ୧୯୪୮, ୩ୟ ସଂସ୍କରଣ, ଷ୍ଟୁଡେ□ ବୁକଷ୍ଟୋର କଟକ -୨।

୬. ବିଜ୍ଞାନ ଦୃଷ୍ଟି, ଶରତ କୁମାର ମହାନ୍ତି, ୧୯୭୩, ୧ମ ପ୍ରକାଶ, ଅଗ୍ରଦୂତ, ବାଲୁବଜାର, କଟକ-୨।


□□

ଲେଖିକାଙ୍କ ଇ-ମେଲ ଠିକଣା:
himadritanaya83@gmail.com

ଗଳ୍ପ




# ସଂସ୍କୃତି ଓ ଶ୍ରୀମୟ

ଆନଂଦ ଚଂଦ୍ର ପହି

**ସ**କାଳ ସାତଟା ବେଳେ କଲିଙ୍ଗବେଲ୍ ବାଜିଲା । ମୁଁ ଖବରକାଗଜ ପଢୁଥିଲି । ଏମିତି ପଢ଼ା ମଝିରୁ ଉଠିବାକୁ ମୋତେ ବିରକ୍ତ ଲାଗେ । ପଢ଼ିଲାବେଳେ ମୁଁ ବିଷୟ ଭିତରେ ହଜିଯାଇଥାଏ । ତା' ଭିତରୁ ବାହାରି ଆଉଥରେ ତା' ଭିତରେ ପଶିବା ବେଳକୁ ବାଟରେ ରେଫରେନ୍ସ ହଜିଯାଏ । ମୂଳରୁ ନପଢ଼ିଲେ କିଛି ବୁଝିହୁଏନି ।

ଏତେ ସକାଳୁ ଅଭଦ୍ର ପରି ଏଡ଼େ ଜୋର୍‌ରେ କିଏ କଲିଙ୍ଗବେଲ୍ ବଜାଉଛି ? ତା'ର ସାଧାରଣ ଜ୍ଞାନ ରହିବା କଥା। କଲିଙ୍ଗବେଲ୍ ଆଟେଣ୍ଡ୍ କରିବାକୁ ଘରେ ସ୍ୱତନ୍ତ୍ର ଲୋକ ନଥାନ୍ତି । ଘରର ଅନ୍ୟାନ୍ୟ କାମ କରୁଥିବା ଲୋକମାନେ ସୁବିଧାକରି କଲିଙ୍ଗବେଲ୍ ଆଟେଣ୍ଡ୍ କରନ୍ତି ।

ଭିକମଗା ଲୋକ କିମ୍ବା କୌଣସି କଂପାନୀର ସେଲସ୍‌ମ୍ୟାନ କି ସେଲସ୍‌ଗାର୍ଲ ହୋଇଥିଲେ ତାକୁ ଗୋଟେ ଭଦ୍ରଗାଳି ଶୁଣାଇବାକୁ ମନେ ମନେ ପ୍ରସ୍ତୁତ ହୋଇ ଗେଟ୍ ଖୋଲିଲି । ଗେଟ୍ ସାମନାରେ ଠିଆହୋଇଥିଲେ ମଧ୍ୟ ବୟସର ଜଣେ ଭଦ୍ରଲୋକ । ତାଙ୍କ କାନ୍ଧରେ ଗୋଟେ ବ୍ୟାଗ୍। ଗେଟ୍ ବାହାରେ ଥୁଆ ହୋଇଛି ତାଙ୍କର ସ୍କୁଟର । ସେଲସ୍‌ମ୍ୟାନ ପରି ଧାରଣା ହେଲା। ସିଏ ମତେ କିଛି ପଚାରିବା ପୂର୍ବରୁ ମୁଁ ବିରକ୍ତ ହୋଇ କହିଲି- ଏତେ ସକାଳୁ କ'ଣ ଆପଣଙ୍କର ବିଜିନେସ୍ ଆୱାର ଷ୍ଟାର୍ଟ ହୋଇଗଲାଣି ? ଭଦ୍ରଲୋକଙ୍କ ଘରଗୁଡ଼ାକୁ ଆପଣମାନେ କଂପାନୀ ପ୍ରଡକ୍ଟର ବିକାକିଣା କେନ୍ଦ୍ରରେ ପରିଣତ କରି ଦେଉଛନ୍ତି। ସମୟ, ଅସମୟ କିଛି ଜ୍ଞାନନାହିଁ ଆପଣଙ୍କର ? ଯେତେବେଳେ ଇଚ୍ଛା ସେତେବେଳେ, ଯାହାକୁ ଇଚ୍ଛା ତାକୁ ଆପଣମାନେ ଅଯଥାଟାରେ ଡିଷ୍ଟର୍ବ କରନ୍ତି । କ୍ଷମା କରିବେ ଆପଣଙ୍କ କଥା ଶୁଣିବାକୁ କି ଆପଣଙ୍କ ଜିନିଷ ଦେଖିବାକୁ ମୋର ଇଚ୍ଛା ନାହିଁ କି ବର୍ତ୍ତମାନ ସମୟ ନାହିଁ ।



ସେ ଭଦ୍ରଲୋକ ଅପ୍ରତିଭ ହୋଇ କହିଲେ- ନା, ନା, ମୁଁ ସେଲସ୍‌ମ୍ୟାନ୍ ନୁହଁ । ମୁଁ ଜଣେ ଲୋକର ରେସିଡେନ୍ସ ଖୋଜୁଛି । ସିଏ ବରମୁଣ୍ଡାରେ ରୁହନ୍ତି । ମତେ ସେ ଯାହା ଠିକଣା ବତାଇଥିଲେ ଏଇ ପାଖରେ କୋଉଠି ହେବ।

ମୁଁ ମୋ ବ୍ୟବହାର ପାଇଁ ଲଜ୍ଜିତ ହୋଇ କ୍ଷମା ମାଗିଲି। ତାଙ୍କ ଅନିଚ୍ଛା ସତ୍ତ୍ୱେ ମୁଁ ତାଙ୍କୁ ମୋ' ଘର ଭିତରକୁ ଡାକି ଡ୍ରଇଂରୁମ୍‌ରେ ବସାଇଲି । ସିଏ ଖୋଜୁଥିବା ଭଦ୍ରଲୋକଙ୍କ ନାଆଁ ପଚାରିଲି । ସିଏ କହିଲେ, ତାଙ୍କ ନାଆଁ ଶତ୍ରୁଘ୍ନ ମହାରଣା, କିନ୍ତୁ ସେ ତାଙ୍କ ଘର ନମ୍ବର କହିପାରିଲେ ନାହିଁ। ସହରରେ ମଣିଷ ନାଆଁର କିଛି ଗୁରୁତ୍ୱନାହିଁ । ଘର ନମ୍ବର କି ଫୋନ୍ ନମ୍ବର ଜାଣିଥିଲେ ଯେକୌଣସି ଲୋକକୁ ଠାବ କରିହେବ ।

ସୁନିତା ସର୍ବତ ଗ୍ଲାସ୍‌ଟିଏ ଆଣି ମୋ' ହାତକୁ ବଢ଼ାଇ ଦେଲେ । ଭଦ୍ରଲୋକ ନାହିଁ ନାହିଁ କରୁଥିଲେ, ମୁଁ ତାଙ୍କୁ ବାଧ୍ୟ କରି ସର୍ବତ ଗ୍ଲାସ୍‌ଟା ପିଆଇଲି । ମୁଁ ତାଙ୍କ ପ୍ରତି ଯେଉଁ ଅଭଦ୍ରୋଚିତ ବ୍ୟବହାର କରିଛି ତାର ପ୍ରତିକାର ପାଇଁ ଏ ସର୍ବତ ଗ୍ଲାସ୍‌ଟା ଯଥେଷ୍ଟ ନୁହଁ, ମୁଁ ଜାଣିଚି । ତାଙ୍କୁ ପଚାରି ବୁଝିଲି ତାଙ୍କ ନାଆଁ ଶ୍ରୀମୟ । ସେ ଜଣେ ସରକାରୀ କର୍ମଚାରୀ । ଭୁବନେଶ୍ୱରର ମୈତ୍ରୀ ଜନପଦରେ ତାଙ୍କ ନିଜ ଘର ଅଛି ।

ଶ୍ରୀମୟବାବୁ ଖୋଜୁଥିବା ଶତ୍ରୁଘ୍ନ ଜଣେ କାଠଶିଳ୍ପୀ । ସିଏ ଗୋଟେ ଫର୍ଣ୍ଣିଚର ୱାର୍କସପ୍‌ରେ କାମ କରନ୍ତି । କିନ୍ତୁ ସିଏ ସାଧାରଣ ବଢ଼େଇଠୁ ନିଆରା । ତାଙ୍କର ଆର୍ଟିଷ୍ଟିକ ସେନ୍ସ ଅଛି । ଫର୍ଣ୍ଣିଚର ଦୋକାନରେ ତାଙ୍କ ସହିତ ଶ୍ରୀମୟବାବୁଙ୍କର ସାକ୍ଷାତ ହୋଇଥିଲା । ସିଏ କଥା ଦେଇଥିଲେ ଶ୍ରୀମୟବାବୁଙ୍କ

ପାଇଁ ସବାରି, ପାଲିଙ୍କି ଦୁଇଟା ତିଆରି କରିଦେବେ ବୋଲି ।

ମୁଁ ଆଶ୍ଚର୍ଯ୍ୟ ହୋଇ ଶ୍ରୀମୟବାବୁଙ୍କୁ ପଚାରିଲି- ସବାରି, ପାଲିଙ୍କି ତିଆରି କରି ଏବେ କ'ଣ କରିବେ? ଆଉତ ସେ ସବୁର ପ୍ରଚଳନ ନାହିଁ।

ଶ୍ରୀମୟବାବୁ ହସ ହସ ମୁହଁରେ ଉତ୍ତର ଦେଲେ- ଆପଣ ହୁଏତ ସବାରି, ପାଲିଙ୍କି ଦେଖିଥିବେ । ଆଜିକାଲିର ପିଲାମାନେ ସବାରି, ପାଲିଙ୍କି ଦେଖି ନଥିବେ। ତାର ଚିତ୍ର ଦେଖିଥିବେ କି ନାହିଁ ସନ୍ଦେହ । ମୁଁ ସେଥିପାଇଁ ଛୋଟ ଛୋଟ ସବାରି, ପାଲିଙ୍କି ଦୁଇଟା ଗଢ଼ିଦେବାକୁ ବାଲିକୁଦାର ଜଣେ ବଢ଼େଇକି ବରାଦ ଦେଇଥିଲି । ସେ ଦୁଇଟା ତିଆରି କରିଦେବା ପାଇଁ ସିଏ ମୋଠୁ ଦୁଇ ହଜାର ଟଙ୍କା ନେଲେ । କିନ୍ତୁ ଠିକ୍ ଭାବେ ତିଆରି କରିପାରିଲେ ନାହିଁ।

ଶ୍ରୀମୟବାବୁ ତାଙ୍କ ବ୍ୟାଗ୍ ଖୋଲି କାଠରେ ତିଆରି ସେଇ କୁନି ସବାରି, ପାଲିଙ୍କି ଦୁଇଟା ବାହାର କରି ଟି'ପୟ ଉପରେ ଥୋଇଲେ । ଦୂରରୁ ଦେଖିଲେ ସବାରି ପାଲିଙ୍କି ପରି ଦିଶୁଥିଲା, କିନ୍ତୁ ପାଖରୁ ନିରେଖି ଦେଖିଲେ ସେଥିରେ ଅନେକ ତ୍ରୁଟିଥିଲା ।

**ମୁଁ ଆଶ୍ଚର୍ଯ୍ୟ ହୋଇ ଶ୍ରୀମୟବାବୁଙ୍କୁ ପଚାରିଲି- ସବାରି, ପାଲିଙ୍କି ତିଆରି କରି ଏବେ କ'ଣ କରିବେ?**

ଶ୍ରୀମୟବାବୁ କହିଲେ- ଏ ଦୁଇଟା ଠିକ୍ ଭାବେ ତିଆରି ହୋଇନାହିଁ । ଶତ୍ରୁଘ୍ନ ବାବୁ କହିଥିଲେ, ସିଏ ସବାରି, ପାଲିଙ୍କି ଦୁଇଟି ଠିକ୍‌ଭାବେ ତିଆରି କରିଦେବେ। ମୁଁ ସେ ଦୁଇଟିକୁ ନେଇ ମୋ' ଡ୍ରଇଂରୁମ୍‌ରେ ସଜାଇ ରଖିବି । ଏହାଦ୍ୱାରା ମୋ ଡ୍ରଇଂରୁମ୍‌ର ସୌନ୍ଦର୍ଯ୍ୟ ବଢ଼ିବ ଆଉ ଆମ ଭାରତୀୟ ପରଂପରା ଓ ସଂସ୍କୃତିର ସଂରକ୍ଷଣ ହେବ ।

ମୁଁ ଶ୍ରୀମୟବାବୁଙ୍କ ରୁଚିକୁ ତାରିଫ୍ କଲି । କିନ୍ତୁ ସିଏ ଖୋଜୁଥିବା କାଠଶିଳ୍ପୀ ଶତୃଘ୍ନବାବୁଙ୍କ ସନ୍ଧାନ ଦେବାରେ ଅସମର୍ଥ ହେଲି । ସେ ଦିନ ସିଏ ଶତୃଘ୍ନବାବୁଙ୍କୁ ନ ପାଇ ମୈତ୍ରୀଜନପଦକୁ ଫେରିଗଲେ । ସିଏ ଫେରିଯିବା ବେଳେ ମୋତେ ଅନୁରୋଧ କରିଗଲେ ତାଙ୍କ ଘରକୁ କେବେ ସୁବିଧା ଦେଖି ଯିବାପାଇଁ। ତାଙ୍କ ଘରନମ୍ବର ଓ ଫୋନ୍‌ନମ୍ବର ଗୋଟିଏ କାଗଜରେ ଲେଖି ମୋ' ହାତକୁ ବଢ଼ାଇଦେଲେ ।

ସେଇ ଦିନଠୁ ଆମ ଘରର କଲିଙ୍ଗବେଲ୍ ବାଜିଲା ବେଳେ ମୋର ଶ୍ରୀମୟବାବୁଙ୍କ କଥା ମନେପଡ଼େ । ତାଙ୍କ ପ୍ରତି ଦେଖାଇଥିବା ଅସୌଜନ୍ୟ ବ୍ୟବହାର ପାଇଁ ମୁଁ ମନେ ମନେ ଲଜ୍ଜିତ ହୁଏ ।

ଦିନକର କଥା । କଟକରୁ ଫେରିବା ବେଳେ ପୁରୀ କେନାଲ ପାର ହେବାପରେ ଆମେ ଆସୁଥିବା ବସ୍‌ର ଆଗଚକା ପଙ୍କଚର ହେଲା । ସେତେବେଳେ ସମୟ ତିନିଟା । ବସ୍‌ର ଚକାବଦଳ ପାଇଁ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଅଧଘଣ୍ଟାଏ ସମୟ ନିଶ୍ଚୟ ନେବେ । ମୋର ମନେ ପଡ଼ିଲା ଏଇ ପାଖରେ ମୈତ୍ରୀ ଜନପଦ। ଏଠି ଶ୍ରୀମୟବାବୁଙ୍କ ଘର । ମୁଁ ପକେଟ୍‌ରୁ ମନିପର୍ସ କାଢ଼ି ଶ୍ରୀମୟବାବୁଙ୍କ ଘର ନମ୍ବର ଓ ଫୋନ୍ ନମ୍ବର ଲେଖା କାଗଜଟା ପାଇଗଲି । ମୁଁ ବସ୍‌ର ଚକାବଦଳକୁ ଅପେକ୍ଷା ନ କରି ମୈତ୍ରୀ ଜନପଦ ଉଦ୍ଦେଶ୍ୟରେ ଚାଲିଲି ।

ସେଠୁ ମାତ୍ର ପାଞ୍ଚ ମିନିଟ୍‌ର ବାଟ ମୈତ୍ରୀ ଜନପଦ। ଚିଠାଟା ଧରି ଶ୍ରୀମୟବାବୁଙ୍କ ଘର ଖୋଜିଲି । ଜଣେ ବାବୁଙ୍କୁ ଘର ନମ୍ବରଟି ଦେଖାଇଲି । ସିଏ ମତେ ଓଲଟି ପ୍ରଶ୍ନ କଲେ- ଆମ ଘରତ?

ମୁଁ ମନାକଲି- ନା, ଆପଣଙ୍କ ଘର ନୁହଁ । ମୁଁ ଶ୍ରୀମୟବାବୁଙ୍କ ଘର ଖୋଜୁଛି ।

ସେ ଲୋକ ସାମାନ୍ୟ ହସି ଉତ୍ତର ଦେଲେ- ହଁ, ସେଇଟା ଶ୍ରୀମୟବାବୁଙ୍କ ଘର। ତାଙ୍କ ଘରର ନାଆଁ ସିଏ ରଖିଛନ୍ତି 'ଆମ ଘର' ।

ମୁଁ ଟିକେ ହସିଲି । ଶ୍ରୀମୟବାବୁଙ୍କ ରୁଚିକୁ ତାରିଫ୍‌କଲି। ଭଲ ନାଆଁଟିଏ ଦେଇଛନ୍ତି ନିଜ ଘରର । ତାଙ୍କ ଘରକୁ ଯିଏ ଯିବ ନିଜ ଘର ବୋଲି ମନେ କରିବ। ସେଥିପାଇଁ ତାଙ୍କ ଘରର ନାଆଁ ରଖିଛନ୍ତି- "ଆମ ଘର" ।

ଲୋକଟି ହାତଠାରି ଗୋଟିଏ ଘରକୁ ଦେଖାଇ ଦେଇ ହସି ହସି କହିଲା- ସେଇଟା 'ଆମଘର'।

ଖୁବ୍ ସହଜରେ ମୁଁ ଶ୍ରୀମୟବାବୁଙ୍କ ଘର ପାଇଗଲି । ଗେଟ୍‌ର ଦୁଇ ଖୁଣ୍ଟରେ ଦୁଇଟା ସତ ଲଣ୍ଠନ ଫିଟ୍ କରାଯାଇଛି। ସେଠି ମଧ ମୋ' ପାଇଁ ଆଉ ଗୋଟିଏ ବିସ୍ମୟ ଅପେକ୍ଷାକରି ରହିଥିଲା । ଗେଟ୍ ପାଖରେ ଗୋଟିଏ ବଡ଼ ପିତଳ ଘଣ୍ଟି ଝୁଲୁଥିଲା। ଘଣ୍ଟିଟିକୁ ଦୁଇଥର ଠନ୍ ଠନ୍ ବଜାଇ ଦେଲି, ଯେମିତି ମନ୍ଦିରର ଘଣ୍ଟି ବଜାନ୍ତି ।

ଶ୍ରୀମୟବାବୁ ହସି ହସି ଘର ଭିତରୁ ବାହାରି ଆସି ପାଟିକରି ଉଠିଲେ- ମୋର ଆଜି କିଭାଗ୍ୟ ! ଆସନ୍ତୁ ଶ୍ରୀକାନ୍ତବାବୁ, ଆସନ୍ତୁ ।

ମତେ ଶ୍ରୀମୟବାବୁ ତାଙ୍କ ଡ୍ରଇଂରୁମ୍‌କୁ ପାଛୋଟି ନେଲେ ଆଉ ଡାକ ପକାଇଲେ ତାଙ୍କ ସ୍ତ୍ରୀ ସୁନନ୍ଦାଙ୍କୁ । ସଙ୍ଗେ ସଙ୍ଗେ ଆସି ପହଞ୍ଚିଲେ ସୁନନ୍ଦାଦେବୀ । ତାଙ୍କ ସାଙ୍ଗରେ ଆସିଲେ ତାଙ୍କ ଦୁଇ ପୁଅ । ସମସ୍ତେ ସ୍ନେହଶୀଳ ମଣିଷ । ମଣିଷକୁ ସ୍ନେହ, ସରାଗ, ସୌହାର୍ଦ୍ଦ୍ୟରେ ବାନ୍ଧିବାର କଳା ତାଙ୍କ ପରିବାରର ପ୍ରତ୍ୟେକଙ୍କଠି ଭରପୂର ।

ଶ୍ରୀମୟବାବୁ ଦୁଇ ପୁଅଙ୍କ ପରିଚୟ କରାଇଲେ । ବଡ଼ ବିନୟ ବିକାଶ ଓ ସାନ ବିସ୍ମୟ ପ୍ରକାଶ । ଦୁହେଁ ଇଂଜିନିୟରିଂ ଛାତ୍ର ।




ଶ୍ରୀମୟବାବୁଙ୍କ ଡ୍ରଇଂରୁମ୍ ଆଉ ଡ୍ରଇଂରୁମ୍‌ରେ ଥୁଆ ହୋଇଥିବା ଆକର୍ଷଣୀୟ ଓ ବିସ୍ମୟକର ପଦାର୍ଥଗୁଡ଼ିକୁ ମୁଁ ଦେଖିବାରେ ଲାଗିଲି । ମୋର ମନେହେଲା ସତେ ଯେମିତି ମୁଁ ଗୋଟିଏ ବିରଳ ମିଉଜିୟମ୍‌ରେ ପଶିଯାଇଛି ।

ପ୍ରଥମେ ମୋ' ଦୃଷ୍ଟିରେ ପଡ଼ିଲା ନୂଆକରି ତିଆରି ହୋଇ ଆସିଥିବା କୁନି କୁନି ସବାରି, ପାଲିଙ୍କି । ଶ୍ରୀମୟବାବୁ କହିଲେ- ସେଦିନ ଶତ୍ରୁଘ୍ନବାବୁଙ୍କ ସହିତ ଦେଖାହେଲାନାହିଁ । ତାପର ଦିନ ତାଙ୍କୁ ଫର୍ଣ୍ଣିଚର ଦୋକାନରେ ସାକ୍ଷାତ କରି ଅର୍ଡର ଦେଲି । ଏ ଦୁଇଟି ତିଆରି କରି ଦେବାକୁ, ସିଏ ପନ୍ଦର ଦିନ ସମୟ ନେଲେ । କିନ୍ତୁ ସଠିକ୍ ଭାବେ କରିଛନ୍ତି । ସିଏ ଦୁଇ ହଜାର ଟଙ୍କା କହୁଥିଲେ, ମୁଁ କିନ୍ତୁ ତାଙ୍କୁ ଖୁସିରେ ଅଢ଼େଇ ହଜାର ଟଙ୍କା ଦେଲି । କଳାର ମୂଲ୍ୟ କ'ଣ ଆମେ କେବେ ଦେଇପାରିବା ? ତଥାପି ସିଏ ଖୁସି ହୁଅନ୍ତୁ ଓ କଳା ବଞ୍ଚିରହୁ ।

ଡ୍ରଇଂରୁମ୍‌ର ବିଭିନ୍ନ ସ୍ଥାନରେ ଥୁଆ ହୋଇଥିଲା କେନ୍ଦରା, ନାଉତୁମ୍ବା, ଖଞ୍ଜଣି, ଶାଗୁଆନ କାଠରେ ତିଆରି ହାତୀ, କାଠରେ ତିଆରି ଛୋଟ ଶଗଡ଼ ବଳଦ, ଯୋଡ଼ି ବଳଦ ସହିତ ହଳ ଲଙ୍ଗଳ, କାଠରେ ତିଆରି ଛୋଟ ଢିଙ୍କି, ମାଟି ତିଆରି ଟେରାକୋଟା ହାତୀ, ଘୋଡ଼ା, ଏବେ ଅଚଳ ହୋଇଯାଇଥିବା ବେତବୁଣା ଗୌଣି, ସେର, ମାଣ, ପ୍ରାଚୀନ କାଳର ପିଲିସଜ, ମାଟି ସୁରେଇ, କାଠ ଫରୁଆ, ବେତ ପେଟରା, ବିଭିନ୍ନ ପ୍ରକାରର ପ୍ରାଚୀନ ପିତ୍ତଳ ଗୁଆକାତି ଚୂନଖାଇ, ପାନ ବଟୁଆ, ଲୁହାର ଢାଲ, ତରୱାଲ ଏମିତି ଅନେକ ପୁରୁଣା ପଦାର୍ଥ କିମ୍ବା ତାର ମଡ଼େଲ ଯାହା ଏବେ ଧୀରେ ଧୀରେ ଆମ ସମାଜ ଆଉ ସଂସ୍କୃତିରୁ ଲୋପ ପାଇ ସାରିଲାଣି ।

ମୁଁ ବୁଲି ବୁଲି ବିଭିନ୍ନ ପଦାର୍ଥ ଦେଖିବା ଭିତରେ ଶ୍ରୀମୟବାବୁ ଫୋନ୍ ଆଟେଣ୍ଡ୍ କରିବାକୁ ବେଡ୍‌ରୁମ୍‌କୁ ଉଠିଗଲେ । ସୁନନ୍ଦାଦେବୀ ଆସି ମୋ' ପଛରେ ଠିଆହୋଇ କହିଲେ- ଇଏ ଜଣେ ଅଦ୍ଭୁତ ଖିଆଲର ମଣିଷ । ଏଇ ଯେତିକିଟା ପ୍ରାଚୀନ ପଦାର୍ଥ ସଂଗ୍ରହ କରିଛନ୍ତି କି ତା'ର ମଡ଼େଲ ତିଆରି କରାଇଛନ୍ତି, ଏଥିରେ ଆମର ବହୁତ ଟଙ୍କା ନଷ୍ଟ ହେଉଛି । ଏସବୁ ପଦାର୍ଥ ସଂଗ୍ରହ କରିବା ପାଇଁ ହାତରୁ ପଇସା ଖର୍ଚ୍ଚକରି ସିଏ ବିଭିନ୍ନ ସ୍ଥାନକୁ ଯାଇଛନ୍ତି । ତାଙ୍କର ଏ ନିଶା ପାଗଳାମିର ରୂପ ନେଲାଣି । ତାଙ୍କ ଦରମା ଟଙ୍କାର ଗୋଟେ ବଡ଼ଭାଗ ସିଏ ଏ ଦିଗରେ ଖର୍ଚ୍ଚ କରୁଛନ୍ତି । ତାଙ୍କର ଯେତେ ଛୁଟି ସବୁ ଏ ଜିନିଷ ସଂଗ୍ରହ କରିବା କିମ୍ବା ତାର ମଡେଲ୍ ତିଆରି କରିବାରେ ଖର୍ଚ୍ଚ କରୁଛନ୍ତି । ଆମ ଘରକୁ ତାଙ୍କର ଯେତେ ସାଙ୍ଗସାଥୀ, ବନ୍ଧୁବାନ୍ଧବ ସାଇପଡ଼ିଶା, ଅତିଥି ଓ ଅଭ୍ୟାଗତ ଆସୁଛନ୍ତି ସମସ୍ତେ ଏଇ ପୁରୁଣା ଜିନିଷ ବା ତାର ମଡ଼େଲଗୁଡ଼ିକୁ ଦେଖି ତାଙ୍କୁ ଖୁବ୍ ପ୍ରଶଂସା କରୁଛନ୍ତି । ତେଣୁ ସିଏ ଏ ଦିଗରେ ବେଶୀ ବେଶୀ ଉତ୍ସାହିତ ହେଉଛନ୍ତି । ଆମ ପିଲା ଦୁଇଟା ଏବେ ଇଂଜିନିୟରିଂ ପଢୁଛନ୍ତି । ତାଙ୍କ ପାଠପଢ଼ା ତୁଲାଇବା ଆମ ପକ୍ଷେ ଅସମ୍ଭବ ହେଲାଣି ।

ମୁଁ ସୁନନ୍ଦାଦେବୀଙ୍କ କଥା ଶୁଣି ହସିଲି ଆଉ କହିଲି- ମୁଁ ଆପଣଙ୍କ କଥା ବୁଝିପାରୁଛି । କୌଣସି ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ଏପରି ଖର୍ଚ୍ଚକୁ ଉତ୍ସାହିତ କରିବେ ନାହିଁ । ତେବେ ଶ୍ରୀମୟବାବୁଙ୍କର ଏଇ ଗୋଟିକ ବ୍ୟତୀତ ଆଉ କିଛି ନିଶା ଅଛିକି ? ମାନେ ପାନ, ସିଗାରେଟ୍, ଚା, କଫି କିମ୍ବା ମଦ ?

ସୁନନ୍ଦାଦେବୀ ଆପତ୍ତି କଲେ- ନା, ତାଙ୍କର ସେସବୁ କିଛି ନିଶା କି ଅଭ୍ୟାସ ନାହିଁ । ଏପରିକି ସିଏ ବଜାର ଜଳଖିଆ

ଖାଆନ୍ତି ନାହିଁ ।

ମୁଁ ପଚାରିଲି- ଆପଣ ଜାଣିବାରେ ଆପଣଙ୍କର କିଛି ଧାର, ଉଧାର କିମ୍ବା ବ୍ୟାଙ୍କଲୋନ୍ ଅଛିକି ?

ସୁନନ୍ଦାଦେବୀ ମୋତେ ପାଲଟା ପ୍ରଶ୍ନ କଲେ- ଆପଣ ମୋତେ ଏସବୁ କାହିଁକି ପଚାରୁଛନ୍ତି ?

ମୁଁ ହସି ହସି ଉତ୍ତର ଦେଲି- ପଚାରିବାର କାରଣ ଅଛି । ମୋର ଯାହା ମନେହୁଏ ସେମିତି ବଡ଼ ଧରଣର କିଛି କରଜ ନଥିବ । ଏଇ ପ୍ରୋଭିଡେଣ୍ଟ ଫଣ୍ଡରୁ କିଛି ଆଡଭାନ୍ସ କି ଅଳ୍ପ କିଛି ହାତ ଉଧାର । ଇଏତ ସମସ୍ତଙ୍କ ପାଇଁ ସାଧାରଣ କଥା । ଆପଣ ଭାବିଲେ, ଯଦି ଶ୍ରୀମୟବାବୁ ପାନ, ସିଗାରେଟ୍ କିମ୍ବା ମଦ ପରି କୌଣସି ଗୋଟିଏ ନିଶାର ହାବୁଡ଼ରେ ପଡ଼ିଥାନ୍ତେ, ତାହେଲେ କେତେ ଖର୍ଚ୍ଚ ହେଉଥାନ୍ତା ଏବଂ ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା କେମିତି ଥାଆନ୍ତା ? ଯିଏ ଆମ ସମାଜ, ସଂସ୍କୃତି ଓ ପରଂପରା କଥା ଚିନ୍ତା କରୁଛନ୍ତି ସିଏ କ'ଣ ତାଙ୍କ ପରିବାର ଆଉ ତାଙ୍କ ପିଲାଙ୍କ ପାଠପଢ଼ା କଥା ଚିନ୍ତା କରୁନାହାଁନ୍ତି ?

ମୋର ଏକଥା ସୁନନ୍ଦାଦେବୀଙ୍କୁ କେତେ ପ୍ରଭାବିତ କଲା ଓ ତାଙ୍କଠି କି ପ୍ରତିକ୍ରିୟା ସୃଷ୍ଟିକଲା ମୁଁ ସେକଥା ଜାଣିବା ପୂର୍ବରୁ ଶ୍ରୀମୟବାବୁ ଟେଲିଫୋନ୍ କରିସାରି ଡ୍ରଇଂରୁମ୍‌କୁ ଫେରି ଆସିଲେ । ସୁନନ୍ଦାଦେବୀ ତରବର ହୋଇ ଡ୍ରଇଂରୁମ୍ ଛାଡ଼ି ଯାଉ ଯାଉ ଶ୍ରୀମୟବାବୁଙ୍କ ଉଦ୍ଦେଶ୍ୟରେ କହିଲେ- ତମେ ଫୋନ୍ କରିବାକୁ ଉଠି ଗଲତ ମୁଁ ଶ୍ରୀକାନ୍ତ ବାବୁଙ୍କ ସହିତ ଟିକେ କଥା ହେଉଥିଲି ।

ଶ୍ରୀମୟବାବୁଙ୍କୁ ମୋର ପ୍ରଶ୍ନଥିଲା- ଆପଣଙ୍କ ଏ ସଂଗ୍ରହ ପଛରେ ଆପଣଙ୍କ ପରିବାରର ଉତ୍ସାହ ଓ ପ୍ରେରଣା ଅଛିତ ? ବିଶେଷ କରି ଆପଣଙ୍କ ଶ୍ରୀମତୀ, ଆପଣଙ୍କ ଏ ସଂଗ୍ରହକୁ ପସନ୍ଦ କରନ୍ତି ତ ?

ଶ୍ରୀମୟବାବୁ ନିରବ ରହି କିଛି ସମୟ କ'ଣ ଭାବିଲେ ।

ହୁଏତ ତାଙ୍କୁ ଏସବୁ କଥା ପଚାରିବା ଉଚିତ ହେଲାନାହିଁ ବୋଲି ମୋର ମନେହେଲା । ମୁଁ ଶ୍ରୀମୟବାବୁଙ୍କ ପରିବାର ସହିତ ଘନିଷ୍ଠ ନୁହେଁ, ଏପରି ସ୍ଥଳେ ଏମିତି ଗୋଟେ ଅଡୁଆ ପ୍ରଶ୍ନର ଉତ୍ତର ଦେବାକୁ ସିଏ ହୁଏତ ଇଚ୍ଛା କରୁନାହାନ୍ତି ।

ମୁଁ ଆଉ କିଛି କହି ପ୍ରସଙ୍ଗ ବଦଳାଇ ଦେବାର ଉଦ୍ୟମ କଲାବେଳକୁ ଶ୍ରୀମୟବାବୁ କହିଲେ- କଥାଟା କେମିତି କହିଲେ ଠିକ୍ ହେବ ତାହାହିଁ ମୋତେ ଦ୍ୱନ୍ଦ୍ୱରେ ପକାଇଛି । ସୁନନ୍ଦା ଏସବୁ ଜିନିଷ ଦେଖି ଖୁସି ହୁଅନ୍ତି । ମୋ' ଦୁଇ ପୁଅତ ବହୁତ ଖୁସି ହୁଅନ୍ତି । ମୁଁ ଯେଉଁଦିନ ଡିଙ୍ଗିଟିର ମଡ଼େଲ ଗଢ଼ାଇ ଆଣିଲି ସେ ଦିନ ସୁନନ୍ଦା ସବୁଠୁ ବେଶୀ ଖୁସି ହୋଇଥିଲେ । ସିଏ କୋଉଠି ଗୋଟେ ପଢ଼ିଥିଲେ ଆଜିକା ପିଲାମାନେ ଡିଙ୍ଗିର ଚିତ୍ର ଦେଖି କହିଥିଲେ ଡିଙ୍ଗି ଗୋଟିଏ କଙ୍କି ଜାତୀୟ ପ୍ରାଣୀ ଯାହାର ଲାଞ୍ଜ ଅଛି, ଦୁଇଟା ଡେଣା ଅଛି । କିନ୍ତୁ ସିଏ ଉଡ଼ି ପାରେନା । ଅବଶ୍ୟ ସୁନନ୍ଦା ଯେତେବେଳେ ଜାଣିଲେ ଯେ' ଏଇ ଡିଙ୍ଗି ତିଆରି ପାଇଁ ମୁଁ ବଢ଼େଇକୁ ଦୁଇଶହ ଟଙ୍କା ଦେଇଛି, ସିଏ ମୋ' ଉପରେ ବିରକ୍ତ ହୋଇ କହିଥିଲେ- ଏମିତି ଅଭିଆଡ଼ି ଯୁବକ ପରି ଟଙ୍କା ଉଡ଼ାଇଲା ବେଳେ ତୁମର ମନେରଖିବା ଉଚିତ, ତୁମର ଗୋଟେ ପରିବାର ଅଛି, ପିଲାଙ୍କ ପାଠପଢ଼ା ଅଛି, ଆଉ ସେମାନଙ୍କ ଭବିଷ୍ୟତ ଗଢ଼ିବା ଆମର ଦାୟିତ୍ୱ ।

**ହୁଏତ ତାଙ୍କୁ ଏସବୁ କଥା ପଚାରିବା ଉଚିତ ହେଲାନାହିଁ ବୋଲି ମୋର ମନେହେଲା ।**


ମୁଁ ଶ୍ରୀମୟବାବୁଙ୍କ କଥା ଶୁଣି ହସିଲି ଓ କହିଲି- ଗୃହିଣୀମାନେ ତାଙ୍କ ସ୍ୱାମୀଙ୍କ ସମସ୍ତ ସୌଖିନ ଖର୍ଚ୍ଚ ଉପରେ ଅଙ୍କୁଶ ଲଗାଇବାଟାକୁ ତାଙ୍କର ସୁଗୃହିଣୀପଣ ବୋଲି ଭାବନ୍ତି । କିନ୍ତୁ ତାଙ୍କ ଶାଢ଼ି, ଗହଣା କିମ୍ବା କସ୍ମେଟିକ୍ସ ପଦାର୍ଥ କିଣିବାରେ ଯାହା ସ୍ୱାମୀଙ୍କର ଯେତେ ଖୋଲାହାତ ତା' ସ୍ୱାମୀଙ୍କ ଭଲ ପାଇବା ସେତେ ଅଧିକ ବୋଲି ସେମାନେ ଭାବନ୍ତି ।

ଶ୍ରୀମୟ କହିଲେ- ମୁଁ ସ୍ତ୍ରୀଲୋକମାନଙ୍କ ସାଇକୋଲୋଜି ଜାଣେ । ତେଣୁ ଏ ପାଲିଙ୍କି, ସବାରି କେତେ ପଡ଼ିଲା ବୋଲି ତାଙ୍କୁ କହିଛି ଜାଣନ୍ତି ? ଅଢ଼େଇ ହଜାର ଟଙ୍କା ପଡ଼ିଛି ବୋଲି ନକହି, କହିଛି ମାତ୍ର ଦୁଇଶହ ଟଙ୍କା ପଡ଼ିଲା । ଆଗ ପାଲିଙ୍କି ସବାରି ଦୁଇଟା ପାଇଁ ସେ ବଢ଼େଇକି କିଛି ଦେଇନାହିଁ ବୋଲି କହିଛି । କ'ଣ ମୁଁ ଠିକ୍ କହିଚିନା ?

ମୁଁ ଆଉ ଶ୍ରୀମୟବାବୁ ଖୁବ୍ ଜୋର୍‌ରେ ହସି ଉଠିଲୁ ।

□□

ଲେଖକଙ୍କ ଇ-ମେଲ ଠିକଣା:
anandapahi@gmail.com



ଧାରାବାହିକ ବ୍ୟଙ୍ଗ

# ଜଉତିଷ ଗଣନା

ଅଜୟ କୁମାର ମିଶ୍ର

ବସିଲେ କହନ୍ତି ଉଇହୁଙ୍କା, ଶୋଇଲେ କହନ୍ତି ଡିଙ୍କି, ଠିଆହେଲେ କହନ୍ତି ତାଳଗଛ - ଏସବୁ ନୂଆବୋହୂ ପ୍ରତି ଦୟାଶୀଳା ଶାଶୁମାନଙ୍କର ଅତି ଘନିଷ୍ଠ ବୋହୂପ୍ରୀତିର ପରିଭାଷା । ବଡ଼ ବଡ଼ ବ୍ୟାଖ୍ୟାକାର ବୟସ୍କିଆ ପ୍ରକାର ଲୋକଙ୍କ ବିଚିତ୍ର ମନ୍ତବ୍ୟରେ ପାଳଗଦା କଲାଲୋକ ପାଳିଆ, ଗାଇ ଜଗୁଆଳ ଗାୟକ ପାଲଟିଯାଏ । ସେମିତି ଘଣ୍ଟ ଭଳି ଢଂ ଢ଼ଂ ହେଉଥିବାରୁ କେହି କେହି ଘଣ୍ଟୁର ନାମକରଣ ହେଇଚି - ଏକଥା ବି କହନ୍ତି । ଖୁଅଧରା ଖୁଣ୍ଟିନାଣ୍ଟିଆ ବି କହନ୍ତି ଘଣ୍ଟାଚକଟାରେ ଡବଲ୍ ଓସ୍ତାଦ ହେଇଥିବାରୁ ତା' ନାମ ଘଣ୍ଟୁ ।

ସତରେ ଘଣ୍ଟୁର ଚଉହଦି ନିଘା, ପାରା ହୁଏତ ସୋରିଷ ଟେର୍ ନ ପାଇପାରେ, ଶାଗୁଣା ହୁଏତ ମଡ଼ ଠିକଣା ଜାଣିନପାରେ - ଘଣ୍ଟୁର ସତର୍କିଆ ଚାହାଣିରେ ବିନ୍ଦୁ ପ୍ରମାଣେ ଘଟଣା ସିନ୍ଧୁ ଭଳିଆ ଲହଡ଼ି ଭାଙ୍ଗେ । ପିଲାକାଳରୁ ଘଣ୍ଟୁ ଖବରକାଗଜ ପଢ଼ା ଅଭ୍ୟାସ ରଖିଥିଲା, ଏବେ ଆଉମାନଙ୍କ ଭଳି ସ୍ମାର୍ଟଫୋନ୍‌ରେ ଘଣ୍ଟୁର ନିଘା । ସବୁ ଖେଳାମେଳା କରେ, ଘାଣ୍ଟେ, ଚକଟେ, ଆଉ ସବୁ ଘଟଣାକୁ ନିଜ ମଗଜ ଫାକଟେରୀକି ନେଇ, ସେଇଠୁ ନୂଆ ଘଟଣା ଘଟାଏ ।




### ଜଉତିଷର କାଣ୍ଡକାରଖାନା

ସେଦିନ ଏକାଟିଆ ମଟର ଯାତ୍ରା, ଦେଖିଲା ସହଯାତ୍ରୀମାନେ ନିଜ ନିଜ ସ୍ମାର୍ଟଫୋନରେ ବ୍ୟସ୍ତ । ଘଣ୍ଟୁ ପାକିଟରୁ ତା' ଯନ୍ତଟି କାଢ଼ି, ମାଛକୁ ବଗ ଧ୍ୟାନ କଲା ଭଳିଆ ଦେଖିବା ବେଳକୁ ହଠାତ ତା' ଆଖି ଥୟ ହେଇଗଲା ଗୋଟାଏ ଅଦ୍ଭୁତ ପ୍ରକାରର ଦୃଶ୍ୟରେ । ଘାଣ୍ଟୁ ଘାଣ୍ଟୁ ଥୟ ହେଇଗଲା ଗୋଟାଏ ଜଉତିଷର କାଣ୍ଡକାରଖାନା ଉପରେ । ଗ୍ରହ-ନକ୍ଷତ୍ରଙ୍କୁ ଏକାଠି ବଡ଼ ବେଙ୍ଗେଳାରେ ଯୋଚିଚି ସେ । ହଳଦିଆ ଲୁଗା, ହଳଦିଆ ଜାମା, ହଳଦିଆ ଠେକା, ବେକରେ କେତେ ମାଳି, ତାବିଜ, ହାତରେ ତମ୍ବାକଡ଼ା, ମଥାରେ ଇଂରାଜୀ ୟୁ ମାର୍କା ଚିତା ଭିତରେ ଗୋଟାଏ ବଡ଼ ସିନ୍ଦୂରଟୋପା ।

ପୁଣି ଟିପ ଚଳେଇଲା, ଆସିଲା ପୁଣି ନୂଆ ନୂଆ ରୂପ । ସେଇ ଜ୍ୟୋତିଷୀଟି ସିନ୍ ଦେଖି ଯାତ୍ରାବାଲାଏ ନିଜ ବେଶପୋଷାକ ବଦଳେଇବା ଭଳିଆ, ଭେକ ବଦଳଉଛି । କଳା, ଧଳା, ନାଲି ତ କେତେବେଳେ ନୀଳ ପୋଷାକରେ ଦୃଶ୍ୟ ହେଉଛି । କଥା କହିବା ବେଳେ ପାଟିରେ ବାଟୁଳି ବାଜୁନି, ମାଠିଆ ମୁହଁରୁ ପାଣି ଅଜାଡ଼ିବା ଭଳିଆ କ'ଣ କ'ଣ ସବୁ ଗାଳିଯାଉଛି ।

ଘଣ୍ଟୁ ଆଗରୁ ଗାଆଁରୁ ସହର ଯାକେ କିସମ କିସମର ଜଉତିଷଙ୍କୁ ଦେଖିଛି । ଘନା ଜଉତିଷ ତା' ଜନ୍ମକୁଣ୍ଡଳୀ କାଟିଥିଲା; ଲୁଗାଟେ ପିନ୍ଧେ, କାନ୍ଧରେ ଗାମୁଛାଟେ, ଅଣ୍ଟାରେ ଗୋଟାଳିଖଡ଼ି, ମାଟିପିଣ୍ଡାରେ ଗୋଟାଳିରେ ଗାରକାଟି ସେ ଗ୍ରହ-ନକ୍ଷତ୍ର ରାଶି ହିସାବ କରେ । ଖଡ଼ି ଚାଷ ସରିବା ପରେ ଦୋଅଣି, ଚାରେଣି କି ଚାଉଳ ମୁଠାଏ ସିଧା ନେଇ ସେ ମଙ୍ଗଳ ମନାସକରି ବିଦା ହେଇଯାଏ । ତାଙ୍କ ଗାଆଁରେ ବାହା, ବ୍ରତ, ଖଡ଼ିଛୁଆଁ - ସବୁଥିରେ ତାକୁ ଲୋକେ ଲୋଡ଼ନ୍ତି, ଗାଆଁବାଲାଏ ଡାକନ୍ତି, ଗ୍ରହବିପ୍ରେ ।

ଗାଁ ପରେ ହାଇସ୍କୁଲ ପାଖରେ ଦେଖିଲା କାଳିଆ ଜଉତିଷକୁ, ହାଟବାରିଆ ଦେଖି ବରଗଛ ତଳେ ତା' ଆସ୍ଥାନ ଜମାଏ, ହାଟୁଆ ବାଟୁଆଙ୍କ ହାତଦେଖେ, କାହା କାହା କୋଷ୍ଠି କପାଳ ଦେଖି ତା' ଭାଗ୍ୟ-ଭବିଷ୍ୟତ ଜଣାଏ । ଯାହାକିଛି ପାଏ, ହାଟ ସରିବା ବେଳକୁ ସଉଦାପତ୍ର କରି ଫେରେ । ଏ

ହେଲା ହାତପାଳିଆ ଜଉତିଷ । ପରେ ପରେ କଲେଜ ପଢ଼ିବା ବେଳେ, କଲେଜ ପାଖ ଗଛ ତ୍ରିନାଥପିଣ୍ଡି ପାଖରେ ଦେଖିଲା ନବୀନା ଜଉତିଷକୁ । ଘନା, କାଳିଆ ଜଉତିଷଠାରୁ ନବୀନା ପରିଷ୍କାର ପରିଚ୍ଛନ୍ନ । କଥାକଥାକେ ଦି'ଚାରିଟା ଇଂରାଜୀ ଶବଦ ତା' ପାଟି ବନ୍ଧୁକରୁ ଛାଏଁ ଛାଏଁ ଫୁଟେ । ସୌଖିନିଆଁ ପୀରତିଆ ଟୋକାଏ, ପେମେଇ ନାନୀମାନେ ତା'ର ଗ୍ରାହକ । ସେଇଠି ତା' ଦୟାରୁ କେହି କେହି କାହା କାହା ସହିତ ଜଟେଇ ହେଇଗଲେଣି । ଗଣନା ତୁଳନାରେ ଆଦାୟ ମନ୍ଦ ନୁହେଁ ।

## ନାନା ଜଉତିଷ

ଖବରକାଗଜିଆ, ରାଶିଫଳିଆଙ୍କ ଭଳି ଏବେ ସହରରେ ନାନା ଜଉତିଷଙ୍କ ହାରାହାରି ରାଶିଫଳ ତ କାହାକୁ କାହାକୁ ସୁହାଏ । ତଳେଥିବା କାନଫୁଙ୍କା ନମ୍ବରରେ ଫୋନ୍ କରୁଥିବା ଗରାଖଙ୍କୁ ଆତୁରିଆପଣ ଦେଖି ଯଥାସମ୍ଭବ କିଛି କିଛି ଆଦାୟ କରେ । ସବୁ ଖବରକାଗଜରେ ତ ପଠାଣିସାଆନ୍ତଙ୍କ ବାପେ, ଅଜେ, ଗୋସେଁବାପେ ଥଇଥାନ ହେଇଛନ୍ତି ।

**ଏମାନେ ହାଇଭୋଲ୍ଟିଆ ଜଉତିଷ । ପର୍ଦ୍ଦାରେ ଉଭା ହୁଅନ୍ତି, ଦୈନିକ ଫଳାଫଳ କହନ୍ତି ।**

ଏମାନଙ୍କଠାରୁ ଅଛନ୍ତି ଟି.ଭି. ଜଉତିଷ, ଭେକ ଦେଖାଇ ଭିକ ନାମରେ ଢେର ବାଚାଳତା ଦେଖାନ୍ତି । ଏମାନେ ହାଇଭୋଲ୍ଟିଆ ଜଉତିଷ । ପର୍ଦ୍ଦାରେ ଉଭା ହୁଅନ୍ତି, ଦୈନିକ ଫଳାଫଳ କହନ୍ତି । କାଲି କ'ଣ ହେବ – ଆଜି ରାତିରେ ରାଶି ୱାଇଜ୍ କହନ୍ତି । କେଉଁ ରାଶିଆ ସକାଳୁ କ'ଣ କ'ଣ କରିବେ, ସେଦିନ କ'ଣ କ'ଣ ଢୋକିବେ, କ'ଣ କ'ଣ ଦାନ ଧ୍ୟାନ କରିବେ – ଅତି ନିଷ୍ଠାରେ ବତାନ୍ତି ।

ୟା'ଠୁଁ ଆଉ ଭୋଲଟେଜିଆ ହେଲେ ଲାପ୍‌ଟପିଆ ଜଉତିଷ । ପର୍ଦ୍ଦାରେ ଗାଦି ମାଡ଼ି ବଡ଼ ବେଶ ପୋଷାକରେ ବସନ୍ତି, ଆଗରେ ଦରମେଲା ଲାପଟପ୍ । ଏଇଟା ଲାପଟପ୍ ନୁହେଁ ତ ଗ୍ରହ-ନକ୍ଷତ୍ରଙ୍କ ମହାଲୀଳାର ଆପାର୍ଟମେଣ୍ଟ, ଥଇଥାନ କେନ୍ଦ୍ର ଏଇ ଲାପଟପ୍ । ଭବିଷ୍ୟ ଅତର୍ଚ୍ଛିଆ ଦର୍ଶକମାନେ ଅତି ଆକୁଳରେ କେତେ କେତେ ପ୍ରଶ୍ନ କରନ୍ତି । ବ୍ୟସ୍ତ ଡାକ୍ତର ରୋଗୀର ରୋଗ କ'ଣ ଶୁଣିବା ପୂର୍ବରୁ, କାଗଜରେ ଓଷଦ ଚିଠା ଗାରେଇବା ଭଳିଆ, ପ୍ରଶ୍ନ ଶେଷ ନ ହେଉଣୁ ନିଦାନ, ନିରାକରଣ, ସତର୍କତା ଇତ୍ୟାଦି କହୁ ନ କହୁଣୁ ଆଉ କେଉଁ ଆତୁରିଆ ଆତୁରିଆଣୀଙ୍କ ପ୍ରଶ୍ନ ଆସେ । ଲାପଟପ୍‌ରେ ସେମାନଙ୍କ କାନଫୁଙ୍କା ନମ୍ବର ସହ କହିବା ବେଳର ଠିକଣା ଜାଣି, ଶୋଷିଲା ପାଖକୁ ପାଣି ଆସିବା ଭଳିଆ, ଏମାନେ ନିଜ ତରଫରୁ ଆତୁରିଆ ଆତୁରିଆଣୀଙ୍କ ସହ ଯୋଗାଯୋଗ କରି, ସେମାନଙ୍କ ଦୁର୍ଯୋଗ ହଟାଇବା ନାମରେ ଶୋଷି ଶୋଷି ନିଜେ ଗୋଟେ ଦୁର୍ଯୋଗ ପାଲଟନ୍ତି । ସେମାନଙ୍କ ଫୋନ୍ ବେଳକୁ କେବଳ 'ହାଲୋ ହାଲୋ', ଶୁଭୁନି, ପରେ ଡାକ, ବିଜି ଅଛି କହି ତୁରନ୍ତ ଯୋଗାଯୋଗ କାଟିଦିଅନ୍ତି ।

ଘଣ୍ଟୁ ଘାଣ୍ଟି ଘାଣ୍ଟି ସନ୍ଧାନିଲା, ଅତି ଚମତ୍‌କାରିଆ ୟୁଟ୍ୟୁବିୟା ଜଉତିଷଙ୍କୁ । ଗ୍ରାମ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେମାତ୍ର ଡାକ୍ତର ସବୁ ରୋଗ ପାଇଁ ମେଡିସିନ୍ ଲେଖିବା ଭଳିଆ, ଏମାନେ ସବୁ ସମସ୍ୟାର ତୁରନ୍ତ ସମାଧାନ ବତାନ୍ତି । ଆଗରୁ ବଇଦେ ଯେମିତି ନାଡ଼ି ଚିପାଚିପି କରି କିସମ କିସମ ରୋଗ ପାଇଁ ନାନା ପ୍ରକାରର ପାଚନ ବ୍ୟବସ୍ଥା କରନ୍ତି, ସେମିତି ଏଇ ଜଉତିଷେ ଜଣେ ଜଣେ ଅଲଗା ଅଲଗା ମେଏଲେ । ୟୁଟ୍ୟୁବ୍ ୟାଙ୍କ କ୍ୟାପିଟାଲ୍ । ମେଏଲେ କ୍ୱାଟରରେ ତାଙ୍କ ଭୋଟାଧିକାରୀମାନେ ଡେରା ପକାଇବା ଭଳିଆ, ଗ୍ରହମାନେ ୟାଙ୍କ ଚାଣେଲରେ ଖୁବ୍ ହାଉଯାଉ ।

ଉଟ୍‌ବୁରେ କେତେ ଭେଳିକି । ବେପାରୀଙ୍କ ବିଜ୍ଞାପନଠୁଁ ଆଉ ଅଧିକ ଡିହଗାଲୁଆ ଖେଳ । ଟି.ଭି. ଜଉତିଷଠାରୁ ଏମାନଙ୍କ କାଟ୍‌ତି ଅଲଗା ପ୍ରକାରେ । ଆଗରୁ ଯୋଗାଡ଼ିଥାନ୍ତି ଗ୍ରାହକ । ସକଳ ଦୁଃଖରୁ ଗ୍ରହ-ନକ୍ଷତ୍ର ନାମ ନେଇ, ମରାମତି କରିଦିଅନ୍ତି । ଏମାନେ ହତାଶିଆ ହତାଶେଇମାନଙ୍କ ଦୁଃଖମୋଚନିଆଁ ।

## ନବନାଗର ଓ ନବନାଗରୀ

ଘଇତାଛାଡ଼େରୀ ପାଇଁ ନବନାଗର । ମାଇପଛାଡୁଆ ପାଇଁ ଏମାନେ ନବନାଗରୀ ଯୋଗାଡ଼ର ବାଟ ବତାନ୍ତି । କେଉଁଠି କେଉଁ ପ୍ରକାର ପୂଜାଉଜା କଲେ, କେଉଁ ଗଛବୃଛ ଆଣି ଘରଟାକୁ ଗୋଟେ ମିନି ଫରେଷ୍ଟରେ ପରିଣତ କଲେ, ସେ ବାଟ ବି ବତେଇ ଦିଅନ୍ତି । କହନ୍ତି, ଷୋଳପଣା, ବଟୁଆରେ କିନ୍ତୁ ହାତ ମରେଇ ଦିଅନ୍ତିନି । ଟାଣ ଦକ୍ଷିଣା ପାଇଲେ ଦୁଆର ଭିତର ମୁଣାଗୁଡ଼ାକ ଉଝଳା ହେବା କଥା ଦିଅନ୍ତି, ଭୋଅଟ୍ ବେଳର ନେତାଙ୍କ ପ୍ରତିଶ୍ରୁତି ପ୍ରକାରେ ।

ଏସବୁକୁ ନେଇ ଅତି ଜୋରରେ ଗବେଷଣା କଲା ଘଣ୍ଟୁ । ଠାଆକୁ ଠାଆ ବୁଲିଲା, ରାଶି-ନକ୍ଷତ୍ର, ଜନମବାର, ତାରିଖ ଟିପାଣିଆ ଜଉତିଷଙ୍କଠାରୁ ଆଉରି କାଇଦାରେ ଠାଆ, ଠଣା-ଠିକଣା ଗାଏମୋଟ ଟିପଣା କରେଇ ବଡ଼ ଖତୀୟାନ୍‌ଟେ ତିଆରିଲା ।

ଜଉତିଷ ବିଶାରଦ ମାଆପାଧ୍ୟାୟ ଧନେଶ୍ୱରଙ୍କୁ ଭେଟି ତାଙ୍କୁ ଗରାଖ ଯୋଗାଡ଼ର ପ୍ରତିଶ୍ରୁତି ଦେଲା । ଓଷଦ କାଗଜ ଲେଖାନେଇ ରୋଗୀ ବା ତା' ଲୋକେ ଓଷଦ ଦୋକାନରୁ ଓଷଦ ଆଣନ୍ତି, ସଂଜବେଳେ ବା ତା'ପରଦିନ ଚିଠା ଅନୁସାରେ ପଣିଟା ମିଳେ ଡାକତରଙ୍କୁ । ଆଇ.ସି.ୟୁ କଥା ତ ଛାଡ଼, ଜିଇ ଥାଉଁ ଥାଉଁ ମୁର୍ଦ୍ଦାରିଆ ଅବସ୍ଥା । ଷ୍ଟ୍ର ପକେଇ ଶେଷ ବିନ୍ଦୁ ଶୋଷିବା ଭଳି ଅକାଳକାଣ୍ଡ ଏଠି । ଯମ ନିଏ ଜୀବନ, ମାତ୍ର ଏଠି ଧନ୍ୱନ୍ତରୀ, ଆଶ୍ୱିନୀକୁମାର ଆଗେ ନିଅନ୍ତି ଧନ, ପଛନ୍ତେ ଜୀବନ । ଘଣ୍ଟୁ ଏମିତି ବୁଲି ବୁଲି ଅନେକ ଟି.ଭି. ଜଉତିଷ, ଖବରକାଗଜିଆ, ପତ୍ରପତ୍ରିକାର ରାଶିଫଳିଆ ଜଉତିଷ, ଉଟୁବିୟା ଜଉତିଷ, ମନ୍ଦିରପାଖୁଆ ଜଉତିଷଙ୍କୁ ଭେଟି ଆଗେ ଶତକଡ଼ା ହିସାବ ଛିଡ଼ାଇଲା । ଲୋକ ଦେଖି ପଣି, ପୁଣି



ମଝିରେ ମଝିରେ ଏମନ୍ତ ଜଉତିଷଙ୍କୁ ଭେଟ ହେବାକୁ ନଅମ୍ବର କରିଦେବାକୁ କହି, ଗରାଖ ଗରାଖୀମାନଙ୍କଠାରୁ ମଧ୍ୟସ୍ଥିଆ ପଣି ବି କଲା । ସମସ୍ତଙ୍କୁ ପଣିର ଭରସା ଦେଇ ଯାହା ପାଇଲା, ସେଥିରେ ବି ଶାନ୍ତି ନାହିଁ । କାଲିର ପାଳିଆ ଆଜି ସିଧାସିଧା ଗାୟକ ହେବା ଭଳିଆ, ମଧପାତ୍ର ହେଉ ହେଉ ଆପେ ଆତ୍ମଘୋଷିତ ବାବା ଭଳିଆ ମୁଖ୍ୟପାତ୍ର ହେଇଗଲା ।

**ହତାଶିଆ ଓ ହତାଶେଇ**

ହତାଶିଆ ଗରାଖ, ହତାଶେଇ ଗରାଖୀଏ ଅଇଲେ । ନୋଟ ଦେଖି ଭେଟ ଅଭେଟ ନିଷ୍ପତ୍ତି ନେଲା ଗେଣ୍ଟୁ । ପଣିଠକା ଜଉତିଷଙ୍କୁ ନିଜ ଗୁହାଳରୁ ପୋଛିଦେଲା । ଲୋକେ ତା' ନାମ କହିବା ବେଳକୁ ଘଣ୍ଟୁ ଆଖିକାନ ବନ୍ଦ କରିଦେଲା । ଲୋକେ କାରଣ ପଚାରିବାରୁ କହିଲା – ସେଇଟା ଆଠଦିନ ହେବ ରାଞ୍ଚିରୁ ଫେରିଚି । କାହା ସଂପର୍କରେ ବଖାଣିଲା, ରାଞ୍ଚି ପାଇଁ ତାର ଅଗ୍ରୀମ ଟିକେଟ୍ କଟାସରିଚି । ଆଉ କାହା ପାଇଁ କହିଲା, ଯାହାର ବେଳ ଅସଜ, ସେ ତା' ପାଖକୁ ଯାଉ । ହଇଯେ, ଏଡ଼େବଡ଼ ଜଉତିଷ ହେଇଚି, ସମସ୍ତଙ୍କ ରାଶି ଗଣୁଚି, ନିଜ ମାଇପ ମଲାର ଦି'ଦିନେ ଖବର ପାଇ ଧାଇଁଚି । ମାଇପ ରାଶି ଗଣାରେ ଯେ ଫେଏଲ୍, ଯାଉନା ତା' ପାଖୁ, ତମ ପଇସା ନେଇ ତମ ପାଇଁ ଅଚଞ୍ଚାକିଳା ସଜାଡ଼ିଦବ ।

ନେତାଙ୍କ ପାଖର ଟରଣି, ଅଫିସରଙ୍କ ପାଖ ଷଣ୍ଢବାବୁ ଲୋକଙ୍କୁ ମିଛସତ କହି ଭାଙ୍ଗୁଣିଆ କଲାଭଳିଆ, ଭାଙ୍ଗୁଣିଆ ପୂରେଇ, ଭଲ ଜଉତିଷଙ୍କୁ ଭେଟ କରେଇ ଦେବାକୁ, ଗରାଖ ଗରାଖୀଙ୍କ ପାଖରୁ ଅଗ୍ରୀମ ନେଇ ମହଲତ ମାଗିନେଲା । ଏଠିକା ଜଉତିଷଙ୍କଠାରୁ ଖାଶି ଭାରାଣାସିଆ ପଣ୍ଡିତ ପ୍ରକାର ବଡ଼ ବଡ଼, ଅତିବଡ଼, ମହାବଡ଼ ଜଉତିଷମାନଙ୍କ ପାଖକୁ ଅଣଲାଇନିଆଁ ଦରଖାସ୍ତ ପକେଇବାକୁ କେତେକଙ୍କୁ ମତେଇଲା । ତାତୁଣିଆଁମାନେ ମାତିଲେ, ମୁଣ୍ଡିଆ ନମାରୁଣ୍ଟୁ ଗାଈ ପହ୍ନେଇଲା ଭଳିଆ, ଗାନ୍ଧିମୁଣ୍ଡିଆମାନେ ଘଣ୍ଟୁକୁ ଦେଇ ଘରମୁହାଁ ହେଲେ । ଏମିତି ଲଗାତାର ଭାବରେ ଘଣ୍ଟୁ ଅଫିସ୍‌ରେ ନାଗାଡ଼ି କୀର୍ତ୍ତନ ।

ମାସକରେ ପାଉଣାପଟା ସଂଗ୍ରହରୁ ଘଣ୍ଟୁର ପାଣ୍ଠି ବଢ଼ିଲା । କେବେ ପାଳି ପଡ଼ିବ ବୋଲି ଅଗ୍ରିମଦିଆ ଲୋକ, ଲୋକୀ ଫୁନ୍‌ଫାନ୍ କଲେ । ଘଣ୍ଟୁ ତ କଂସାରିଘର ପାରା, ତାକୁ ଏ କୁଲା ଢାଉଁ ଢାଉଁ କ'ଣ କରନ୍ତା ଯେ ? ରାଜ୍ୟର ଫାଇନାନ୍‌ସ କୁମ୍ପାନୀମାନେ ରାତିଅଧିଆ ଡେରା ଉଠେଇ ଫେରାର୍ ହେବା ଭଳିଆ, ଘଣ୍ଟୁ ଶହେ ଭାଗ ଫେରାର ।

ଅଗ୍ରିମିଆ ଜଣେ ଗରାଖ ଏବେ ଘଣ୍ଟୁକୁ ରାଜଧାନୀର ଗୋଟାଏ ଠାଆରେ ଭେଟିଲା, ଘଣ୍ଟୁ ତା' ରାଶି ଗଣନା କରି, ତା' ଦାଣ୍ଡରେ ଥିବା ସାହାଡ଼ା ଗଛ ତୁରନ୍ତ ହାଣିଦେବାକୁ ପରାମର୍ଶ ଦେଇ ତତ୍‌କ୍ଷଣାତ୍ ଉଭାନ ।

ଜଉତିଷିଆ କାମ ସିଜିନ୍ ବେପାର ନୁହେଁ, କିଛିଦିନ ଏମନ୍ତ ପ୍ରକାରେ ଜଉତିଷ ପାର୍ଟ କରିବାକୁ ଘଣ୍ଟୁ ଥିର କରିଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com


ପ୍ରବନ୍ଧ

# ଉତ୍ତର ଆଧୁନିକ ଓଡ଼ିଆ ନାଟକରେ ଲୋକ ଉପାଦାନ



ଜ୍ୟୋସ୍ନାରାଣୀ କର

ନାଟକ ମଧ୍ୟରେ ଅନୁରଣିତ ହେଉଥାଏ ଜୀବନର ବର୍ଣ୍ଣବୋଧ। ଜୀବନକୁ ଛାଡ଼ି ନାଟକର ପରିକଳ୍ପନା କରାଯାଇପାରେନା। ମାନବ ଜୀବନକୁ ସରସସୁନ୍ଦର କରିବା ପାଇଁ ନାଟକ ନେଇଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ବାସ୍ତବରେ ଏହା କେବଳ ଦର୍ଶକ ସମାଜର ଆହ୍ଲାଦନ ବୃଦ୍ଧି କରିବା ପାଇଁ ଅଭିପ୍ରେତ ନୁହେଁ, ଏହା ମାନବଜୀବନର ଆଦର୍ଶ ସମୁଚ୍ଚୟକୁ ଅଭିନୟଯୋଗ୍ୟ ଭାଷାରେ ପରିପ୍ରକାଶ କରିବାର ଏକ ବଳିଷ୍ଠ କଳାତ୍ମକ ମାଧ୍ୟମ। ନାଟ୍ୟକାର ମଧ୍ୟରେ କବିସତ୍ତାଟିଏ ଲୁକ୍କାୟିତ ହୋଇ ରହିଥାଏ। ଆର୍ଥର ମିଲର, ଇଲିଅଟଙ୍କ ପରି ସାହିତ୍ୟିକମାନେ କବିତାକୁ ନାଟକର ସ୍ୱାଭାବିକ ମାଧ୍ୟମ କରିଛନ୍ତି । ନେମିଚନ୍ଦ୍ର ଜୈନଙ୍କ ଭାଷାରେ - 'ଶ୍ରେଷ୍ଠ ନାଟକ କବିତା କେ ସମାନ ହୀ ବ୍ୟଞ୍ଜନା-ଶକ୍ତି କା, ବିସ୍ମୟତା କା, ସଘନତା ଔର ତୀବ୍ରତା କା, ସଂଗୀତ ଔର ଲୟ କା, ଶବ୍ଦ ଔର ଅଭିବ୍ୟକ୍ତି କୀ ଅନିର୍ବାର୍ଯ୍ୟତା କା ଉପଯୋଗ କରତା ହୈ ।'(୧) ଶ୍ରେଷ୍ଠ ନାଟକରେ ବ୍ୟଞ୍ଜନା ଶକ୍ତି, ପ୍ରତୀକାତ୍ମକ ଭାବଭଙ୍ଗୀ, ତୀବ୍ରତା, ଅଭିବ୍ୟକ୍ତିର ଉତ୍ତମ ପରିପ୍ରକାଶ ଆଦି ପରିଲକ୍ଷିତ ହୋଇଥାଏ ।



**ପରୀକ୍ଷା ନିରୀକ୍ଷା**

ନାଟକରେ ବିଭିନ୍ନ ପରୀକ୍ଷା ନିରୀକ୍ଷାର ପରିଣାମ ସ୍ୱରୂପ ଦର୍ଶକମାନେ ମଞ୍ଚଠାରୁ ଦୂରେଇ ଗଲେ। ନାଟକ ପ୍ରତି ପୁନର୍ବାର ଅନୁରକ୍ତି ଆଣିବା ପାଇଁ ନାଟ୍ୟକାରମାନେ ପ୍ରୟାସ କଲେ। ଆମ ଦେଶର ଗୌରବାବହ ପରମ୍ପରା ତଥା ସଂସ୍କୃତିର ପୁନଃରୁଦ୍ଧାର କରିବା ପାଇଁ ନାଟ୍ୟକାରଗଣ ବଦ୍ଧପରିକର ହେଲେ। ଲୋକନାଟକର ସାବଲୀଳ ଅଭିବ୍ୟକ୍ତି ଓ ହୃଦୟସ୍ପର୍ଶୀ ଶୈଳୀ କାଳେ କାଳେ ଦର୍ଶକଙ୍କୁ ଆକୃଷ୍ଟ କରିଆସିଛି। ତେଣୁ ନାଟକରେ ଏହି ଶୈଳୀକୁ ଅଭିନବ ଭଙ୍ଗୀରେ ଉପସ୍ଥାପନ କରିବା ପାଇଁ ନାଟ୍ୟକାରମାନେ ଚିନ୍ତା କଲେ। ନିଜର ଐତିହ୍ୟ, ପରମ୍ପରା ଏବଂ ସଂସ୍କୃତି ପ୍ରତି ଅନୁରକ୍ତି ଦେଖାଇବା ହେଉଛି ଉତ୍ତର ଆଧୁନିକତାର ଏକ ଲକ୍ଷଣୀୟ ଦିଗ। ଏହି ସମୟର ସାହିତ୍ୟରେ ଲୋକଉପାଦାନ, ନୃତ୍ୟ ସଙ୍ଗୀତ, ଅତି କଳ୍ପନା ଆଦିର ସମନ୍ୱୟ ଦେଖିବାକୁ ମିଳେ। *ଟ୍ରାନ୍ସଫରମେସନ* ବା ଗୋଟିଏ ଚରିତ୍ରରୁ ଅନ୍ୟଏକ ଚରିତ୍ରରେ ପରିବର୍ତ୍ତିତ ହେବାର ଶୈଳୀ ଲୋକନାଟକଗୁଡ଼ିକର ପ୍ରମୁଖ ବୈଶିଷ୍ଟ୍ୟ। ଲୋକନାଟକର ମୁକ୍ତ ଧାରା ଗ୍ରହଣକରି ନାଟକ ଗଣଚେତନା ସହ ଯୋଡ଼ି ହୋଇପାରୁଛି। ଲୋକନାଟ୍ୟ ରୀତିର ବର୍ଣ୍ଣନାତ୍ମକ ଶୈଳୀକୁ ସାଂପ୍ରତିକ ନାଟକରେ ବ୍ୟବହାର କରିବା ସୁବିଧାଜନକ ହେଉଛି।

ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ନାଟକରେ ଆଲିଗୋରୀ ବା ଲୋକକଥା ଅନ୍ୟୋକ୍ତି ଓ ଫାଣ୍ଟାସୀ ବା କଳ୍ପନାର ପ୍ରୟୋଗ ଚମତ୍କାର ହୋଇପାରିଛି। ଲୋକକାହାଣୀର ଆରମ୍ଭ ସମୟରେ ଗଳ୍ପକଥକ 'କଥାଟିଏ କହୁ' ଶୈଳୀରେ ଏକ ଧାଡ଼ିର ପ୍ରାରମ୍ଭ କରି ଶ୍ରୋତାଙ୍କ ମନରେ ଆଗ୍ରହ ସୃଷ୍ଟି କରିଥାଏ। ସେହିଭଳି ଏହି ନାଟକରେ ସାଧବ, ସେନାପତି ଓ ମନ୍ତ୍ରୀଙ୍କ ଭିତରେ ଯେଉଁ କଥୋପକଥନ ହୋଇଛି ସେଥିରେ ଲୋକକଥା ଶୈଳୀର ସ୍ୱରୂପ ଆମେ ଲକ୍ଷ୍ୟ କରିବା। ଅତି କଳ୍ପନା ବା ଫାଣ୍ଟାସୀ ବହୁଳତା ଲୋକ କାହାଣୀର ଅନ୍ୟ ଏକ ବୈଶିଷ୍ଟ୍ୟ। ନାଟକରେ ଓଟମୁହାଁ ପ୍ରଜା, ଦେବୀ ଭଳି ମୂକ ତଥା ଅଲୌକିକ ଶକ୍ତିଧାରିଣୀ ଚରିତ୍ର, ରାଣୀଙ୍କ ପୁତ୍ତଳିକା ପରି ନିର୍ବାକ ବ୍ୟବହାର ଆଦିରେ ଅତିକଳ୍ପନାର ପ୍ରୟୋଗ ପରିଲକ୍ଷିତ ହୁଏ। ଲୋକକାହାଣୀର ପ୍ରାଥମିକ ଧାଡ଼ିରୁ ଶ୍ରୋତା ମନରେ ଉତ୍କଣ୍ଠା ସୃଷ୍ଟି କରାଯିବା ଭଳି ନିରଞ୍ଜନ ସଂଳାପରେ

ପାଠକ ଏକଥା ଲକ୍ଷ୍ୟକରେ।

'ନିରଞ୍ଜନ: ସେ ଗୋଟିଏ ଅଗନା ଅଗନି ବନସ୍ତ। ସେଇଠି ଅଛି ଗୋଟିଏ ନଣ୍ଡା ପର୍ବତ। ଏକପାଦିଆ ରାସ୍ତାରେ ପାହାଡ଼ ଉଠିଲେ, ନଗାନଗି ହୋଇ ତିନୋଟି ତାଳ ଗଛ। ତାଳଗଛ ପାଖରେ ଗୁମ୍ଫା। ଗୁମ୍ଫା ଭିତରେ ବସିଥିଲା.....'(୨)

**ମଞ୍ଚାନୁରାଗ**

ଦର୍ଶକଙ୍କୁ ମଞ୍ଚ ପ୍ରତି ଓ ନାଟକ ପ୍ରତି ଆକୃଷ୍ଟ କରାଇବା ପାଇଁ ନାଟ୍ୟକାରମାନେ ପ୍ରଚେଷ୍ଟା କରିଥାନ୍ତି। ପାରମ୍ପରିକ ଓଡ଼ିଆ ଲୋକଗୀତ, ଲୋକ ଗଳ୍ପର ଶୈଳୀ, ପ୍ରାଚୀନ ଛନ୍ଦର ପ୍ରୟୋଗ ନାଟକରେ ପରିଲକ୍ଷିତ ହେଉଛି। ନାଟକରେ ସଂଯୋଜିତ ଜାତୀୟ ସଂଗୀତଟି ବାରମ୍ବାର ଗାନ କରାଯାଇଛି ଓ ଏହା ଲୋକଗୀତର ଛନ୍ଦରେ । ଗୀତଟି ହେଉଛି:-

'ଓଟପରି ଜୀବ ନାହିଁରେ ଭାଇ
ଶାନ୍ତି ତୁ ପାଇବୁ ଯା' ଓଟ ହୋଇ।
ପିଠିରେ କୁଜାଟା କି ମନୋହର
ତୋ ନିରୀହ ଆଖି ଭାରି ସୁନ୍ଦର।'

**ପାରମ୍ପରିକ ଓଡ଼ିଆ ଲୋକଗୀତ, ଲୋକ ଗଳ୍ପର ଶୈଳୀ, ପ୍ରାଚୀନ ଛନ୍ଦର ପ୍ରୟୋଗ ନାଟକରେ ପରିଲକ୍ଷିତ ହେଉଛି।**

ନାଟ୍ୟକାର ଗତାନୁଗତିକ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଏକ ବିଦ୍ରୋହର ଆହ୍ୱାନ କରିଛନ୍ତି। ସବୁ କାଳରେ କ୍ଷମତାସୀନ ବ୍ୟକ୍ତିମାନେ ଏକାପରି ଆଚରଣ ପ୍ରଦର୍ଶନ କରନ୍ତି। ଏହି ନାଟକର ଭାଷା ପ୍ରତୀକାତ୍ମକ ଓ ବ୍ୟଞ୍ଜନାଧର୍ମୀ। ନାଟକର ଆଙ୍ଗିକରେ ଲୋକକଥା ଶୈଳୀର ପ୍ରୟୋଗ ବେଶ୍ ହୃଦୟସ୍ପର୍ଶୀ। ସିଂହାସନ ସର୍ବସ୍ୱ ରାଜାମାନଙ୍କର ସ୍ୱେଚ୍ଛାଚାରିତା ଓ ଶାସନ ବ୍ୟବସ୍ଥାକୁ ବ୍ୟଙ୍ଗାତ୍ମକ ଶୈଳୀରେ ନାଟକରେ ପରିବେଷଣ କରାଯାଇଛି। ନାଟ୍ୟକାର ରତିରଞ୍ଜନ ମିଶ୍ରଙ୍କର 'ସତର୍କସଂଘମିତ୍ରା'ରେ ମିଥ୍ ସହ ଲୋକନାଟ୍ୟ ଶୈଳୀର ବ୍ୟବହାର ଦେଖିବାକୁମିଳେ। ପୁରାଣ, ଇତିହାସରୁ ଏହାର କାହାଣୀ ସଂଗୃହୀତ ହୋଇଛି। କ୍ଷମତା ପାଇଁ ମଣିଷ ମଣିଷର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଗ୍ରାମବାସୀଙ୍କ କଳହ ମାଧ୍ୟମରେ ପ୍ରତିଫଳିତ ହୋଇଛି। ବହୁକାଳରୁ ଚଳି ଆସୁଥିବା ଘୃଣ୍ୟ ପ୍ରଥା ବିରୋଧରେ ପ୍ରତିବାଦର ସ୍ୱର ଏଥିରେ ଦେଖିବାକୁ ମିଳିଥାଏ। ନାଟକରେ ଲୋକ ଉପାଦାନର ପ୍ରୟୋଗ ଦ୍ୱାରା ନାଟକ ଦର୍ଶକମାନଙ୍କ ନିକଟତର ହୋଇପାରିଲା। ତାଙ୍କର 'ଦେଖ ବର୍ଷା ଆସୁଛି'ରେ ଲୋକଗୀତ ଓ ଦାସକାଠିଆ ଶୈଳୀ ପରିଲକ୍ଷିତ ହୋଇଥାଏ। ରୂପାନ୍ତରୀକରଣ ଧାରା ଏହି ସମୟର ପ୍ରାୟ ନାଟକ କ୍ଷେତ୍ରରେ ଦେଖାଯାଇଥାଏ। ଯିଏ କୃଷକ, ସେ ସାହୁକାର ହୋଇଯାଏ, ଯିଏ ଶ୍ରମିକ ସେ ହିଁ ମାଲିକ ହୋଇଯାଏ ପରବର୍ତ୍ତୀ ମୁହୂର୍ତ୍ତରେ। ଲୋକଗୀତର ମନୋରମତା ସହ ଦର୍ଶକ ନିଜକୁ ଏକାତ୍ମ କରିନିଏ। 'ସୀତା' ନାଟକରେ ଲୋକନାଟ୍ୟ ଶୈଳୀ ସହ ମିଥ୍‌ର ସମନ୍ୱୟ ରହିଛି। ଲୋକକାହାଣୀ ଅନୁସାରେ ଚାରିଜଣ ବନ୍ଧୁ ଦେଶ ଭ୍ରମଣରେ ଯାଇଥିବା ସମୟରେ ସେମାନଙ୍କ ଦ୍ୱାରା ଗଠିତ ପିତୁଳାରେ ଜୀବନ ଦାନକରି ତାହାର ଉତ୍ତରାଧିକାରୀ କିଏ ହେବ ସେ ନେଇ ବିବାଦ କରନ୍ତି। ଆଧୁନିକ ସମୟର ଚାରିଜଣ ବେକାର ଯୁବକଙ୍କ ମାନସିକତାର ଚିତ୍ରଣ କରାଯାଇଛି। "ସୀତାକୁ ଏଠାରେ ଅର୍ଥ, କୌଳିନ୍ୟ, ପ୍ରତିପତ୍ତି ଓ ପ୍ରତିଷ୍ଠାର ପ୍ରତୀକ ରୂପେ ଗ୍ରହଣ କରିନିଆଯାଇଛି। ସମସ୍ତେ ତାକୁ କାମନା କରନ୍ତି, ମାତ୍ର ପାଆନ୍ତି କେତେଜଣ ?"(୩ )

**ଦାସକାଠିଆ ଲୋକଶୈଳୀ**

ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ମହାନାଟକ'ରେ ଦାସକାଠିଆ ଲୋକଶୈଳୀର ପ୍ରୟୋଗ ଆକର୍ଷଣୀୟ ହୋଇପାରିଛି। ଆରମ୍ଭରେ ଦୁଇଜଣ ଗାୟକ ଓ ପାଳିଆ ଦାସକାଠିଆ ବଜାଇ ଗୀତ ବୋଲିଛନ୍ତି। ରାଜା ବଜ୍ରବାହୁଙ୍କର ଅସମ୍ଭବ ରାଜ୍ୟ ଶାସନ ପଦ୍ଧତି ନାଟ୍ୟକାରଙ୍କ ଭାଷାରେ ଅନନ୍ୟ ରୂପ ଧାରଣ କରିଛି। ସଂଳାପରେ ଗୀତିନାଟ୍ୟ ଶୈଳୀର ବ୍ୟବହାର ନାଟକର ଅନ୍ୟ ଏକ ବିଶେଷତ୍ୱ। ଏକ ଉଦାହରଣ ନିଆଯାଇପାରେ।

କେତକୀଗନ୍ଧା- 'ଦେଇକି ପାରିବ ସଖୀ ଆଞ୍ଜୁଳାଏ ଶିଶୁର କାନ୍ଦଣା
କିଛି ଭଙ୍ଗା ଅଭିମାନ ଅଝଟ ପଣିଆ
ଦେଇ କି ପାରିବ ମତେ ମାତୃତ୍ୱର ଅଭିଶାପ
ପ୍ରଥମ ଯନ୍ତ୍ରଣା ?'

ନାଟ୍ୟକାର କାର୍ତ୍ତିକ ରଥଙ୍କର 'ବହ୍ନିମାନ', 'ଶୁକଶାରୀ କଥା' ଆଦି ନାଟକରେ ଲୋକ ଉପାଦାନର ପ୍ରୟୋଗ ଲକ୍ଷ୍ୟ କରାଯାଏ।' 'ବହ୍ନିମାନ' ନାଟକର ପ୍ରଥମ ଅଧ୍ୟାୟରେ ବୈଷ୍ଣବ

ପାଣିଙ୍କ ଗୀତିନାଟ୍ୟ ଶୈଳୀର ସଂଗୀତ ପରିବେଷଣ କରେ ସୂତ୍ରଧର। ଉଦାହରଣ ସ୍ୱରୂପ –

'ଅବାଟ କଟକ ହାଟ ଲୋ ଅମୁହାଁ ନାଆର ଘାଟ
ମୁଁ ରାଜାର ଡଗର ଧାଏଁ ତର ତର ଛାଡ଼ିଦେ,
ଛାଡ଼ିଦେ ବାଟ ଲୋ
ଛାଡ଼ିଦେ ବାଘୁଣୀ ବାଟ।'

ତାଙ୍କର 'ଚଇତି ଘୋଡ଼ା'ରେ ନଟନଟୀ ଆଦି ଲୋକଚରିତ୍ରମାନଙ୍କ ସମନ୍ୱୟ ଓ 'ଶୁକଶାରୀ କଥା'ରେ ବାଘନାଚ ଶୈଳୀ ରହିଛି।

ସୁବୋଧ ପଟ୍ଟନାୟକଙ୍କର 'ଏଥୁ ଅନ୍ତେ' ନାଟକର ଘଟଣା ଓ ଚରିତ୍ର ନିର୍ମାଣରେ ରାଜବଂଶୀୟ ପରିବେଶର ଚିତ୍ର ରହିଛି। ରାଜା, ମନ୍ତ୍ରୀ, କଟୁଆଳ, ପୁରୋହିତ ପ୍ରଭୃତିଙ୍କ ଚରିତ୍ର ଚିତ୍ରଣ କରାଯାଇ ସାଂପ୍ରତିକ ରାଜନୀତି, ଶାସନ ବ୍ୟବସ୍ଥା ପ୍ରତି ତୀବ୍ର କଟାକ୍ଷ ରହିଛି ନାଟକରେ। ନାଟକର ଆଙ୍ଗିକରେ ଯାତ୍ରାଶୈଳୀକୁ ସଂପୂର୍ଣ୍ଣ ରୂପେ ଅନୁସରଣ କରାଯାଇଛି। ଏଥିରେ ଫାଣ୍ଟାସୀର ବ୍ୟବହାର ଚମତ୍କାର ହୋଇପାରିଛି। ସଂଳାପରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ବିଦ୍ରୂପାତ୍ମକ ଦୃଷ୍ଟି ରହିଛି। ରାଜା ଯେତେ ଚାହିଁଲେ ବି ପୁରୁଣା ଏଷ୍ଟାବ୍ଲିସମେଣ୍ଟକୁ ଭାଙ୍ଗି ନୂଆ ଗଢ଼ିବା ପାଇଁ ସମର୍ଥ ହୋଇପାରି ନାହାନ୍ତି।




ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ'ରେ ଦାସକାଠିଆ ମାଧ୍ୟମରେ କାହାଣୀ ଆରମ୍ଭ ହୋଇଛି। ଲୁପ୍ତପ୍ରାୟ ଲୋକ କଳାକୁ ଆଙ୍ଗିକରେ ରଖି ନାଟକ ଲେଖିବା ଉପରେ ଗୁରୁତ୍ୱ ଦିଆଗଲା। 'ଶୁଣ ପରୀକ୍ଷ ଦଣ୍ଡଧାରୀ' ନାଟକରେ ନାୟକ ହେଉଛି ରିକ୍ସାବାଲା ପରୀକ୍ଷିତ ସେଠୀ। ସେ ନୈତିକ ମୂଲ୍ୟବୋଧରେ ବିଶ୍ୱାସୀ। ସମଗ୍ର କାହାଣୀରେ ଫାଣ୍ଟାସୀର ପ୍ରୟୋଗ ଲକ୍ଷ୍ୟ କରାଯାଏ। ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ଆଇନକୁ କିପରି ଯଥେଚ୍ଛା ଭାବରେ ବ୍ୟବହାର କରାଯାଏ, ନାଟକରେ ପରିବେଷିତ।

## ମହାଭାରତର ମିଥ୍

ବିଜୟ ଶତପଥୀଙ୍କ 'କର୍ଣ୍ଣ' ନାଟକରେ ମହାଭାରତର କର୍ଣ୍ଣ ଚରିତ୍ରର ମିଥ୍କୁ ସାଂପ୍ରତିକ ସମାଜ ପରିପ୍ରେକ୍ଷୀରେ ଚିତ୍ରଣ କରାଯାଇଛି। ମହାଭାରତ କାହାଣୀର ସାମ୍ୟତା ଏହି ନାଟକରେ ରହିଛି। ଏହି ଚରିତ୍ରଗୁଡ଼ିକ ପୌରାଣିକ ପୃଷ୍ଠଭୂମିର ଊର୍ଦ୍ଧ୍ୱରେ ଆଧୁନିକ ସମାଜରେ ମଧ୍ୟ ବିଚରଣ କରୁଛନ୍ତି। ସେହିପରି 'ଶୋଣିତ ସ୍ୱାକ୍ଷର' ନାଟକରେ ନଟନଟୀ, ସୂତ୍ରଧର ଖୁଲଣା ସୁନ୍ଦରୀ ମିଥର ବ୍ୟବହାର ରହିଛି।' କାରାଗାରର କାହାଣୀ' ନାଟକରେ କାରାଗାରକୁ ନେଇ ତିନୋଟି ଭିନ୍ନ ଘଟଣାର ସଂଯୋଜନା କରାଯାଇଛି। ଶ୍ରୀକୃଷ୍ଣଙ୍କ ଜନ୍ମ କାରାଗାରରେ, କଂସର ଅତ୍ୟାଚାରରୁ ପୃଥିବୀକୁ ରକ୍ଷାକରିବା ନିମନ୍ତେ। ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିବା, ସ୍ୱାଧୀନତା ପରେ ଅର୍ଥ ଆତ୍ମସାତକରି ଜେଲ୍ ଯିବା ଆଦି ତିନୋଟି ଯାକ କଥାରେ କାରାଗାର ପ୍ରତ୍ୟକ୍ଷଦର୍ଶୀ ହୋଇଛି। 'କଂସର ଆତ୍ମା'ଏକମିଥ ଧର୍ମୀ ନାଟକ। ସମସ୍ତ ଅନ୍ୟାୟ, ଅତ୍ୟାଚାରର ପ୍ରତୀକ ରୂପେ ଉଭାହୁଅନ୍ତି କଂସ। ରାଜା ଅନ୍ଧକ ଓ ବ୍ୟବସାୟୀ ଅନ୍ଧଲୋଚନ ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ। ବ୍ୟକ୍ତିସତ୍ତା ବଦଳିଲେ ମଧ୍ୟ ଶୋଷଣର ପରିଭାଷା ପରିବର୍ତ୍ତିତ ହୋଇନାହିଁ।

ନାଟ୍ୟକାର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ 'କଲୁରୀବେଣ୍ଟ' ନାଟକରେ ସାଂପ୍ରତିକ ସମାଜରେ ଅବକ୍ଷୟମୁଖୀ ମୂଲ୍ୟବୋଧର ଚିତ୍ର ଦେଖିବାକୁ ମିଳେ। କଲୁରୀବେଣ୍ଟ ଲୋକକଥାର ମର୍ମକୁ ନେଇ ଏହି ନାଟକର କାହାଣୀ ଗତିଶୀଳ। "ଡକ୍ଟର ହରିଚନ୍ଦନଙ୍କ ଦୃଷ୍ଟିକୋଣ ସଂପର୍କରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ସେ ଏବେବି ଗ୍ରାମ-ଉତ୍କଳର ସେଇ ଶସ୍ୟଶ୍ୟାମଳା ଅବିକୃତ ପ୍ରକୃତିର ମୁକୁଳା ଆକାଶରେ ନିଃଶ୍ୱାସ ନେଉଛନ୍ତି। ତାହାହିଁ ତାଙ୍କର ନିଜସ୍ୱ ଇଲାକା। ସେଇଠି ସେ ସ୍ୱଚ୍ଛନ୍ଦ, ସହଜ ଏବଂ ସାବଲୀଳ। କଂକ୍ରିଟର ଜଙ୍ଗଲ, ବିଭିନ୍ନ ପ୍ରକାର 'ବାଦ' ରଶିକୁଳି, ସୀମିତ ଆକାଶ ପ୍ରଭୃତି ତାଙ୍କୁ ଅସ୍ୱସ୍ତିରେ ପକାଏ।" (୪) ମୂଳକାହାଣୀରେ କୁଆଟି ଯେମିତି ସମସ୍ତଙ୍କଠାରୁ ପ୍ରତାରିତ ହୋଇଛି, ସେହିପରି ନାଟକରେ ଚୌକିଦାର ଗୁରୁଚରଣ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଛି। କାହାଠାରୁ ସାହଯ୍ୟ ପାଇନାହିଁ। ପ୍ରତ୍ୟେକ ଦୃଶ୍ୟର କୋରସ ଆସି ଗାଉଛନ୍ତି:

"କା କା କା /ଆକାଶୀଫଳ କଲୁରିବେଣ୍ଟ ଖା ଖା/ ଯୁଆଡ଼େ ଯିବ ସିଆଡ଼େ ଖାଲି ନା ନା ନା/"

'ମଇଁଷିର ପାଖ ନଯାଅ ଦନାଇ' ନାଟକରେ ମୁଖ୍ୟ ଚରିତ୍ର ଜନାର୍ଦ୍ଦନ ସବୁ କ୍ଷେତ୍ରରେ ଭୟଭୀତ ଜୀବନ ଅତିବାହିତ କରୁଛି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ସୁଯୋଗ ପାଉନାହିଁ। ପରିଶେଷରେ ପ୍ରେମିକା ରୀନା ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ ସ୍ୱରୂପ ସେ ମୁହଁ ଖୋଲିଛି। 'ଚିରଦିନ ଏକ କଳ୍ପିତ ଅରଣା ମଇଁଷିକୁ ଭୟକରି ମୂଷା ପାଲଟି ଯାଇଥିବା ଜନାର୍ଦ୍ଦନ ହଠାତ୍ ତା'ର ଶିଙ୍ଗର ଶକ୍ତି ପରୀକ୍ଷା କରିବାକୁ ଆଗେଇ ଆସୁଛି।' (୫)

## ଗୋଇଠା ବାବା

ରଣଜିତ ପଟ୍ଟନାୟକଙ୍କର 'ଗୋଇଠା ବାବା' ନାଟକରେ ନିର୍ଯାତିତ ଗୋଷ୍ଠୀର ମନୁଷ୍ୟ ଗୋକୁଳ ନିଜଠାରେ ହଠାତ୍ ଦିବ୍ୟଶକ୍ତିର ସନ୍ଧାନ ପାଉଛି। ତାର ଗୋଇଠା ମାଡ଼ରେ ସକଳରୋଗ ଦୂର ହୋଇଯାଉଛି, ସବୁକଥା ପୂରଣ ହେଉଛି ଏପରି ଏକ ପ୍ରଚାର ହୋଇଛି। ଏପରିକି ମନ୍ତ୍ରୀ ମଧ୍ୟ ଗୋଇଠା ପାଇବା ପାଇଁ ଆସି ପହଞ୍ଚିଛନ୍ତି। ତୀବ୍ର କଟାକ୍ଷ ମାଧ୍ୟମରେ ସାଂପ୍ରତିକ ସମାଜର ଚିତ୍ର ନାଟକରେ ପ୍ରତିଫଳିତ।

**ଉତ୍ତର ଆଧୁନିକ ନାଟକରେ ଅତୀତ-ମୁଖୀନତା ଏକ ସ୍ମରଣୀୟ ଦିଗ।**

ନାଟ୍ୟକାର ନାରାୟଣ ସାହୁ ଓଡ଼ିଆ ନାଟକ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ। ଉତ୍ତର ଆଧୁନିକତାର ଚେତନା ତାଙ୍କ ନାଟକରେ ପ୍ରତିଫଳିତ ହୋଇଛି। ତାଙ୍କର 'ଆଶ୍ରା ଖୋଜୁଥିବା ଈଶ୍ୱର' ନାଟକରେ ଧର୍ମ ନାମରେ ଯୁଗଯୁଗ ଧରି ଚାଲିଥିବା ନିମ୍ନ ମାନସିକତା ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି। ମିଥ୍ଧର୍ମୀ ପୃଷ୍ଠଭୂମିରେ ରାଜାରାଣୀଙ୍କ କାହାଣୀ ରହିଛି। 'ସୁବର୍ଣ୍ଣ ସକାଳ' ନାଟକରେ ଐତିହାସିକ ସଂସ୍କୃତି ସଂପନ୍ନ ସହର କଟକରେ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା ବ୍ୟବସ୍ଥାର ବିପର୍ଯ୍ୟସ୍ତ ଅବସ୍ଥା ଲକ୍ଷ୍ୟକରି ରାଜା ମର୍କତ କେଶରୀ ଓ ବାଇମୁଣ୍ଡି ମର୍ମାହତ ହୋଇଛନ୍ତି। 'ଅପରାହ୍ନର ଅବସୋସ' ନାଟକରେ ବିଲୁପ୍ତ ରାଜତନ୍ତ୍ରର ଉତ୍ତରାଧିକାରୀ ରାଜା ଭାନୁପ୍ରତାପ ନିଜର ମିଥ୍ୟା ଅହମିକାକୁ ଛାଡ଼ିପାରି ନାହାନ୍ତି। ସେଇ ମାନସିକତାକୁ ଧାରଣକରି ପରିଶେଷରେ ସେ ମୃତ୍ୟୁବରଣ କରିଛନ୍ତି, କିନ୍ତୁ ସାଲିସ କରିପାରି ନାହାନ୍ତି।

ଉତ୍ତର ଆଧୁନିକ ନାଟକରେ ଅତୀତ ମୁଖୀନତା ଏକ ସ୍ମରଣୀୟ ଦିଗ। ଆମର ଗୌରବାବହ ସମୃଦ୍ଧ ଅତୀତ, ପୌରାଣିକ ଉପାଖ୍ୟାନ, ଐତିହ୍ୟ, ପରମ୍ପରା ଆଦିର ସମନ୍ୱୟ ନାଟକର ପରିସରକୁ କଲ୍ଲୋଳିତକଲା। ମଞ୍ଚବିରାଗୀ ଜନତାଙ୍କୁ ପୁନର୍ବାର ମଞ୍ଚାନୁରକ୍ତ କରିବାରେ ସକ୍ଷମ ହେଲା। ଆମ ସଂସ୍କୃତି କଳାନୈପୁଣ୍ୟକୁ ନୂତନ ଶୈଳୀରେ ଉପସ୍ଥାପନ କରାଗଲା। ପାରମ୍ପରିକ ମୂଲ୍ୟବୋଧକୁ ଆଧୁନିକତାର ଆବରଣ ମଧ୍ୟରେ ଖଞ୍ଜି ସୁସଜ୍ଜିତ କରି ମଞ୍ଚରେ ଉପସ୍ଥାପନ କରାଗଲା। ଲୋକଉପାଦାନର ସଂଯୋଜନା ନାଟକକୁ ନୂତନ ରୂପ ପ୍ରଦାନ କରିଛି। ନାଟ୍ୟକାର ମାନେ ବିଭିନ୍ନ ନାଟକରେ ପରୀକ୍ଷା ନିରୀକ୍ଷା ଅବ୍ୟାହତ ରଖିଛନ୍ତି।

**ସହାୟକ ଗ୍ରନ୍ଥ ସୂଚୀ:**

୧) ଜୈନ, ନେମିଚନ୍ଦ୍ର, ନଟରଙ୍ଗଅଙ୍କ -୩, ସଂପାଦକୀୟ, ପୃ-୨
୨) ମିଶ୍ର,ବିଜୟ, ଜଣେ ରାଜା ଥିଲେ, ପୃ-୬୭
୩) ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ, ଦ୍ୱିତୀୟ ଭାଗ, ଏସବି ପବ୍ଲିକେଶନ,ପୃ-୫୪୯
୪) ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକ ଓ ରଙ୍ଗମଞ୍ଚ, ଓଡ଼ିଶା ବୁକ୍ ଷ୍ଟୋର,ପୃ-୨୮୮
୫) ଦାସ, ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ବିଦ୍ୟାପୁରୀ, ପୃ-୨୬୭

□□

ଲେଖିକାଙ୍କ ଇ-ମେଲ ଠିକଣା:
jyotsnaranikar3@gmail.com



'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି।
ଏହାର କେତେକ ଉପାଦେୟ ଲେଖା ତୁରନ୍ତ
ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କ୍‌କୁ ଯାଆନ୍ତୁ :
www.sahityacharcha.com

**ଅଣୁ ନାଟକ**

# କାମବାଲୀ



ଆରାଧନା ମିଶ୍ର

ସକାଳର ପାର୍କରେ ଏକ କୋହଲା ପରିବେଶ। କିଏ ହନୁମାନ ଚାଳିଶା ଲଗେଇ ଚାଲୁଛି ତ ଦଳେ ଓଡ଼ିଆ ଗୀତ ଲଗେଇ ଦୌଡୁଛନ୍ତି। ଘାସର ଗାଲିଚା ଉପରେ ଆଉ ଦଳେ ଗମ୍ଭୀର ଯୋଗାସନ କରୁଛନ୍ତି। ଛୁଆମାନେ ତାଙ୍କ ପାଇଁ ତିଆରି ହେଇଥିବା ଝୁଲାରେ ଝୁଲୁଛନ୍ତି; ଅନତିଦୂରରେ ସିକ୍ୟୁରିଟି ଗାର୍ଡ ଠିଆ ହେଇ ଦେଖୁଛି, ସୁବିଧା ପାଇ ଛୁଆଙ୍କ ବାପା କି ମା' ସେ ଝୁଲାରେ ବସି ନପଡ଼ନ୍ତି ଯେମିତି। ଚଲାରାସ୍ତା ପାଖରେ ଦୁଇଟି ବେଞ୍ଚ, ଗୋଟିଏ ପୂର୍ବକୁ ମୁହଁ କରିଛି ତ ଆରଟା ଉତ୍ତରକୁ। ତିନିଜଣ ମହିଳା ବସି ଗପ ଲଗେଇଛନ୍ତି, ଜଣେ ଚଲାପଥରୁ ଓହରି ଆସି ସେମାନଙ୍କ ପାଖରେ ବସିଲେ।



ସଞ୍ଜୁ- କିଲୋ ! ତୋର ଚାରି ରାଉଣ୍ଡ୍ ପୁରା ହେଇଗଲା ?

ମୋନା- ନାଇଁ। ଦୁଇଥର କଲି। କି ଗରମ ! ହଂସା ଉଡ଼ିଯିବ। ଘରେ ପୁଣି ଆଜି ବେଜାଏ କାମ। ଚାକରାଣୀ ଆସିବନି।

ଡିଲୁ- ଚାକରାଣୀ ! ତା'ର ନାଁ ନାହିଁ କି ? ତା' ନାଁ ପରା ତାରା। 'ତାରା ଆସିବନି ' କହୁନୁ !

ମୋନା- ତୁ ସିନା ଜାଣିଛୁ ତା' ନାଁ। ଏମାନେ (ଆର ଦୁହିଁଙ୍କୁ ଦେଖେଇ) କେମିତି ବୁଝିବେ ?

ଡିଲୁ- ଇଲୋ ମାଁ! ଫୋନ୍‌ରେ କଥା ହେଉ ହେଉ ଯଦି ତା' ଆଗରେ ଭୁଲ୍‌ରେ ସେ 'ଚାକରାଣୀ' ଶବ୍ଦ ବାହାରିଗଲା, ତାପରେ ତା'ମୁହଁ ଫଣଫଣ କଣ ଦେଖିବୁ! ମୁଁ ସେଥିପାଇଁ ସବୁଠି ତା'ନାଁ କହେ ଲୋ ମା'।

ସଞ୍ଜୁ- ସତରେ,ଏବେ ଏମାନେ ଯାହା ହେଉଛନ୍ତି ନା! ଗୋଟିଏ ପଦ କହିଲେ ଚାରି ପଦ ଶୁଣେଇ ଦେଉଛନ୍ତି। ସେମାନେ ଯାହା ବି କଲେ ଚୁପ୍ ହେଇ ଦେଖ ।

ଲିନା- ଏତେ ଡରିବାର କଣ ଅଛି ! ଆଜିକାଲି ସବୁକାମ ପାଇଁ ମେସିନ୍ ଆସିଲାଣି। ନିଜ କାମ ନିଜେ କର, ଏମାନଙ୍କ ଉପରେ ଏତେ ନିର୍ଭର କାହିଁକି !

ଡିଲୁ- ଯେତେ ମେସିନ୍ ଆସୁ କାମ ପାଇଁ ତ ଏମାନଙ୍କ ଉପରେ ନିର୍ଭର କରିବାକୁ ହିଁ ହେବ। ଡିସ୍ ଓ୍ୱାସର, ଓ୍ୱାଶିଂମେସିନ୍, ଘର ସଫା ପାଇଁ ବି ଇଉରେକା ଫୋର୍ବସର ରୋବୋ ସବୁ କିଣା ହେଇଛି, କିନ୍ତୁ ଏମାନଙ୍କ ବିନା କାମ ଚଳିବନି। ଅସମ୍ଭବ ! ସେସବୁ ଦେଖା ସୁନ୍ଦର କଖାରୁବଡ଼ି।

ଲିନା- କଣ କଖାରୁବଡ଼ି ମ! ମେସିନ୍ ତ ବେଶି ସଫା କରି ଥୋଇବ। ଉତ୍ତର ଦେବନି। କି ବକ୍‌ବକ୍ ବି ହେବନି।

ଡିଲୁ - (ଉଠି-ଠିଆ ହେଇ)। ମୁଁ ଯାଏଁ ଲୋ। ସାତଟା ଉପରେ ହେଲାଣି। ସେ ମହାରାଣୀ ଆସିଯିବ। ମୁଁ ନଥିଲେ ଫେରିଯିବ ଯଦି ପୁଣି ଆସିବ କି ନାଇଁ !

ତରତରରେ ବାହାରିଗଲେ ଡିଲୁ।

ଲିନା- (ଟିକିଏ ଆଶ୍ଚର୍ଯ୍ୟ ହେଇ) ଏତେ କ'ଣ ନିର୍ଭରଶୀଳ କାମବାଲୀ ଉପରେ ! ମେସିନ୍ ଅଶୀ ପ୍ରତିଶତ କାମ କଲେ ନିଜେ କୋଡ଼ିଏ ପ୍ରତିଶତ କାମ କରିବନି ?

ମୋନା -(ଟିକେ ହସି) ମେସିନ୍ କ'ଣ ପାଖ ପଡ଼ୋଶୀଙ୍କ ଘରକଥା ଆସି କହିବ !

ସଞ୍ଜୁ ଜୋର୍‌ରେ ହସି ଉଠିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
aradhanam62@gmail.com



କବିତା

# ଧୂଳିଖେଳ

ପ୍ରଦୀପ କୁମାର ପଣ୍ଡା

ବିଫଳ ହେଲି ବୋଲି ଭାବିବି କାହିଁକି ?
ତପସ୍ୟା ତ କରୁନଥିଲି,
ଶୂନ୍ୟ ଚିତ୍ର ଆଙ୍କୁଥିଲି,
ଆଙ୍କୁ ଆଙ୍କୁ ପାଇଗଲି ଯଦି ବିନ୍ୟାସଟିଏ
ପୂର୍ଣ୍ଣ ହେଲି ବୋଲି ଭାବିବି କାହିଁକି ?

ଖୁସି ଖୁସି ପିନ୍ଧିଥିଲି ଦିକ୍,
ନଗ୍ନ ଦିଶିଲା ଯଦି ବସୁଧା
ଅନ୍ଧ ହେବି କାହିଁକି ?
ହଟିଗଲା ଶିରପା, ରଙ୍କ ହେବି କାହିଁକି !

ବରଷୁଛି ପାଣି ବାହୁଛି ଡଙ୍ଗା
ଡଙ୍ଗାରେ ଶତେକ ଛିଦ୍ର
ଶିରା ଧମନୀରେ ବହୁଛି ରକ୍ତ,
ଆଉ କୂଳରେ ଯଦି ଅଛି ପୂର୍ଣ୍ଣଚ୍ଛେଦ
ବ୍ୟାକୁଳ ହେବି କାହିଁକି ?


ପାଦ ପଥର ହାତରେ କଇଁ
ନାନା ଜାତି ରକ୍ତିମତାରେ ତୋଳିଛି ଘର
ଆସ୍କୁଟୁ ବାସ୍କୁଟୁ ପଢୁଛି ମନ୍ତ୍ର
ଉବୁଟୁବୁ ହେଉଛି ଯେଉଁ ଶବ୍ଦ ବଡ଼ି ନଈରେ
ଉଦ୍ଧାର କରିବାକୁ ତାକୁ ସାହସ ବାନ୍ଧିଛି
କି ପାପ କରିଛି !
ପ୍ରାୟଶ୍ଚିତ କଥା ଭାବିବି କାହିଁକି ?

କଙ୍କାଳଙ୍କ ଶୋଭାଯାତ୍ରାରେ
ଅନ୍ୟତମ କଙ୍କାଳ ହୋଇ ରଟୁଛି ଜୟ ଜୟ
କାହାରିକି ଚିହ୍ନେନା ମୁଁ,
ମଣିଷକୁ କିଏ ଚିହ୍ନେ !
ଏତେ ଟିକିଏ ତା'ର ଅହଂକାର ପ୍ରଳୟ ପ୍ରଳୟ
ଏତେ ଟିକିଏ ତା'ର ଭରସା ଅଥଳ ଅଥୟ।

ଦିଅ ଦିଅ,
ଅଛି ଯଦି ତୁମ ପାଖରେ ଆଉ ପୃଥିବୀର ଠିକଣା, ଦିଅ
ଗଲା ଆଇଲା କଥା ନୁହେଁ
କାନ୍ଧରେ କାଳର ଭାର, ଜିଇଁବା ମରିବା କଥା ନୁହେଁ
ସେଇଠି ହିଁ ଆରମ୍ଭିବି ତପସ୍ୟା
ବାରମ୍ବାର ବିଫଳ ହେବି
ଫେରି ଆଇବି ଏଇ ପୃଥିବୀକୁ
ଥରକୁ ଥର
ଧୂଳି ଖେଳିବି।

□□

କବିଙ୍କ ଇ-ମେଲ ଠିକଣା:
dr.pradip55@gmail.com



ଗଳ୍ପ

# ଦୁଇଟି ମିନିଗପ



ଲୋପାମୁଦ୍ରା ପରିଡ଼ା

## ଟ୍ରାଫିକ

ଘୋ ଘୋ ଟ୍ରାଫିକକୁ ଠେଲିପେଲି ଫିଙ୍ଗିଦେଇ ଘରେ ପଶିଲା ବେଳକୁ ରାତି ନଅ। କୁନିଝିଅ ଅଙ୍କୁ କଷୁଥାଏ ରଙ୍ଗିନ୍ ରିଉବିକ୍ କ୍ୟୁବର ଅଙ୍କ।

-ମାମା, ଆଜି ପୁଣି କେତେ ଡେରି।



- ହଁରେ ମା, ଆମେ ମଣିଷମାନେ ଚଢ଼େଇ ହନ୍ତେ କି, ଏଇ ଟ୍ରାଫିକ ଆମକୁ କଲବଲ କରିପାରନ୍ତା ନାହିଁ।

ଫିକ୍ କିନା ହସିଦେଇ ଅଙ୍କୁ କହିଲା

-ମାମା, ତୁମର ନା ମୁଣ୍ଡ କାମ କରୁନି। ଆମେସବୁ ଚଢ଼େଇ ହେଲେ ସେଇ ଆକାଶଟାରେ ବି ଏଇ ମଣିଷମାନେ ଟ୍ରାଫିକ ଜାମ୍‌ରେ ପେଲାପେଲି ହୁଅନ୍ତେ ନାହିଁ ନା?

ପିଲେ ଚନ୍ଦନ କାଠପରି। ଟୋପେ ପାଣି ଦେଇ ତାଙ୍କ ବୁଦ୍ଧି ଖାଲି ଟିକିଏ ରଗଡ଼ିଦିଅ, ମହକେଇଦେବେ ।

## ରଞ୍ଜା

ଶୁକୀ ପଚାରିଲା ଶୁକକୁ

'ହଇରେ, କ'ଣ କରିବା କିଛି ଭାବିଛୁ?'

- ସବୁ ନିଷ୍ପତ୍ତି କୋଉ ଆମ ହାତରେ ଥାଏ ! କର୍ମଫଳ କି ପ୍ରାରବ୍ଧ, ଈଶ୍ୱର ଭାଗ୍ୟ ଲେଖନ୍ତି କି ଜୀବ ଏକଥା ବି ଏବେ ଦ୍ୱନ୍ଦ୍ୱରେ ।

ଶୁକ ଡେଣା ଝାଡ଼ି ଉଡ଼ିଗଲା । କ୍ଷଣଟିଏ ପରେ, ଥଣ୍ଟରେ ହଳଦିଆ କେବୁଲ ତାର ଖଣ୍ଡେ ଧରି ଫେରିଆସିଲା। ତୃପ୍ତି ଝୁଲୁଥିଲା ତା ଚଞ୍ଚୁପୁଟ ଅଗରେ । ତା' ପରେ ସେ ଉଡ଼ାଣ ପରେ ଉଡ଼ାଣ ଭରିଲା । ଗଦେଇଦେଲା ତୁଳା ଠୁ ଯେ ଘାସ ଯାଏ । ଦିନଟା ଯାକର ପରିଶ୍ରମ ଠିଆ କରେଇଦେଇଥିଲା ଏକ ଅର୍ଦ୍ଧ ବୃତ୍ତାକାର ମଜଭୁତ ବସା ଠ ଠା ଖମ୍ବଟା ଉପରେ। ଶୁକୀ ଆଚମ୍ବିତ । ଶୁକ ହସିଲା ସମାଧାନର ହସ ।

- ହେଉ ପଛେ ନିକୁଛିଆ ଖମ୍ବ । ଏଇ ବସାରେ ପାଳିବା ଆମ ଶିଶୁ ଦିଟିଙ୍କୁ । ଜୀବନ ଖୋଜିନିଏ ରଞ୍ଜା, ଝଞ୍ଜା ଭିତରେ ବି।

ଶୁକୀ ଏବେ ଗର୍ବ କରୁଥିଲା ଶୁକ ପାଇଁ। ଚାରିପଟର ଘୁଁ ଘାଁ ନଭଶ୍ଚୁମ୍ବି କଂକ୍ରିଟ ଅଟ୍ଟାଳିକା ସବୁର ରଙ୍ଗ ବି ତାକୁ ହରିତ ହରିତ ଦିଶୁଥିଲା ।

□□

ଲେଖିକାଙ୍କ ଇ-ମେଲ ଠିକଣା:
Lopamudra.p2007@gmail.com



ଶିଶୁ ଗଳ୍ପ

# ଦୁଷ୍ଟ ବାବୁର ବୁଦ୍ଧି

ପ୍ରେମାନନ୍ଦ ନାୟକ

ଚାଲିଗଲା ଶଗଡ଼ରେ ହାତମାରିଦିଏ । ସକାଳ ହଉକି ସଂଜ, ଯାହାର ଗାଈଦୁହାଁ ହେଇନଥିବ, ସିଏ ଯାଇ ବାଛୁରି ଫିଟେଇଦିଏ । ତିଳବୁଢ଼ୀର କୁକୁଡ଼ା ଭାଡ଼ିରୁ ଅଣ୍ଡାନେଇ ଛଣଗଦା ଭିତରେ ଲୁଚେଇଦିଏ । ଏମିତି ବଦ୍‌ମାସୀ ସବୁଦିନ କରେ । ହେଲେ ଗାଁର ସବୁ ଲୋକ ତାକୁ ଭଲ ପାଆନ୍ତି । କୋଉଦିନ ତା' ବାପା-ମା'ଙ୍କୁ ପଦୁଟିଏ ବି କିଛି କହନ୍ତିନି । ଶ୍ରଦ୍ଧାରେ କିଏ ତାକୁ ଡାକେ ଦଣ୍ଡାବଲୁଙ୍ଗା, ଆଉକିଏ ଗଣ୍ଡିବାଲୁଙ୍ଗା । କିଏ ଡାକେ ବାଇଡ଼ଙ୍କ । ଆଉ ଜେନିଆଣି ବୁଢ଼ି ଡାକେ ଅବିସା । ବାପା ଡାକନ୍ତି 'ବାବୁନୁ' । ମା' ଡାକନ୍ତି ଧନ । ସାଙ୍ଗପିଲା ଡାକନ୍ତି ବାବୁ । ତାକୁ ଆଠ କି ନ' ବରଷ ହବ । ତୃତୀୟ ଶ୍ରେଣୀରେ ପଢୁଚି ।



ଯୋଗୀ କି ଭିକାରି ତାଙ୍କ ଘରଦୁଆର ମୁହଁରେ ଦେଖିଲେ ବାବୁ ଦୌଡ଼ିଯାଇ ଚୁଡ଼ା, ମୁଢ଼ି, ଚାଉଳ ଯାହାପାଏ ଆଣି ଦେଇଦିଏ । କାହାଘରେ କୁନିପିଲା କାନ୍ଦିଲେ ତା' କାନରେ ପଡ଼େ । ଦୌଡ଼ିଯାଇ ଏମତି ଅଙ୍ଗଭଙ୍ଗୀ କରେ ଯେ, ପିଲାଟି କାନ୍ଦ ବନ୍ଦକରି ହସିଉଠେ । ସ୍କୁଲକୁ ଗଲାବେଳେ ହଉ କି ଆସିଲାବେଳେ, ବଡ଼ ପାଟିରେ ଗୀତ ଗାଏ । ପୁନେଇ ସାହୁ ବୁଢ଼ା ତା' ଗୀତ ଶୁଣିଲେ କହନ୍ତି – ଦେଖରେ ଆମ ଗାଁ' କଳଗାଉଣା ଯାଉଚି ।

ସେଦିନ ରବିବାର ହେଇଥାଏ । ବାବୁ ସାଙ୍ଗ ପିଲାମାନଙ୍କ ସାଙ୍ଗରେ ଗା'ମୁଣ୍ଡ ପଡ଼ିଆରେ ଫୁଟବଲ୍ ଖେଳୁଥାଏ । ହଠାତ ତା'ର ନଜର ପଡ଼ିଲା, କାଳିଆ କୁକୁରଟା ଗୋଟେ କୁକୁଡ଼ାକୁ କାମୁଡ଼ିଧରି ବିଲଆଡ଼କୁ ଦୌଡୁଚି । ପଛରେ ପାଟିକରି ଦୌଡୁଚି ତିଳବୁଢ଼ୀ । ବାବୁ ସମ୍ଭାଳି ପାରିଲାନି । କୁକୁର ପଛରେ ଦୌଡ଼ିଲା । ତା' ସାଙ୍ଗମାନେ ବି ଦୌଡ଼ିଲେ । କୁକୁରକୁ ଦେଖିପାରିଲେନି । ବିଜୁଳି ଭଳିଆ କୁଆଡ଼େ ମିଳେଇଗଲା କେଜାଣି ! ତିଳବୁଢ଼ୀ ଦୌଡୁ ଦୌଡୁ ଝୁଣ୍ଟିପଡ଼ିଲା । ଦୌଡ଼ିଆସି ବାବୁ ତାକୁ ଉଠେଇଲା । ତିଳବୁଢ଼ୀ କାନ୍ଦିକାନ୍ଦି କହିଲା – ମୋ' ବଡ଼ ଗଂଜାଟାକୁ କାଳିଆ କୁକୁରଟାଏ ନେଇଗଲା । ମୁଁ କ'ଣ କରିବି ! ବାବୁ ତା' ସାଙ୍ଗମାନଙ୍କୁ ପଚାରିଲା – ଆମ ଗାଁରେ ତ କାହାର କାଳିଆ କୁକୁର ନାହିଁ । ଏ ନିଶ୍ଚେ ଆଉ କୋଉ ଗାଁର କୁକୁର ।

ଏଣିକି କାଳିଆ କୁକୁର ସବୁଦିନ ଗାଁରୁ କାହାର କୁକୁଡ଼ା ହଉକି ଛେଳିଛୁଆ, ମେଣ୍ଢାଛୁଆ ନେଇଗଲା । ଯେତେ ଗୋଡ଼େଇଲେ ତାକୁ ଧରିପାରିଲେନି । ଏ ଖବର ଆଖପାଖ ଗାଁରେ ହୁରିପଡ଼ିଲା । କୁକୁଡ଼ା, ଛେଳି, ମେଣ୍ଢା ଏମିତିକି ଛୋଟପିଲାଙ୍କୁ ବାହାରକୁ ଛାଡ଼ିଲେନି ।

ବାବୁ ତା'ସାଙ୍ଗମାନଙ୍କୁ କହିଲା – କାଳିଆ କୁକୁର ମୁହଁରେ ରକ୍ତ ଲାଗିଚି । ସେ ଆମକୁ ବି କାମୁଡ଼ିପାରେ । କାଲିଠାରୁ ଆମ ଗାଁର ସବୁପିଲା ସାଙ୍ଗହେଇ ସ୍କୁଲକୁ ଯିବା । ହାତରେ ଖଣ୍ଡେ ଖଣ୍ଡେ ବାଡ଼ି ବି ଧରିବା । ଏଇ ଚାରିଦିନ ହେବ ଆମ ଗାଁକୁ କାଳିଆ କୁକୁର ଆସିନି । ନିଶ୍ଚେ ଆଉ କୋଉ ଗାଁକୁ ଯାଇଥିବ । ସେ ଗାଁର ଲୋକେ ଗୋଡ଼ାଗୋଡ଼ି କରୁଥିବେ । ଦେଖିବ ସେ ପୁଣି ଆମ ଗାଁକୁ ଆସିବ । ଆମ ଗାଁ ଲୋକେ ଥରେ ଦି'ଥର ଗୋଡ଼େଇଲେ । ତା'ପରେ ଚୁପ୍‌ଚାପ୍ ବସି ପଡ଼ିଲେ । ଆମେମାନେ ଚୁପ୍‌ହେଇ ବସିବାନି । ଏବେଠୁ ଚିନ୍ତାକର, କ'ଣ କଲେ ସେ ଧରାପଡ଼ିବ ।

ତା'ପରଦିନ ସକାଳେ ବାବୁ ଆଇନାରେ ତାର ପୋକଡ଼ା ଦାନ୍ତକୁ ଦେଖୁଥିଲା । ହଠାତ୍ କହିଉଠିଲା – ପାଇଗଲି... ପାଇଗଲି । ତା'ପରେ ଗାଁ ଦାଣ୍ଡରେ ଦୌଡ଼ି ଦୌଡ଼ି କହିଲା – 'ପାଇଗଲିରେ... ପାଇଗଲି । ତା'ସାଙ୍ଗମାନେ ଦୌଡ଼ିଆସିଲେ । ପଚାରିଲେ – ଆରେ କ'ଣ ପାଇଗଲୁ ? ବାବୁ

ସବୁକଥା କହିଲା । ତା'ର ଜଣେ ସାଙ୍ଗ କହିଲା – ଚାଲ, ଗାଁରେ ସମସ୍ତଙ୍କୁ ପଚାରିବା, କାହାଘରେ ଭଙ୍ଗା ଆଇନା ଅଛି । ଆଇନା ମିଳିଗଲେ ଜାଣ କାଳିଆ କୁକୁର ଧରାପଡ଼ିଲା ।

ଆଇନାଟେ ପାଇଗଲେ ପିଲାମାନେ । ବାବୁ ଦି'ଟା ମୋଟାବାଡ଼ି ଆଉ ସୁତୁଲି ଯୋଗାଡ଼କଲା । ଆଉ ଗୋଟେ ପିଲା ଶାବଳ ଆଣିଲା । ପିଲାମାନେ ପଡ଼ିଆ ପାଖକୁ ଗଲେ । ଗଛଠାରୁ ଚାରିହାତ ଆଗରେ ଦି'ଟା ଗାତ ଖୋଳି ବାଡ଼ି ଦି'ଟା ପୋତିଲେ । ବାଡ଼ିକୁ ଆଉଜେଇ ଆଇନାକୁ ରଖିଲେ । ଆଇନାର ତଳ ଆଉ ଉପର ମୁଣ୍ଡକୁ ବାଡ଼ିରେ ବାନ୍ଧିଦେଲେ । ତା'ପରେ କୁକୁଡ଼ା ଦୋକାନରୁ କୁକୁଡ଼ା ପୁଚ୍ଛ ଓ ପର ଆଣି ଆଇନା ଆଗରେ ରଖିଲେ ।



ବାବୁ ଖଣ୍ଡେ ଲମ୍ବା ଦଉଡ଼ି ଆଣିଥିଲା । ସେ ଗଛକୁ ଚଢ଼ିଯାଇ ଆଇନାର ଠିକ୍ ଉପରେ ଥିବା ଡାଳରେ ବସିଲା । ଦଉଡ଼ିର ଗୋଟେ ମୁଣ୍ଡକୁ ଫାସକରି ଆଇନା ପଛପଟରେ ଝୁଲେଇଦେଲା । ଅନ୍ୟ ପିଲାମାନେ ପାଖରେ ଥିବା ବୁଦା ପଛପଟେ ବାଡ଼ି ଖଣ୍ଡେ ଖଣ୍ଡେ ଧରି ଲୁଚି ବସିଲେ । କିଛି ସମୟ ପରେ କାଳିଆ କୁକୁର ଧକେଇ ଧକେଇ ଆସିଲା । ଦେଖିଲା କୁକୁଡ଼ାପୁଚ୍ଛ ପଡ଼ିଛି । ଗାଉଁ-ଗାଉଁକରି ଖାଇବା ସମୟରେ ସେ ଆଇନାକୁ ଅନେଇଲା । ଆଇନାରେ ତା'ମୁହଁ ଦେଖି ଚମକି ପଡ଼ିଲା । ଇଏ କିଏ ଗୋଟାଏ ଆସି ମୋ' ପୁଚ୍ଛନେଇ ଖାଉଚି ! ତୋତେ ମୁଁ ଆଜି ଛାଡ଼ିବିନି ।

କାଳିଆ କୁକୁର ପୁଚ୍ଛ ଖାଇବା ଛାଡ଼ିଦେଇ ଭୁକିଲା । ଦାନ୍ତ ଦେଖେଇ ଗରଗର ହେଲା । ଏଁ, ତୁ କ'ଣ ଭୁକିଭୁକି ଗର୍‌ଗର୍ ହଉଚୁ ? ତୋ' ବେଳା ଖରାପ । ଏଥର କାଳିଆ କୁକୁର ଆଇନା ଆଡ଼କୁ କୁଦି ପଡ଼ିଲା । ଭଙ୍ଗା ଆଇନାରେ କୁକୁର ମୁହଁ ବାଜୁ ବାଜୁ ଗୋଟେ ବଡ଼ କଣା ହେଇଗଲା । କୁକୁରର ବେକ ଆଇନା ଭିତରେ ପଶିଗଲା । ଚେଷ୍ଟାକଲା, ବେକ ବାହାର କରିପାରିଲାନି । ବାବୁ ଝୁଲେଇଥିବା ଫାସରେ ତା' ବେକ ପଶିଗଲା । ବାବୁ ଚଟ୍‌କିନା ଦଉଡ଼ିକୁ ଉପରକୁ ଟାଣିଲା । ଫାସ କୁକୁର ବେକକୁ ଚାପିଦେଲା । କୁକୁର ଭୁକି ନପାରି ଖାଲି ଛଟ୍‌ପଟ୍ ହେଲା । ଏହି ସମୟରେ ବାବୁର ସାଙ୍ଗମାନେ ଦୌଡ଼ିଆସି କୁକୁରକୁ ଧୁମ୍ ପିଟିଲେ । ବାବୁ କହିଲା – ହୁସିଆର, ଏ କୁକୁରର ଲାଙ୍ଗୁଡ଼ ସିଧା ହେଇଯାଇଚି । କୁକୁର ପାଗଳ ହେଇଗଲେ ତା' ଲାଙ୍ଗୁଡ଼ ଆପେ ଆପେ ସିଧା ହେଇଯାଏ । ମୁଁ ଦଉଡ଼ିକୁ ଗଛ ଡାଳରେ ଗୁଡ଼େଇକି ଧରୁଚି । ତମେ ଯାଇ ଗାଁରେ ଖବର କୁହ । ଗାଁ ଲୋକ ଆସି ଆକୁ ନେଇ ନଈ ଆରପଟରେ ଛାଡ଼ିଦେଲେ ସେ ଆଉ ଆମ ଗାଁକୁ ଆସିପାରିବନି ।


ଏକଥା ଶୁଣି ତିଳବୁଢ଼ୀ କହିଲା – ତୋତେ କଇଲାଣ କରୁଚିରେ ବାବୁ, ତୁ ବଡ଼ ମଣିଷଟେ ହ' ।

□□

ଲେଖକଙ୍କ ଇ-ମେଲ ଠିକଣା:
prema.nayak1959@gmail.com

Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ଼୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର
**ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି ।




**ପୁସ୍ତକ ସମୀକ୍ଷା**

# କନିଆ କଣ୍ଢେଇ

**ଲେଖକ : ସଚ୍ଚିଦାନନ୍ଦ କର**

**ପ୍ରକାଶକ: ପଶ୍ଚିମା ପବ୍ଲିକେଶନସ୍, ଭୁବନେଶ୍ୱର**

**ପୃଷ୍ଠା: ୧୭୪, ମୂଲ୍ୟ: ଟ. ୨୦୯/-**

ଏହି ଉପନ୍ୟାସର ରଚୟିତା ସମକାଳୀନ ଓଡ଼ିଆ ଗଳ୍ପ ସାହିତ୍ୟର ଜଣେ ସକ୍ରିୟ ସ୍ରଷ୍ଟା। ଏଣୁ ତାଙ୍କର ପ୍ରକାଶିତ ପୁସ୍ତକ ସମ୍ଭାର ମଧ୍ୟରେ ଗଳ୍ପ ସଂକଳନଗୁଡ଼ିକର ସଂଖ୍ୟା ସର୍ବାଧିକ। ଜଣେ ସୁଦକ୍ଷ ଗଳ୍ପକାର ଯେତେବେଳେ ଜଣେ ଉପନ୍ୟାସକାରର ଭୂମିକା ତୁଲାଇଥାନ୍ତି, ସେତେବେଳେ ତାଙ୍କର ସେହି ଗଳ୍ପପ୍ରବଣତା ଉପନ୍ୟାସଟି ଉପରେ ପ୍ରାଧାନ୍ୟ ବିସ୍ତାର କରିଥାଏ। ଆଲୋଚ୍ୟ ଉପନ୍ୟାସରେ ଏହି ଲକ୍ଷଣ ସହଜରେ ବାରି ହୋଇପଡ଼େ। କୌଣସି ଉପନ୍ୟାସର ପରିଚୟ ସେହି ରଚନାର ବିସ୍ତୃତିରେ ନଥାଏ, ବରଂ ଥାଏ କଥାବସ୍ତୁର ବ୍ୟାପ୍ତି ଓ ଜଟିଳତାରେ। ଏହା ନଥିଲେ, ଉପନ୍ୟାସଟି ଯେତେ ପୃଥୁଳକାୟ ହୋଇଥିଲେ ସୁଦ୍ଧା ଗୋଟିଏ ଗଳ୍ପ ଭାବରେ ହିଁ ପରିଗଣିତ ହୁଏ।

ସେହି ଦୃଷ୍ଟିରୁ ବିବେଚନା କଲେ ଏହି ଉପନ୍ୟାସର କଥାବସ୍ତୁଟିକୁ ଗୋଟିଏ ଦଶ ବା ବାର ପୃଷ୍ଠାର ଗଳ୍ପ ଭାବରେ ମଧ୍ୟ ଯଥାଯଥ ଭାବରେ ପ୍ରସ୍ତୁତ କରାଯାଇପାରିଥାଆନ୍ତା। ପୁସ୍ତକଟିର ନାମକରଣ ସୂଚାଇଦିଏ ଯେ ଏହାର ଥିମ୍ ବାଲ୍ୟ ବିବାହ ସହିତ ସଂପୃକ୍ତ। ଏହି ପ୍ରଥାକୁ ବର୍ତ୍ତମାନ ଯୁଗର ଏକ ବିଡ଼ମ୍ବନା ଭାବରେ ପ୍ରତିପାଦିତ କରିବାକୁ ଯାଇ ଲେଖକ ଏହାକୁ ଏକ ଶିକ୍ଷାପ୍ରଦ (ଡାଇଡାକ୍ଟିକ୍) ରଚନାରେ ପରିଣତ କରିଦେଇଛନ୍ତି। ତେବେ ମନରେ ପ୍ରଶ୍ନ ଉଠେ ଯେ ଆମର ସମାଜରେ ବାସ୍ତବରେ ଏହି କୁପ୍ରଥା ବର୍ତ୍ତମାନ ମଧ୍ୟ ପ୍ରଚଳିତ ଅଛି କି, ଯାହା ବିରୋଧରେ ଏହି ଶିକ୍ଷାତ୍ମକ ପ୍ରୟାସର ଉପଯୋଗ କରାଯାଇପାରିବ ?

ଏହି ଦୃଷ୍ଟିରୁ ଆମେ ଯେତେବେଳେ ଉପନ୍ୟାସଟିକୁ ପଢ଼ିବା ଆରମ୍ଭ କରୁ, ଆମର ଅନୁମାନ ହୁଏ ଯେ ଏହାର ସ୍ଥାନ, କାଳ ଓ ପାତ୍ରର ଓଡ଼ିଶା ସହିତ କୌଣସି ସମ୍ପର୍କ ନ ଥିବ; କାରଣ ଆମ ରାଜ୍ୟରେ ବାଲ୍ୟବିବାହ ପ୍ରଥାର ବିଲୋପ ଘଟିସାରିଲାଣି। କିନ୍ତୁ ଉତ୍ତର ଭାରତର ରାଜସ୍ଥାନ ଭଳି କେତେକ ରାଜ୍ୟରେ ଏହା ଏବେ ବି ବଳବତ୍ତର ଅଛି। ତେଣୁ ବାଲ୍ୟବଧୂର ଶ୍ୱଶୁର ଭାବରେ ଭୂମିକା ତୁଲାଉଥିବା ଚରିତ୍ରଟିର ନାମ 'ହିରାଲାଲ' ହୋଇଥିବା ଲକ୍ଷ୍ୟକରି, ପ୍ରଥମେ ଆମର ଧାରଣା ହେଲା ଯେ ଏହି କାହାଣୀର ପଟ୍ଟଭୂମି ବୋଧହୁଏ ଓଡ଼ିଶା ବାହାରର କୌଣସି ରାଜ୍ୟ। କିନ୍ତୁ ପୃଷ୍ଠା ୬୨ରେ ପ୍ରସ୍ତାବିତ ବିବାହ ଭୋଜିର ବ୍ୟଞ୍ଜନ ତାଲିକାରେ ମାଛ ବେସର ଓ ଆମ୍ବୁଲ ଖଟାର ଉପସ୍ଥିତି ଦେଖି ଆମର ସେହି ଧାରଣା ବଦଳିଗଲା। ଓଡ଼ିଶାର ପ୍ରେକ୍ଷାପଟରେ କାହାଣୀଟିର ବିଶ୍ୱସନୀୟତା ବଢ଼ାଇବା ପାଇଁ ଲେଖକ ହୁଏତ କାଳଭ୍ରମ (ଆନାକ୍ରୋନିଜମ୍)ର ଆଶ୍ରୟ ନେଇ ଏହାକୁ ଗୋଟିଏ ବା ଦୁଇଟି ଶତାବ୍ଦୀ ପୂର୍ବରୁ ସ୍ଥାନିତ କରିବା ଶ୍ରେୟସ୍କର ହୋଇଥାଆନ୍ତା। ଉପନ୍ୟାସଟିର ପ୍ରାରମ୍ଭରେ ୧୩ ବର୍ଷ ବୟସର ଅପ୍ରାପ୍ତ ବୟସ୍କା ବାଳିକା ଅଦିତିର ସେହି ଗ୍ରାମର ନିଜଠାରୁ ମାତ୍ର ଏକ ବର୍ଷ ବଡ଼ ବାଳକ ଧୀରେନ ସହିତ ବିବାହ ସମ୍ପନ୍ନ ହୋଇଛି। ମାତ୍ର ସରକାରଙ୍କ ବାଲ୍ୟ ବିବାହ ନିରୋଧ ଆଇନର ଶାସ୍ତିବିଧାନକୁ ଭୟ କରି ସେମାନଙ୍କ ପିତାମାତା ଗାଁ' ଲୋକଙ୍କୁ ପ୍ରକାଶ୍ୟରେ ଏକ ଭୋଜି ଦେବାରୁ ବିରତ ହୋଇଛନ୍ତି ଏବଂ ପିଲା ଦୁହିଁଙ୍କୁ ସେମାନଙ୍କ ପାଠପଢ଼ା ଜାରୀ ରଖିବା ପାଇଁ ପୁଣି ସ୍କୁଲକୁ ପଠାଇଛନ୍ତି। ଏହା ହିଁ ଉପନ୍ୟାସଟିର ଆଧାର।

ପୁସ୍ତକଟିର ସାବଲୀଳ ବର୍ଣ୍ଣନା ଶୈଳୀ ପାଠକକୁ ଏହାର କାହାଣୀ ପ୍ରବାହ ସହିତ ସାମିଲ୍ କରିରଖିବାରେ ସହାୟକ ହୋଇପାରିଛି। ଏହା ବ୍ୟତୀତ ସେମାନଙ୍କୁ ମଧ୍ୟ ପ୍ରଭାବିତ କରେ ଏଥିରେ ଥିବା 'ସୁଖ ତ ସବୁବେଳେ ଖୁସିର କବିତା ଲେଖେ' ଭଳି କେତୋଟି ଉଦ୍ଧରଣ ଯୋଗ୍ୟ ବାକ୍ୟ । ପରିଚ୍ଛନ୍ନ ମୁଦ୍ରଣ ଓ ତ୍ରୁଟିଶୂନ୍ୟ ଅକ୍ଷର ବିନ୍ୟାସ ପୁସ୍ତକଟିର ଅନ୍ୟତମ ବିଶେଷତ୍ୱ।

**ନିହାର ଶତପଥୀ**


# ସାହିତ୍ୟ ସମାଚାର

## ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜନ କଲା 'ଦେଶଭକ୍ତି କାବ୍ୟାଞ୍ଜଳି'




ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ମଇ ୧୫ ତାରିଖ ଦିନ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ସଭାଗାରରେ 'ଦେଶ ଭକ୍ତି କାବ୍ୟଞ୍ଜଳି' ଶୀର୍ଷକ ଦେଶାତ୍ମବୋଧକ କବିତା ଉପରେ ଆଧାରିତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବିଶିଷ୍ଟ ସାହିତ୍ୟିକ ଭୁବନାନନ୍ଦ ତ୍ରିପାଠୀ ତଥା କାନନବାଳା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ନିଜର ବକ୍ତବ୍ୟ ରଖିଥିଲେ ଡ. ସନ୍ତୋଷ କୁମାର ମହାପାତ୍ର । ଓଡିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ଡ. ଚନ୍ଦ୍ର ଶେଖର ହୋତା ମଧ ଏହି ସଭାରେ ଅତିଥି ଭାବରେ ଉପସ୍ଥିତ ଥିଲେ । ଓଡିଶା ସାହିତ୍ୟ ଏକାଡେମୀ ଏବଂ 'ଫିଲମୟେ' ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କବି ଓ ସାହିତ୍ୟିକଗଣ ଉପସ୍ଥିତ ଥିଲେ । ଏହି ଅବସରରେ ୭୦ରୁ ଉର୍ଦ୍ଧ୍ୱ କବି ଦେଶାତ୍ମବୋଧକ କବିତା ପାଠ କରି ସଭାର ପରିବେଶକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଦେଇଥିଲେ । କବିମାନଙ୍କୁ ସମ୍ମାନିତ କରିବା ସହିତ ତିନି ଜଣ ବିଶିଷ୍ଟ ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରବୀଣ କୁମାର ପ୍ରଧାନ (ଅବସର ପ୍ରାପ୍ତ ଆର୍ମି ଅଫିସର), ବ୍ରିଗେଡ଼ିଅର ଅଭିମନ୍ୟୁ ରାଉତ ଓ ଗ୍ରୁପ କ୍ୟାପଟେନ ରଞ୍ଜନ ମଲ୍ଲଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଥିଲା, ସାହିତ୍ୟ ଜଗତରେ ରାଷ୍ଟ୍ରଭକ୍ତିକୁ ଗୁରୁତ୍ୱ ଦେଇ ଦେଶର ସୈନିକ ଓ ଦେଶଭକ୍ତମାନଙ୍କ ମନରେ ସାହସ ଭରିବା ସହ ସେମାନଙ୍କୁ ଉତ୍ସାହିତ କରିବା ।

## ବରିଷ୍ଠ ସାହିତ୍ୟିକ ବଳରାମ ଦାସଙ୍କ ମହାପ୍ରୟାଣ



ବର୍ଷୀୟାନ୍ ସାହିତ୍ୟିକ ବଳରାମ ଦାସ ମଇ ୧୨ ତାରିଖ ରାତିରେ ପୁରୀଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ୧୩ ତାରିଖ ଅପରାହ୍ନରେ ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି ।

ସ୍ୱର୍ଗତ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ପଦକ ସହ ସ୍ନାତକୋତ୍ତର ଅଧ୍ୟୟନ ସମାପନ କରିଥିଲେ; ଏବଂ ତତ୍ପରେ ଗବେଷଣା କରି ଏମ୍.ଫିଲ୍ ତଥା ପିଏଚ୍.ଡି ଉପାଧି ମଧ ହାସଲ କରିଥିଲେ । ଏହାପରେ ସେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବରେ ବିଭିନ୍ନ ଅଗ୍ରଣୀ କଲେଜରେ ଅଧ୍ୟାପନା କରିଥିଲେ । ତାଙ୍କ ଅଧୀନରେ ଗବେଷଣା କରି ୬ଜଣ ଗବେଷକ ପିଏଚ.ଡି ତଥା ଜଣେ ଡି.ଲିଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି ।

ତାଙ୍କ ଦ୍ୱାରା ଲିଖିତ ସାହିତ୍ୟ ସମାଲୋଚନାମୂଳକ ପୁସ୍ତକଗୁଡ଼ିକ ମଧ୍ୟରେ 'ଭଂଜ ସାହିତ୍ୟ ଓ ଓଡ଼ିଶାର ସଂସ୍କୃତି' (୧୯୮୧) ଓ 'ଗୀତି କବିତାର ରୂପ ଓ ରୂପାନ୍ତର' (୧୯୯୨) ଲୋକପ୍ରିୟତା ଅର୍ଜନ କରିଥିଲା । ଏହା ବ୍ୟତୀତ ସେ ଅନେକ ଗଳ୍ପ, କବିତା ଓ ଅନୁବାଦ ପୁସ୍ତକ ମଧ ରଚନା କରି ଯାଇଛନ୍ତି, ଯେଉଁଗୁଡ଼ିକ ପାଠକଙ୍କ ଦ୍ୱାରା ଆଦୃତ ହୋଇଛି । ସେ କିଛି ବର୍ଷ ଧରି ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ପୁରସ୍କାର ପାଇଁ ବିଚାରକ ଭାବରେ ମଧ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର ବିୟୋଗରେ ଓଡ଼ିଶାର ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି ।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୁଞ୍ୟା

## ଅବସ୍ଥାଷଟ୍କ *

**ଗୋ**ପାଳ ଚନ୍ଦ୍ର ପ୍ରହରାଜ ଥିଲେ ଜଣେ ଖ୍ୟାତନାମା ଓଡ଼ିଆ ଭାଷାବିଦ, ଲେଖକ ଓ ବାରିଷ୍ଟର । ଦୀର୍ଘ ତିରିଶି ବର୍ଷର ଅକ୍ଳାନ୍ତ ସାଧନାର ସୁଫଳ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ମୁଖ୍ୟ ସଙ୍କଳକ ସିଏ। ପ୍ରାୟ ଦଶ ହଜାର ପୃଷ୍ଠାର ଏହି ସଙ୍କଳନରେ ଦେଢ଼ଲକ୍ଷରୁ ଅଧିକ ଶବ୍ଦ ସ୍ଥାନ ପାଇଛନ୍ତି। ସେହି ଭାଷାକୋଷର ପୃଷ୍ଠା ଓଲଟାଇଲା ବେଳେ ଆଖିରେ ପଡ଼ିଲା ଏଇ ପଦିକ; "ଶଜନା ଗଛ ମୂଳେ କୁଢ଼େଇଲି ପାଉଁଶ, ତତେ ଦେଖି ମୋର ଭାରି ଶରଧା ।"

ଥରେ ପଢ଼ିଲି; ପୁଣି ଥରେ। ଆଉ ଥରେ ପୁଣି; ପୁଣି ଏକବାର। ଦେଖିଲି, ସେଠି ଲେଖା ଅଛି ଯେ ଏହା ରସହୀନ, ଛନ୍ଦୋହୀନ, ଯତିହୀନ, ଅମିତ୍ରାକ୍ଷର କବିତା ପ୍ରତି ବ୍ୟଙ୍ଗ। ତେବେ ଯାଇ ବୁଝିଲି ଯେ ଆମ୍ଭେ କିଆଁ ଉପରୋକ୍ତ ଢଗକୁ ସମଝି ପାରିନଥିଲୁ।

କେଉଁ ଆଦି କାଳରୁ ଲିପି ନଥିବା ହେତୁ ଜ୍ଞାନୀଗୁଣୀ ସମଗ୍ର ସାହିତ୍ୟକୁ ମୁଖସ୍ଥ କରି ରଖିବାର କଳା ଆଦରି ନେଇଥିଲେ। ଜୀବନର ସମସ୍ତ ବ୍ୟାପାରକୁ ସ୍ମୃତିରେ ସାଇତି ରଖିବାର ସହଜ ଉପାୟ ଥିଲା ପଦ୍ୟ। ପଣ୍ଡିତ ମୁଣ୍ଡରୁ ଲୋକତୁଣ୍ଡ ଦେଇ ଏଇ କବିତା, ଗୀତ ହୋଇ ବ୍ୟାପି ଯାଇଥିଲା ଜନପଦରେ। ଯୁଗ ଆରମ୍ଭିଲା ସାହିତ୍ୟ । ନ୍ୟାୟ ଦର୍ଶନରେ ଯସ୍କଙ୍କ ତର୍କ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟର ଅବସ୍ଥାଷଟ୍କ; ଜନ୍ମ, ଅସ୍ତିତ୍ୱ, ବର୍ଦ୍ଧନ, ବିପରିଣାମ, ଅପକ୍ଷୟ ଓ ନାଶ ଅବସ୍ଥା ଦେଇ ଗତି କରେ। ତେଣୁ ସେଇମତେ ଦେଖିବା ସାହିତ୍ୟର ଅବସ୍ଥାଷଟ୍କ। ସାହିତ୍ୟର ଯୁଗ ସବୁକୁ ମଗଜରେ ଢୁକେଇବା ପାଇଁ ନାଁ ଦିଆହେଲା ଚର୍ଯ୍ୟା ଯୁଗ, ଭକ୍ତି ଯୁଗ, ସାରଳା ଯୁଗ, ପଞ୍ଚସଖା ଯୁଗ, ରୀତି ଯୁଗ, ସତ୍ୟବାଦୀ ଯୁଗ, ପ୍ରଗତି ଯୁଗ, ସବୁଜ ଯୁଗ ପ୍ରଭୃତି। ସାଧାରଣ ଲୋକଙ୍କ ବୁଝାମଣାରେ ସାହିତ୍ୟ ହେଲା କଥିତ ଓ ଲିଖିତ। ଏଇଥିରୁ ସାହିତ୍ୟବୃକ୍ଷ ତା'ର ଶାଖା ପ୍ରଶାଖା ପ୍ରସାରିଲା। ଜଣା, ଶୁଣା, କୁହାପୋଛାରେ ଆସିଲା ଗୀତ, ଢଗ, ଢମାଳି, ପ୍ରବଚନ, କଥା, କାହାଣୀ, କିମ୍ବଦନ୍ତୀ, ପ୍ରଭୃତି। ସାହିତ୍ୟ ଆଦର ପାଇଲା ଓଷା, ବ୍ରତ, ପୂଜାପାର୍ବଣ, ଜନଜୀବନରେ। ଲୋକ ଶୁଣିଲେ ସାହିତ୍ୟକୁ ଚଉତିଶା, ଚଉପଦୀ, ଛାନ୍ଦ, ରାଗ, ଚମ୍ପୂ, କୋଇଲି ଗୀତ, ପାଲା, ଦାସକାଠିଆ, ଚକୁଳିଆ ପଣ୍ଡା, ଜାନୁଘଣ୍ଟ, ଦଣ୍ଡନାଟ, ହଳୁଆ ଗୀତ, କରମା ଗୀତ, ଚଢେଇଆ ସଙ୍ଗୀତ, ପ୍ରଭୃତିରେ। ଅବସ୍ଥାଷଟ୍କର ପ୍ରାଥମିକ ତିନି ପାଦ; ଜନ୍ମ, ଅସ୍ତିତ୍ୱ ଓ ବର୍ଦ୍ଧନରେ ଓଡ଼ିଆ ସାହିତ୍ୟ ପ୍ରସିଦ୍ଧି ଲାଭ କଲା।

ଅଧୁନାତନ ସାହିତ୍ୟ ସଂସାରରେ ଏହାର ବୈପରୀତ୍ୟବୋଧ ସହଜରେ ବାରି ହୋଇ ପଡୁଛି। ଅବସ୍ଥାଷଟ୍କର ଚତୁର୍ଥ ପାଦ, ବିପରିଣାମରେ ଏବେ ଆମ ଓଡ଼ିଆ ସାହିତ୍ୟ। ଶଙ୍କାକୁଳ ଅବସ୍ଥାରେ ଏବେ ଅଧିକାଂଶ ଭାଷାବିଦ, ସାହିତ୍ୟିକ, ଜ୍ଞାନୀ ଓ ଗୁଣୀ ସମଗ୍ର। ଆଦର୍ଶ ସାହିତ୍ୟ ରଚନା, ସମୀକ୍ଷା, ପଠନ ଓ ପ୍ରକାଶନ ଏବେ ବିରଳ।

ଲାଠୌଷଧ ଏହାର ସମାଧାନ ନୁହେଁ। ସାହିତ୍ୟର ବଡ଼ଦାଣ୍ଡର ଘୋଷଯାତ୍ରା ପାଇଁ ଆବଶ୍ୟକ ରହିଛି ସେହି ସୁଧୀବୃନ୍ଦଙ୍କର ଯେଉଁମାନେ ଆମ ସାହିତ୍ୟକୁ ଜାଣୁଥିବେ, ପଢୁଥିବେ, ବୁଝୁଥିବେ ଅତି ଶ୍ରଦ୍ଧାରେ। ସେଥିରୁ ଆମ୍ଭେ ପାଇବା ଗୁଣୀ ପାଠକ, ଷଡ଼ଦର୍ଶୀ ସାହିତ୍ୟିକ ତଥା ଦୃଢ଼ବ୍ରତୀ ସମୀକ୍ଷକ। ସେମାନେ ହିଁ ସାହିତ୍ୟ ନନ୍ଦିଘୋଷର ରଜ୍ଜୁକୁ ଟାଣି ନେବେ ବିଶ୍ୱସାହିତ୍ୟର ବଡ଼ଦାଣ୍ଡରେ ଆଉ ଆମ ଭାଷାସାଆନ୍ତ ଓଡ଼ିଆ ହେବ ପୂଜନୀୟ।


**- ପ୍ରଭୂ**

***ଅବସ୍ଥାଷଟ୍କ** – ଯସ୍କଙ୍କ ମତାନୁସାରେ କାର୍ଯ୍ୟର ଛଅ ଗୋଟି ଅବସ୍ଥା (ଜନ୍ମ, ଅସ୍ତିତ୍ୱ, ବର୍ଦ୍ଧନ, ବିପରିଣାମ, ଅପକ୍ଷୟ ଓ ନାଶ) ।

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

## ପୂଜ୍ୟ ପ୍ରଣାମ

**୨୧ ଜୁନ ୨୦୨୫ କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ**
**୧୦୩ତମ ଜନ୍ମ ଜୟନ୍ତୀ ଅବସରରେ....**



# କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି

(୨୧.୬.୧୯୨୨ - ୨୧.୧୨.୧୯୯୦)


**“ଶ୍ରୀମନ୍ଦିର କେବଳ ତ ଏକ ଦେବାୟତନ ନୁହେଁ,**
**ଏହା ଓଡ଼ିଆ ଜାତିର ନିରବଚ୍ଛିନ୍ନ ଇତିହାସର ପ୍ରନ୍ଥଶାଳା।”**

ଶତାବ୍ଦୀର ସୂର୍ଯ୍ୟ (ପୃ- ୩୨୧)

**କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ**

ଭୁବନେଶ୍ୱର, ଫୋନ୍: ୯୭୭୭୨୪୦୨୯୫


Eastern India's No.1* Paediatric Hospital
JAGANNATH HOSPITAL
AN EXCLUSIVE PERINATAL CENTRE
Because we treat every child like our own
24 X 7 PAEDIATRIC NEONATAL EMERGENCY
LEVEL - 3 NICU
PAEDIATRICS & NEONATAL SURGERY
24 X 7 OBSRETRIC & GYNAECOLOGY
24 X 7 PATHO LAB
Call : 8093091301
185-P, Saheed Nagar, Bhubaneswar-15
*Source: Times of India Critical Healthcare Survey




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy